# ଧରିତ୍ରୀ
DHARITRI

ଭୁବନେଶ୍ୱର, ରବିବାର, ଅଗଷ୍ଟ ୧/୨୦୨୧ (୧୬ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, August 1/2021 | ★★★★★★

୪୭ଶ ଭାଗ ୨୪୭ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-




**ବନ୍ଦନା କାଟାରିଆଙ୍କ ହ୍ୟାଟ୍ରିକ ଗୋଲ**

ଟୋକିଓ ଅଲିମ୍ପିକ୍ସର ଶନିବାର ଅନୁଷ୍ଠିତ ମହିଳା ହକି ମ୍ୟାଚରେ ହ୍ୟାଟ୍ରିକ ଗୋଲ ସ୍କୋର କରି ଦକ୍ଷିଣ ଆଫ୍ରିକା ବିପକ୍ଷରେ ଭାରତକୁ ବିଜୟୀ କରାଇଛନ୍ତି ବନ୍ଦନା କାଟାରିଆ। **୧୬**

**୧୦** **ସାଉଥ୍ ଫିଲ୍ମରେ ଜ୍ୟାକ୍‌ଲିନ୍**

ବଲିଉଡ୍ ପରେ ସାଉଥ ଫିଲ୍ମରେ ପାଦ ଥାପିଛନ୍ତି ଅଭିନେତ୍ରୀ ଜ୍ୟାକ୍‌ଲିନ୍ ଫର୍ଣ୍ଣାଡିଜ। ମୁଭି 'ବିକ୍ରାନ୍ତ ରୋନା'ରେ ସେ ନଜର ଆସିବେ।






ଟୋକିଓ ଅଲିମ୍ପିକ୍ସ: ଶନିବାର ଅନୁଷ୍ଠିତ ମହିଳା ଡିସ୍କସ୍ ଥ୍ରୋ ଅବସରରେ ଭାରତର କମଲପ୍ରୀତ୍ କୌର। **(ରିପୋର୍ଟ: ଖେଳ ପୃଷ୍ଠା)**

# ବିଜ୍ଞାନ ୯୫.୧୫, ବାଣିଜ୍ୟରେ ୯୪.୯୬ %

## ବଢ଼ିଲା ଯୁକ୍ତ ୨ ପାସ୍‌ହାର

■ **ଏଥର ବି ଝିଅ ଆଗରେ**

**ଭୁବନେଶ୍ୱର, ୩୧।୭(ବ୍ୟୁରୋ)**

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ(ସିଏଚ୍‌ଏସ୍‌ଇ) ଦ୍ୱାରା ପରିଚାଳିତ ଯୁକ୍ତ୨ ବିଜ୍ଞାନ ଓ ବାଣିଜ୍ୟ ପରୀକ୍ଷା ଫଳ ଶନିବାର ପ୍ରକାଶ ପାଇଛି। କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ଚଳିତବର୍ଷ ପରୀକ୍ଷାକୁ ବାତିଲ କରାଯିବା ସହ ଅଲ୍‌ଟରନେଟ୍ ଆସେସ୍‌ମେଣ୍ଟ ସ୍କିମ୍ ବା ବିକଳ୍ପ ମୂଲ୍ୟାୟନ ଅନୁଯାୟୀ ଛାତ୍ରୀଛାତ୍ରଙ୍କୁ ମାର୍କ ପ୍ରଦାନ କରାଯାଇଛି। ବିଜ୍ଞାନରେ ପାସ୍ ହାର ୯୫.୧୫% ଥିବାବେଳେ ବାଣିଜ୍ୟରେ ୯୪.୯୬% ରହିଛି। ଗତବର୍ଷ ତୁଳନାରେ ଦୁଇଟି ଷ୍ଟ୍ରିମ୍‌ରେ ପାସ୍ ହାର ଯଥେଷ୍ଟ ବୃଦ୍ଧି ପାଇଛି। ବିଜ୍ଞାନରେ ୨୪.୯୪% ବୃଦ୍ଧି ପାଇଥିବାବେଳେ ବାଣିଜ୍ୟରେ ୨୦.୦୧% ପାସ୍‌ହାର ବଢ଼ିଛି। ଶନିବାର ସନ୍ଧ୍ୟାରେ ପରିଷଦ କାର୍ଯ୍ୟାଳୟରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ପରୀକ୍ଷା ଫଳ ଘୋଷଣା କରିଥିଲେ। ପରୀକ୍ଷାର୍ଥୀମାନେ www.orissaresults.nic.in ୱେବ୍‌ସାଇଟ୍‌ରୁ ନିଜ ପରୀକ୍ଷା ଫଳ ଜାଣିପାରିବେ ଏବଂ ନିଜର ମାର୍କଶିଟ୍ ଡାଉନଲୋଡ୍ କରିପାରିବେ। ଏପରି କି ପ୍ରତ୍ୟେକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସାମ୍ସ ଇ-ପେସ୍‌ରେ ଏହା ଉପଲବ୍ଧ ହେବ। ଛାତ୍ରୀଛାତ୍ରମାନେ ହେଲ୍ପଲାଇନ ନମ୍ବର ୦୬୭୪-୨୩୦୧୦୯୮ରୁ ଆବଶ୍ୟକୀୟ ସୂଚନା ପାଇପାରିବେ ବୋଲି ମନ୍ତ୍ରୀ ଦାଶ କହିଛନ୍ତି।

ଚଳିତବର୍ଷ ବିଜ୍ଞାନରେ ମୋଟ ୯୪,୫୩୨ ଛାତ୍ରୀଛାତ୍ର ପରୀକ୍ଷା ପାଇଁ ନାମ ପଞ୍ଜୀକରଣ କରିଥିଲେ। ସେମାନଙ୍କ ମଧ୍ୟରୁ ୮୯,୯୫୧ଜଣ ପାସ କରିଛନ୍ତି। ଝିଅଙ୍କ ପାସ୍‌ହାର ୯୬.୦୩% ଥିବାବେଳେ ପୁଅଙ୍କ ପାସ୍‌ହାର ୯୪.୪୬% ରହିଛି। ☞ପୃଷ୍ଠା-୭

# ଫାଶୀରେ ୯ ବର୍ଷୀୟଙ୍କ ମୃତ୍ୟୁ

## ଭଗତ ସିଂ ଅଭିନୟ ପୂର୍ବାଭ୍ୟାସ

**ଲକ୍ଷ୍ନୌ, ୩୧।୭**



ସ୍ୱାଧୀନତା ସଂଗ୍ରାମୀ ଶହୀଦ ଭଗତ ସିଂଙ୍କ ଚରିତ୍ରରେ ଅଭିନୟ ପାଇଁ ପୂର୍ବାଭ୍ୟାସ କରିବାବେଳେ ସତସତିକା ଜୀବନ ହରାଇଛନ୍ତି ଜଣେ ୯ ବର୍ଷର ବାଳକ। ଅଗଷ୍ଟ ୧୫ ଉପଲକ୍ଷେ ନାଟକ ପାଇଁ ରିହର୍ସଲ କରିବା ସମୟରେ ଉତ୍ତରପ୍ରଦେଶ ବଦାୟୁଁ ବାବତ ଗ୍ରାମରେ ଗୁରୁବାର ଏଭଳି ଦୁଃଖଦ ଘଟଣା ଘଟିଛି। ମୃତକଙ୍କ ନାଁ ଶିବମ ବୋଲି ଜଣାପଡ଼ିଛି।

ସୂଚନା ଅନୁଯାୟୀ, ଶିବମ୍ ଏବଂ ତାଙ୍କ ସାଙ୍ଗମାନେ ସ୍ୱାଧୀନତା ଦିବସରେ ଶହୀଦ ଭଗତ ସିଂ, ରାଜଗୁରୁ ଏବଂ ଶୁଖଦେବଙ୍କ ଜୀବନୀ ଉପରେ ନାଟକ ପରିବେଷଣ କରିବାକୁ ସ୍ଥିର କରିଥିଲେ। ଶିବମଙ୍କ ମା'ବାପା ଗୁରୁବାର କ୍ଷେତକୁ କାମ କରିବାକୁ ଯାଇଥିବାବେଳେ ସାଙ୍ଗମାନେ ତାଙ୍କ ଘରକୁ ନାଟକର ପୂର୍ବାଭ୍ୟାସ କରିବା ପାଇଁ ଆସିଥିଲେ। ଶେଷରେ ଫାଶୀ ☞ପୃଷ୍ଠା-୪

# ମଲ୍, ହଲ୍, ହୋଟେଲ ଖୋଲା

**ଭୁବନେଶ୍ୱର, ୩୧।୭(ବ୍ୟୁରୋ)**

ପୁରୀ, କଟକ ଓ ଖୋର୍ଦ୍ଧାକୁ ଛାଡ଼ି ଦେଲେ ରାଜ୍ୟର ୨୭ ଜିଲାରେ ସଂକ୍ରମଣ ହାର ୫% ତଳେ ରହିଛି। ଏହାକୁ ଦୃଷ୍ଟିରେ ରଖି ସରକାର ସାରା ରାଜ୍ୟରେ ମେ ୫ରୁ ଲାଗୁ କରିଥିବା କୋଭିଡ୍ କଟକଣାକୁ ଆହୁରି ଅଧିକ କୋହଳ କରିଛନ୍ତି। କେବଳ ସଭା ସମିତି, ମେଳା, ପ୍ରଦର୍ଶନୀକୁ ଛାଡ଼ି ସବୁ ଖୋଲି ଦିଆଯାଇଛି। ସମସ୍ତ ଦୋକାନ ବଜାର, ହାଟ, ମଲ୍, ସିନେମା ହଲ୍, ବାର୍, ଅପେରା ଇତ୍ୟାଦିକୁ ଖୋଲିଦେବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି।

ଶନିବାର ଉନ୍ନୟନ କମିଶନର ତଥା ସ୍ୱତନ୍ତ୍ର ରିଲିଫ କମିଶନର ପ୍ରଦୀପ ଜେନା ଗଣମାଧ୍ୟମକୁ ଏ ନେଇ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ, ରାଜ୍ୟରେ କୋଭିଡ୍ ସଂକ୍ରମଣ ହ୍ରାସ ପାଇଥିଲେ ମଧ୍ୟ କେତେକ ସ୍ଥାନରେ ସଂକ୍ରମଣ ହାର ଟିକେ ଅଧିକ ରହିଛି। ତେବେ ଜୀବନ ଓ ଜୀବିକା ମଧ୍ୟରେ ସମନ୍ୱୟ ରକ୍ଷା କରିବା ପାଇଁ ସରକାର ଲକ୍‌ଡାଉନ୍ କଟକଣାକୁ ଆହୁରି କୋହଳ କରିଛନ୍ତି। ଏ ନେଇ ଅଗଷ୍ଟ ପାଇଁ କୋଭିଡ୍ କଟକଣା ନିର୍ଦ୍ଦେଶାବଳୀ ଜାରି କରାଯାଇଛି। ଏହା ଅଗଷ୍ଟ ୧ ସକାଳ ୬ଟାରୁ ସେପ୍ଟେମ୍ବର ୧ ସକାଳ ୬ଟା ଯାଏ ବଳବତ୍ତର ରହିବ। ସମଗ୍ର ରାଜ୍ୟରେ ସମସ୍ତ ଦୋକାନ ବଜାର, ମଲ ସକାଳ ୬ଟାରୁ ରାତି ୮ଟା ଯାଏ ଖୋଲା ରହିବ। କଟକ, ଭୁବନେଶ୍ୱର ଓ ପୁରୀ ସହରରେ ସପ୍ତାହାନ୍ତ ଶଟ୍‌ଡାଉନ୍ ପୂର୍ବଭଳି ବଳବତ୍ତର ରହିବ। ଏହି ସହରଗୁଡ଼ିକରେ ସମସ୍ତ ଦୋକାନ ବଜାର ସପ୍ତାହାନ୍ତ ଶଟ୍‌ଡାଉନ୍ ଯୋଗୁ ଶନି ଓ ରବିବାର ବନ୍ଦ ରହିବ। ପ୍ରତ୍ୟେକ ଦିନ ସାରା ରାଜ୍ୟରେ ରାତି ୮ରୁ ସକାଳ ୬ ଯାଏ ଲାଗୁ ହେବ ରାତ୍ରିକାଳୀନ କର୍ଫ୍ୟୁ। ରାତ୍ରିକାଳୀନ କର୍ଫ୍ୟୁ ଏବଂ ସପ୍ତାହାନ୍ତ ଶଟ୍‌ଡାଉନ୍ ସମୟରେ ପୂର୍ବଭଳି କଟକଣା ଜାରିରହିବ। ତେବେ ଏହି ସମୟରେ ଜରୁରିକାଳୀନ ସେବା, ସ୍ୱାସ୍ଥ୍ୟସେବା କୋଭିଡ୍ ପରୀକ୍ଷା ଓ ଟିକାକରଣ ଆଦି କାର୍ଯ୍ୟ ଚାଲୁ ରହିବ। ବିଦ୍ୟୁତ୍, ବିମାନବନ୍ଦର, ପରିବହନ ଏବଂ ଜରୁରିକାଳୀନ ସେବାରେ ନିୟୋଜିତ ବ୍ୟକ୍ତିମାନେ ନିଜର ପରିଚୟପତ୍ର ଦେଖାଇ ଯାତାୟାତ କରିପାରିବେ। ବିମାନବନ୍ଦର, ରେଳଷ୍ଟେଶନ ଏବଂ ବସଷ୍ଟାଣ୍ଡରୁ ଅଟୋ ରିକ୍ସା ବା କ୍ୟାବ୍ ଚାଳକମାନେ ଯାତ୍ରୀ ନେବା ଆଣିବା କରିପାରିବେ।

ଅଗଷ୍ଟରେ ଧାର୍ମିକ, ରାଜନୈତିକ, ସାଂସ୍କୃତିକ ସଭାସମିତି, ପ୍ରଦର୍ଶନୀ, ବାଣିଜ୍ୟିକ ମେଳା, ସାଧାରଣ ସମାବେଶ ଓ ମେଳା ମହୋତ୍ସବ ବନ୍ଦ ରହିବ। ପାର୍କ ଓ ସମୁଦ୍ରକୂଳ ଖୋଲା ରହିବ। ସେଠାରେ ସାମାଜିକ ଦୂରତ୍ୱ ବଜାୟ ରଖିବା ସହ ମାସ୍କ ପରିଧାନକୁ ବାଧ୍ୟତାମୂଳକ କରାଯାଇଛି। ରାଜ୍ୟର ସମସ୍ତ ଆହାର କେନ୍ଦ୍ର ଖୋଲା ରହିବ। କୋଭିଡ୍ ନିୟମ ପାଳନ ପୂର୍ବକ ଲୋକମାନେ ସେଠାରେ ଖାଇପାରିବେ। ରେଷ୍ଟୁରାଣ୍ଟ, ବାର୍, ଢାବା ୫୦ ପ୍ରତିଶତ କ୍ଷମତାରେ ଚାଲିବ। ସିନେମା ହଲ, ନାଟ୍ୟଶାଳା, ଥିଏଟର, ପ୍ରେକ୍ଷାଳୟ, ସମ୍ମିଳନୀ କକ୍ଷ ୫୦ ପ୍ରତିଶତ କ୍ଷମତାରେ ଚାଲିବ। ମଲ୍, ରେଷ୍ଟୁରାଣ୍ଟ, ଢାବା, ସିନେମା ହଲମାଲିକମାନେ କୋଭିଡ୍ ଗାଇଡ୍‌ଲାଇନ ପାଳନ ନେଇ ନିଶ୍ଚିତ କରିବେ। କେବଳ କଟକ, ଭୁବନେଶ୍ୱର ଓ ପୁରୀ ସହରରେ ସିନେମା ହଲ୍, ଥିଏଟର, ପ୍ରେକ୍ଷାଳୟ, ମଲ୍, ଆଦି ସ୍ଥାନକୁ ପ୍ରବେଶ କରିବାକୁ ହେଲେ ସମସ୍ତ ପ୍ରାପ୍ତବୟସ୍କ ୨ ଡୋଜ୍ କୋଭିଡ୍ ଟିକା ନେଇଥିବା ପ୍ରମାଣ ଦେଖାଇବେ। ମଲ୍‌କୁ ସୀମିତ ସଂଖ୍ୟକ ଲୋକଙ୍କ ପ୍ରବେଶ ନେଇ କଟକଣା ଜାରି କରାଯାଇଛି। ☞ପୃଷ୍ଠା-୪

## ଅଗଷ୍ଟ ଅନ୍‌ଲକ୍



- ସକାଳ ୬ରୁ ରାତି ୮ଟା ଯାଏ ଦୋକାନ ବଜାର ଖୋଲିବ
- ରାତି ୮ରୁ ସକାଳ ୬ ଯାଏ ନାଇଟ୍ କର୍ଫ୍ୟୁ
- କଟକ, ଭୁବନେଶ୍ୱର, ପୁରୀରେ ସପ୍ତାହାନ୍ତ ଶଟ୍‌ଡାଉନ୍
- ଶିକ୍ଷାନୁଷ୍ଠାନ ଖୋଲିବା ନିଷ୍ପତ୍ତି ନେବ ବିଭାଗ
- ଜିଲା ପ୍ରଶାସନ ନେବ ଧାର୍ମିକ ସ୍ଥଳ ଖୋଲିବା ନିଷ୍ପତ୍ତି
- ସୁଇମିଂପୁଲ୍, ପାର୍କ, ନନ୍ଦନକାନନ ଖୋଲିବାକୁ ଅନୁମତି
- ୫୦% ଦର୍ଶକରେ ଚାଲିବ ଯାତ୍ରା, ସିନେମା, ଥିଏଟର
- ମଲ, ସିନେମା ହଲକୁ ଗଲେ ପ୍ରାପ୍ତବୟସ୍କ ଦେଖାଇବେ ଟିକା ପ୍ରମାଣପତ୍ର
- ସଭାସମିତି, ମେଳା, ପ୍ରଦର୍ଶନୀ ଉପରେ କଟକଣା
- ୫୦% କ୍ଷମତାରେ ରେଷ୍ଟୁରାଣ୍ଟ, ବାର୍ ଖୋଲିପାରିବ
- ବିବାହ, ଶୁଦ୍ଧିକାର୍ଯ୍ୟ ନେଇ ଥିବା ପୂର୍ବ କଟକଣା ଜାରି ରହିବ

# ମନ୍ତ୍ରୀପଦ ଯିବାରୁ ରାଜନୀତି ଛାଡ଼ିଲେ ବାବୁଲ ସୁପ୍ରିୟୋ

**କୋଲକାତା, ୩୧।୭**



ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ଭାଜପା ନେତା ବାବୁଲ ସୁପ୍ରିଓ ରାଜନୀତି ଛାଡ଼ିବା ନେଇ ଶନିବାର ଘୋଷଣା କରିଛନ୍ତି। ଏଥିସହିତ ସେ ଭାଜପା ଏମ୍‌ପି ପଦରୁ ମଧ୍ୟ ଇସ୍ତଫା ଦେବେ। ମନ୍ତ୍ରୀପଦ ହରାଇବା ଏବଂ ରାଜ୍ୟ ଭାଜପା ନେତୃତ୍ୱ ସହ ମତପାର୍ଥକ୍ୟ ଯୋଗୁ ରାଜନୀତି ଛାଡ଼ିବାକୁ ନିଷ୍ପତ୍ତି ନେଇଥିବା ସେ ସୂଚନା ଦେଇଛନ୍ତି। ଗାୟକରୁ ରାଜନେତା ସାଜିଥିବା ସୁପ୍ରିୟୋ ୨୦୧୪ରୁ ନରେନ୍ଦ୍ର ମୋଦି ସରକାରରେ ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ରାଷ୍ଟ୍ରମନ୍ତ୍ରୀ ରହିଥିଲେ। ତେବେ ନିକଟରେ କ୍ୟାବିନେଟ ସମ୍ପ୍ରସାରଣ ବେଳେ ତାଙ୍କୁ ମନ୍ତ୍ରୀପଦ ହରାଇବାକୁ ପଡ଼ିଥିଲା। ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ** | **ଦର୍ଶକ କମୁଛନ୍ତି**

# ଶତାଧିକ ହେକ୍ଟର ଫସଲ ନଷ୍ଟ

## ଇନ୍ଦ୍ରାବତୀ ମେଗା ଲିଫ୍ଟ କେନାଲରେ ଘାଇ

**ଭବାନୀପାଟଣା/କୋକସରା, ୩୧।୭(ସ୍ୱ.ପ୍ର./ଡି.ଏନ୍.ଏ.)**

କଳାହାଣ୍ଡି ଜିଲା କୋକସରା ବ୍ଲକ ମାଝିଗୁଡ଼ା ନିକଟରେ ଶୁକ୍ରବାର ବିଳମ୍ବିତ ରାତିରେ ଇନ୍ଦ୍ରାବତୀ ମେଗା ଲିଫ୍ଟ କେନାଲରେ ଘାଇ ସୃଷ୍ଟି ହୋଇଛି। ଫଳରେ ଶତାଧିକ ହେକ୍ଟର ଚାଷ ଜମିରେ କେନାଲ ପାଣି ମାଡ଼ିଯାଇ ଜଳମଗ୍ନ ହୋଇଛି। ଏ ନେଇ ସ୍ଥାନୀୟ ଚାଷୀଙ୍କ ଚିନ୍ତା ବଢ଼ିଯାଇଛି।

ଚଳିତବର୍ଷ ଜୁଲାଇ ପ୍ରଥମ ସପ୍ତାହରେ ଇନ୍ଦ୍ରାବତୀ ମେଗା ଲିଫ୍ଟ କେନାଲ ଜରିଆରେ ଜୟପାଟଣା, କୋକସରା ଓ ଧର୍ମଗଡ଼ ବ୍ଲକର ଅଣଜଳସେଚିତ ଚାଷଜମି ପାଇଁ ପାଣି ଛଡ଼ା ଯାଇଥିଲା। ଶୁକ୍ରବାର ରାତିରେ କୋକସରା ବ୍ଲକ ମାଝିଗୁଡ଼ା ନିକଟରେ ଓଭର ଫ୍ଲୋ ପାଣି କେନାଲ ଦେଇ ପ୍ରବାହିତ ହେବା



ଯୋଗୁ କେନାଲର ମାଟି ଅତଡା ଧସିବାରୁ ହୁଡ଼ା ଭାଙ୍ଗିଯାଇ ପ୍ରାୟ ୨୦ ଫୁଟ୍ ଘାଇ ସୃଷ୍ଟି ହୋଇଥିବା ଦେଖିବାକୁ ମିଳିଛି। ଏଥିଯୋଗୁ ଚାଷଜମି ଜଳମଗ୍ନ ହୋଇଥିବା ସୂଚନା ମିଳିଛି। ଚାଷୀଙ୍କ ରୁଆ ଓ ବୁଣା ଧାନରେ ପାଣି ମାଡ଼ି ଯିବାରୁ ମାଝିଗୁଡା, ମହୁଲମୁଣ୍ଡା,

■ **ଚିନ୍ତାରେ ଚାଷୀ**

କୋକସରା, ଝରିଆଗୁଡ଼ା ଅଞ୍ଚଳର ଶତାଧିକ ଚାଷୀ କ୍ଷତିଗ୍ରସ୍ତ ହୋଇଛନ୍ତି। କେନାଲ ହୁଡ଼ା ଭାଙ୍ଗିବା ଘଟଣାରେ ଠିକାସଂସ୍ଥାର ନିମ୍ନମାନର କାମ ଓ ଅବହେଳାକୁ ଚାଷୀମାନେ ଦାୟୀ କରିବା ସହ ନଷ୍ଟ ହୋଇଥିବା କ୍ଷୟକ୍ଷତିର ଆକଳନ କରି କ୍ଷତିପୂରଣ ଦେବାକୁ ସ୍ଥାନୀୟ ଚାଷୀ ଦାବି କରିଛନ୍ତି। ଖବରପାଇ ଘଟଣାସ୍ଥଳରେ ମେଗା ଲିଫ୍ଟ କେନାଲର ନିର୍ବାହୀ ଯନ୍ତ୍ରୀ ବି. କେ. ରାଓଙ୍କ ସମେତ ଏଲ୍ ଆଣ୍ଡ୍ ଟି ଠିକାସଂସ୍ଥାର ଅଧିକାରୀ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛନ୍ତି। ଏଥିସହ କେନାଲ ହୁଡ଼ା ଘାଇରେ ବାଲିବସ୍ତା ଦେଇ ମରାମତି କରିବାକୁ ପ୍ରସ୍ତୁତି ଆରମ୍ଭ ହୋଇଛି। ୪୮ ଘଣ୍ଟା ମଧ୍ୟରେ କେନାଲରେ ପାଣି ☞ପୃଷ୍ଠା-୪


**KHADI & VILLAGE INDUSTRIES COMMISSION**
Ministry of Micro, Small & Medium Enterprises, Govt. of India
STATE OFFICE, ODISHA
J/16, Bhimpur, Gandamunda, Khandagiri, Bhubaneswar-751030

**ଆପଣ କୌଣସି ସୂକ୍ଷ୍ମ ଉଦ୍ୟୋଗ ପ୍ରତିଷ୍ଠା କରିବା ପାଇଁ ଅର୍ଥ ରାଶିର ଆବଶ୍ୟକ କରୁଛନ୍ତି କି?**

ଯଦି ହଁ, ତେବେ ପ୍ରଧାନମନ୍ତ୍ରୀ ରୋଜଗାର ସୃଜନ କାର୍ଯ୍ୟକ୍ରମ (PMEGP) ଯୋଜନାରେ ଆବେଦନ କରି ବ୍ୟାଙ୍କ ଲୋନ ସହିତ ୩୫% ପର୍ଯ୍ୟନ୍ତ ସବ୍‌ସିଡିର ଲାଭ ଉଠାନ୍ତୁ।

**PMEGP ଯୋଜନାର ପ୍ରମୁଖ ନିୟମାବଳୀ**

୧) ଆବେଦନକାରୀଙ୍କ ବୟସ ସୀମା ୧୮ ବର୍ଷରୁ ଊର୍ଦ୍ଧ୍ୱ ହୋଇଥିବା ଆବଶ୍ୟକ।
୨) ସ୍ୱୟଂ ସହାୟକ ଗୋଷ୍ଠୀ (SHG), ପଞ୍ଜୀକୃତ ସୋସାଇଟି, ଉତ୍ପାଦନ ସମବାୟ ସମିତି ଏବଂ ଟ୍ରଷ୍ଟ ଇତ୍ୟାଦି ମଧ୍ୟ ଆବେଦନ କରିପାରିବେ।
୩) ଆବେଦନକାରୀଙ୍କର ଶିକ୍ଷାଗତ ଯୋଗ୍ୟତା ଯଦି ଅଷ୍ଟମ ଶ୍ରେଣୀଠାରୁ କମ୍ ହୋଇଥିବ, ଉତ୍ପାଦନଭିତ୍ତିକ ଉଦ୍ୟୋଗ ପାଇଁ ସର୍ବାଧିକ ଟ.୧୦.୦୦ ଲକ୍ଷ ଏବଂ ସେବାଭିତ୍ତିକ ଉଦ୍ୟୋଗ ପାଇଁ ସର୍ବାଧିକ ଟ.୫.୦୦ ଲକ୍ଷ ପର୍ଯ୍ୟନ୍ତ ପ୍ରକଳ୍ପ ରାଶି ହୋଇଥିବା ଆବଶ୍ୟକ। ଆବେଦନକାରୀଙ୍କର ଶିକ୍ଷାଗତ ଯୋଗ୍ୟତା ଯଦି ୮ମରୁ ଶ୍ରେଣୀରୁ ଅଧିକ ହୋଇଥିବ, ଉତ୍ପାଦନଭିତ୍ତିକ ଉଦ୍ୟୋଗ ପାଇଁ ସର୍ବାଧିକ ଟ.୨୫.୦୦ ଲକ୍ଷ ଏବଂ ସେବାଭିତ୍ତିକ ଉଦ୍ୟୋଗ ପାଇଁ ସର୍ବାଧିକ ଟ.୧୦.୦୦ଲକ୍ଷ ପର୍ଯ୍ୟନ୍ତ ପ୍ରକଳ୍ପ ରାଶି ହୋଇଥିବା ଆବଶ୍ୟକ।
୪) ଗ୍ରାମାଞ୍ଚଳ ପାଇଁ ପ୍ରକଳ୍ପ ରାଶିର ୩୫% ଏବଂ ସହରାଞ୍ଚଳ ପାଇଁ ୨୫% ସର୍ବାଧିକ ସବ୍‌ସିଡି ଉପଲବ୍ଧ।
୫) ଏହି ଯୋଜନା ଅଧୀନରେ ଗୋଟିଏ ପରିବାରରୁ କେବଳ ଜଣେ ବ୍ୟକ୍ତି ଆର୍ଥିକ ସହାୟତା ପାଇଁ ଯୋଗ୍ୟ ବିବେଚିତ ହେବେ।
୬) କାର୍ଯ୍ୟରତ ଉଦ୍ୟୋଗ କିମ୍ବା ଅନ୍ୟ କୌଣସି କେନ୍ଦ୍ର/ରାଜ୍ୟ ସବ୍‌ସିଡି ଯୋଜନା ଅଧୀନରେ ସବ୍‌ସିଡି/ମାର୍ଜିନ୍ ରାଶିର ଲାଭ ନେଇସାରିଥିବା ଆବେଦନକାରୀମାନେ ଯୋଗ୍ୟ ହେବେ ନାହିଁ।
୭) ଆବେଦନକାରୀଙ୍କ ଆଧାର କାର୍ଡ (Aadhar Card) ଥିବା ଆବଶ୍ୟକ।

**କିପରି ଆବେଦନ କରିବେ :**

ପ୍ରଧାନମନ୍ତ୍ରୀ ରୋଜଗାର ସୃଜନ କାର୍ଯ୍ୟକ୍ରମ (ପିଏମ୍‌ଇଜିପି)ର ନିୟମାବଳୀ ଅନୁଯାୟୀ ଯୋଗ୍ୟ ଆବେଦନକାରୀ **www.kviconline.gov.in/pmegpeportal** ରେ registration କରି online ମାଧ୍ୟମରେ ଖଦୀ ଓ ଗ୍ରାମୋଦ୍ୟୋଗ ଆୟୋଗ, ଖଦୀ ଗ୍ରାମୋଦ୍ୟୋଗ ବୋର୍ଡ, କଏର୍ ବୋର୍ଡ କିମ୍ବା ଜିଲ୍ଲା ଶିଳ୍ପ କେନ୍ଦ୍ରକୁ ଆବେଦନ କରିପାରିବେ। କୌଣସି ପ୍ରକାର offline ଆବେଦନପତ୍ର ଗ୍ରହଣଯୋଗ୍ୟ ନୁହେଁ। ଅଧିକ ବିବରଣୀ ପାଇଁ ନିକଟସ୍ଥ ବ୍ଲକ୍‌ରେ ନିଯୁକ୍ତ ଶିଳ୍ପ ବିକାଶ ଅଧିକାରୀ (IPO) କିମ୍ବା ଜିଲ୍ଲା ଶିଳ୍ପ କେନ୍ଦ୍ର (DIC)ର ଜେନେରାଲ ମ୍ୟାନେଜରଙ୍କୁ ଯୋଗାଯୋଗ କରିପାରିବେ କିମ୍ବା ନିମ୍ନଲିଖିତ ୱେବ୍‌ସାଇଟ୍‌କୁ visit କରିପାରିବେ।

- https://www.udyami.org.in/about-pmegp
- https://www.kviconline.gov.in/pmegpeportal/jsp/SchemeFaqApplicant.html

ସ୍ୱା./- ନିର୍ଦ୍ଦେଶକ

## ଜେଲ କାନ୍ଥ ଭୁଶୁଡ଼ି ୨୨ ଆହତ

ମଧ୍ୟପ୍ରଦେଶର ଭିଣ୍ଡ ଜିଲା ସ୍ଥିତ ଏକ ଜେଲର କାନ୍ଥ ଶନିବାର ଭୁଶୁଡ଼ି ପଡ଼ିବାରୁ ୨୨ ଜଣ କଏଦୀ ଆହତ ହୋଇଛନ୍ତି। ସକାଳ ପ୍ରାୟ ୫ଟାବେଳେ ୬ ନମ୍ବର ବାରାକ୍ କାନ୍ଥ ଭାଙ୍ଗିଯାଇଥିଲା। ଘଟଣା ସମୟରେ ଜେଲରେ ୨୫୫ କଏଦୀ ରହିଥିଲେ। ଆହତଙ୍କ ମଧ୍ୟରୁ ଜଣଙ୍କ ଅବସ୍ଥା ଗୁରୁତର ରହିଛି। ଜେଲ ବିଲ୍ଡିଂ ବହୁତ ପୁରୁଣା ହୋଇଥିବାବେଳେ କ୍ରମାଗତ ଭାବେ ବର୍ଷା ଲାଗି ରହିଥିବାରୁ ଏପରି ହୋଇଥାଇପାରେ ବୋଲି ପୋଲିସ କହିଛି।

# ସ୍ପାଏୱେର ବ୍ଲକ୍ କଲା ଏନ୍ଏସ୍ଓ

**ୱାଶିଂଟନ, ୩୧।୭(ପି.ଟି.)**

ପେଗାସସ୍ ଗୁପ୍ତଚରଗିରି ବିବାଦକୁ ନେଇ ଭାରତ ସମେତ ବିଭିନ୍ନ ଦେଶରେ ଜୋର୍‌ଦାର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏହି ବିବାଦର କେନ୍ଦ୍ରବିନ୍ଦୁ ପାଲଟିଥିବା ଇସ୍ରାଏଲ୍ ସାଇବର ସିକ୍ୟୁରିଟି କମ୍ପାନୀ ଏନ୍ଏସ୍ଓ ଗ୍ରୁପ୍ ବିଭିନ୍ନ ସରକାରଙ୍କୁ ଯୋଗାଇଥିବା ଏହି ସ୍ପାଏୱେରକୁ ସାମୟିକ ଭାବେ ବନ୍ଦ କରିଦେଇଛି। ଏହି ଟେକ୍‌ନୋଲୋଜିକୁ ବିଭିନ୍ନ ସରକାର ନିର୍ଦ୍ଦିଷ୍ଟ ରାଜନେତା, ଖବରଦାତା ଓ ଅନ୍ୟ ବିଶିଷ୍ଟ ବ୍ୟକ୍ତିଙ୍କ ବିରୋଧରେ ଗୁପ୍ତଚରଗିରି କାର୍ଯ୍ୟରେ ଅପବ୍ୟବହାର କରୁଥିବା ଜଣାପଡ଼ିବା ପରେ ନିଜ ଦେଶରେ ତଦନ୍ତର ସମ୍ମୁଖୀନ ହୋଇଥିବାରୁ ଏନ୍ଏସ୍ଓ ଗ୍ରୁପ୍ ଏଭଳି ନିଷ୍ପତ୍ତି ନେଇଛି। ଭାରତ ସମେତ ବିଭିନ୍ନ ଦେଶରେ ନିର୍ଦ୍ଦିଷ୍ଟ ବ୍ୟକ୍ତିବିଶେଷଙ୍କୁ ପେଗାସସ୍ ସଫ୍ଟୱେର ଜରିଆରେ ଟାର୍ଗେଟ କରାଯାଉଥିବାରୁ ଏହା ଗୋପନୀୟତା ଅଧିକାର କ୍ଷୁଣ୍ଣ କରୁଥିବା ନେଇ ବିଶ୍ୱବ୍ୟାପୀ ପ୍ରତିକ୍ରିୟା ପ୍ରକାଶ ପାଇଛି।

ପେଗାସସ୍ ଗୁପ୍ତଚରଗିରି ଦୁର୍ନୀତି ମାମଲାରେ ଇସ୍ରାଏଲ୍ କର୍ତ୍ତୃପକ୍ଷ ଏନ୍ଏସ୍ଓ ଗ୍ରୁପ୍ ବିରୋଧରେ ତଦନ୍ତ ଆରମ୍ଭ କରିଛନ୍ତି। ତଦନ୍ତକାରୀ ଅଧିକାରୀମାନେ ଉକ୍ତ ସାଇବର ସିକ୍ୟୁରିଟି କମ୍ପାନୀର କାର୍ଯ୍ୟାଳୟକୁ ଯାଇ ତଦାରଖ କରିଛନ୍ତି। ଏନ୍ଏସ୍ଓ ଗ୍ରୁପ୍‌ର ସ୍ପାଏୱେର ପେଗାସସ୍‌କୁ ବିଭିନ୍ନ ସରକାର ଗୁପ୍ତଚରଗିରି ପାଇଁ ବ୍ୟବହାର କରୁଥିବା ଅଭିଯୋଗ ହୋଇଛି।

ସ୍ପାଏୱେରର ଅପବ୍ୟବହାର ନେଇ ରିପୋର୍ଟ ପାଇବା ପରେ ଇସ୍ରାଏଲ୍ ପ୍ରତିରକ୍ଷା ମନ୍ତ୍ରଣାଳୟର ଏକ୍ସପୋର୍ଟ କଣ୍ଟ୍ରୋଲ ବିଭାଗ ଏବଂ ଜାତୀୟ ସୁରକ୍ଷା ପରିଷଦ ଏନ୍ଏସ୍ଓ କାର୍ଯ୍ୟାଳୟ ପରିଦର୍ଶନ ତଦନ୍ତ ଆରମ୍ଭ କରିଛନ୍ତି। କମ୍ପାନୀକୁ ମନ୍ତ୍ରଣାଳୟର ଏକ୍ସପୋର୍ଟ କଣ୍ଟ୍ରୋଲ ବିଭାଗ ଦେଇଥିବା ଅନୁମତି ଓ କ୍ଷମତା ଅନୁଯାୟୀ ଏହା କାର୍ଯ୍ୟ କରୁଛି କି ନାହିଁ ତାହା ଯାଞ୍ଚ କରାଯାଉଛି। ଏନ୍ଏସ୍ଓଠାରୁ ଏହି ସଫ୍ଟୱେର କିଣିଥିବା କେତେକ କ୍ଲାଏଣ୍ଟଙ୍କୁ ମଧ୍ୟ ତଦନ୍ତରେ ସାମିଲ କରାଯାଇଛି। ସେଥିପାଇଁ ଉକ୍ତ ସଫ୍ଟୱେର୍‌କୁ ସାମୟିକ ଭାବେ ବ୍ଲକ୍ କରାଯାଇଥିବା ଉକ୍ତ କମ୍ପାନୀ ସୂତ୍ରରୁ ଜଣାପଡ଼ିଛି। ଏନ୍ଏସ୍ଓ ଏହାର ନିଜସ୍ୱ ତଦନ୍ତରେ ସମ୍ଭାବ୍ୟ ଟାର୍ଗେଟରେ ଥିବା କେତେଜଣଙ୍କ ଟେଲିଫୋନ୍ ନମ୍ବରକୁ ଯାଞ୍ଚ କରୁଛି। ତେବେ ପେଗାସସ୍ ସହ ସେମାନଙ୍କର କୌଣସି ସମ୍ପର୍କ ନ ଥିବା ଜଣେ କର୍ମଚାରୀ କହିଛନ୍ତି।




### ପେଗାସସ୍‌ର ଅପବ୍ୟବହାର

ଅନ୍ୟ ଦେଶକୁ ସ୍ପାଏୱେର ଟେକ୍‌ନୋଲୋଜି ବିକ୍ରିକୁ ନିୟନ୍ତ୍ରଣ କରୁଥିବା ଇସ୍ରାଏଲ୍ ସରକାର ଚାପର ସମ୍ମୁଖୀନ ହୋଇଛନ୍ତି। ଫଳରେ ଏନ୍ଏସ୍ଓ ବିରୋଧରେ ତଦନ୍ତ ପାଇଁ ସରକାର ନିର୍ଦ୍ଦେଶ ଦେଇଥିଲେ। ବୁଧବାର ତେଲ୍ ଆଭିଭ୍ ନିକଟରେ ଥିବା ହେର୍ଜଲିୟାସ୍ଥିତ ଏନ୍ଏସ୍ଓ କାର୍ଯ୍ୟାଳୟକୁ ଇସ୍ରାଏଲୀ ଅଧିକାରୀମାନେ ଯାଇ ଅନୁଧ୍ୟାନ କରିଥିଲେ। ଗଣମାଧ୍ୟମ ରିପୋର୍ଟରେ ପ୍ରକାଶ ପାଇଥିବା ବ୍ୟକ୍ତିବିଶେଷଙ୍କ ନାଁ ସହିତ ପେଗାସସ୍‌ର ସମ୍ପର୍କ ନ ଥିବା କମ୍ପାନୀ ଜଣାଇଦେବାକୁ ଚାହେଁ ବୋଲି ଏନ୍ଏସ୍ଓର ଜଣେ କର୍ମଚାରୀ କହିଛନ୍ତି। ୪୦ ଦେଶରେ ଏନ୍ଏସ୍ଓର ୬୦ ଗ୍ରାହକ ଅଛନ୍ତି। ସେମାନେ ହେଲେ ଗୋଇନ୍ଦା ସଂସ୍ଥା, ଆଇନ ପ୍ରଣୟନକାରୀ ସଂସ୍ଥା ଓ ପ୍ରତିରକ୍ଷା ବିଭାଗ। ପୂର୍ବରୁ ଅପବ୍ୟବହାର ଅଭିଯୋଗରେ କମ୍ପାନୀ ୫ ସରକାରୀ ସଂସ୍ଥାର ସଫ୍ଟୱେରକୁ ବ୍ଲକ୍ କରିଥିଲା।

## ଗୃହ ଅଚଳରୁ ୧୩୩ କୋଟି କ୍ଷତି

### ଅଧିବେଶନ କାଟଛାଣ୍ଟ କରିପାରନ୍ତି ସରକାର

**ନୂଆଦିଲ୍ଲୀ, ୩୧।୭**



ପେଗାସସ୍ ପ୍ରସଙ୍ଗରେ ପାର୍ଲାମେଣ୍ଟରେ ଆଲୋଚନା କରାଯିବା ଏବଂ ଉକ୍ତ ମାମଲାର ନିରପେକ୍ଷ ତଦନ୍ତ ସୁପ୍ରିମକୋର୍ଟର ଜଣେ ବିଚାରପତିଙ୍କ ତତ୍ତ୍ୱାବଧାନରେ କରାଯିବା ଦାବିରେ ବିରୋଧୀ ଅଟଳ ରହିଥିବାରୁ ଗୃହ କାର୍ଯ୍ୟ ଚାଲିପାରୁ ନାହିଁ। ଦୁଇ ସପ୍ତାହ ହେଲା ପାର୍ଲାମେଣ୍ଟରେ ଅଚଳାବସ୍ଥା ଲାଗି ରହିଥିବାରୁ ଟିକସଦାତାଙ୍କ ଅର୍ଥରୁ ୧୩୩ କୋଟିରୁ ଊର୍ଦ୍ଧ୍ୱ ଟଙ୍କା କ୍ଷତି ହୋଇଥିବା ସରକାରୀ ସୂତ୍ରରୁ ଜଣାପଡ଼ିଛି। ଅଚଳାବସ୍ଥା ଯୋଗୁ ମୌସୁମୀ ଅଧିବେଶନକୁ କାଟଛାଣ୍ଟ କରିବା ପାଇଁ ସରକାର ଗମ୍ଭୀର ଭାବେ ବିଚାର କରୁଥିବା ଜଣାପଡ଼ିଛି। କ୍ରମାଗତ ୯ ଦିନ ଧରି ପାର୍ଲାମେଣ୍ଟର ଉଭୟ ଗୃହରେ ବିରୋଧୀ ଦଳଗୁଡ଼ିକ ହଟ୍ଟଗୋଳ ଜାରି ରଖିଛନ୍ତି। ଜୁଲାଇ ୧୯ରୁ ଆରମ୍ଭ ହୋଇଥିବା ମୌସୁମୀ ଅଧିବେଶନ ଅଗଷ୍ଟ ୧୩ ପର୍ଯ୍ୟନ୍ତ ଚାଲିବାକୁ ସ୍ଥିର ହୋଇଥିଲା। ଇତିମଧ୍ୟରେ ଲୋକ ସଭାରେ ମାତ୍ର ୧୪ ପ୍ରତିଶତ ଏବଂ ରାଜ୍ୟ ସଭାରେ ୨୨ ପ୍ରତିଶତ କାର୍ଯ୍ୟ ହୋଇଛି। ଅବଶିଷ୍ଟ ସମୟ ହୋ–ହଲ୍ଲାରେ ଯାଇଛି। ଲୋକମାନଙ୍କ ସହ ଜଡ଼ିତ ସବୁ ପ୍ରସଙ୍ଗ ଉପରେ ସରକାର ଆଲୋଚନା କରିବାକୁ ପ୍ରସ୍ତୁତ ଥିବାବେଳେ ବିରୋଧୀମାନେ ତାହା କରାଇ ଦେଉନାହାନ୍ତି। ଫଳରେ ପାର୍ଲାମେଣ୍ଟରେ ଅଯଥା ସମୟ ଓ ଅର୍ଥ ବରବାଦ ହେଉଥିବା ଜଣେ ମନ୍ତ୍ରୀ କହିଛନ୍ତି। ଏଥିସହ ବିଭିନ୍ନ ରାଜ୍ୟରେ କୋଭିଡ୍ ସଂକ୍ରମଣ ବୃଦ୍ଧି ପାଉଥିବାରୁ ସରକାର ଅଧିବେଶନ ବନ୍ଦ କରିବାକୁ ନିଷ୍ପତ୍ତି ନେଇପାରନ୍ତି। ଏହା ସତ୍ତ୍ୱେ ଅଧିବେଶନ ସୁରୁଖୁରୁରେ ଚଳାଇବା ପାଇଁ ସରକାର ବିରୋଧୀ ନେତାମାନଙ୍କୁ ବୁଝାଇବା ଲାଗି ଉଦ୍ୟମ ଜାରି ରଖିଥିବା କେନ୍ଦ୍ରମନ୍ତ୍ରୀ ପ୍ରହ୍ଲାଦ ଜୋଶୀ କହିଛନ୍ତି। ହଟ୍ଟଗୋଳ ମଧ୍ୟରେ ଲୋକ ସଭାରେ ୫ଟି ଏବଂ ରାଜ୍ୟ ସଭାରେ ୩ଟି ବିଲ୍ ଗୃହୀତ ହୋଇଛି। ଆସନ୍ତା ସପ୍ତାହରେ ଅବଶିଷ୍ଟ ବିଲ୍‌ଗୁଡ଼ିକୁ ଗୃହୀତ କରାଇବା ପାଇଁ ସରକାର ଉଦ୍ୟମ କରିବେ। ତେବେ ପେଗାସସ୍ ଉପରେ ବିତର୍କ ଦାବିରେ ବିରୋଧୀ ଦଳ ଏକାଠି ହୋଇଛନ୍ତି ଏବଂ ଏହି ନିଷ୍ପତ୍ତିରୁ ଓହରିବେ ନାହିଁ ବୋଲି ଜଣେ କଂଗ୍ରେସ ନେତା କହିଛନ୍ତି।

## ୧୫ ଲକ୍ଷ ଲାଞ୍ଚ ମାଗିଥିଲା ପୋଲିସ: ଗେହନା



**ମୁମ୍ବାଇ, ୩୧।୭**

ପର୍ନୋଗ୍ରାଫି ମାମଲାରେ ଗତ ଫେବୃୟାରୀରେ ଗିରଫ ହୋଇଥିବା ଅଭିନେତ୍ରୀ ଗେହନା ବଶିଷ୍ଠ ମୁମ୍ବାଇ ପୋଲିସ ବିରୋଧରେ ସଙ୍ଗିନ ଅଭିଯୋଗ ଆଣିଛନ୍ତି। ଗିରଫଦାରୀ ଏଡ଼ାଇବାକୁ ପୋଲିସ ତାଙ୍କୁ ୧୫ ଲକ୍ଷ ଟଙ୍କା ଲାଞ୍ଚ ମାଗିଥିଲା ବୋଲି ସେ କହିଛନ୍ତି। ଗିରଫ ପରେ ଗେହନା ୪ ମାସ ଜେଲରେ ଥିଲେ। ଶନିବାର ଏକ ସାକ୍ଷାତକାରରେ ଗେହନା କହିଛନ୍ତି, ଗିରଫଦାରୀରୁ ମୁକ୍ତି ପାଇବା ପାଇଁ ପୋଲିସ ଏହି ମାଗିଥିଲା। କିନ୍ତୁ ସେ କିଛି ଭୁଲ୍ କରିନାହାନ୍ତି ବୋଲି କହି ଟଙ୍କା ଦେବାକୁ ମନା କରିଥିଲେ। ଅନ୍ୟ ଦୁଇ ଅଭିଯୁକ୍ତ ଯଶ ଠାକୁର ଓରଫ୍ ଅରବିନ୍ଦ କୁମାର ଶ୍ରୀବାସ୍ତବ ଏବଂ ତନବୀର ହାଶମୀଙ୍କୁ ମଧ୍ୟ ପୋଲିସ ଟଙ୍କା ମାଗିଥିବାରୁ ସେମାନେ ୮ ଲକ୍ଷ ଟଙ୍କା ଯୋଗାଡ଼ କରିଥିବା ନେଇ ଏକ ହ୍ୱାଟ୍ସଆପ୍ ଚାଟ୍ ସାମ୍ନାକୁ ଆସିଥିବା କଥା ମଧ୍ୟ ଗେହନା ଉଠାଇଥିଲେ। ଅଶ୍ଳୀଳ ଫିଲ୍ମ ନିର୍ମାଣ ମାମଲାରେ ବ୍ୟବସାୟୀ ତଥା ଅଭିନେତ୍ରୀ ଶିଳ୍ପା ସେଟ୍ଟୀଙ୍କ ସ୍ୱାମୀ ରାଜ କୁନ୍ଦ୍ରାଙ୍କ ସମେତ ମୁମ୍ବାଇ କ୍ରାଇମବ୍ରାଞ୍ଚ ଗେହନାଙ୍କ ନାଁରେ ମଧ୍ୟ ମାମଲା କରିଛି। ଅଶ୍ଳୀଳ ସିନ୍ ଶୁଟିଂ ପାଇଁ ଗେହନା ଅଭିନେତ୍ରୀମାନଙ୍କୁ ବାଧ୍ୟ କରୁଥିଲେ ବୋଲି ଅଭିଯୋଗ ରହିଛି।

## ସଂକ୍ଷେପରେ

### ଆସାମ-ନାଗାଲାଣ୍ଡ ସୀମାରୁ ହଟିବେ ସୁରକ୍ଷା ବଳ

**ଡିମାପୁର, ୩୧।୭:** ବିବାଦୀୟ ସୀମାରୁ ସୁରକ୍ଷା ବଳ ପ୍ରତ୍ୟାହାର କରିନେବା ଲାଗି ଆସାମ ଓ ନାଗାଲାଣ୍ଡ ସରକାର ଶନିବାର ରାଜି ହୋଇଛନ୍ତି। ସ୍ୱାକ୍ଷରିତ ରାଜିନାମା ଅନୁଯାୟୀ ଡେସୋଇ ଭ୍ୟାଲି ସଂରକ୍ଷିତ ଜଙ୍ଗଲ ଅନ୍ତର୍ଗତ ବିବାଦୀୟ ସୀମାନ୍ତ ଅଞ୍ଚଳରୁ ଉଭୟ ରାଜ୍ୟ ସେମାନଙ୍କ ସୁରକ୍ଷା ବଳ ଫେରାଇନେବେ। ଆସାମ ଏବଂ ମିଜୋରାମ ମଧ୍ୟରେ ସୀମା ବିବାଦରୁ ହିଂସାତ୍ମକ ସଂଘର୍ଷ ପରେ ଏଭଳି ନିଷ୍ପତ୍ତି ନିଆଯାଇଛି। ଡିମାପୁରଠାରେ ଆସାମ ମୁଖ୍ୟ ଶାସନ ସଚିବ ଜିଷ୍ଣୁ ବରୁଆ ଏବଂ ନାଗାଲାଣ୍ଡ ପ୍ରତିପକ୍ଷ ଜେ. ଆଲାମଙ୍କ ମଧ୍ୟରେ ଅନୁଷ୍ଠିତ ବୈଠକରେ ସୁରକ୍ଷା ବଳ ପ୍ରତ୍ୟାହାର ସମ୍ପର୍କରେ ନିଷ୍ପତ୍ତି ହୋଇଛି। ଏହା ଏକ ଐତିହାସିକ ପଦକ୍ଷେପ ବୋଲି ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା କହିବା ସହ ନାଗାଲାଣ୍ଡ ମୁଖ୍ୟମନ୍ତ୍ରୀ ନେଇଫିଉ ରିଓଙ୍କୁ ଧନ୍ୟବାଦ ଜଣାଇଛନ୍ତି।

### ରଶଦ୍ ଅନ୍ତର୍ଜାତୀୟ ଧାର୍ମିକ ସ୍ୱାଧୀନତା ରାଷ୍ଟ୍ରଦୂତ ମନୋନୀତ



**ୱାଶିଂଟନ୍, ୩୧।୭:** ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ଭାରତୀୟ ବଂଶୋଦ୍ଭବ ରଶଦ୍ ହୁସେନଙ୍କୁ ଅନ୍ତର୍ଜାତୀୟ ଧାର୍ମିକ ସ୍ୱାଧୀନତା ପାଇଁ ଆମ୍ବାସଡର-ଆଟ୍-ଲାର୍ଜ ମନୋନୀତ କରିଛନ୍ତି। ଏହି ଗୁରୁତ୍ୱପୂର୍ଣ୍ଣ ପଦବୀରେ ଅବସ୍ଥାପିତ ହେବାରେ ରଶଦ ପ୍ରଥମ ମୁସଲମାନ ବୋଲି ହ୍ୱାଇଟ୍ ହାଉସ ପକ୍ଷରୁ କୁହାଯାଇଛି। ୪୧ ବର୍ଷୀୟ ରଶଦ୍ ଏବେ ଜାତୀୟ ସୁରକ୍ଷା ପରିଷଦରେ ପାର୍ଟନରଶିପ୍ ଏବଂ ଗ୍ଲୋବାଲ ଏନ୍‌ଗେଜମେଣ୍ଟର ନିର୍ଦ୍ଦେଶକ ଅଛନ୍ତି। ସମସ୍ତ ଧର୍ମର ଲୋକଙ୍କୁ ପ୍ରତିଫଳିତ କରିବା ଭଳି ଏକ ପ୍ରଶାସନ ଗଠନ ଦିଗରେ ଏହା ଆଉ ଏକ ବଡ଼ ପଦକ୍ଷେପ ବୋଲି ଶୁକ୍ରବାର ହ୍ୱାଇଟ୍ ହାଉସ ପକ୍ଷରୁ ଏକ ବିବୃତିରେ କୁହାଯାଇଛି। ପୂର୍ବରୁ ସେ ନ୍ୟାୟ ବିଭାଗର ଜାତୀୟ ସୁରକ୍ଷା ଡିଭିଜନରେ ବରିଷ୍ଠ ପରାମର୍ଶଦାତା ରହିଥିଲେ। ଓବାମାଙ୍କ କାର୍ଯ୍ୟକାଳ ସମୟରେ ସେ ଅର୍ଗାନାଇଜେଶନ୍ ଅଫ୍ ଇସଲାମିକ୍ କୋଅପରେଶନ (ଓଆଇସି) ପାଇଁ ଆମେରିକାର ସ୍ୱତନ୍ତ୍ର ରାଷ୍ଟ୍ରଦୂତ ନିଯୁକ୍ତ ହୋଇଥିଲେ। ବିହାର ସହ ତାଙ୍କର ସମ୍ପର୍କ ରହିଛି। ମାଇନିଂ ଇଞ୍ଜିନିୟର ଥିବା ତାଙ୍କ ପିତା ୧୯୬୦ରେ ୟୋମିଙ୍ଗକୁ ଯାଇଥିଲେ। କିଛି ବର୍ଷ ପରେ ସେ ଭାରତକୁ ଆସି ରଶଦ୍‌ଙ୍କ ମା'ଙ୍କୁ ବିବାହ କରିଥିଲେ।

### ଫ୍ରି ଫାୟାରରେ ଟଙ୍କା ହାରି ନାବାଳକଙ୍କ ଆତ୍ମହତ୍ୟା

**ଭୋପାଳ, ୩୧।୭:** ପିଲାଙ୍କ ସ୍ମାର୍ଟଫୋନ୍ ନିଶାର ଭୟଙ୍କର ପରିଣତିର ଏକ ଉଦାହରଣ ମଧ୍ୟପ୍ରଦେଶରେ ଦେଖିବାକୁ ମିଳିଛି। ଅନ୍‌ଲାଇନ୍ ଗେମ୍ ଫ୍ରି ଫାୟାରରେ ୪୦ ହଜାର ଟଙ୍କା ହାରିବା ପରେ ଶୁକ୍ରବାର ଜଣେ ୧୩ ବର୍ଷୀୟ ବାଳକ ଆତ୍ମହତ୍ୟା କରିଛନ୍ତି। ତାଙ୍କ ନିକଟରୁ ପୋଲିସ ଏକ ସୁଇସାଇଡ୍ ନୋଟ ଜବତ କରିଛି। ଅନ୍‌ଲାଇନ ଗେମ୍‌ରେ ୪୦ ହଜାର ଟଙ୍କା ହାରିଥିବା ଏବଂ ଏହି ଟଙ୍କା ସେ ତାଙ୍କ ମା'ଙ୍କ ଆକାଉଣ୍ଟରୁ ଦେଇଥିବା ଉକ୍ତ ନୋଟରେ ଲେଖାଯାଇଛି। ସେ 'ସରି ମମି' ବୋଲି ଲେଖିଛନ୍ତି। ମୃତକଙ୍କ ମା' ଏକ ହସ୍ପିଟାଲରେ କାମ କରନ୍ତି। ଶୁକ୍ରବାର ମା'ଙ୍କ ଆକାଉଣ୍ଟରୁ ୧୫ ଶହ ଟଙ୍କା କଟିଥିବା ମେସେଜ ଆସିଥିଲା। ଅନ୍‌ଲାଇନ ଗେମ୍‌ରେ ଟଙ୍କା କଟିଥିବା ଜାଣି ସେ ପୁଅଙ୍କୁ ଗାଳି କରବାରୁ ସେ ବେକରେ ରଶି ଲଗାଇ ଦେଇଥିଲେ।

## ଦିଲ୍ଲୀ ରାସ୍ତାରେ ୧୫ ଫୁଟର ଖାତ

**ନୂଆଦିଲ୍ଲୀ, ୩୧।୭**

ଦକ୍ଷିଣ ଦିଲ୍ଲୀରେ ଆଇଆଇଟି ଫ୍ଲାଏଓଭର ତଳେ ଶନିବାର ସକାଳେ ୧୦ରୁ ୧୫ ଫୁଟ ଲମ୍ବର ଗଭୀର ଖାତ ସୃଷ୍ଟି ହୋଇଛି। ଏଥିଯୋଗୁ ସେଠାରେ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହୋଇଥିଲା। ପରେ ସେହି ରାସ୍ତା ଦେଇ ଟ୍ରାଫିକ୍ ପୋଲିସ ଚଳାଚଳ ବନ୍ଦ କରାଇଥିଲା। ଏହାର କାରଣ ଜଣାପଡ଼ିନାହିଁ। ଦିଲ୍ଲୀ ଜଳ ବୋର୍ଡ ସହ ସଂଯୁକ୍ତ ସ୍ୱେରେଜ ଲାଇନ୍‌ରେ ଫାଟ ଯୋଗୁ ଏପରି ହୋଇଥିବା ସନ୍ଦେହ କରାଯାଉଛି।




ଦିଲ୍ଲୀର ଆଇଆଇଟି ଫ୍ଲାଏଓଭର ତଳ ରାସ୍ତାରେ ସୃଷ୍ଟି ହୋଇଥିବା ଖାତ।

## ଲୋକଙ୍କ ମନରୁ ପୋଲିସ ଡର ହଟାଅ

### ଆଇପିଏସ୍ ଅଧିକାରୀଙ୍କୁ ପ୍ରଧାନମନ୍ତ୍ରୀଙ୍କ ପରାମର୍ଶ

**ନୂଆଦିଲ୍ଲୀ, ୩୧।୭**

ପୋଲିସ ପ୍ରଶାସନର ପ୍ରତ୍ୟେକ କାର୍ଯ୍ୟରେ 'ଦେଶ ପ୍ରଥମେ, ସର୍ବଦା ପ୍ରଥମେ' ଭାବନା ପ୍ରତିଫଳିତ ହେବା ଉଚିତ। ଲୋକମାନଙ୍କ ମଧ୍ୟରେ ପୋଲିସ ପ୍ରତି ଥିବା ଡର ତଥା ନକାରାତ୍ମକ ଧାରଣା ହଟାଇବା ପାଇଁ ସେମାନେ କାର୍ଯ୍ୟ କରିବା ଆବଶ୍ୟକ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର ନବନିଯୁକ୍ତ ଭାରତୀୟ ପୋଲିସ ସେବା (ଆଇପିଏସ୍) ଅଧିକାରୀଙ୍କୁ ସମ୍ବୋଧନ କରି କହିଛନ୍ତି। ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ଜାତୀୟ ପୋଲିସ ଏକାଡେମୀରେ ଭିଡିଓ କନଫରେନ୍ସିଂ ଜରିଆରେ ଆଇପିଏସ୍ ଟ୍ରେନିଙ୍କ ସହ ଆଲୋଚନା କରି ପ୍ରଧାନମନ୍ତ୍ରୀ କହିଛନ୍ତି, 'ଏକ ଭାରତ, ଶ୍ରେଷ୍ଠ ଭାରତ'ର ପତାକା ବହନ କରୁଥିବାରୁ ସେମାନଙ୍କ ପ୍ରତ୍ୟେକ କାର୍ଯ୍ୟ ଜାତୀୟ ସ୍ୱାର୍ଥ ଏବଂ ଦୃଷ୍ଟିକୋଣ ଦ୍ୱାରା ପରିଚାଳିତ ହେବା ଜରୁରୀ। ପୋଲିସ ପ୍ରତି ଲୋକଙ୍କ ମନରେ ଥିବା ନକାରାତ୍ମକ ଧାରଣା ହଟାଇବା ଏକ ବଡ଼ ଚ୍ୟାଲେଞ୍ଜ। କରୋନା ମହାମାରୀବେଳେ ଜନସାଧାରଣଙ୍କ ପ୍ରତି ପୋଲିସର ସେବା ଦେଖି ଏହି ଧାରଣା କିଛି ମାତ୍ରାରେ ହଟିଥଲା। କିନ୍ତୁ ଏବେ ପୁଣି ପୁରୁଣା ସ୍ଥିତି ଫେରିଥିବା ସେ ପ୍ରକାଶ କରିଥିଲେ। ଏହି ଅବସରରେ ଜାତୀୟ ବିପର୍ଯ୍ୟୟ ମୁକାବିଲା ବଳ(ଏନ୍‌ଡିଆର୍‌ଏଫ୍)ର କାମକୁ ପ୍ରଧାନମନ୍ତ୍ରୀ ପ୍ରଶଂସା କରିଥିଲେ। ୭୫ ବର୍ଷ ଧରି ଭାରତ ଉନ୍ନତ ପୋଲିସ ସେବା ଏବଂ ପୋଲିସ ଟ୍ରେନିଂ ଭିତ୍ତିଭୂମି ଦିଗରେ ଉଦ୍ୟମ ଜାରି ରଖିଛି ଓ ଏହି କିଛି ବର୍ଷ ମଧ୍ୟରେ ଏଥିରେ ବେଶ୍ ପରିବର୍ତ୍ତନ ଆସିଥିବା ପ୍ରଧାନମନ୍ତ୍ରୀ କହିଥିଲେ।



**ହିମାଚଳପ୍ରଦେଶ:** ବର୍ଷା ଯୋଗୁ ଜହମାଲା ନାଲା ଅପରପାର୍ଶ୍ୱରେ ଅଟକି ରହିଥିବା ଲୋକଙ୍କୁ ଦଉଡି ସାହାଯ୍ୟରେ ଉଦ୍ଧାର କରାଯାଉଛି।

## ଷ୍ଟେଶନ ମାଷ୍ଟରଙ୍କୁ ପଣବନ୍ଦୀ ରଖିଲେ ମାଓବାଦୀ

**ପାଟନା, ୩୧।୭**

ସଶସ୍ତ୍ର ମାଓବାଦୀମାନଙ୍କର ଏକ ଗୋଷ୍ଠୀ ଶନିବାର ସକାଳେ ପାଟନା–କୋଲକାତା ରୁଟ୍‌ର ଏକ ରେଳଷ୍ଟେଶନ ଉପରେ ଆକ୍ରମଣ କରିବା ସହ ଷ୍ଟେଶନ ମାଷ୍ଟରଙ୍କୁ ଅଧଘଣ୍ଟା ପଣବନ୍ଦୀ ରଖିଥିଲେ। ସେମାନେ ଷ୍ଟେଶନ ବିଲ୍ଡିଂକୁ ଉଡ଼ାଇଦେବାକୁ ଧମକ ଦେଇଥିଲେ। ମାଓବାଦୀ ପ୍ରବଣ ଜାମୁଇ ଜିଲା ଅନ୍ତର୍ଗତ ଚୌରା ରେଳଷ୍ଟେଶନରେ ମାଓବାଦୀଙ୍କ ଆକ୍ରମଣ ଫଳରେ ଉକ୍ତ ରୁଟ୍‌ରେ ୪ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ରେଳ ଚଳାଚଳ ବ୍ୟାହତ ହୋଇଥିଲା।

ଖବର ଅନୁଯାୟୀ ସକାଳ ୬ଟାରେ ମାଓବାଦୀମାନେ ପୋଲିସ ପୋଷାକରେ ଆସି ଚୌରା ଷ୍ଟେଶନ ମାଷ୍ଟର ବିନୟ କୁମାରଙ୍କ କ୍ୟାବିନରେ ଧସେଇ ପଶିଥିଲେ। ଉକ୍ତ ଅଞ୍ଚଳରେ ମାଓବାଦୀ ସପ୍ତାହ ପାଳନ ହେଉଥିବାରୁ ରେଳ ଚଳାଚଳ ବନ୍ଦ ରଖିବାକୁ ସେମାନେ ବିନୟ କୁମାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେ ମନା କରିବା ପରେ ମାଓବାଦୀମାନେ ନିଜର ପରିଚୟ ଦେବା ସହ ମାରଣାସ୍ତ୍ର ବାହାର କରି ଧମକ ଦେଇଥିଲେ। କିଛି ସମୟ ପରେ ମାଓବାଦୀମାନେ ପଳାଇଯାଇଥିଲେ ମଧ୍ୟ ଷ୍ଟେଶନ ପରିସରରେ ଭୟର ବାତାବରଣ ଲାଗିରହିଥିଲା। ପୋଲିସ ଏବଂ ସିଆର୍‌ପିଏଫ୍ ଯବାନ ପହଞ୍ଚି ଷ୍ଟେଶନ ଓ ରେଳଲାଇନ ଯାଞ୍ଚ କରିବା ପରେ ଟ୍ରେନ୍ ଚଳାଚଳ ପାଇଁ ଅନୁମତି ଦିଆଯାଇଥିଲା।

## ଉଦ୍ଧାର କାର୍ଯ୍ୟବେଳେ ୨ ବିଆର୍‌ଓ ଅଫିସରଙ୍କ ମୃତ୍ୟୁ

### ହିମାଚଳପ୍ରଦେଶ ଭୂସ୍ଖଳନ

**ଶିମ୍‌ଲା, ୩୧।୭**

ହିମାଚଳପ୍ରଦେଶରେ ବାଦଲଫଟା ବର୍ଷା ଯୋଗୁ ବିଭିନ୍ନ ଅଞ୍ଚଳରେ ବନ୍ୟା ସାଙ୍ଗକୁ ଭୂସ୍ଖଳନ ହୋଇଛି। ଉଦ୍ଧାର ଓ ରିଲିଫ୍ କାର୍ଯ୍ୟରେ ନିୟୋଜିତ ଥିବାବେଳେ ସୀମା ସଡ଼କ ସଂଗଠନ (ବିଆର୍‌ଓ)ର ୨ ଜଣ ଅଫିସର ପ୍ରାଣ ହରାଇଛନ୍ତି। ସେମାନଙ୍କ ମଧ୍ୟରୁ ଜଣେ ଇଞ୍ଜିନିୟର ହୋଇଥିବାବେଳେ ଅନ୍ୟ ଜଣେ ପ୍ରୋଜେକ୍ଟ ଅଫିସର। ବିଭିନ୍ନ ସ୍ଥାନରେ ଭୂସ୍ଖଳନ ଯୋଗୁ ଲାହୁଲ ଏବଂ ସ୍ପିତି ଉପତ୍ୟକାର ଗୁରୁତ୍ୱପୂର୍ଣ୍ଣ ମନାଲି–ସାର୍‌ଚୁ ସଡ଼କ ଅବରୋଧ ହୋଇଯାଇଥିଲା। ଉକ୍ତ ରାସ୍ତାକୁ ଅବରୋଧ ମୁକ୍ତ କରିବା ସହ ଅଟକି ରହିଥିବା ଲୋକଙ୍କୁ ଉଦ୍ଧାର କରିବା ପାଇଁ ଶିମ୍‌ଲାରେ ଥିବା ବିଆର୍‌ଓର 'ପ୍ରୋଜେକ୍ଟ ଦୀପକ' ଏହାର ଇଞ୍ଜିନିୟରିଂ ଟାସ୍କଫୋର୍ସକୁ ପଠାଇଥିଲା। ଉଦ୍ଧାର କାର୍ଯ୍ୟ ବେଳେ ଉକ୍ତ ପ୍ରୋଜେକ୍ଟର ନାଏକ୍ ରିତେଶ କୁମାର ପାଲ୍ ପ୍ରାଣ ହରାଇଥିଲେ। ସେହିପରି ୨୭ ତାରିଖ ଭୂସ୍ଖଳନ ପରେ କିଲେର–ଟାଣ୍ଡି ରାସ୍ତାକୁ ଅବରୋଧମୁକ୍ତ କରୁଥିବାବେଳେ ହଠାତ୍ ପାଣି ମାଡ଼ିଆସିବାରୁ ଉଦ୍ଧାରକାରୀ ଟିମ୍‌ର କେତେଜଣଙ୍କ ସମେତ ୬ ସାଧାରଣ ନାଗରିକ ଭାସିଯାଇଥିଲେ। ଏହି ଦୁର୍ଘଟଣାରେ ଜୁନିୟର ଇଞ୍ଜିନିୟର ରାହୁଲ କୁମାରଙ୍କ ମୃତ୍ୟୁ ଘଟିଥିଲା। ଅନ୍ୟମାନଙ୍କୁ ବିଆର୍‌ଓ କର୍ମଚାରୀ ଉଦ୍ଧାର କରିଥିଲେ।

## ବଳାତ୍କାରୀଙ୍କୁ ବିବାହ ପାଇଁ ସୁପ୍ରିମକୋର୍ଟ ଗଲେ ପୀଡ଼ିତା

**ନୂଆଦିଲ୍ଲୀ, ୩୧।୭**

ବଳାତ୍କାରୀ ପୂର୍ବତନ କ୍ୟାଥୋଲିକ୍ ପାଦ୍ରୀ ରବିନ୍ ଭଡ୍‌କ୍କୁମଚେରୀଙ୍କୁ ବିବାହ କରିବା ପାଇଁ ଅନୁମତି ଦେବାକୁ କେରଳର ଜଣେ ପୀଡ଼ିତା ଶନିବାର ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସୋମବାର ସର୍ବୋଚ୍ଚ ଅଦାଲତ ଏହି ମାମଲାର ଶୁଣାଣି କରିବେ। ଏହି ମାମଲାରେ ରବିନ୍ ୨୦୧୯ ଫେବୃୟାରୀରେ ଦୋଷୀସାବ୍ୟସ୍ତ ହେବା ସହ ୨୦ ବର୍ଷ ଜେଲ ଦଣ୍ଡାଦେଶ ପାଇଥିଲେ। ଏହା ପରେ ଚର୍ଚ୍ଚ ତାଙ୍କୁ ପାଦ୍ରୀ ପଦରୁ ହଟାଇଦେଇଥିଲା। ପୀଡ଼ିତା ୨୦୧୬ ମେ'ରେ ରବିନ୍‌ଙ୍କ ପାଖକୁ ଡାଟା ଏଣ୍ଟ୍ରି କାମ କରିବାକୁ ଯାଇଥିବାବେଳେ ସେ ତାଙ୍କୁ ବଳାତ୍କାର କରିଥିଲେ।




ଯମୁନା ନଦୀରେ ବନ୍ୟା ଆସିଥିବାରୁ ତାଜମହଲ ପଛ ପାର୍ଶ୍ୱରେ ପୋଲିସ ପାଟ୍ରୋଲିଂ କରି ନଦୀକୂଳିଆ ଲୋକଙ୍କୁ ସଚେତନ କରାଉଛି।

## ପୁଲୱାମା ଆକ୍ରମଣ ଷଡ଼ଯନ୍ତ୍ରକାରୀ ନିହତ

**ଶ୍ରୀନଗର, ୩୧।୭**

ସୁରକ୍ଷା ବଳର ଗୁଳିରେ ଶନିବାର ୨୦୧୯ ପୁଲୱାମା ଆକ୍ରମଣର ପ୍ରମୁଖ ଷଡ଼ଯନ୍ତ୍ରକାରୀ ତଥା ଜୈଶ–ଇ–ମହମ୍ମଦ ସଙ୍ଗଠନର ଆତଙ୍କବାଦୀ ମହମ୍ମଦ ଇସ୍‌ମାଲ ଅଲ୍‌ଭି ଓରଫ୍ ଲମ୍ବୁ ଓରଫ୍ ଅଦ୍‌ନାନ ନିହତ ହୋଇଛନ୍ତି। ଇସ୍‌ମାଲ ଜଣେ ପାକିସ୍ତାନୀ ହୋଇଥିବାବେଳେ ଜୈଶ ମୁଖ୍ୟ ମସୁଦ୍ ଆଝାରଙ୍କ ସେ ସମ୍ପର୍କୀୟ। ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) ଏହାର ଚାର୍ଜଶିଟ୍‌ରେ ଇସ୍‌ମାଲଙ୍କ ନାଁ ଦର୍ଶାଇଥିଲା ବୋଲି ପୋଲିସ କହିଛି। ନିହତ ହୋଇଥିବା ଆଉ ଜଣେ ହେଉଛନ୍ତି ସମୀର ଅହମଦ୍ ଦର୍ ଓରଫ୍ ହାଞ୍ଜିଲା ଜିହାଦୀ। ସେ ପୁଲୱାମା କାକପରାର ଗୁନ୍ଦିବାଗ୍‌ର ବାସିନ୍ଦା ବୋଲି ଜଣାପଡ଼ିଛି। ସମୀରଙ୍କର ମଧ୍ୟ ଜୈଶ–ଇ–ମହମ୍ମଦ ସହ ଲିଙ୍କ୍ ରହିଥିବା ପୋଲିସ କହିଛି।



ମହମ୍ମଦ ଇସ୍‌ମାଲ ଅଲ୍‌ଭି

### ୨୦୧୯ରେ ଆତ୍ମଘାତୀ ବିସ୍ଫୋରଣରେ ୪୦ ଯବାନ ଶହୀଦ ହୋଇଥିଲେ

ପୁଲୱାମାର ଦାଚିଗାମ୍ ଜଙ୍ଗଲ ଅଞ୍ଚଳରେ ଶନିବାର ସକାଳେ ଏନ୍‌କାଉଣ୍ଟର ହୋଇଥିଲା। ସୁରକ୍ଷାବଳ ସେହି ଅଞ୍ଚଳକୁ ଘେରାଉ କରିବା ସହ ସର୍ଚ୍ଚ ଅପରେଶନ ଚଳାଇଥିଲେ। ସେହି ସମୟରେ ଆତଙ୍କବାଦୀମାନେ ଗୁଳିଚାଳନା କରିଥିଲେ। ଇସ୍‌ମାଲ ପୁଲୱାମା ଆକ୍ରମଣ ଯୋଜନା କରିବା ସହ ଆଇଇଡି ଭଳି ବିସ୍ଫୋରକ ପ୍ରସ୍ତୁତିରେ ପାରଙ୍ଗମ ଥିଲେ। ଅନ୍ୟ ଆତଙ୍କବାଦୀଙ୍କୁ ସେ ବିସ୍ଫୋରକ ପ୍ରସ୍ତୁତ ତାଲିମ ମଧ୍ୟ ଦେଉଥିଲେ। ଅନେକ ଆତଙ୍କବାଦୀ ଆକ୍ରମଣରେ ସେ ସମ୍ପୃକ୍ତ ଥିବା ପୋଲିସ କହିଛି। ୨୦୧୯ ଫେବୃୟାରୀ ୧୪ରେ ଜୈଶ–ଇ–ମହମ୍ମଦ ଗୋଷ୍ଠୀର ଜଣେ ଆତ୍ମଘାତୀ ବିସ୍ଫୋରକ ଭର୍ତ୍ତି କାର୍ ଧରି ସିଆର୍‌ପିଏଫ୍ କନ୍‌ଭେ ମଧ୍ୟକୁ ପଶିଆସିଥିଲେ। ଏଥିରେ ୪୦ ଯବାନ ଶହୀଦ ହୋଇଥିଲେ।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୧୯,୮୨,୯୪,୯୫୩ | ୪୨,୨୯,୬୫୪ | ୧୭,୯୧,୪୦,୯୯୯ |
| ଭାରତ | ୩,୧୬,୫୩,୩୮୦ | ୪,୨୪,୩୬୨ | ୩,୦୮,୧୦,୬୩୪ |
| ଓଡ଼ିଶା | ୯,୭୭,୨୬୮ | ୫୯୦୨(+୫୩) | ୯,୫୬,୮୨୮ |

ଶନିବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର




## ସଂକ୍ଷେପରେ

### ନିର୍ମାଣାଧୀନ କୂଅରେ ପଡ଼ି ୨ ଭଉଣୀ ମୃତ

**କାମାକ୍ଷାନଗର, ୩୧।୭(ଡି.ଏନ.ଏ.):** ଢେଙ୍କାନାଳ ଜିଲା ଭୁବନ ଥାନା କନ୍ହେଇପାଳ ଗ୍ରାମରେ ଶନିବାର ସନ୍ଧ୍ୟାରେ ଅଭାବନୀୟ ଘଟଣା ଘଟିଛି। ଏକ ନିର୍ମାଣାଧୀନ କୂଅରେ ପଡ଼ି ଦୁଇ ସମ୍ପର୍କୀୟ ଭଉଣୀଙ୍କ ମୃତ୍ୟୁ ଘଟିଛି। ଗ୍ରାମର ଶେଷ ପାତ୍ରଙ୍କ ଝିଅ ଶ୍ରୁତି (୫) ଏବଂ ତାଙ୍କ ଭାଣିଜୀ ପ୍ରିୟଙ୍କା (୬) ସନ୍ଧ୍ୟାରେ ଗ୍ରାମର ଏକ ଦୋକାନକୁ ଜଳଖିଆ ପାଇଁ ଯାଇଥିଲେ। ଫେରିବା ସମୟରେ ଉଭୟେ ଉକ୍ତ ନିର୍ମାଣଧୀନ କୂଅରେ ଖସିପଡ଼ିଥିଲେ। ଫେରିବାରେ ବିଳମ୍ବ ହେବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ। ଦୀର୍ଘ ସମୟ ପରେ କୂଅରୁ ଉଭୟଙ୍କୁ ଉଦ୍ଧାର କରି କାମାକ୍ଷାନଗର ଡାକ୍ତରଖାନାକୁ ଆଣିଥିଲେ। ସେଠାରେ ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ସୂଚନାଯୋଗ୍ୟ ଶେଷଙ୍କ ଦୁଇ ଝିଅପୁଅଙ୍କ ମଧ୍ୟରେ ଶ୍ରୁତି ବଡ଼। ସେହିପରି ଉକ୍ତ ଗ୍ରାମରେ ବିବାହ କରିଥିବା ଶେଷଙ୍କ ଭଉଣୀଙ୍କ ୩ ଝିଅ ମଧ୍ୟରୁ ପ୍ରିୟଙ୍କା ମଝିଆ।

### ହୀରାକୁଦ ଡ୍ୟାମ୍‌ର ୬ ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ

**ସମ୍ବଲପୁର,୩୧।୭ (ବ୍ୟୁରୋ):** ଶନିବାର ସନ୍ଧ୍ୟା ୬ଟା ସୁଦ୍ଧା ମିଳିଥିବା ରିପୋର୍ଟ ଅନୁସାରେ ହୀରାକୁଦ ଡ୍ୟାମ୍‌ର ୬ ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ ହେଉଛି। ଜଳଭଣ୍ଡାରରେ ଜଳସ୍ତର ୬୦୫.୬୭ ଫୁଟ୍ ରହିଛି। ବାମପାର୍ଶ୍ୱର ୪ ଓ ଡାହାଣପାର୍ଶ୍ୱର ୨ ଗେଟ୍ ଖୋଲା ରହିଛି। ଜଳ ଭଣ୍ଡାରକୁ ପ୍ରତି ସେକେଣ୍ଡରେ ୧ ଲକ୍ଷ ୪୮ ହଜାର ୨୫୨ କ୍ୟୁସେକ ଜଳ ପ୍ରବେଶ କରୁଛି। ସେହିପରି ୧ ଲକ୍ଷ ୪ ହଜାର ୦୧୮ କ୍ୟୁସେକ ଜଳ ନିଷ୍କାସନ ହେଉଛି। ୬ ଗେଟ୍ ଦେଇ ୧ ଲକ୍ଷ ୮୬ ହଜାର ୯୬୪, ପାୱାର ଚ୍ୟାନେଲ ୧୩ ହଜାର ୨୨୭, ଶିଳ୍ପାଞ୍ଚଳ ୨୭୨, ଚାଷ ପାଇଁ ବିଭିନ୍ନ କେନାଲରେ ୩୫୫୫ କ୍ୟୁସେକ ଜଳ ନିଷ୍କାସନ ହେଉଛି। ବେଲଗାଁରେ ୨୧ ହଜାର ୫୦୦, ପର୍ଥଲାରେ ୫୭ ହଜାର ୯୫୬, ଖଇରମାଲରେ ୨ ଲକ୍ଷ ୧୯ ହଜାର, ବରମୁଲାରେ ୧ ଲକ୍ଷ ୯୨ ହଜାର ୧୨୫ ଓ ମୁଣ୍ଡଲୀରେ ୨ ଲକ୍ଷ ୫ ହଜାର କ୍ୟୁସେକ ଜଳ ପ୍ରବାହିତ ହେଉଛି।

### ସିଏସ୍‌ସି ସହ କଥା ହେଲେ କେନ୍ଦ୍ର ସଞ୍ଚାର ମନ୍ତ୍ରୀ

**ପାତ୍ରପୁର,୩୧।୭(ଡି.ଏନ.ଏ):** ଗଞ୍ଜାମ ଜିଲା ପାତ୍ରପୁର ବ୍ଲକ ତୁମ୍ବା ପଞ୍ଚାୟତ କମନ ସର୍ଭିସ୍ ସେଣ୍ଟର (ସିଏସ୍‌ସି)ରେ ଇଣ୍ଟରନେଟ ବ୍ୟବହାର କରୁଥିବା ଲୋକମାନଙ୍କ ସହ କେନ୍ଦ୍ର ସଞ୍ଚାର ମନ୍ତ୍ରୀ ଦେବୁସିଂ ଚୌହ୍ୱାନ ଭାରତ ବ୍ରଡ୍‌ବ୍ୟାଣ୍ଡ ଲିମିଟେଡ ଓ ସିଏସ୍‌ସିୱାଇ ଫାଇ ଚୋପଲ ମାଧ୍ୟମରେ ଶନିବାର କଥାବାର୍ତ୍ତା ହୋଇଛନ୍ତି। ତୁମ୍ବା ପଞ୍ଚାୟତ ଅଧୀନ ଆଦିବାସୀ ଅଞ୍ଚଳର ଲୋକମାନେ କିପରି ଇଣ୍ଟରନେଟ ମାଧ୍ୟମରେ ସେବା ପାଇପାରିବେ ସେଥିପ୍ରତି ଗୁରୁତ୍ୱ ଦେବା ପାଇଁ ମନ୍ତ୍ରୀ କହିଥିବା ବେଳେ ସରପଞ୍ଚ ହେମଲତା ଜାନି, ସମିତି ସଭ୍ୟା ରାଜେଶ୍ୱରୀ ସାହୁ, ଜନସେବା କେନ୍ଦ୍ର ପରିଚାଳିକା ଗୀତା ସାହୁଙ୍କୁ ପଚାରି ବୁଝିଥିଲେ। ଏହି କାର୍ଯ୍ୟକ୍ରମରେ ଏଲ. ସରୋଜ କୁମାର ପାତ୍ର, ଡମ୍ବରୁ ସାହୁଙ୍କ ସମେତ ଓଡ଼ିଶା ଓ ଗଞ୍ଜାମ ଜିଲାର ସିଏସ୍‌ସି କର୍ମଚାରୀ ଓ ଗ୍ରାମବାସୀ ସହଯୋଗ କରିଥିଲେ।

### ବୁଦାମୂଳେ ମଣିଷ କଙ୍କାଳ

**କେନ୍ଦୁଝର, ୩୧।୭ (ସ୍ୱ.ପ୍ର.):** କେନ୍ଦୁଝର ଜିଲା ତେଲକୋଇ ଥାନା କାଳିମା ଗ୍ରାମର ଏକ ପୋଲ ନିକଟରେ ଥିବା ଏକ ବୁଦା ମୂଳରୁ ମଣିଷ କଙ୍କାଳ ପୋଲିସ ଜବତ କରିଛି। ଏହା କାହାର ଓ କିଏ ପକାଇଛି ତାହା ଜଣାପଡିନାହିଁ। ଉକ୍ତ ନାଳକୁ ଶୌଚ ହେବାକୁ ଯାଇଥିବା ସ୍ଥାନୀୟ ଲୋକେ ଗନ୍ଧ ହେବାରୁ କଙ୍କାଳ ଦେଖି ପୋଲିସକୁ ଜଣାଇଥିଲେ। ସୂଚନା ପାଇ ତେଲକୋଇ ପୋଲିସ ଘଟଣା ସ୍ଥଳକୁ ଯାଇ ତଦନ୍ତ ଆରମ୍ଭ କରିଛି। କେହି ଦୁର୍ବୃତ୍ତ ହତ୍ୟା କରି ଏଠାରେ ଫିଙ୍ଗିଦେଇଥିବା ସନ୍ଦେହ କରି ସ୍ଥାନୀୟ ଅଞ୍ଚଳବାସୀ ଭୟଭୀତ ହୋଇପଡ଼ିଛନ୍ତି। ସେହିପରି ବର୍ଷା ଯୋଗୁ ପୋତା ହୋଇଥିବା ମୃତଦେହକୁ କୁକୁର ବା ବନ୍ୟଜନ୍ତୁ କାମୁଡି ବାହାରେ ପକାଇଦେଇଥିବା ମଧ୍ୟ ଆଶଙ୍କା କରାଯାଉଛି। ଏନେଇ ଏସଡିପିଓ ପି.ଜେ.ଟପୋ କହିଛନ୍ତି ଯେ ପୋଲିସ ଘଟଣା ସ୍ଥଳକୁ ଯାଇ ଯାଞ୍ଚ କରୁଛି। ଯାଞ୍ଚ ପରେ କାହାର ମୃତଦେହ ଓ କେଉଁଠୁ ଆସିଲା ଜଣାପଡ଼ିବ।




# ଓଡ଼ିଶାକୁ ତୁରନ୍ତ ସାର ଯୋଗାଅ

■ ମାଣ୍ଡବ୍ୟଙ୍କୁ ଚିଠି ଲେଖିଲେ ମୁଖ୍ୟମନ୍ତ୍ରୀ
■ ଦିଲ୍ଲୀରେ ଭେଟିଲେ ବିଜେଡି ଏମ୍‌ପି

**ଭୁବନେଶ୍ୱର (ବ୍ୟୁରୋ)/ ନୂଆଦିଲ୍ଲୀ, ୩୧।୭**

ରାଜ୍ୟରେ ସାର ଅଭାବକୁ ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶନିବାର କେନ୍ଦ୍ର ରସାୟନ ଓ ସାର ମନ୍ତ୍ରୀ ମନସୁଖ ମାଣ୍ଡବ୍ୟଙ୍କୁ ଚିଠି ଲେଖିଛନ୍ତି। ଏପ୍ରିଲ ମାସରେ ରାଜ୍ୟକୁ ଆବଶ୍ୟକତା ଅନୁଯାୟୀ ସାର ଯୋଗାଣ ହୋଇଥିବାରୁ ମୁଖ୍ୟମନ୍ତ୍ରୀ କେନ୍ଦ୍ର ମନ୍ତ୍ରୀଙ୍କୁ ଧନ୍ୟବାଦ ଦେଇଛନ୍ତି। ତେବେ ମେ, ଜୁନ୍ ଓ ଜୁଲାଇ ମାସରେ ରାଜ୍ୟରେ ଉତ୍କଟ ସାର ଅଭାବ ଦେଖାଦେଇଛି। ମୁଖ୍ୟମନ୍ତ୍ରୀ ଚିଠିରେ ଉଲ୍ଲେଖ କରିଛନ୍ତି ଯେ, ଚଳିତ ଖରିଫ ଋତୁରେ ରାଜ୍ୟକୁ ୨, ୩୧, ୫୩୦ ମେଟ୍ରିକ ଟନ ୟୁରିଆ ବଦଳରେ ଏ ପର୍ଯ୍ୟନ୍ତ ମାତ୍ର ୧, ୪୫, ୧୪୫ ମେଟ୍ରିକ ଟନ ସାର ମିଳି ପାରିଛି। ସେହିପରି ଏହି ସମୟସୀମା ମଧ୍ୟରେ ରାଜ୍ୟକୁ ୧, ୫୨, ୦୦୦ ମେଟ୍ରିକ ଟନ ବଦଳରେ ମିଳିଛି ୯୭, ୭୬୩ ମେଟ୍ରିକ ଟନ ଡିଏପି , ୪୨, ୮୬୭ ମେଟ୍ରିକ ଟନ ଏମ୍‌ଓପି, ୧,୦୫,୭୯୮ ମେଟ୍ରିକ ଟନ ଏନ୍‌ପିକେଏସ୍। ଆବଶ୍ୟକତାର ୬୯ ପ୍ରତିଶତ ଯୋଗାଇ ଦେବାକୁ ଥିବାବେଳେ ୬୨% ୟୁରିଆ ମିଳିପାରିଛି। ଅନ୍ୟ ସାର ୬୦ରୁ ୭୪ ପ୍ରତିଶତ ମିଳିଛି। ଗତ କିଛିବର୍ଷ ଧରି ରାଜ୍ୟର ଚାଷୀମାନେ



ବିଜେଡି ଏମ୍‌ପିଙ୍କ ପ୍ରତିନିଧି ଦଳ ଶନିବାର ନୂଆଦିଲ୍ଲୀରେ ରସାୟନ ଓ ସାର ମନ୍ତ୍ରୀ ମନସୁଖ ମାଣ୍ଡବ୍ୟଙ୍କ ସହ ଆଲୋଚନା କରୁଛନ୍ତି।

ବାତ୍ୟା ଯୋଗୁ ବହୁମାତ୍ରାରେ ଶସ୍ୟ କ୍ଷତିର ସମ୍ମୁଖୀନ ହୋଇଛନ୍ତି। ଜୁଲାଇରୁ ସେପ୍ଟେମ୍ବର ହେଉଛି ଗୁରୁତ୍ୱପୂର୍ଣ୍ଣ ସମୟ। ଏହି ସମୟରେ ଚାଷୀମାନଙ୍କର ପର୍ଯ୍ୟାପ୍ତ ୟୁରିଆର ଆବଶ୍ୟକତା ରହିଛି। ସେହିପରି ଜୁଲାଇରୁ ଅଗଷ୍ଟ ମଧ୍ୟରେ ଅନ୍ୟ ସାରର ଆବଶ୍ୟକତା ରହିଛି। ସାର ଅଭାବ ରାଜ୍ୟର କୃଷି ଉତ୍ପାଦନ ଉପରେ ପ୍ରତିକୂଳ ପ୍ରଭାବ ପକାଉଛି। ଏପରି କି ଅନେକ ଜିଲାରେ ସାରକୁ ନେଇ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେଉଛି। ଚାଷୀମାନଙ୍କର ସ୍ୱାର୍ଥକୁ ଦୃଷ୍ଟିରେ ରଖି ଆବଶ୍ୟକ ପରିମାଣର ସାର ଯୋଗାଇ ଦେବାକୁ ମୁଖ୍ୟମନ୍ତ୍ରୀ ଦାବି କରିଛନ୍ତି।

ଅନ୍ୟପକ୍ଷରେ ବିଜୁ ଜନତା ଦଳ (ବିଜେଡି) ଏମ୍‌ପିମାନଙ୍କର ଏକ ପ୍ରତିନିଧି ଦଳ ଶନିବାର ମନ୍ତ୍ରୀ ମାଣ୍ଡବ୍ୟଙ୍କୁ ଭେଟି ଓଡ଼ିଶାର ଚାଷୀମାନଙ୍କୁ ତୁରନ୍ତ ସାର ଯୋଗାଇଦେବା ପାଇଁ ଦାବି କରିଛନ୍ତି। ଏନେଇ ସେମାନେ ମନ୍ତ୍ରୀଙ୍କୁ ଏକ ସ୍ମାରକପତ୍ର ଦେଇଛନ୍ତି। ଏବେ ଖରିଫ ଋତୁ ଚାଲିଥିବାବେଳେ ଓଡ଼ିଶାକୁ ଆବଶ୍ୟକ ପରିମାଣର ସାର ଯୋଗାଇ ଦିଆଯାଇ ନ ଥିବାରୁ ଚାଷକାର୍ଯ୍ୟ ବ୍ୟାହତ ହୋଇଥିବା ସେମାନେ ଜଣାଇଥିଲେ। ଏମ୍‌ପିମାନେ କହିଥିଲେ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସରକାରରେ କୃଷି ସେକ୍ଟରର ଦ୍ରୁତ ଅଭିବୃଦ୍ଧି ଏବଂ ଚାଷୀମାନଙ୍କ କଲ୍ୟାଣ ଉପରେ ସର୍ବାଧିକ ଗୁରୁତ୍ୱ ଦିଆଯାଉଛି। ଚାଷୀମାନେ ଆମର ଗର୍ବ ଏବଂ କୃଷି ଦେଶର ଜୀବନରେଖା ହୋଇଥିବାରୁ ଉପଯୁକ୍ତ ସମୟରେ ସାର ଯୋଗାଇଦେବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ବିଜେଡି ଏମ୍‌ପିମାନେ କହିଥିଲେ। ତୁରନ୍ତ ଏ ଦିଗରେ ଆବଶ୍ୟକ ପଦକ୍ଷେପ ନେବାକୁ ମାଣ୍ଡବ୍ୟ ତାଙ୍କ ମନ୍ତ୍ରଣାଳୟର ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

## ଦୁଇ ଜିଲାରେ ସଂକ୍ରମଣ ୫% ଉପରେ

**ଭୁବନେଶ୍ୱର, ୩୧।୭(ବ୍ୟୁରୋ)**

ରାଜ୍ୟରେ କରୋନା ସଂକ୍ରମଣ ହ୍ରାସ ପାଇଥିଲେ ମଧ୍ୟ ନିର୍ଦ୍ଦିଷ୍ଟ ସ୍ତରରେ ଉପର ତଳ ହେଉଛି। ବିଶେଷକରି ଖୋର୍ଦ୍ଧା, ପୁରୀ, ଜଗତ୍‌ସିଂହପୁର ଜିଲାରେ ସଂକ୍ରମଣ ଅଧିକ ରହୁଥିବାବେଳେ ଦୁଇଟି ଜିଲାରେ ସଂକ୍ରମଣ ୫% ଉପରେ ରହିଛି। ଜଗତ୍‌ସିଂହପୁରରେ ସର୍ବାଧିକ ସଂକ୍ରମଣ ହାର ୬% ଥିବାବେଳେ ଖୋର୍ଦ୍ଧାରେ ୫.୨%, ପୁରୀ ୪.୩ % ଓ କଟକରେ ୩.୩% ରହିଛି।

ସେପଟେ ରାଜ୍ୟରେ ଗତ ୨୪ ଘଣ୍ଟାରେ ୭୨,୨୩୩ ନମୁନା ପରୀକ୍ଷା ହୋଇଥିଲା। ଏଥିମଧ୍ୟରୁ ୧,୫୭୮ ପଜିଟିଭ୍ ବାହାରିଥିବାବେଳେ ସଂକ୍ରମଣ ହାର ୨.୧୮%କୁ ବୃଦ୍ଧି ପାଇଛି। ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ଖୋର୍ଦ୍ଧାରୁ ସର୍ବାଧିକ ୪୩୬ଜଣ ରହିଛନ୍ତି। ସେହିଭଳି କଟକରୁ ୨୧୨, ଜଗତ୍‌ସିଂହପୁର ୧୧୩, ପୁରୀରୁ ୧୦୯ଜଣ ଓ ବାକି ସବୁ ଜିଲାରେ ନୂଆ ଆକ୍ରାନ୍ତଙ୍କ ସଂଖ୍ୟା ଶହେ ତଳକୁ ରହିଛି। ଫଳରେ ରାଜ୍ୟରେ ମୋଟ୍ ସଂକ୍ରମଣ ୯,୭୭,୨୬୮କୁ ବୃଦ୍ଧି ପାଇଛି।

ଅନ୍ୟପଟେ ଆଉ ୬୮ଜଣଙ୍କ ଜୀବନ ନେଇଛି କରୋନା। ଏହି ମୃତ୍ୟୁ କୌଣସି ଗୋଟିଏ ଦିନରେ ହୋଇ ନ ଥିବା ସ୍ୱାସ୍ଥ୍ୟ ବିଭାଗ ସ୍ପଷ୍ଟ କରିଛି। ଅଡିଟ୍ ପରେ ପୂର୍ବ ମୃତ୍ୟୁକୁ ଆଧାର କରି ତଥ୍ୟ ଦିଆଯାଇଛି। ତେବେ ଏମାନଙ୍କୁ ମିଶାଇ କରୋନା ଜନିତ ମୃତ୍ୟୁ ୫,୯୦୨ରେ ପହଞ୍ଚିଛି। ଅପରପକ୍ଷେ ଆରୋଗ୍ୟ ସଂଖ୍ୟା ୯,୫୬,୮୨୮କୁ ବୃଦ୍ଧି ପାଇଛି।

## ରାଜ୍ୟ ସରକାର ସାର ବିକ୍ରିର କୃତ୍ରିମ ଅଭାବ କରୁଛନ୍ତି: ଭାଜପା

**ଭୁବନେଶ୍ୱର,୩୧।୭(ବ୍ୟୁରୋ)**

ଓଡ଼ିଶାର ଆବଶ୍ୟକତା ଅନୁଯାୟୀ ସାର ମହଜୁଦ ଥିବାବେଳେ ରାଜ୍ୟ ସରକାର ଚାଷୀମାନଙ୍କୁ ବିଭ୍ରାନ୍ତ କରିବା ପାଇଁ ଚିଠି ଲେଖୁଛନ୍ତି। ଅନ୍ୟପଟେ ବିଜେଡି ଏମ୍‌ପିମାନେ କେନ୍ଦ୍ର ସାରମନ୍ତ୍ରୀଙ୍କୁ ସାକ୍ଷାତ କରିଛନ୍ତି। ବିଜେଡି ସରକାର ସାର ବିକ୍ରିର କୃତ୍ରିମ ଅଭାବ ସୃଷ୍ଟି କରି ଚାଷୀ ଭାଇମାନଙ୍କ ମନରେ ବିଭ୍ରାନ୍ତ ସୃଷ୍ଟି କରୁଛନ୍ତି ବୋଲି କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ପ୍ରଦୀପ ପୁରୋହିତ ଅଭିଯୋଗ କରିଛନ୍ତି। ଶନିବାର ଏଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସେ କହିଛନ୍ତି ଯେ, ନିଜ ଅପାରଗତାକୁ ଘୋଡ଼ାଇବା ପାଇଁ ଅନ୍ୟ ଉପରେ ଦୋଷ ଲଦିବା ବିଜେଡିର ପାରମ୍ପରିକ ଅଭ୍ୟାସ। ଗତ ୩ ବର୍ଷର ତଥ୍ୟକୁ ବିଶ୍ଳେଷଣ କଲେ ଓଡ଼ିଶାକୁ ଧାର୍ଯ୍ୟ ଆବଣ୍ଟିତ ସାର ପରିମାଣଠାରୁ ଅଧିକ ସାର ଯୋଗାଇ ଦିଆଯାଇଛି।

କେନ୍ଦ୍ର ସାର ବିଭାଗ ପକ୍ଷରୁ ୟୁରିଆ, ଡିଏପି, ଏମ୍‌ଓପି, ଏନ୍‌ପିକେଏସ୍ ସାର ପର୍ଯ୍ୟାପ୍ତ ପରିମାଣରେ ଉପଲବ୍ଧ ଥିବା ସ୍ପଷ୍ଟ କରାଯାଇଛି। କେନ୍ଦ୍ର ସରକାରଙ୍କ ସାର ଓ ରସାୟନ ମନ୍ତ୍ରଣାଳୟ ପକ୍ଷରୁ ମଧ୍ୟ ଏହା ସ୍ପଷ୍ଟ କରାଯାଇଛି। ଚଳିତ ଜୁଲାଇ ମାସ ପାଇଁ ରାଜ୍ୟକୁ ୦.୯୦ ଲକ୍ଷ ମେଟ୍ରିକ୍ ଟନ ୟୁରିଆ ଆବଶ୍ୟକ ଥିବାବେଳେ କେନ୍ଦ୍ର ୦.୯୦ ଲକ୍ଷ ମେଟ୍ରିକ୍ ଟନ୍ ୟୁରିଆ ରାଜ୍ୟକୁ ଯୋଗାଇ ଦେବାକୁ ଯୋଜନା କରିଛି। ଜୁଲାଇ ୩୦ ସୁଦ୍ଧା ରାଜ୍ୟ ପାଖରେ ୨.୨୦ ଲକ୍ଷ ମେଟ୍ରିକ୍ ଟନ୍ ୟୁରିଆ ଉପଲବ୍ଧ ରହିଛି। ଏହି ସମୟ ମଧ୍ୟରେ ୦.୯୨ ଲକ୍ଷ ମେଟ୍ରିକ୍ ଟନ୍‌ର ୟୁରିଆ ବିକ୍ରି ହୋଇଛି। ଜୁଲାଇ ୩୦ ସୁଦ୍ଧା ରାଜ୍ୟ ପାଖରେ ୧.୨୮ ଲକ୍ଷ ମେଟ୍ରିକ୍

**୧.୨୮ ଲକ୍ଷ ମେଟ୍ରିକ୍ ଟନ ୟୁରିଆ ମହଜୁଦ ରହିଛି: ପ୍ରଦୀପ**

ଟନ୍‌ର ୟୁରିଆ ମହଜୁଦ୍ ଅଛି। ଜୁଲାଇ ମାସ ପାଇଁ ରାଜ୍ୟକୁ ୦.୬୫ ଲକ୍ଷ ମେଟ୍ରିକ୍ ଟନ୍ ଡିଏପି ସାର ଆବଶ୍ୟକ ଥିବାବେଳେ କେନ୍ଦ୍ର ପକ୍ଷରୁ ୦.୬୬ ଲକ୍ଷ ମେଟ୍ରିକ୍ ଟନ ଡିଏପି ସାର ରାଜ୍ୟକୁ ଯୋଗାଇ ଦେବାର ଯୋଜନା ରହିଛି। ଏହି ସମୟରେ ୦.୫୫ ଲକ୍ଷ ମେଟ୍ରିକ୍ ଟନ ଡିଏପି ସାର ବିକ୍ରି ହୋଇଛି। ରାଜ୍ୟ ପାଖରେ ଜୁଲାଇ ୩୦ ସୁଦ୍ଧା ୦.୪୫ ଲକ୍ଷ ମେଟ୍ରିକ୍ ଟନ ଡିଏପି ସାର ଉପଲବ୍ଧ ରହିଛି। ସେହିପରି ଜୁଲାଇ ମାସ ପାଇଁ ରାଜ୍ୟକୁ ୦.୩୦ ଲକ୍ଷ ମେଟ୍ରିକ୍ ଟନ୍ ଏମ୍‌ଓପି ଆବଶ୍ୟକ ଥିବାବେଳେ କେନ୍ଦ୍ର ୦.୩୦ ଲକ୍ଷ ମେଟ୍ରିକ୍ ଟନ ଏମ୍‌ଓପି ରାଜ୍ୟକୁ ଯୋଗାଇ ଦେବା ପାଇଁ ଯୋଜନା କରିଛି। ଏହି ସମୟରେ ୦.୨୫ ଲକ୍ଷ ମେଟ୍ରିକ୍ ଟନ ଏମ୍‌ଓପି ସାର ବିକ୍ରି ହୋଇଛି। ଜୁଲାଇ ୩୦ ସୁଦ୍ଧା ରାଜ୍ୟ ପାଖରେ ୦.୪୬ ଲକ୍ଷ ମେଟ୍ରିକ୍ ଟନ ଏମ୍‌ଓପି ଉପଲବ୍ଧ ରହିଛି। ବିଜେଡି ଏମ୍‌ପିମାନେ କେନ୍ଦ୍ର ଉପରେ ଦୋଷ ନ ଲଦି ବିଗତ ବର୍ଷର ହିସାବ ଦେଖନ୍ତୁ ବୋଲି ପୁରୋହିତ କହିଛନ୍ତି। ରାଜ୍ୟର ସାର ବିକ୍ରୟ କେନ୍ଦ୍ରରେ କୃତ୍ରିମ ଅଭାବ ସୃଷ୍ଟି ନ କରି ଚାଷୀଙ୍କ ପାଖରେ କେମିତି ସାର ପହଞ୍ଚିପାରିବ ସେଥିପାଇଁ ରାଜ୍ୟ ସରକାର ପଦକ୍ଷେପ ନେଲେ ଭଲ ହୋଇଥାନ୍ତା ବୋଲି ସେ କହିଛନ୍ତି। ଖବରଦାତା ସମ୍ମିଳନୀରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଦିଲୀପ ମଲ୍ଲିକ ଉପସ୍ଥିତ ଥିଲେ।

## ରାଜଧାନୀରେ ଟିକାକରଣ

# ୧୦୦% ଦାବିକୁ ନେଇ ଦ୍ୱନ୍ଦ୍ୱ

**ଭୁବନେଶ୍ୱର, ୩୧।୭ (ବ୍ୟୁରୋ)**




ଭୁବନେଶ୍ୱରରେ ଶତ ପ୍ରତିଶତ ଟିକାକରଣ ହୋଇଛି। ଜୁଲାଇ ଶେଷ ସୁଦ୍ଧା ଥିବା ଟାର୍ଗେଟ ପୂରଣ ହୋଇଛି ବୋଲି ଶନିବାର ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ର ଅତିରିକ୍ତ କମିଶନର ଲକ୍ଷ୍ମୀକାନ୍ତ ସେଠୀ କହିଛନ୍ତି। ତେବେ ବିଏମ୍‌ସିର ଏହି ଶତପ୍ରତିଶତ ଟିକାକରଣ ସୂଚନାକୁ ନେଇ ରାଜଧାନୀରେ ଚର୍ଚ୍ଚା ଜୋର୍ ଧରିଛି। ରାଜ୍ୟରେ ବ୍ୟାପକ ଟିକାକରଣ ପରେ କରୋନା ସଂକ୍ରମଣ କମିଥିବାବେଳେ ଏବେ ବି ରାଜଧାନୀର ସ୍ଥିତି ନିୟନ୍ତ୍ରଣକୁ ଆସିପାରି ନାହିଁ। ଦୈନିକ ଆକ୍ରାନ୍ତ ଓ ମୃତ୍ୟୁ ସଂଖ୍ୟା ଢେର୍ ଅଧିକ ରହୁଛି। ସେହିପରି ବିଭିନ୍ନ ଟିକାକରଣ କେନ୍ଦ୍ରରେ ଧାଡ଼ି ଲାଗୁଥିବାବେଳେ ଲୋକେ ଘଣ୍ଟା ଘଣ୍ଟା ଧରି ଖରାବର୍ଷାରେ ଅପେକ୍ଷା କରି ରହୁଥିବା ଦେଖିବାକୁ ମିଳୁଛି। ଏପରିସ୍ଥିତିରେ ସହରରେ ଶତପ୍ରତିଶତ ଟିକାକରଣ କିପରି ହେଲା ବୋଲି ସହରବାସୀ ପ୍ରଶ୍ନ ଉଠାଇଛନ୍ତି। ଏପରିକି ଏଭଳି ସୂଚନା ଦେଇ ବିଏମ୍‌ସି ଟିକାକରଣ ବନ୍ଦ କରିଦେବ କି ବୋଲି ସହରବାସୀଙ୍କ ମନରେ ଆଶଙ୍କା ପ୍ରକାଶ ପାଇଥିଲା। ଶେଷଦିନ ଭାବି ଶଟ୍‌ଡାଉନ୍‌ରେ ବି ଲୋକେ ବିଭିନ୍ନ ଟିକାକରଣ କେନ୍ଦ୍ରରେ ଭିଡ଼ ଲଗାଇଥିଲେ।

ଅତିରିକ୍ତ କମିଶନର ଲକ୍ଷ୍ମୀକାନ୍ତ ସେଠୀ କହିଥିଲେ, ବିଏମ୍‌ସି ଶତପ୍ରତିଶତ ଟିକାକରଣ ହାସଲ କରିଛି। ଜୁଲାଇ ଶେଷ ସୁଦ୍ଧା ବିଭିନ୍ନ ବର୍ଗରେ ମୋଟ ୯ଲକ୍ଷ ୭ହଜାର ଲୋକଙ୍କୁ ଦୁଇଟି ଡୋଜ୍ ହିସାବରେ ୧୮ଲକ୍ଷ ୧୪ହଜାର ଡୋଜ୍ ଦେବାକୁ ଲକ୍ଷ୍ୟ ରଖାଯାଇଥିଲା। ଶୁକ୍ରବାର ସୁଦ୍ଧା ସହରରେ ୧୮ଲକ୍ଷ ୩୫ହଜାର ୯୦୩ ଡୋଜ୍ ଟିକା ଦିଆଯାଇଛି। ସେମାନଙ୍କ ମଧ୍ୟରୁ ୧୦ଲକ୍ଷ ୫୯ହଜାର ୭୫୩ ଜଣ ପ୍ରଥମ ଡୋଜ ଟିକା ନେଇଥିବାବେଳେ ୭ଲକ୍ଷ ୭୬ହଜାର ୧୫୦ଜଣ ଉଭୟ ଡୋଜ୍ ଟିକା ନେଇ ସାରିଛନ୍ତି। ଭୁବନେଶ୍ୱରରେ କୋଭାକ୍ସିନ ଟିକା ଦିଆଯାଉଥିବାରୁ ଏଠାରେ ଟିକାର ଅଭାବ ନାହିଁ। ପ୍ରଥମେ ରାଜଧାନୀବାସୀଙ୍କୁ ଅଗ୍ରାଧିକାର ଭିତ୍ତିରେ ଟିକା ଦିଆଯାଇଛି। ଏଠାକୁ ପ୍ରତିଦିନ ବାହାରୁ ଅନେକ ଲୋକ ଆସୁଛନ୍ତି। ଟିକା ନେବା ସମସ୍ତଙ୍କର ଅଧିକାର ହୋଇଥିବାରୁ କାହାକୁ ଏଥିପାଇଁ ମନା କରାଯାଇପାରିବ ନାହିଁ। ତେଣୁ ଏବେ ବାହାରୁ ଆସୁଥିବା ଲୋକଙ୍କୁ ମଧ୍ୟ ଟିକାକରଣ କରାଯିବ ବୋଲି ଅତିରିକ୍ତ କମିଶନର କହିଛନ୍ତି।

ତେବେ ଶତପ୍ରତିଶତ ପ୍ରସଙ୍ଗକୁ ନେଇ ଲୋକେ ଦ୍ୱନ୍ଦ୍ୱରେ ପଡିବାରୁ ଏ ସମ୍ପର୍କରେ ବିଏମ୍‌ସି କମିଶନର ସଞ୍ଜୟ ସିଂହ କହିଛନ୍ତି, ରାଜଧାନୀରେ ଶତପ୍ରତିଶତ ଟିକାକରଣର ଅର୍ଥ ନୁହେଁ ଯେ, ସମସ୍ତ ସହରବାସୀ ଟିକା ନେଇ ସାରିଛନ୍ତି ଓ ଟିକାକେନ୍ଦ୍ରଗୁଡିକ ବନ୍ଦ ହେବ। ଏବେ ବି ବହୁତ ଲୋକ ଅଛନ୍ତି ଯେଉଁମାନେ କି ଦ୍ୱିତୀୟ ଡୋଜ୍ ଟିକା ନେଇ ନାହାନ୍ତି। ଏଥିସହ ପ୍ରଥମ ଡୋଜ୍ ଟିକାକରଣ ମଧ୍ୟ ପୂର୍ବପରି ଚାଲୁ ରହିବ। ବାହାରୁ ଆସୁଥିବା ଲୋକେ ପୂର୍ବଭଳି ସ୍ଲଟ୍ ବୁକିଂ କରି ଟିକା ନେବେ। ସହରରେ ମୋଟ ୫୫ଟି ଟିକା କେନ୍ଦ୍ରରେ ଟିକାଦାନ ବ୍ୟବସ୍ଥା ରହିଛି। ଏଥିମଧ୍ୟରେ ୩୦ ସରକାରୀ ହସ୍ପିଟାଲ, ୧୫ ମୋବିଲାଇଜେଶନ ସେଣ୍ଟର ଓ ୧୦ଟି ଡ୍ରାଇଭ୍ ଇନ୍ ଭାକ୍ସିନେସନ ସେଣ୍ଟର ସାମିଲ ରହିଛି। ହାଇସ୍କୁଲ ଖୋଲାଯାଇଥିବାବେଳେ ମଲ୍‌ଗୁଡିକୁ ଖୋଲିବାକୁ ଅନୁମତି ଦିଆଯାଇଛି। ତେଣୁ ବିଭିନ୍ନ ମଲ୍ ଓ ଘରୋଇ ଅନୁଷ୍ଠାନଗୁଡିକରେ ଚାଲୁଥିବା ୧୦ ଡ୍ରାଇଭ୍ ଇନ୍ ଭାକ୍ସିନେଶନ ସେଣ୍ଟରକୁ ରବିବାରଠାରୁ ବନ୍ଦ କରାଯିବ। ବର୍ତ୍ତମାନ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଗୁଡିକରେ ଟିକାକରଣ କରିବା ଉପରେ ଅଧିକ ଗୁରୁତ୍ୱ ଦିଆଯିବ। ଆଗାମୀ ଦିନରେ ନୂତନ ଟିକାକେନ୍ଦ୍ର ଖୋଲାଗଲେ ସେ ନେଇ ଟୁଇଟ କରି ଲୋକଙ୍କୁ ଅବଗତ କରାଯିବ ବୋଲି କମିଶନର ସିଂହ କହିଛନ୍ତି।

## ୩ରୁ ପୁଣି ବର୍ଷା



**ଭୁବନେଶ୍ୱର, ୩୧।୭(ବ୍ୟୁରୋ)**

ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ଓଡ଼ିଶା ଓ ପଶ୍ଚିମବଙ୍ଗ ଅତିକ୍ରମ କରି ଏବେ ଦକ୍ଷିଣ-ପଶ୍ଚିମ ବିହାର ଉପରେ ରହିଛି। ଆସନ୍ତା ୨ ଦିନରେ ଏହା ଉତ୍ତର ପ୍ରଦେଶ ଆଡ଼କୁ ଗତି କରି କ୍ରମଶଃ ଦୁର୍ବଳ ହୋଇଯିବ। ଫଳରେ ଓଡ଼ିଶାରେ ବର୍ଷା କମିବା ସହ ପାଗ ବଦଳିବା ଆରମ୍ଭ କରିଛି ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ସୂଚନା ଦେଇଛି। ଅନ୍ୟପକ୍ଷରେ ଆଗାମୀ କିଛିଦିନ ଝାଡ଼ଖଣ୍ଡ, ମଧ୍ୟପ୍ରଦେଶ ଓ ଦକ୍ଷିଣ ଉତ୍ତର ପ୍ରଦେଶରେ ବର୍ଷା ହେବାର ସମ୍ଭାବନା ରହିଛି। ତେବେ ଆସନ୍ତା ୩ ତାରିଖରୁ ରାଜ୍ୟର କିଛି ଜିଲାରେ ପୁଣି ପ୍ରବଳ ବର୍ଷା ହେବ ବୋଲି ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ୩ରେ ସୁନ୍ଦରଗଡ଼, କେନ୍ଦୁଝର ଓ ମୟୂରଭଞ୍ଜ ଏବଂ ୪ରେ ଭଦ୍ରକ, ବାଲେଶ୍ୱର, ଯାଜପୁର, କେନ୍ଦୁଝର, ମୟୂରଭଞ୍ଜରେ ପ୍ରବଳ ବର୍ଷା ହେବ। ଏଥିପାଇଁ ଏସବୁ ଜିଲାକୁ ପ୍ରବଳ ବର୍ଷା ନେଇ ୟେଲୋ ୱାର୍ନିଂ ଜାରି କରାଯାଇଛି।

**ଆଜିର ମନ୍ତବ୍ୟ**

ଜମ୍ମୁ-କଶ୍ମୀରରେ ନିର୍ବାଚନ ଅନୁଷ୍ଠିତ ହେଲେ ସବୁ ଦଳ ଏଥିରେ ଭାଗ ନେବା ଉଚିତ। କଂଗ୍ରେସ ଏବେଠାରୁ ଏଥିପାଇଁ ପ୍ରସ୍ତୁତ ହେବା ଦରକାର। **-ଗୁଲାମ ନବୀ ଆଜାଦ, ବରିଷ୍ଠ କଂଗ୍ରେସ ନେତା**


## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ଲିପ୍‌ସା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।




## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କଂସା ଧନ ଅଧା ବିଧା**
**ସୁନା ଧନ ଭୋଗ୍ୟ**
**ବଳଦ ଧନରେ କେଉଁ ଭରସା**
**ଲଗା ଧନ ନୁହେଁ ଯୋଗ୍ୟ।**

କଂସା ବାସନ ଭାଙ୍ଗିଗଲେ ତା'ର ଦାମ ଅଧା ହୋଇଯାଏ। ସୁନା ଏକ ମୂଲ୍ୟବାନ ଧାତୁ ଭାବେ ପରିଗଣିତ ହେଉଥିବାସ୍ଥଳେ ତାକୁ ବିକିଲେ କି ଭାଙ୍ଗିଲେ ବହୁ ଧନ ମିଳିଥାଏ। ବଳଦ ଆଜି ଅଛି କାଲିକୁ ହୁଏତ ନ ଥିବ, ସେ ବୁଢା ହୋଇଯିବ, ଖଟି ନ ପାରିବ। ତେଣୁ ତା' ଉପରେ ଭରସା ନ ଥାଏ। ସେହିପରି ବେପାର ବଣିଜରେ କିଛି ନିଶ୍ଚିତତା ନ ଥାଏ, ସେଥିରେ ଲଗା ଯାଇଥିବା ଧନ ଦରକାର ବେଳେ କାମରେ ଲାଗିପାରୁ ନ ଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**କେମନ୍ତ କଥା**
**ପଖାଳ ଭାତକୁ ଶୁଖୁଆ ଭଜା।**

ଖାଦ୍ୟ ସହ ରୁଚିର ସମ୍ପର୍କ ରହିଥାଏ। ଭଲ ଭଲ ସୁଆଦିଆ ଖାଦ୍ୟ ଦେଖିଲେ ଭୋକ ଆପେ ଆପେ ବଢ଼ିଯାଇଥାଏ। ପଖାଳ ଭାତ ସହ ଶୁଖୁଆ ଭଜା ପାଟିକୁ ଖୁବ୍ ସୁଆଦିଆ ଲାଗୁଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ ପବ୍ଲିଶର୍ସ

## ପ୍ରଥମ ପୃଷ୍ଠାରୁ...

### ମଲ୍, ହଲ୍, ହୋଟେଲ ....

ରାସ୍ତାକଡ଼ ଦୋକାନଗୁଡ଼ିକରେ ଖାଇବାକୁ ଅନୁମତି ଦିଆଯାଇଛି। ଦୈନିକ ଓ ସାପ୍ତାହିକ ହାଟ କୋଭିଡ୍ ଗାଇଡ୍ ଲାଇନ ମାନି ଖୋଲିବ। ଜିଲାପାଳ, ଜିଲା ମାଜିଷ୍ଟ୍ରେଟ ନିଜ ଅଞ୍ଚଳର ପରିସ୍ଥିତି ଦେଖି ଧାର୍ମିକ ସ୍ଥଳ ଖୋଲିବାକୁ ଅନୁମତି ଦେଇପାରିବେ। କୋଭିଡ୍ ଗାଇଡ୍ ଲାଇନ ଅନୁଯାୟୀ ଧର୍ମପୀଠ ଖୋଲାଯାଇପାରିବ। ପୁରୀ ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ ଏବଂ ଭୁବନେଶ୍ୱର ଶ୍ରୀ ଲିଙ୍ଗରାଜ ମନ୍ଦିର ପ୍ରଶାସନ ସମ୍ପୃକ୍ତ ପରିଚାଳନା କମିଟି ଓ ଅନ୍ୟ ଭାଗୀଦାରମାନଙ୍କ ସହ ଆଲୋଚନା କରି ସର୍ବସାଧାରଣଙ୍କ ଦର୍ଶନ ନିମନ୍ତେ ମନ୍ଦିର ଖୋଲିବା ବିଷୟରେ ନିଷ୍ପତ୍ତି ନେଇପାରିବେ। ତେବେ ମନ୍ଦିରକୁ ଯାଉଥିବା ଭକ୍ତ ଓ ଶ୍ରଦ୍ଧାଳୁ ପ୍ରସାଦ କିମ୍ବା ଭୋଗ ଲାଗି କରିପାରିବେ ନାହିଁ। ଦୀର୍ଘଦିନ ଧରି ଯାତ୍ରା, ଅପେରା, ରଙ୍ଗମଞ୍ଚଗୁଡ଼ିକ ବନ୍ଦ ରହିଥିଲା। ସେସବୁ ୫୦ ପ୍ରତିଶତ ଦର୍ଶକଙ୍କୁ ନେଇ ଚାଲି ପାରିବ। ଗୋଟିଏ ସିଟ୍‌ରୁ ଆଉ ଗୋଟିଏ ସିଟ୍ ମଧ୍ୟରେ ଅତି କମ୍‌ରେ ୬ ଫୁଟ ବ୍ୟବଧାନ ରହିବା ବାଧ୍ୟତାମୂଳକ କରାଯାଇଛି। ପୂର୍ବ ଭଳି ବିବାହ କାର୍ଯ୍ୟରେ ୨୫ ଜଣ ଓ ଶୁଦ୍ଧି କାର୍ଯ୍ୟରେ ୨୦ ଜଣ ଯୋଗଦେବାକୁ ଅନୁମତି ଦିଆଯାଇଛି। କୌଣସି ପ୍ରକାର ଭୋଜିଭାତ ପାଇଁ ଅନୁମତି ଦିଆଯାଇ ନାହିଁ। ଆୟୋଜକ ଚାହିଁଲେ ପାର୍ସଲ ଦେଇପାରିବେ। ଉଦ୍‌ଘାଟନ ଓ ଶିଳାନ୍ୟାସ କାର୍ଯ୍ୟକ୍ରମରେ ସର୍ବାଧିକ ୩୦ ଜଣ ବ୍ୟକ୍ତି ଅଂଶଗ୍ରହଣ କରିପାରିବେ। ସମସ୍ତ ସରକାରୀ, ବେସରକାରୀ ତାଲିମ, ପରୀକ୍ଷା ଆଦି ଚାଲୁ ରହିବ। ଏଥିପାଇଁ ସରକାରଙ୍କଠାରୁ କୌଣସି ଅଲଗା ସ୍ୱତନ୍ତ୍ର ଅନୁମତି ଆବଶ୍ୟକ ନାହିଁ। ସମସ୍ତ ଶିକ୍ଷାନୁଷ୍ଠାନ, କୋଚିଂ ସେଣ୍ଟରକୁ ସେମାନଙ୍କ ବିଭାଗ ନିର୍ଦ୍ଦେଶନାମା ଅନୁଯାୟୀ ଖୋଲାଯାଇ ପାରିବ। ଇନ୍‌ଡୋର, ଆମୋଦ ପ୍ରମୋଦ ପାର୍କ, ୱାଟର ପାର୍କ, ଦୋଳି, ମିନା ବଜାର, ନନ୍ଦନକାନନ ଇତ୍ୟାଦି କୋଭିଡ୍ ଗାଇଡ୍ ଲାଇନ ଅନୁଯାୟୀ ଖୋଲିବ। ରାଜ୍ୟ ଭିତରେ ବସ୍ ନିର୍ଦ୍ଧାରିତ ସିଟ୍ ଅନୁଯାୟୀ ଚଳାଚଳ କରିବ। ମ୍ୟୁଜିୟମ, ସରକାରୀ ଓ ଘରୋଇ ସୁଇମିଂପୁଲ ମଧ୍ୟ କୋଭିଡ୍ ଗାଇଡ୍ ଲାଇନ ଅନୁଯାୟୀ ଖୋଲାଯାଇ ପାରିବ। ସମସ୍ତ ବ୍ୟବସାୟିକ ଓ ସରକାରୀ ବୈଠକରେ ସର୍ବାଧିକ ୧୦୦ ଜଣ ଯୋଗ ଦେଇପାରିବେ। ଦୁଇ ଚକିଆ, ୪ ଚକିଆ ଯାନ ନିର୍ଦ୍ଧାରିତ ସିଟ୍ ଅନୁଯାୟୀ ଚାଲିପାରିବ।

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ରାଜ୍ୟରେ ଜାରି କରାଯାଇଥିବା ଆଂଶିକ ଲକ୍‌ଡାଉନ ଯୋଗୁ କରୋନା ସଂକ୍ରମଣ ଅନେକ ପରିମାଣରେ ହ୍ରାସପାଇଛି ବୋଲି ଉନ୍ନୟନ କମିଶନର କହିଛନ୍ତି। ସେଥିପାଇଁ ପର୍ଯ୍ୟାୟକ୍ରମେ ଅନ୍‌ଲକ୍ ପ୍ରକ୍ରିୟା ଆରମ୍ଭ କରାଯାଇଛି। ରାଜ୍ୟରେ କୋଭିଡ୍ ପରିସ୍ଥିତିରେ ସମ୍ପୂର୍ଣ୍ଣ ସୁଧାର ଆସି ନ ଥିବାରୁ ସମସ୍ତ ଜନସାଧାରଣ ନିୟମକୁ ପାଳନ କରିବାକୁ ଉନ୍ନୟନ କମିଶନର ଅନୁରୋଧ କରିଛନ୍ତି।

## ୧୦% ଉପରେ ସଂକ୍ରମଣ ଥିବା ଜିଲାରେ କଟକଣା ବଢ଼ାଅ: କେନ୍ଦ୍ର

ନୂଆଦିଲ୍ଲୀ, ୩୧।୭

ସଂକ୍ରମଣ ହାର ୧୦ ପ୍ରତିଶତରୁ ଅଧିକ ଥିବା ଜିଲାଗୁଡ଼ିକରେ କୋଭିଡ୍ କଟକଣା କଡ଼ାକଡ଼ି କରିବାକୁ କେନ୍ଦ୍ର ସରକାର ରାଜ୍ୟଗୁଡ଼ିକୁ ନିର୍ଦ୍ଦେଶ ଦେଇଛନ୍ତି। ସେହି ଜିଲାଗୁଡ଼ିକରେ ଜନ ସମାଗମ କମାଇବା ପାଇଁ ପଦକ୍ଷେପ ନେବାକୁ କୁହାଯାଇଛି। ଓଡ଼ିଶା ସମେତ ୧୦ ରାଜ୍ୟର ୪୬ଟି ଜିଲାରେ ସଂକ୍ରମଣ ୧୦ ପ୍ରତିଶତରୁ ଅଧିକ ରହିଛି। ଅନ୍ୟ ରାଜ୍ୟଗୁଡ଼ିକ ହେଲା କେରଳ, ମହାରାଷ୍ଟ୍ର, କର୍ଣ୍ଣାଟକ, ତାମିଲନାଡୁ, ଆସାମ, ମିଜୋରାମ, ମେଘାଳୟ, ଆନ୍ଧ୍ରପ୍ରଦେଶ ଓ ମଣିପୁର। ସେହିପରି ଅନ୍ୟ ୫୩ ଜିଲାରେ ପଜିଟିଭିଟି ହାର ୫ରୁ ୧୦ ପ୍ରତିଶତ ମଧ୍ୟରେ ରହିଛି। ସେହି ଜିଲାଗୁଡ଼ିକରେ କୋଭିଡ୍ ପରୀକ୍ଷା ବଢ଼ାଇବା ଲାଗି ସମ୍ପୃକ୍ତ ରାଜ୍ୟଗୁଡ଼ିକୁ ପରାମର୍ଶ ଦିଆଯାଇଛି। ଉପରୋକ୍ତ ଜିଲାଗୁଡ଼ିକରେ କଟକଣା କୋହଳ ହେଲେ ସ୍ଥିତି ଆହୁରି ଖରାପ ହୋଇଯିବ ବୋଲି କେନ୍ଦ୍ର ସ୍ୱାସ୍ଥ୍ୟ ସଚିବ ରାଜେଶ ଭୂଷଣ କହିଛନ୍ତି।

ଶନିବାର ଏକ ଉଚ୍ଚସ୍ତରୀୟ ବୈଠକରେ ଭୂଷଣ ଅଧ୍ୟକ୍ଷତା କରିଥିଲେ। ବୈଠକରେ ଉପରୋକ୍ତ ରାଜ୍ୟଗୁଡ଼ିକର କୋଭିଡ୍ ପରିଚାଳନା, କଣ୍ଟେନ୍‌ମେଣ୍ଟ ଆଦିର ସମୀକ୍ଷା କରାଯାଇଥିଲା। ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ସୂଚନା ଅନୁଯାୟୀ ଉପରୋକ୍ତ ରାଜ୍ୟଗୁଡ଼ିକର ସକ୍ରିୟ ମାମଲାର ୮୦ ପ୍ରତିଶତରୁ ଅଧିକ ହୋମ୍ ଆଇସୋଲେଶନରେ ରହିଛନ୍ତି। ସେମାନେ ଅନ୍ୟମାନଙ୍କ ସହ ଯେପରି ନ ମିଶନ୍ତି ଓ ଭୂତାଣୁ ସଂକ୍ରମଣ ନ କରନ୍ତି, ସେଥିପାଇଁ କଡ଼ା ନଜର ରଖାଯିବା ଦରକାର। ସେହିପରି ୧୦ ପ୍ରତିଶତରୁ କମ୍ ସଂକ୍ରମଣ ଥିବା ଜିଲାଗୁଡ଼ିକରେ ଉଭୟ କୋଭିଡ୍ ପରୀକ୍ଷା ଓ ଟିକାକରଣ ବଢ଼ାଇବାକୁ ପରାମର୍ଶ ଦିଆଯାଇଛି। ଏହା ବ୍ୟତୀତ ଜିଲାୱାରି ସେରୋ ସର୍ଭେ କରି ରୋଗ ପ୍ରତିରୋଧକ ତଥ୍ୟ ସଂଗ୍ରହ କରିବା ଲାଗି ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ରାଜ୍ୟଗୁଡ଼ିକୁ କହିଛି। କୋଭିଡ୍ ମୃତ୍ୟୁର ପାଖାପାଖି ୮୦ ପ୍ରତିଶତ ବରିଷ୍ଠ ନାଗରିକ ଏବଂ ୪୫ରୁ ୬୦ ବର୍ଷ ବୟସ ବର୍ଗର ହୋଇଥବାରୁ ସେମାନଙ୍କ ଟିକାକରଣ ସୁନିଶ୍ଚିତ କରିବା ଲାଗି ଭାରତୀୟ ଭେଷଜ ଗବେଷଣା ପରିଷଦ(ଆଇସିଏମ୍‌ଆର୍) ମହାନିର୍ଦ୍ଦେଶକ ଡ. ବଳରାମ ଭାର୍ଗବ ପରାମର୍ଶ ଦେଇଛନ୍ତି। ଅଦରକାରୀ ଭ୍ରମଣ ଏବଂ ସମାବେଶକୁ ବନ୍ଦ କରିବା ଲାଗି କୁହାଯାଇଛି।

### ଶତାଧିକ ହେକ୍ଟର ...

ପରିଚାଳନା ସ୍ୱାଭାବିକ ହେବା ନେଇ ସୂଚନା ଦେଇଛନ୍ତି। ଏ ନେଇ ନିର୍ବାହୀ ଯନ୍ତ୍ରୀ ରାଓଙ୍କୁ ପଚାରିବାରେ ଠିକାସଂସ୍ଥା ୫ ବର୍ଷ ପାଇଁ ମରାମତି ଓ ରକ୍ଷଣାବେକ୍ଷଣ ଦାୟିତ୍ୱ ନେଇଛି। କେଉଁ କାରଣରୁ କେନାଲରେ ଘାଇ ସୃଷ୍ଟି ହେଲା ତା'ର ତଦନ୍ତ କରାଯିବ ବୋଲି କହିଛନ୍ତି। ସେହିପରି ଖବର ପାଇ ଧର୍ମଗଡ଼ ଉପ ଜିଲାପାଳ ପି. ସଚିନ ପ୍ରକାଶଙ୍କ ସମେତ କୋକସରା ତହସିଲଦାର ମନୋଜ ପାଢ଼ୀ, ରାଜସ୍ୱ ନିରୀକ୍ଷକ ଝାନ୍ସିରାଣୀ ଦିଶାରୀ, କୋକସରା ସହକାରୀ କୃଷି ଅଧିକାରୀ ଘନଶ୍ୟାମ ଦେହୁରି ପହଞ୍ଚି ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରିବା ସହ କ୍ଷତିଗ୍ରସ୍ତ ଚାଷୀଙ୍କ ସହ ଆଲୋଚନା କରିଛନ୍ତି। ଏଥିସହ କ୍ଷୟକ୍ଷତି ଆକଳନ କରିବା ସହ ସରକାରୀ ସ୍ତରରେ ଯାହା କିଛି ସୁବିଧା ରହିଛି ତାହା ଯୋଗାଇ ଦିଆଯିବ ବୋଲି କୋକସରା ତହସିଲଦାର ମନୋଜ ପାଢ଼ୀ ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ଗତ ଜାନୁୟାରୀ ୧୪ ତାରିଖରେ ଜୟପାଟଣା ବ୍ଲକର ମଙ୍ଗଳପୁରଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଇନ୍ଦ୍ରାବତୀ ମେଗା ଲିଫ୍ଟ ପ୍ରକଳ୍ପର ଉଦ୍‌ଘାଟନ କରିଥିଲେ। ଏହି ପ୍ରକଳ୍ପ ୯୮୬.୭୧ କୋଟି ଟଙ୍କା ବ୍ୟୟରେ ନିର୍ମିତ ହୋଇଛି।

### ଫାଶୀରେ ...

ଦୃଶ୍ୟ ଥିବାରୁ ଶିବମ୍ ଏକ ରଶି ବାନ୍ଧି ଫାଶକୁ ବେକରେ ଲଗାଇଥିଲେ। ହେଲେ ଦୁର୍ଭାଗ୍ୟବଶତଃ ଷ୍ଟୁଲ୍‌ରୁ ତାଙ୍କ ଗୋଡ଼ ଖସିଯାଇଥିଲା। ଶିବମ ନିଶ୍ୱାସପ୍ରଶ୍ୱାସ ନେଇ ନ ପାରି ଛଟପଟ ହେଉଥିଲେ ହେଁ ସେ ଅଭିନୟ କରୁଥିବା ସାଙ୍ଗମାନେ ଭାବିଥିଲେ। କିଛି ସମୟ ପରେ ଶିବମଙ୍କ ଶରୀର ନିସ୍ତେଜ ହୋଇଯିବା ପରେ ପିଲାମାନେ ଡରିଯାଇ ଗ୍ରାମବାସୀଙ୍କୁ ଜଣାଇଥିଲେ। ଲୋକେ ସେଠାରେ ପହଞ୍ଚିଲାବେଳକୁ ଶିବମଙ୍କ ମୃତ୍ୟୁ ଘଟିସାରିଥିଲା। ତେବେ ପୋଲିସକୁ ନ ଜଣାଇ ଘରଲୋକ ତାଙ୍କ ଶେଷକୃତ୍ୟ କରିଦେଇଛନ୍ତି। ଘଟଣାର ତଦନ୍ତ ଚାଲିଥିବା ପୋଲିସ କହିଛି। ଏକ ଅନୁରୂପ ଘଟଣାକ୍ରମରେ ଗତ ବର୍ଷ ମଧ୍ୟପ୍ରଦେଶର ଜଣେ ୧୨ ବର୍ଷୀୟ ବାଳକ ଭଗତ ସିଂଙ୍କ ଚରିତ୍ରରେ ଅଭିନୟ କରୁଥିବାବେଳେ ଦୁର୍ଘଟଣାବଶତଃ ଫାଶୀ ଲଗାଇଦେଇଥିଲେ। ଫଳରେ ତାଙ୍କର ମୃତ୍ୟୁ ଘଟିଥିଲା।

### ମନ୍ତ୍ରୀପଦ ଯିବାରୁ...

ସେ ଘରଲୋକ ଏବଂ ବନ୍ଧୁମାନଙ୍କ ପରାମର୍ଶକ୍ରମେ ରାଜନୀତି ଛାଡ଼ିବାକୁ ନିଷ୍ପତ୍ତି ନେଇଥିବା କହିଛନ୍ତି। ସେ ଟିଏମ୍‌ସି, କଂଗ୍ରେସ, ସିପିଏମ୍ କିମ୍ବା ଅନ୍ୟ କୌଣସି ଦଳକୁ ଯାଉନାହାନ୍ତି। ଅନ୍ୟ କେହି ତାଙ୍କୁ ଦଳରେ ମିଶିବା ଲାଗି ଡାକିନାହାନ୍ତି। ରାଜନୀତିରେ ଯୋଗ ନ ଦେଇ ମଧ୍ୟ ସମାଜସେବା କରିହେବ ବୋଲି ସେ କହିଛନ୍ତି। ଜୁଲାଇ ୭ରେ କେନ୍ଦ୍ର ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ବେଳେ ଆସାନସୋଲ ଏମ୍‌ପି ବାବୁଲ୍‌ଙ୍କ ସମେତ ଏକାଧିକ ମନ୍ତ୍ରୀଙ୍କୁ ବାଦ୍ ଦିଆଯାଇଥିଲା। ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନରେ ଟିଏମ୍‌ସି ପ୍ରାର୍ଥୀ ଅରୂପ ବିଶ୍ୱାସଙ୍କ ଠାରୁ ଭାଜପା ପ୍ରାର୍ଥୀ ହାରିଯିବା ଘଟଣାରେ ବାବୁଲ୍‌ଙ୍କ ସମେତ ଦେବଶ୍ରୀ ଚୌଧୁରୀଙ୍କୁ ମନ୍ତ୍ରୀପଦ ହରାଇବାକୁ ପଡ଼ିଥିବା କୁହାଯାଉଛି।


# classifieds Everyday
0674-2580101, 2549302


MATRIMONIAL

**BRIDE WANTED**

ଭୁବନେଶ୍ୱର ବାସିନ୍ଦା, ସ୍ଥାନୀୟ Companyରେ କାର୍ଯ୍ୟରତ ବ୍ରାହ୍ମଣ MBA, ମଘା ସିଂହ ରାଶି, 5'11" ପାତ୍ର ପାଇଁ ଯୌତୁକ ବିହୀନ, ପତଳା, ସୁନ୍ଦର, ସଂସ୍କାରୀ ଝିଅ (30-32 ବର୍ଷ ଭିତରେ) ଆବଶ୍ୟକ। ଯୋଗାଯୋଗ କରନ୍ତୁ। Ph. No- 8763333731. D-21199

**GROOM WANTED**

Beautiful Odia girl Bank Manager, 28+/5'4. SUHAG. 7978399083, 9090486408. D-21193

45 ବୟସ୍କା divorced Karan ନିଃସନ୍ତାନ ସରକାରୀ ଚାକିରି କରୁଥିବା ଝିଅଙ୍କୁ ଯେକୌଣସି ଜାତିର ପୁଅ ଦରକାର। ଯୋଗାଯୋଗ: 8763709841. D-21226

49 ବୟସ୍କା 10th qualified ଅବିବାହିତା ଅନାଥ Govt. ଚାକିରିଆ ବାରିକ ଝିଅଙ୍କୁ any caste ପୁଅ ଦରକାର। 7381460017. D-21224

real estate

**SALE**

ଜଟଣୀ Railwaystation ହାଟ ବଜାରରେ (ଘରବାରି ସ୍ଥିତିବାନ, ପଟ୍ଟା) ଜାଗା ଉପରେ ୨ବଖରା ଆଜବେଷ୍ଟସ୍ ଘର ଥାଇ ତୁରନ୍ତ ବିକ୍ରିହେବ। Owner-9437011120. D-70881

କ ଟ କ - ଭୁ ବ ନେ ଶ୍ୱ ର ମଧ୍ୟଭାଗରେ ନିର୍ମିତ **Biggest commercial Hub (Grand Bazar)** ସମ୍ମୁଖ NH-16ରୁ ଅଳ୍ପଦୂରରେ ଘରବାରି ପ୍ଲଟ୍ ଶସ୍ତାରେ କିଣନ୍ତୁ। **9078699286.** D-70880

ଭୁବନେଶ୍ୱର New Railwaystation ପାଖରେ 30ft.Road Yellowzone Plot Sq.ft. 520/-, M.-6371406921. D-69399

**ଭୁବନେଶ୍ୱର ଓ ପୁରୀ Prime locationରେ gharabari plot, Apartment, individual building ବିକ୍ରୟହେବ। Genuine buyer ଯୋଗାଯୋଗ କରିବାକୁ ଅନୁରୋଧ। 6372897984, 9692609148.** D-21192

ଭୁବନେଶ୍ୱର ଲିଙ୍ଗିପୁରଛକ, ପୁରୀ bypassରୁ 200mtr. ଦୂରତାରେ ସଙ୍ଗେ ସଙ୍ଗେ ଘର କଲାଭଳି ଘରବାରି boundary ପ୍ଲଟ୍, ରୋଡ୍, ଇଲେକ୍ଟ୍ରିସିଟି ସୁବିଧା ଥାଇ @20,40,000/-ରେ ମିଳୁଛି। 7978998868. D-70874

**"For sale of residential plot 60ft X 40ft having 25ft approach road in Badaraghunathpur mouza near Gita College, plot is very close (100mtr) to newly constructed Infosys-2 road. Price- 50Lacs. Only really interested Customers contact- 9443101191".** D-21097

Gharabari with boundary wall plot at Aiginia Square just hundred meters from National Highway. 9777594139. D-67796

B h u b a n e s w a r Smartcity area Ghangapatna Mouza 30ft. road, electricity, borewell ସହ ସ୍ଥିତିବାନ plot ପୋଜେସନ୍ ଥାଇ ମିଳୁଛି। Owner. 9090963952. D-70865

**Residential cum Commercial Road side Plot, Niali Road @ 750 Sft., Residential Plots with Boundary Wall, Electricity System, Homely Temple, Nakhara 7 K.M., BBSR - 12 K.M. 8249851363, 7809525452.** D-70462

ଭୁବନେଶ୍ୱର ଜଟଣୀଗେଟ୍‌ରୁ କିଛି ଦୂରତାରେ 1200sqft. 2,80,000/-, ନଖରା ତ୍ରିନାଥ ବଜାର sqft.-150/- (outright). 9348232008, 9348817649. D-70869

**Ready to move commercial shops for sale at DHPL Sahoo Residency, Near Mancheswar R a i l w a y Station. Contact 9 9 3 7 0 5 9 8 9 1 .** D-21043

ଭୁବନେଶ୍ୱର ଭରତପୁର GA plot ପାଖରେ revenue ରୋଡ୍ ଇଲେକ୍ଟ୍ରିସିଟି ସୁବିଧା ଥାଇ boundary plot @14,40,000/-ରେ ନେଇ ତୁରନ୍ତ ଘର କରନ୍ତୁ। 7978998868. D-70873

**1/2/3BHK ready to move apartment for sale at DHPL Enclave 2, Kalarahanga and DHPL Platinum, Rudrapur. Contact: 9937059891.** D-21159

Duplex for sale at Gohira Square, CV Raman College, B h u b a n e s w a r . 9937066926. D-70235

2000sqft. residential plot at Panchasakha Nagar, Near ITER, Jagamara, Bhubaneswar. Price-48lakhs. 8260595320. D-71122

**ଭୁବନେଶ୍ୱର ପିତାପଲ୍ଲୀ Flyoverରୁ 300mtr ଦୂରତାରେ 30ft. ରାସ୍ତାଥାଇ ପ୍ଲଟ ମିଳୁଅଛି। 7848882166.** D-70875

ଭୁବନେଶ୍ୱର ଜଟଣୀଗେଟ୍‌ରୁ 500mtr ଦୂରତାରେ sqft. 250/-, 450/-, Adyanta/ Getam/ BEC Collegeକୁ ଲାଗି sqft. 270/- ପ୍ଲଟ୍ ପୋଜେସନ ସହ ମିଳୁଛି। 7894433357, 9437607388. D-70877

**Email ମାଧ୍ୟମରେ କ୍ଲାସିଫାଏଡ୍‌ର ବିଜ୍ଞାପନ ପଠାଇବାର ଠିକଣା:-**
classifieddharitri@gmail.com

construction

Want a dream home on your own plot assistance for construction, design and development. Contact: K. K. C o n s t r u c t i o n . 7 0 0 8 2 6 8 1 2 9 , 9439143273. D-71811

to-let

F u r n i s h e d Airconditioned 1BHK/ 7000, Single Room/ 5000, Oldtown, B h u b a n e s w a r . 9437388990. D-70723

Shop : 45'x7.5' size Commercial space: 2nd and 3rd floor 1500sq.ft each with lift at Lane No-12, Bapujee Nagar, B h u b a n e s w a r . Contact: 9437081583 D-70934

4000sqft. ground floor space is available for Ware House Office purpose at Rudrapur opposite Assoteck Pride 400 meters from NH-5. Contact: 9437024630. D-21211

healthcare

Newly open SPA Offer @799/-, positively health benefits, Jaydev Vihar. 7846814019. D-59997

Take wellness relax massage ladies/ gents therapist 800/-, 7008773793, 8018656899. D-59999

New opening Saikrupa P a n c h a k a r m a and Spa jointpain, fullbody massage, 8984068077. D-65919

business

ଘରେବସି Matter Forwarding କାମ କରି 12000-35000 ରୋଜଗାର କରନ୍ତୁ। 9667693638, 9667693639. D-59998

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ ରଙ୍ଗୀନ ଟ୪୨୦/-ରେ (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

**୧୧ତମ ଜନ୍ମଦିନ ଶୁଭେଚ୍ଛା**






(ଲକି)

**ଲିପ୍‌ସା ଦାସ**

ଶ୍ରୀରାମ ନଗର, ଓଲ୍ଡ ଟାଉନ୍
ଆଜି ତୋର ଏଗାର ତମ ଜନ୍ମବାର୍ଷିକୀ ଅବସରରେ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇବା ସହ ତୋର ଭବିଷ୍ୟତ ଉଜ୍ଜ୍ୱଳ ପାଇଁ ଜଗତର ନାଥ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଅଛୁ।

ଶୁଭେଚ୍ଛା ସହ:- ଦାସ ପରିବାରବର୍ଗ
ଜୟ ମାତାଦୀ

ଧ-୭୦୯୩୬


## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ଶ୍ରୀଚନ୍ଦ୍ର ହେତୁ ଅର୍ଥଲାଭ, ସମ୍ମାନ ଓ ବନ୍ଧୁ ମେଳରେ ସମୟ ବିନିଯୋଗ କରିବେ। ମାନସିକ ସ୍ତରରେ ଅସ୍ଥିର ରହିବା ଭଳି ପରିସ୍ଥିତି ସୃଷ୍ଟିହେବ। ଭଲ ପଡୁ ନ ଥିବା ବ୍ୟକ୍ତିମାନେ ଖାଲରେ ପକାଇବାକୁ ଚେଷ୍ଟାକଲେ ମଧ୍ୟ ସଫଳ ହେବେ ନାହିଁ। ଦିନ ଭିତରେ ମଧ୍ୟସ୍ଥତା କରିବା ଏବଂ ଧନ ସ୍ଥାନରେ ରାହୁ ଥିବାରୁ ଟଙ୍କା ଦେବାନେବାରେ ସତର୍କତା ରହିବା ଭଲ।

**ବୃଷ**
ରାଶିରେ ରାହୁ ଏବଂ ଦ୍ୱାଦଶସ୍ଥ ଚନ୍ଦ୍ର ହେତୁ ଅନ୍ୟମାନଙ୍କ ଭୁଲ ଧାରଣା ଯୋଗୁ ଭଲ କାମ କରି ମଧ୍ୟ ନିନ୍ଦା ଶୁଣିବେ। ପରିବହନରେ ସମସ୍ୟା ଯୋଗୁ ବ୍ୟସ୍ତ ହେବେ। ସାଧାରଣ କଥାରେ ବନ୍ଧୁ କ୍ଷୁବ୍ଧ ହୋଇପାରନ୍ତି, ଯାହାକି ପାରିବାରିକ ସମ୍ପର୍କ ମଧ୍ୟ ନଷ୍ଟ ହୋଇପାରେ। ପରିସ୍ଥିତି ଏମିତି ହେବ ଘର କାମ ଛାଡ଼ି ବାହାର କାମରେ ବେଶି ସମୟ କଟାଇପାରନ୍ତି।

**ମିଥୁନ**
ଏକାଦଶରେ ବନ୍ଧୁକାରକ ବୁଧ ଅବସ୍ଥାନ କରିଥିବାରୁ ଘରେ ଆମୋଦ ପ୍ରମୋଦର ସୁଅ ଛୁଟିବ। ସହକର୍ମୀମାନେ ଆପଣଙ୍କ ପରାମର୍ଶ ଲୋଡ଼ିପାରନ୍ତି। ସାମାଜିକ ସ୍ତରରେ ତଥା କଚେରି ମାମଲା କ୍ଷେତ୍ରରେ ଆଶାଜନକ ଫଳ ପାଇବେ। ଯାତ୍ରା, ବାଣିଜ୍ୟ, ବ୍ୟବସାୟ, ପ୍ରଶାସନିକ ସ୍ତରରେ ରହିଥିବା ସମସ୍ୟାର ସମାଧାନ ହେବ।

**କର୍କଟ**
ରାଶ୍ୟାଧିପ କେନ୍ଦ୍ରସ୍ଥ ଯୋଗୁ ସ୍ୱାସ୍ଥ୍ୟାବସ୍ଥାରେ ପରିବର୍ତ୍ତନ ଘଟିବ ଏବଂ ଉପରିସ୍ଥଙ୍କ ଅନୁକମ୍ପା ପ୍ରାପ୍ତ ହେବେ। ପାରିବାରିକ ଦୃଷ୍ଟିକୋଣରୁ ଦିନଟି ମନ୍ଦ ନ ହେଲେ ମଧ୍ୟ କେହି ନିଜ ଲୋକ ଜଣେ ହଇରାଣରେ ପକାଇବାକୁ ଚେଷ୍ଟା କରିପାରନ୍ତି। କାମ ହାସଲ କରିବାରେ କେତେକ ପ୍ରତିବନ୍ଧକ ଦେଖାଦେଇପାରେ।

**ସିଂହ**
ବୁଧାଦିତ୍ୟ ଯୋଗ ପ୍ରଭାବରୁ ସାମାଜିକ ସ୍ତରରେ ଆଦରଣୀୟ ହେବେ। ନକାରାତ୍ମକ ଚିନ୍ତାଧାରା ମନକୁ ବେଶି ବିବ୍ରତ କରିପାରିବ ନାହିଁ। କିନ୍ତୁ ମଘା ନକ୍ଷତ୍ର ଜାତ ବ୍ୟକ୍ତି ଅନ୍ୟ ଦ୍ୱାରା ପ୍ରଭାବିତ ହୋଇ ପରକଥାରେ ପଡ଼ି ନିଜ ଲୋକଙ୍କୁ ଭୁଲ୍ ବୁଝିବେ। ପାରିବାରିକ କ୍ଷେତ୍ରରେ ରହିଥିବା ଅଶାନ୍ତ ମନ ଦିନ ଗୋଟାଏ ପରେ ଶାନ୍ତ ହେବ।

**କନ୍ୟା**
ବୁଧ ଷଷ୍ଠାଧିପ ଶନିଙ୍କ ନକ୍ଷତ୍ରରେ ରହିଥିବାରୁ କର୍ମକ୍ଷେତ୍ରରେ ଫାଇଲ୍ କାମ ବୃଦ୍ଧି ପାଇବା କାରଣରୁ ଘରକଥା ବୁଝିବା ପାଇଁ ସମୟ ପାଇବେ ନାହିଁ। ମଙ୍ଗଳ ଦ୍ୱାଦଶସ୍ଥ ଯୋଗୁ ବନ୍ଧୁମାନଙ୍କ ଶୁଖିଲା ଉପଦେଶ ଶୁଣି ମନରେ ବିରକ୍ତି ଆସିବ। ଭଲ ସମ୍ପର୍କ ନ ଥିବା ପଡୋଶୀ ଆଗରେ ନ ହେଲେ ମଧ୍ୟ ପଛରେ ନାନାଦି କଥା କହିପାରନ୍ତି।

**ତୁଳା**
କର୍ମକ୍ଷେତ୍ରରେ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି। ବୁଧ ଚତୁର୍ଥାଧିପ ଶନି ଦୃଷ୍ଟିରେ ରହିଥିବାରୁ ଆଜି ମାତ୍ରାଧିକ ଭ୍ରମଣ ଯୋଗୁ କ୍ଳାନ୍ତି ଅନୁଭବ କରିବେ। ପଡ଼ୋଶୀଙ୍କ ସହାୟତାରେ ଅପରାହ୍ଣରେ ପାରିବାରିକ ସମସ୍ୟାର ସମାଧାନ ହୋଇଯିବ।

**ବିଛା**
ଗ୍ରହସ୍ଥିତିର ପ୍ରତିକୂଳତା କାରଣରୁ କର୍ମ କ୍ଷେତ୍ରରେ, ପରିବାରରେ, ମିତ୍ର ବନ୍ଧନରେ, ଲେଖାପଢ଼ାରେ ଆଳସ୍ୟ ଓ ଅବହେଳା ପ୍ରଦର୍ଶନ କରି ସମାଲୋଚିତ ହେବେ। ସାମାଜିକ ସ୍ତରରେ, ଆନୁଷ୍ଠାନିକ କାମରେ କିମ୍ବା ରାଜନୈତିକ କ୍ଷେତ୍ରରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ। ବେକାର କଥାରେ ମନଦେଇ ଟେନ୍‌ସନ୍‌କୁ ନିମନ୍ତ୍ରଣ କରିପାରନ୍ତି।

**ଧନୁ**
ବାଣୀକାରକ ବୁଧ ଦ୍ୱିତୀୟାଧିପଙ୍କ ଦୃଷ୍ଟିରେ ରହିଥିବାରୁ କେତେକ କ୍ଷେତ୍ରରେ ନୀରବ ରହିବାକୁ ବାଧ୍ୟ ହେବେ। ବନ୍ଧୁଙ୍କ ସାହାଯ୍ୟରେ ଭାଙ୍ଗି ପଡ଼ିଥିବା ସମ୍ପର୍କ ପୁଣି ଯୋଡ଼ି ହୋଇଯିବ। କଳା, ସାହିତ୍ୟ, ବ୍ୟବସାୟିକ କ୍ଷେତ୍ରରେ ପ୍ରତିଯୋଗିତା ମନୋଭାବ ଉପୁଜିବ। ସମ୍ପର୍କୀୟଙ୍କ ସହ ଶେଷ ସମୟରେ ଅର୍ଥ ସମ୍ପର୍କିତ ଟଣାଓଟରା ଲାଗିପାରେ।

**ମକର**
ଚତୁର୍ଥସ୍ଥ ଚନ୍ଦ୍ର ଓ କୋଣଭାବସ୍ଥ ରାହୁଙ୍କ ପ୍ରଭାବରେ ଦିନଟିରେ ମନ ଭଲ ଲାଗିବ ନାହିଁ। ସାମାଜିକ ସ୍ତରରେ ହେଉ କିମ୍ବା କର୍ମକ୍ଷେତ୍ରରେ ସ୍ୱାର୍ଥ ସାଧନ ଲାଗି ବନ୍ଧୁ ଅସୁବିଧାରେ ପକାଇପାରନ୍ତି। ଯୋଗାଯୋଗ, ଗଣମାଧ୍ୟମ, ଏଜେନ୍‌ଶିପ୍, ପ୍ରକାଶନ ତଥା ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବ।

**କୁମ୍ଭ**
କର୍ମସ୍ଥାନରେ କବନ୍ଧଗ୍ରହ ଗତକାଲିର ଆଲୋଚନା ଅନୁଯାୟୀ ଆଜିର କାମଗୁଡ଼ିକ ଠିକ୍‌ଠାକ୍ ହୋଇଯିବ। ବନ୍ଧୁଙ୍କ ନିମନ୍ତ୍ରଣ କ୍ରମେ ସତ୍‌ସଙ୍ଗ ଓ ଭ୍ରମଣ ସୁଯୋଗ ପାଇବେ। ବିଶେଷ ଭ୍ରମଣ, କଠିନ ଶ୍ରମଜନିତ ଶାରୀରିକ ଅସ୍ୱସ୍ତି ଅନୁଭବ କରିବେ। ପାରିବାରିକ ଜୀବନରେ ଉଚିତ ବୁଝାମଣା ହେବା ସହ ନିଜ ଲୋକଙ୍କଠାରୁ ସ୍ନେହ, ଶ୍ରଦ୍ଧାଭାଜନ ହେବେ।

**ମୀନ**
ପାରିବାରିକ ପ୍ରତିରୋଧ କାମକୁ ବିଶୃଙ୍ଖଳିତ କରିବା ସହ ଆଜିର କର୍ମ କ୍ଷେତ୍ରରେ ଏକ ମାମୁଲି ଘଟଣାରେ ଉଚ୍ଚବାଚ ଘଟିପାରେ। ରବି ଓ ବୁଧ କୋଣଭାବସ୍ଥ ଯୋଗୁ କର୍ମକ୍ଷେତ୍ରରେ, ଶିକ୍ଷା, ପରୀକ୍ଷା, ନୂତନବନ୍ଧୁ ସମ୍ପର୍କରେ ସନ୍ତୋଷଜନକ ଫଳ ପାଇବେ। ବନ୍ଧୁଙ୍କ ସହ ଆଲୋଚନା ଅନୁଯାୟୀ ଆଜିର କାମଗୁଡିକ ସବୁ ଠିକ୍‌ଠାକ୍ ହୋଇଯିବ।

# 'ସନ୍ତୁଳିତ ପରିବେଶ, ଖାଦ୍ୟପେୟ ସୁସ୍ଥ ଜୀବନ ଦିଏ'

**ୟୁରୋଲୋଜି ବିଶେଷଜ୍ଞ ଡା. ବିଶ୍ୱଜିତ ନନ୍ଦ। କିଡ୍‌ନୀ ରୋଗ ଚିକିତ୍ସା କ୍ଷେତ୍ରରେ ଓଡ଼ିଶାର ଜଣେ ଲୋକପ୍ରିୟ ଡାକ୍ତର। ଢେଙ୍କାନାଳରେ ଜନ୍ମଗ୍ରହଣ କରିଥିବା ନନ୍ଦ ବ୍ରହ୍ମପୁର ଏମ୍‌କେସିଜିରୁ ଏମ୍‌ବିବିଏସ୍ ପରେ ଦିଲ୍ଲୀର ବର୍ଦ୍ଧମାନ ମହାବୀର ମେଡିକାଲ କଲେଜ(ଭିଏମ୍‌ଏମସି)ରୁ ପିଜି କରିଥିଲେ। ଦିଲ୍ଲୀରେ ଚାକିରି ଜୀବନ ଆରମ୍ଭ କରିଥିବା ନନ୍ଦ ଓଡ଼ିଶାକୁ ୨୦୧୫ ଫେବୃୟାରୀରେ ଫେରିଥିଲେ। କିଡ୍‌ନୀ ଆମ ଶରୀରରେ ରକ୍ତକୁ ପରିଷ୍କାର କରି ଦୂଷିତ ପଦାର୍ଥ ବାହାରକୁ ବାହାର କରିଥାଏ। ଏକ ସର୍ବେକ୍ଷଣରୁ ଜଣାଯାଇଛି,ଆମ ଦେଶରେ ପ୍ରତିବର୍ଷ ୧୭.୨୩ ନିୟୁତ ଲୋକ କିଡ୍‌ନୀ ରୋଗରେ ଆକ୍ରାନ୍ତ ହୋଇ ମୃତ୍ୟୁମୁଖରେ ପଡ଼ିଥାନ୍ତି। ବିଶେଷକରି ଅସନ୍ତୁଳିତ ପରିବେଶ ଏବଂ ଖାଦ୍ୟପେୟ ଯୋଗୁ ଏହି ରୋଗର ଆଶଙ୍କା ଅଧିକ ରହିଥାଏ। ତେବେ କିଡ୍‌ନୀ ରୋଗର ଲକ୍ଷଣ କଣ, କେଉଁ ଦିଗ ପ୍ରତି ଧାନ ଦେବାକୁ ପଡ଼ିବ ସେ ସମ୍ପର୍କରେ ଯୁବ ଡାକ୍ତର ନନ୍ଦଙ୍କ ସହିତ ଧରିତ୍ରୀର ସ୍ୱତନ୍ତ୍ର ଆଲାପ।**


ଡା. ବିଶ୍ୱଜିତ ନନ୍ଦ

**ଧରିତ୍ରୀ ଆଲାପ**

**କିଡ୍‌ନୀ ରୋଗ ହେବାର କାରଣ କ'ଣ?**
କିଡ୍‌ନୀ ରୋଗ ହେବାର ବିଭିନ୍ନ କାରଣ ରହିଛି। ସେଥିମଧ୍ୟରୁ ଡାଇବେଟିସ୍ ହେଲା ପ୍ରଥମ। ଯାହା ୨୦୨୦ରେ ଭାରତ ବିଶ୍ୱରେ ଡାଇବେଟିସ୍ କ୍ୟାପିଟାଲ ଥିଲା। ସବୁଠାରୁ ଅଧିକ ସଂଖ୍ୟକ ଡାଇବେଟିସ୍ ରୋଗୀ ଭାରତରେ ଅଛନ୍ତି। ସେହିପରି ବ୍ଲଡ୍ ପ୍ରେସର, କିଛି ଜେନେଟିକ୍ ଡିଜିଜ୍, ଅତ୍ୟଧିକ ଔଷଧ ସେବନ କରିବା, ମୂତ୍ର ସଂକ୍ରମଣ, ବାରମ୍ବାର କିଡ୍‌ନୀରେ ସଂକ୍ରମଣ ହେବା ମଧ୍ୟ କିଡ୍‌ନୀ ରୋଗର କାରଣ।

**କିଡ୍‌ନୀ ଟ୍ରାନ୍ସପ୍ଲାଣ୍ଟ ବା ପ୍ରତିରୋପଣ କେତେବେଳେ ଆବଶ୍ୟକ ପଡ଼ିଥାଏ?**
କିଡ୍‌ନୀ ରୋଗକୁ ତିନି ଭାଗରେ ବିଭକ୍ତ କରାଯାଇଛି। ଜଣେ କିଡ୍‌ନୀ ରୋଗୀ, ଯାହାଙ୍କର କ୍ରିଏଟିନିନ୍ ୧.୮ ବା ୧.୯ ଏମିତି ରହୁଛି, କିନ୍ତୁ ସିଏ ଔଷଧ ଖାଇ ଷ୍ଟେବୁଲ ହେଉଛନ୍ତି, ତାହାକୁ କ୍ରୋନିକ କିଡ୍‌ନୀ ଡିଜିଜ୍ ବୋଲି କହିବା। ଏମାନଙ୍କୁ ଟ୍ରାନ୍ସପ୍ଲାଣ୍ଟ ଆବଶ୍ୟକ ପଡ଼େ ନାହିଁ। କିନ୍ତୁ ଯଦି ରୋଗୀର କ୍ରିଏଟିନିନ୍ ବଢ଼ି ବଢ଼ି ଯିବ ଓ ଲକ୍ଷଣ ବି ବଢ଼ିବଢ଼ି ଯିବ, ସେତେବେଳେ ରୋଗୀକୁ ଡାଏଲିସିସ୍ ଆବଶ୍ୟକ ପଡ଼ିଥାଏ। କିଛି ରୋଗୀ ଡାଏଲିସିସ୍‌କୁ ଭଲ ଭାବେ ମେଣ୍ଟେନ କରୁଛନ୍ତି। ସପ୍ତାହରେ ଥରେ କି ଦୁଇଥର ଡାଏଲିସିସ୍ କରନ୍ତି, ସେମାନେ ଡାଏଲିସିସ୍ ଟଲରେଣ୍ଟ ଲୋକ। ସେମାନଙ୍କୁ ଡାଏଲିସିସ୍ ପାଇଁ କହିଥାଉ, ଟ୍ରାନ୍ସପ୍ଲାଣ୍ଟ ପାଇଁ କହି ନ ଥାଉ। ୬୦ ବର୍ଷରୁ ଉର୍ଦ୍ଧ୍ୱ ଲୋକଙ୍କ ବି ଟ୍ରାନ୍ସପ୍ଲାଣ୍ଟ କରି ନ ଥାଉ। ଯେଉଁମାନେ ଡାଏଲିସିସ୍ କଲେ ଟଲରେଣ୍ଟ କରି ପାରୁ ନାହାନ୍ତି କିମ୍ବା କାହାର ଡାଏଲିସିସ୍ କଲେ ସଂକ୍ରମଣ ବଢ଼ିଯାଉଛି, ବ୍ଲଡ୍‌ପ୍ରେସର କମିଯାଉଛି, ସେମାନଙ୍କୁ ଟ୍ରାନ୍ସପ୍ଲାଣ୍ଟ ପାଇଁ କହିଥାଉ। ଦୁଇଟି କିଡ୍‌ନୀ ସମ୍ପୂର୍ଣ୍ଣ ଖରାପ ହୋଇଥିଲେ କିଡ୍‌ନୀ ଟ୍ରାନ୍ସପ୍ଲାଣ୍ଟ ଏକ ଶ୍ରେଷ୍ଠ ଚିକିତ୍ସା।

**କିଡ୍‌ନୀ ଟ୍ରାନ୍ସପ୍ଲାଣ୍ଟ ପରେ ଲାଇଫ୍ ସ୍ପାନ କେତେ ଥାଏ?**
୧୦ରୁ ୧୫ ବର୍ଷ ରହିଥାଏ। କିନ୍ତୁ କିଛି ଲୋକଙ୍କର କମ୍ପ୍ଲିକେସନ ଥାଏ। ଦୁଇ ତିନି ବର୍ଷ ଯାଏ। କିଛି କିଛି ଲୋକଙ୍କର ୨୦-୩୦ ବର୍ଷ ମଧ୍ୟ ଯାଇଥାଏ। ମୁଁ ଜଣେ ରୋଗୀଙ୍କ ପ୍ରଥମ ଟ୍ରାନ୍ସପ୍ଲାଣ୍ଟର ୨୯ ବର୍ଷ ପରେ ଦ୍ୱିତୀୟ ଟ୍ରାନ୍ସପ୍ଲାଣ୍ଟ କରିଥିଲି।

**କିଡ୍‌ନୀ ଷ୍ଟୋନ୍ ହେବାର କାରଣ କ'ଣ ଓ ପ୍ରତିଷେଧକ ପାଇଁ କ'ଣ କରିବାକୁ ପଡ଼ିବ?**
ବିଭିନ୍ନ କାରଣରୁ କିଡ୍‌ନୀ ଷ୍ଟୋନ୍ ହୋଇଥାଏ। ପ୍ରଥମ କାରଣ ହେଲା ପାଣି। ଦିନକୁ ୪ରୁ ୫ଲିଟର ପାଣି ପିଇବାକୁ ପଡ଼ିବ। ଆଉ ଏକ କାରଣ ହେଲା ପରିବେଶ। ଗ୍ରୀଷ୍ମ ଋତୁ, ଡ୍ରାଏ କ୍ଲାଇମେଟ୍ ଯେପରିକି ପଶ୍ଚିମ ଭାରତ ହେଉ କି ପଶ୍ଚିମ ଓଡ଼ିଶା ହେଉ, ଏ ସବୁ ଜାଗାରେ ଲୋକଙ୍କର କିଡ୍‌ନୀ ଷ୍ଟୋନ୍ ଅଧିକ ହୋଇଥାଏ। ସେହିପରି ମଧୁମେହ ରୋଗୀଙ୍କୁ କିଡ୍‌ନୀ ଷ୍ଟୋନ୍ ହେବାର ଅଧିକ ସମ୍ଭାବନା ରହିଛି। ତେବେ ଖାଦ୍ୟପେୟର ମଧ୍ୟ ଭୂମିକା ରହିଛି। ଅଧିକ ପରିମାଣର ଆମିଷ, କ୍ଷୀର, ଲୁଣ, କାଜୁ, ବାଇଗଣ, ଟମାଟୋ, ଶଜନା ଶାଗ, ପାଳଙ୍ଗ ଶାଗ ଖାଇଲେ କିଡ୍‌ନୀ ଷ୍ଟୋନ୍ ହେବାର ସମ୍ଭାବନା ରହିଥିବାରୁ କମଳା, ସପୁରି, ଲେମ୍ବୁ ତଥା ସାଇଟ୍ରସ୍ ଜାତୀୟ ଖାଦ୍ୟ ଅଧିକ ଖାଇବା ଉଚିତ। ବିଶେଷକରି ସନ୍ତୁଳିତ ପରିବେଶ ଏବଂ ଖାଦ୍ୟପେୟ କିଡ୍‌ନୀ ରୋଗର ଆଶଙ୍କାକୁ କମ୍ କରାଇଥାଏ।

**କିଡ୍‌ନୀ ଷ୍ଟୋନ୍ ଲକ୍ଷଣ କ'ଣ?**
ଷ୍ଟୋନ୍ କେଉଁଠି ଅଛି ତା' ଉପରେ ଲକ୍ଷଣ ନିର୍ଭର କରେ। ଯଦି କିଡ୍‌ନୀରେ ରହିବ, ତେବେ ଅଳ୍ପ ଯନ୍ତ୍ରଣା ହେବ, ବାରମ୍ବାର ୟୁରିନ୍ ଇନ୍‌ଫେକ୍ସନ ହେବା, ୟୁରିନ୍‌ରେ ରକ୍ତ ପଡ଼ିବା ଭଳି ଲକ୍ଷଣ ଦେଖାଯାଏ। ଯଦି ୟୁରେଟରରେ ରହିବ, ତେବେ ୟୁରିନ୍ ଫ୍ଲୋକୁ ବନ୍ଦ କରିଦିଏ। ଫଳରେ ରୋଗୀର ତଳିପେଟ ବହୁତ ଯନ୍ତ୍ରଣା ହେବା ସହିତ ବାନ୍ତି ମଧ୍ୟ ହୋଇଥାଏ, ଯାହାକୁ ସହି ହୁଏ ନାହିଁ। ସେହିପରି ଯଦି ବ୍ଲାଡରରେ ଷ୍ଟୋନ ରହିବ ତେବେ ବାରମ୍ବାର ପରିସ୍ରା ଲାଗିବା, ପରିସ୍ରା ଶେଷରେ ଯନ୍ତ୍ରଣା ହେବା, ପରିସ୍ରାରେ ରକ୍ତ ପଡ଼ିବା, ପରିସ୍ରା ରୋକିକି ହେବା ଭଳି ଲକ୍ଷଣ ଦେଖାଯାଇଥାଏ। କେତେକ ଲୋକଙ୍କ କ୍ଷେତ୍ରରେ କିଡ୍‌ନୀରେ ଷ୍ଟୋନ ହେଲେ ମଧ୍ୟ କୌଣସି ଲକ୍ଷଣ ଦେଖାଯାଏ ନାହିଁ। ସେମାନେ ଅଲଟ୍ରାସାଉଣ୍ଡ ବା ଏକ୍ସ-ରେ କଲେ ଜଣାପଡ଼ନ୍ତି।

**କରୋନାରେ ମୃତ୍ୟୁ ଘଟୁଥିବା ଆକ୍ରାନ୍ତଙ୍କ ମଧ୍ୟରେ ଅନେକ କିଡ୍‌ନୀ ରୋଗରେ ପୀଡ଼ିତ ଥିବା ଦେଖାଯାଇଛି। ଆପଣ ସେ ସମୟରେ କିପରି ତାକୁ ହ୍ୟାଣ୍ଡେଲ କରିଥିଲେ? କେତେ ଚ୍ୟାଲେଞ୍ଜ ଥିଲା?**
ବହୁତ କଷ୍ଟ ଥିଲା। ଏପରି କି କିଛି ରୋଗୀଙ୍କ କିଡ୍‌ନୀ ଟ୍ରାନ୍ସପ୍ଲାଣ୍ଟ ପାଇଁ ପ୍ରସ୍ତୁତି ଶେଷ ହୋଇଥିଲା। କିନ୍ତୁ ସେମାନେ କୋଭିଡ୍‌ରେ ସଂକ୍ରମିତ ହୋଇ ମୃତ୍ୟୁବରଣ କରିଛନ୍ତି। କିଡ୍‌ନୀ ରୋଗରେ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି କମିଯାଇଥାଏ। ତେଣୁ କୋଭିଡ୍ ହେବାର ସମ୍ଭାବନା ଅଧିକ। କିଡ୍‌ନୀ ରୋଗୀଙ୍କ ଶରୀରରେ ପାଣି ଜମିଥାଏ, ଫୁସ୍‌ଫୁସ୍‌ରେ ପାଣି ଜମିଥାଏ। ସେଥିପାଇଁ ସେମାନଙ୍କୁ ଅସୁବିଧାରେ ପକାଏ। ଆଉ ଏକ କାରଣ ହେଲା ଡାଏଲିସିସ୍।

**ସମୟ ମିଳିଲେ କ'ଣ କରନ୍ତି? କେଉଁ ବହି ପଢ଼ିବାକୁ ଭଲ ଲାଗେ?**
ବିଭିନ୍ନ ପ୍ରକାର କାମ କରିଥାଏ। ପରିବାର ସହ ସମୟ ବିତାଇବା ସହ ଖେଳିଥାଏ। ମୋତେ ନଭେଲ ପଢ଼ିବାକୁ ଭଲ ଲାଗେ। ଓଡ଼ିଆରେ ମନୋଜ ଦାସ ଏବଂ ଇଂଲିଶରେ ଆଏନ୍ ର୍ୟାଣ୍ଡ (Ayn Rand)ଙ୍କ ବହି ମୋର ପସନ୍ଦ।

**- ସାକ୍ଷାତ୍‌କାର: ଅସମାପିକା ସାହୁ**

# କୋଟିପତି ପିଏସ୍ ଗିରଫ


ବିରଞ୍ଚି ନାରାୟଣ ସାହୁ

- **ଜାମିନ ନାମଞ୍ଜୁର ପରେ ଜେଲ ଗଲେ ବିରଞ୍ଚି**
- **ମୋଟ ୩,୫୧,୫୧,୯୨୧ ଟଙ୍କାର ଆୟ ବହିର୍ଭୂତ ସମ୍ପତ୍ତି**
- **ତଦନ୍ତ ଜାରି, ଚାକିରି ର୍ୟାକେଟର ଖୋଳତାଡ଼ କରୁଛି ଭିଜିଲାନ୍ସ**

**ଭୁବନେଶ୍ୱର,୩୧।୭(ବ୍ୟୁରୋ)**

ଓଡ଼ିଶା ଷ୍ଟାଫ୍ ସିଲେକ୍ସନ କମିଶନ (ଓଏସ୍‌ଏସ୍‌ସି)ସଦସ୍ୟଙ୍କ କୋଟିପତି ପ୍ରାଇଭେଟ୍ ସେକ୍ରେଟାରି (ପିଏସ୍) ବିରଞ୍ଚି ନାରାୟଣ ସାହୁଙ୍କୁ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସ ଶନିବାର ଗିରଫ କରିଛି। ପଚରାଉଚରା ପରେ ତାଙ୍କୁ ଭିଜିଲାନ୍ସ ସ୍ପେଶାଲ ଜଜ୍ କୋର୍ଟରେ ହାଜର କରାଯାଇଥିଲା। ଜାମିନ ଆବେଦନ ଖାରଜ ହୋଇଯିବାରୁ ବିରଞ୍ଚିଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଶନିବାର ସୁଦ୍ଧା ତାଙ୍କଠାରୁ ମୋଟ ୩ କୋଟି ୫୧ ଲକ୍ଷ ୫୧ ହଜାର ୯୨୧ଟଙ୍କାର ଆୟବହିର୍ଭୂତ ସମ୍ପତ୍ତି ଜବତ କରାଯାଇଛି, ଯାହାକି ତାଙ୍କ ଆୟର ୨୬୮% ଅଧିକ। ଏନେଇ ଅଧିକ ତଦନ୍ତ ଜାରି ରହିଥିବା ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି।

ଶୁକ୍ରବାର ବିରଞ୍ଚିଙ୍କ ଭୁବନେଶ୍ୱରର ନୀଳାଦ୍ରିବିହାରସ୍ଥିତ ବାସଭବନ, କଟକରେ ଥିବା ଶ୍ୱଶୁରଘର ସମେତ ଦ୍ୱୈତନଗରୀର ୬ ସ୍ଥାନରେ ଭିଜିଲାନ୍ସର ୩ଟି ଟିମ୍ ଚଢ଼ାଉ କରିଥିଲା। ଯାଞ୍ଚବେଳେ ନୀଳାଦ୍ରିବିହାରସ୍ଥିତ ୨ମହଲା ଘରୁ ଦେଢ଼ କେ.ଜି.ର ସୁନା ଅଳଙ୍କାର, ନଗଦ ୧୨ ଲକ୍ଷ ଟଙ୍କା, ୫୬ ଲକ୍ଷ ଟଙ୍କାର ବୀମା, ବ୍ୟାଙ୍କ୍ ଜମା, କାର୍, ବାଇକ୍ ଓ ଅନ୍ୟାନ୍ୟ ସାମଗ୍ରୀ ମିଳିଥିଲା। ଏହାସହିତ ବିଭିନ୍ନ ସ୍ଥାନରେ ୧୪ଟି ଫ୍ଲାଟ୍, ୨ଟି ଦୁଇ ମହଲା କୋଠା ସମେତ ମୋଟ ୪ଟି ଘରକୁ ଭିଜିଲାନ୍ସ ଟିମ୍ ଠାବ କରିଥିଲା। ସେହିଭଳି ତାଙ୍କ ସମ୍ପର୍କୀୟଙ୍କ ଘରୁ ମଧ୍ୟ ୧୩ଲକ୍ଷ ଟଙ୍କା ଜବତ ହୋଇଥିଲା। ଏହାବାଦ୍ ବାସଗୃହରୁ ବିପୁଳ ପରିମାଣର ବିଦେଶୀ ଟଙ୍କା, ନିଯୁକ୍ତି ସମ୍ପର୍କିତ ବହୁ ଆବେଦନ ପତ୍ର ଓ ଆଡମିଟ୍ କାର୍ଡ ଆଦି ମିଳିଥିଲା। ବିରଞ୍ଚି ବିଦେଶ ଗସ୍ତ କରିଥିବାର ଟିକେଟ ଓ କାଗଜପତ୍ର ମଧ୍ୟ ଭିଜିଲାନ୍ସ ହାତରେ ଲାଗିଥିଲା। ଏହି ଚଢ଼ାଉରେ ଭିଜିଲାନ୍ସ ଏସ୍‌ପିଙ୍କ ସହ ୪ଜଣ ଡିଏସ୍‌ପି, ୧୩ଜଣ ଇନ୍ସପେକ୍ଟର ଓ ବହୁ କର୍ମଚାରୀ ସାମିଲ ଥିଲେ। ତେବେ ଜଣେ ତୃତୀୟ ଶ୍ରେଣୀ ସରକାରୀ କର୍ମଚାରୀଙ୍କ ପାଖରୁ ଏତେ ଟଙ୍କା ଓ ସମ୍ପତ୍ତି କେମିତି ଆସିଲା, ତାଙ୍କ ଜରିଆରେ ଷ୍ଟାଫ୍ ସିଲେକ୍ସନ୍ ନିଯୁକ୍ତିରେ ଅର୍ଥ କାରବାର ହେଉଥିଲା କି, ଜବତ ଟଙ୍କା ଚାକିରି ପାଇଁ ପ୍ରାର୍ଥୀଙ୍କଠାରୁ ଆଦାୟ କରାଯାଉଥିଲା କି, ଏହି ର୍ୟାକେଟ୍‌ରେ ବଡ଼ ଅଫିସରଙ୍କ ଲିଙ୍କ୍ ରହିଛି କି ନାହିଁ, ଏଭଳି ଅନେକ ପ୍ରଶ୍ନର ଖୋଳତାଡ଼ କରୁଛି ଭିଜିଲାନ୍ସ।

# ଦୈନିକ ସାଢ଼େ ୩ ଲକ୍ଷ ଟିକାକରଣ ନିର୍ଦ୍ଦେଶ

## ଭୁବନେଶ୍ୱର ସର୍ବାଧିକ ୩୦ହଜାର

**ଭୁବନେଶ୍ୱର, ୩୧।୭(ବ୍ୟୁରୋ)**

ରାଜ୍ୟରେ ଜାନୁୟାରୀ ୧୬ରୁ କରୋନା ଟିକାକରଣ ଆରମ୍ଭ ହୋଇଥିଲା। ଏ ପର୍ଯ୍ୟନ୍ତ ୧.୬୨ କୋଟି ଡୋଜ୍ ଟିକାକରଣ ହୋଇଛି। ବର୍ତ୍ତମାନ ଦିନକୁ ପ୍ରାୟ ୧.୯୪ ଲକ୍ଷ ଡୋଜ୍ ଟିକା ଦିଆଯାଉଛି। ଏହାକୁ ବୃଦ୍ଧି କରି ଦୈନିକ ସାଢ଼େ ୩ଲକ୍ଷ ଟିକାକରଣ ପାଇଁ ସ୍ୱାସ୍ଥ୍ୟ ବିଭାଗ ନିର୍ଦ୍ଦେଶ ଦେଇଛି। ଏ ନେଇ ଶନିବାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର ସମସ୍ତ ଜିଲାପାଳ, ମହାନଗର ନିଗମ କମିଶନର, ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଚିଠି ଲେଖି ଜଣାଇଛନ୍ତି।

ଜୁଲାଇରେ କେନ୍ଦ୍ର ସରକାର ଓଡ଼ିଶାକୁ ଟିକା ଯୋଗାଣ ବୃଦ୍ଧି କରିଥିଲେ। ଅଗଷ୍ଟରେ ମଧ୍ୟ ଅଧିକ ଆସିବ ବୋଲି ଆଶା କରାଯାଉଛି। କିନ୍ତୁ କେନ୍ଦ୍ର ସରକାର ଟିକା ବ୍ୟବହାର ଓ ଅପଚୟ ହାରକୁ ଆଧାର କରି ରାଜ୍ୟକୁ ଟିକା ଯୋଗାଇବେ। ତେଣୁ ରାଜ୍ୟରେ ଟିକାକରଣ ବୃଦ୍ଧି କରିବାକୁ ପଡ଼ିବ। ଦୈନିକ ସାଢ଼େ ୩ଲକ୍ଷ ଟିକାଦାନ କରିବା ପାଇଁ ମହାପାତ୍ର ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି। ଏଥିସହିତ କେଉଁ ଜିଲାରେ ଦିନକୁ କେତେ ଟିକା ଦିଆଯିବ ସେ ନେଇ ମଧ୍ୟ ଟାର୍ଗେଟ ଦିଆଯାଇଛି। ଭୁବନେଶ୍ୱରରେ ଦୈନିକ ସର୍ବାଧିକ ୩୦ହଜାର ଟିକାକରଣ ପାଇଁ ଟାର୍ଗେଟ ଥିବାବେଳେ ଏହା ତଳକୁ ଗଞ୍ଜାମ ଜିଲାରେ ୨୮,୫୦୦ ରହିଛି। ଦେବଗଡ଼ରେ ସର୍ବନିମ୍ନ ୨,୫୦୦ ଟିକାଦାନ ପାଇଁ ଟାର୍ଗେଟ ଦିଆଯାଇଛି। ସେପଟେ ଦ୍ୱିତୀୟ ଡୋଜ୍ ଟିକାକରଣକୁ ଗୁରୁତ୍ୱ ଦେବା ପାଇଁ ମଧ୍ୟ ପ୍ରଦୀପ୍ତ ମହାପାତ୍ର ନିର୍ଦ୍ଦେଶ ଦେଇଛନ୍ତି।

# ସ୍ୱାମୀ ନିଖୋଜ, ହତ୍ୟା ଅଭିଯୋଗ ଆଣିଲେ ସ୍ତ୍ରୀ

**ଖମାର, ୩୧।୭(ଡି.ଏନ୍.ଏ.)**

ଅନୁଗୋଳ ଜିଲା ଖମାର ଥାନା ଅଧୀନ କୁଞ୍ଜାମ ପଞ୍ଚାୟତ ଜିତ୍‌ମୁଣ୍ଡା କୋହ୍ଲସାହିର ମୋଟେଇ ଗାଗରାଇ (୪୮) ଶୁକ୍ରବାର ରାତିରୁ ନିଖୋଜ ଅଛନ୍ତି। ଗ୍ରାମର କେତେଜଣ ବ୍ୟକ୍ତି ପୂର୍ବଆକ୍ରୋଶକୁ କେନ୍ଦ୍ରକରି ତାଙ୍କୁ ହତ୍ୟା କରି ସମକୋଇ ନଦୀରେ ଫିଙ୍ଗି ଦେଇଥିବା ମୋଟେଇଙ୍କ ସ୍ତ୍ରୀ ଶ୍ରୀମତୀ ଶନିବାର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ୪ ଜଣଙ୍କୁ ଅଟକ ରଖି ତଦନ୍ତ ଚଳାଇଛି। ମୋଟେଇ ତାଙ୍କ ବାପାଙ୍କ ଶ୍ରାଦ୍ଧବାର୍ଷିକୀରେ କୁକୁଡ଼ା ମାଂସ ଭୋଜି କରିଥିଲେ। ତେବେ ଛେଳିମାଂସ ଭୋଜି ଦାବି କରିଥିବା ସାହିବାସୀ ମୋଟେଇଙ୍କ ପରିବାରକୁ ସାମାଜିକ ବାସନ୍ଦ କରିଥିଲେ। ଏହାକୁ ନେଇ ବିବାଦ ଲାଗି ରହିଥିଲା। ଶୁକ୍ରବାର ରାତିରେ କେତେଜଣ ବ୍ୟକ୍ତି ମୋଟେଇଙ୍କୁ ଘରୁ ଟାଣି ନେଇ ନିସ୍ଥୁକ ପିଟିବା ସହିତ ହତ୍ୟା କରି ନଦୀରେ ଫିଙ୍ଗି ଦେଇଥିବା ଶ୍ରୀମତୀ ଅଭିଯୋଗରେ ଦର୍ଶାଇଛନ୍ତି। ପାଲଲହଡ଼ା ଏସ୍‌ଡିପିଓ ସୁମନ ରଞ୍ଜିତା ସିଂ କହିଛନ୍ତି, ତଦନ୍ତ ଚାଲିଛି। ଖୁବଶୀଘ୍ର ଅଭିଯୁକ୍ତଙ୍କୁ ଗିରଫ କରାଯିବ। ମୋଟେଇଙ୍କ ୬ ଝିଅ ଏବଂ ୨ ପୁଅ ଅଛନ୍ତି।

# ଭଦ୍ରକରେ ରେଳ ଡିଭିଜନ କାର୍ଯ୍ୟାଳୟ ପାଇଁ କେନ୍ଦ୍ରମନ୍ତ୍ରୀଙ୍କୁ ଭେଟିଲେ ଏମ୍‌ପି


ଏମ୍‌ପି ମଞ୍ଜୁଲତା ମଣ୍ଡଳ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ସହ ଆଲୋଚନା କରୁଛନ୍ତି।

**ଭଦ୍ରକ ଅଫିସ, ୩୧।୭**

ଦକ୍ଷିଣ ପୂର୍ବ ରେଳପଥର ଭଦ୍ରକଠାରେ ଡିଭିଜନ କାର୍ଯ୍ୟାଳୟ ସ୍ଥାପନ ପାଇଁ ଏମ୍‌ପି ମଞ୍ଜୁଲତା ମଣ୍ଡଳ ଶନିବାର ସଂସଦ ଭବନରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଭେଟି ଦାବି ଜଣାଇଛନ୍ତି। ଏହାସହ ଭଦ୍ରକ ସଂସଦୀୟ କ୍ଷେତ୍ର ଭଦ୍ରକ ଓ ବାଲେଶ୍ୱର ଜିଲାର ସବିରା, ବାହାନଗା, ସୋର, ମାର୍କୋଣା, ରାଣୀତାଲ, କେନ୍ଦୁଆପଦା, ମଞ୍ଜୁରୀରୋଡ୍ ଓ ଭଦ୍ରକ ରେଳ ଷ୍ଟେଶନରେ ଓଭରବ୍ରିଜ ନିର୍ମାଣ, ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ, ଧାମରାକୁ ଯାତ୍ରୀବାହୀ ଟ୍ରେନ୍ ଚଳାଚଳ ନେଇ ସେ କେନ୍ଦ୍ରମନ୍ତ୍ରୀଙ୍କ ସହ ଆଲୋଚନା କରିଥିଲେ। ଓଡ଼ିଶାରୁ ପୁରୀ- ଶିରିଡ଼ି-ସାଇନଗର ସାପ୍ତାହିକ ଯାତ୍ରୀବାହୀ ରେଳକୁ ସପ୍ତାହକୁ ତିନିଦିନ ଚାଲିବା ପାଇଁ ଲିଖିତ ଭାବେ ପ୍ରସ୍ତାବ ଦେଇଥିଲେ। ଏଥିସହ ବାଉଦପୁର ରେଳ ଷ୍ଟେଶନ ରାନ୍ଦିଆରେ ଅବସ୍ଥିତ ଥିବାରୁ ରାନ୍ଦିଆ-ବାଉଦପୁର ଷ୍ଟେଶନ ନାମକରଣ ନିମନ୍ତେ ଜିଲା ପ୍ରଶାସନ ସୁପାରିସ ଅନୁସାରେ ସେ କେନ୍ଦ୍ରମନ୍ତ୍ରୀଙ୍କୁ ଅବଗତ କରାଇଥିଲେ। ପ୍ରସ୍ତାବଗୁଡ଼ିକ ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରି କାର୍ଯ୍ୟକାରୀ କରିବା ପାଇଁ କେନ୍ଦ୍ରମନ୍ତ୍ରୀ ବୈଷ୍ଣବ ପ୍ରତିଶ୍ରୁତି ଦେଇଥିବା ସୂଚନା ମିଳିଛି।

# ୭୭ ବର୍ଷର ଶିକ୍ଷାନୁଷ୍ଠାନ ନାଁରେ ଜମିପଟ୍ଟା ନାହିଁ

**ବୀରେନ୍ଦ୍ର କୁମାର ଝାଙ୍କର**
**ବଲାଙ୍ଗୀର ଅଫିସ, ୩୧।୭**

**ବଲାଙ୍ଗୀର ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ**



- **ଦଖଲରେ ଅଛି ମାତ୍ର ୪୯ ଏକର ଜମି**
- **ଜବରଦଖଲରେ ରହିଛି ଶତାଧିକ ଏକର**
- **ୟୁଜିସି ସ୍ୱୀକୃତି ମିଳିଲା, ଅନୁଦାନ ପାଇଁ ଜମିପଟ୍ଟା ଆବଶ୍ୟକ**

ପଶ୍ଚିମ ଓଡିଶାର ସର୍ବପୁରାତନ ଉଚ୍ଚ ଶିକ୍ଷାନୁଷ୍ଠାନ ଭାବେ ପରିଚିତ ବଲାଙ୍ଗୀର ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ପାଖରେ ନିଜସ୍ୱ ଜମିପଟ୍ଟା ବା ରେକର୍ଡ୍ସ ଅଫ୍ ରାଇଟ୍ସ ନାହିଁ। ଏକଥା ଅବିଶ୍ୱାସଯୋଗ୍ୟ ମନେ ହେଉଥିଲେ ମଧ୍ୟ ସତକଥା। ୧୯୪୪ ମସିହାରେ ପାଟଣାଷ୍ଟେଟ୍‌ର ତତ୍କାଳୀନ ମହାରାଜ ରାଜେନ୍ଦ୍ର ନାରାୟଣ ସିଂଦେଓ ରାଜେନ୍ଦ୍ର କଲେଜ ପ୍ରତିଷ୍ଠା କରାଇଥିଲେ। ଏହି ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା ହେବାର ଇତିମଧ୍ୟରେ ୭୭ ବର୍ଷ ବିତିଯାଇଥିଲେ ମଧ୍ୟ ଏହାର ନିଜସ୍ୱ ଜମିପଟ୍ଟା ବା ରେକର୍ଡ୍ସ ଅଫ୍ ରାଇଟ୍ସ ନାହିଁ। ମିଳିଥିବା ତଥ୍ୟ ଅନୁଯାୟୀ, ବର୍ତ୍ତମାନ ଏହି ଶିକ୍ଷାନୁଷ୍ଠାନ ଦଖଲରେ ମାତ୍ର ୪୯ ଏକର ଜମି ରହିଛି। ଏହି ଦଖଲଭୁକ୍ତ ୪୯ଏକର ଜମିର ମଧ୍ୟ ପଟ୍ଟା ନାହିଁ। ସେଥିରୁ ପ୍ରାୟ ୭ଏକର ଜମିରେ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟର କୋଠା ରହିଛି। କୁହାଯାଏ, ଏହି ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା କଲାବେଳେ ତତ୍କାଳୀନ ପ୍ରତିଷ୍ଠାତା ମହାରାଜ ସିଂଦେଓ କୁଆଡେ ୨ଶହରୁ ଉର୍ଦ୍ଧ୍ୱ ଏକର ଜମି ବନ୍ଦୋବସ୍ତ କରିଥିଲେ। ତେବେ ଏତେ ପରିମାଣର ଜମି କୁଆଡେ ଗଲା ତାର ଉତ୍ତର କାହାରି ପାଖରେ ନାହିଁ। ଜବରଦଖଲକାରୀଙ୍କ ଯୋଗୁ ଏହି ଶିକ୍ଷାନୁଷ୍ଠାନର ଜମି ସଙ୍କୁଚିତ ହେବାରେ ଲାଗିଛି। ସେମାନଙ୍କ ବିରୋଧରେ ବର୍ଷ ବର୍ଷ ଧରି କୌଣସି କାର୍ଯ୍ୟାନୁଷ୍ଠାନ ନହେବାରୁ ଶତାଧିକ ଏକର ବହୁମୂଲ୍ୟ ଜମି ଶିକ୍ଷାନୁଷ୍ଠାନ ଦଖଲରୁ ଚାଲିଯାଇଛି।

ଗତ ୧ ଜୁନ୍ ୨୦୨୦ରେ ରାଜ୍ୟ ସରକାର ରାଜେନ୍ଦ୍ର କଲେଜକୁ ଅପ୍‌ଗ୍ରେଡ କରି ବିଶ୍ୱବିଦ୍ୟାଳୟ ଭାବେ ପ୍ରତିଷ୍ଠା କରିଥିଲେ। ପ୍ରାୟ ଏକବର୍ଷ ତଳୁ ରାଜ୍ୟ ସରକାର ଓଡ଼ିଶା ବିଶ୍ୱବିଦ୍ୟାଳୟ ଆଇନ ୧୯୮୯ର ସେକ୍ସନ ୩୨ ଅନୁଯାୟୀ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରିଥିଲେ ମଧ୍ୟ ୩୦ ଜୁଲାଇ ୨୦୨୧ରେ ଏହି ଶିକ୍ଷାନୁଷ୍ଠାନକୁ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି) ପକ୍ଷରୁ ସ୍ୱୀକୃତି ମିଳିଛି। ୟୁଜିସି ଅଧିନିୟମ ୧୯୫୬ ଧାରା ୨ (ଏଫ୍) ଅନୁଯାୟୀ ବିଶ୍ୱବିଦ୍ୟାଳୟ ତାଲିକାରେ ଅନ୍ତର୍ଭୁକ୍ତ କରାଯାଇଛି। ଏନେଇ କେନ୍ଦ୍ର ଶିକ୍ଷା ଓ ଦକ୍ଷତା ବିକାଶ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶୁକ୍ରବାର ଟ୍ୱିଟ୍‌କରି ସୂଚନା ଦେଇଥିଲେ। ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ପକ୍ଷରୁ ଆବଶ୍ୟକ ତଥ୍ୟ ପ୍ରଦାନ କଲେ ୟୁଜିସି ଅଧିନିୟମ ୧୯୫୬ର ଧାରା ୧୨ (ବି) ଅନୁଯାୟୀ ଶୀଘ୍ର କେନ୍ଦ୍ରୀୟ ଅନୁଦାନ ଦିଆଯିବ ବୋଲି ସେ ସୂଚନା ଦେଇଥିଲେ। ତେବେ ୟୁଜିସି ଅନୁଦାନ ପାଇବାକୁ ହେଲେ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ବିଷୟ ସହ ଏହି ଶିକ୍ଷାନୁଷ୍ଠାନ ନାଁରେ ରେକର୍ଡ୍ସ ଅଫ୍ ରାଇଟ୍ସ ରହିବା ଅନିର୍ବାଯ୍ୟ। ବିଶ୍ୱବିଦ୍ୟାଳୟ ପାଇଁ ଅତିକମ୍‌ରେ ୧୦୦ ଏକର ଜମିର ଆବଶ୍ୟକତା ରହିଛି। ଏ ନେଇ ଆବଶ୍ୟକ ତଥ୍ୟ ଯୋଗାଇ ଦେବାକୁ ବିଭାଗୀୟ କର୍ତ୍ତୃପକ୍ଷ କେବେଠୁ ନିର୍ଦ୍ଦେଶ ଦେଲେଣି। କେତେକ ଜବରଦଖଲକାରୀଙ୍କୁ ଉଚ୍ଛେଦ ପରେ ପ୍ରଶାସନ ଶିକ୍ଷାନୁଷ୍ଠାନ ଦଲଖରେ ଥିବା ଜମି ସହ ଏପର୍ଯ୍ୟନ୍ତ ୭୧ ଏକର ଜମି ଚିହ୍ନଟ କରିଥିବା ଜଣାପଡିଛି। ଆହୁରି ପ୍ରାୟ ୨୯ ଏକର ଜମି ଏହି ବିଶ୍ୱବିଦ୍ୟାଳୟ ପାଇଁ ଚିହ୍ନଟ କରାଯିବାର ଆବଶ୍ୟକତା ରହିଛି। ଏହା ସହିତ ସମସ୍ତ ୧୦୦ ଏକର ଜମିର ରେକର୍ଡସ୍ ଅଫ୍ ରାଇଟ୍ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ନାଁରେ ନକଲେ ୟୁଜିସି ପକ୍ଷରୁ ଅନୁଦାନ ମିଳିବା କଷ୍ଟକର ହୋଇପଡିବ। ଅନୁଦାନ ନ ମିଳିଲେ ଏହା କେବଳ ଏକ ସାଇନ୍‌ବୋର୍ଡ ବିଶ୍ୱବିଦ୍ୟାଳୟ ହୋଇ ରହିଯିବା ଆଶଙ୍କା ରହିଛି। ଏବେ ଶିକ୍ଷାନୁଷ୍ଠାନ ନାଁରେ ଜମିପଟ୍ଟା, ଅଧ୍ୟାପକ ପଦବୀ ପୂରଣ ଓ ଭିତ୍ତିଭୂମି ବିକାଶ ଜରୁରୀ ବୋଲି ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଉମାବଲ୍ଲଭ ମହାପାତ୍ର, ରେଜିଷ୍ଟ୍ରାର ପ୍ରଫେସର ଦୁର୍ଗାପ୍ରସନ୍ନ ମହାପାତ୍ର ଗୁରୁତ୍ୱାରୋପ କରିଛନ୍ତି। ଯେତେଶୀଘ୍ର ବିଶ୍ୱବିଦ୍ୟାଳୟ ନାଁରେ ଜମିପଟ୍ଟା କରାଯିବ, ଶିକ୍ଷାନୁଷ୍ଠାନର ଅଗ୍ରଗତି ସମ୍ଭବ ହେବ।


## Government of Odisha
## Higher Education Department

**Dateline for Common PG Entrance Test (CPET-2021) & PG Online Admission- 2021 For State Public Universities and Colleges**

No.E-265:- Dateline for Common PG Entrance Test & PG Online Admission-2021 for State Public Universities and Colleges with PG Courses under project 'Student Academic Management System (SAMS)' is given below. Any change in the dateline will be published in the newspapers as well as in the website **www.samsodisha.gov.in**. Common Prospectus (CP) for CPET-2021 will be available in the said website. Kindly refer the CP before filling up the CAF.

| Sl.# | Items | Timeline |
|---|---|---|
| 1 | Availability of online Common Application Form (CAF) in the website www.samsodisha.gov.in | 02-August-2021 (11.00 A.M.) |
| 2 | Last date of applying online CAF through www.samsodisha.gov.in | 14-Aug-2021 (11:45 P.M.) |
| 3 | Available of Hall Ticket in applicant e-Space for downloading | 20-Aug-2021 (2:00 P.M.) |
| 4 | Conduct of Entrance Examination (CPET-2021) | 23-Aug-2021 to 3-Sep-2021 (Except 27th & 29th August) |
| 5 | Handing over the entrance marks to OCAC by the Entrance Examination Conducting University by:- | 13-Sep-2021 |
| 6 | Updation of Graduation/Equivalent mark by the applicant upto:- | 5-Oct-2021 (11:45 P.M.) |
| 7 | Publication of subject-wise and State-wide merit list | 12-Oct-2021 (2:00 P.M.) |
| 8 | Choice filling by eligible applicants | 12-Oct-2021 to 17 Oct-2021 |
| 9 | Publication of Provisional Allotment of Seats **(for First Round Selection)** | 22-Oct-2021(6:00 P.M.) |
| 10 | Online deposit of admission fees by the Students through SAMS [Student's Account] portal | 22-Oct-2021 to 25-Oct-2021 (5:00 P.M.) |
| 11 | Reporting of applicants at allotted institutions for taking admission **(for First Round Selection)** | 22-Oct-2021 to 28-Oct-2021 (5:00 P.M.) (excluding Sunday) |
| 12 | Updation of **Slide-Up Option Form** online by the students taken admission in First Round of selection | 23-Oct-2021 to 29-Oct-2021 (11:45 P.M.) |
| 13 | Data updation of admitted students in the e-Space **(for First Round Admission)** by the respective Institutions | 22-Oct-2021 to 29-Oct-2021 (7:00 P.M.) |
| 14 | Publication of Provisional Allotment of Seats (for Second Round Selection) | 04-Nov-2021 (11:00 A.M.) |
| 15 | Online deposit of admission fees by the Students through SAMS [Student's Account] portal | 04-Nov-2021 2:00 P.M. to 07-Nov-2021(5:00 P.M.) |
| 16 | Reporting of applicants at allotted institutions for taking admission **(for Second Round Selection)** | 05-Nov-2021 to 09-Nov-2021 (5:00 P.M.) (Excluding Sunday) |
| 17 | Data updation of admitted students in the e-Space **(for Second Round of Admission)** by the respective Institutions | 05-Nov-2021 to 10-Nov-2021(7:00 P.M.) |
| 18 | **Publication of provisional List of Vacant Seats in SAMS Website** | 12-11-2021 (2:00 P.M.) |
| | (For filling up of the vacant seats, Guidelines will be issued later on by the Higher Education Department) | Dates will be notified accordingly by the Higher Education Department |

**For more details please contact: e-Admission Helpline (Toll Free) Number 155335 / 1800-345-6770**

**N.B.:** Candidates, whose final U.G. results are awaited (not published), can also apply on-line in the Common Application Form (CAF) to appear CPET-2021. But, they must upload their marks prior to preparation of "subject-wise and state-wide provisional rank" within the dateline, failing which, their applications will not be considered.

**Sd./-**
**Deputy Director, PTC**
OIPR-11001/11/0005/2122

ବର୍ତ୍ତମାନ ପର୍ଯ୍ୟନ୍ତ ଯାହା ଓ ଯେତିକି ହୋଇଛି– ଏବଂ ଭବିଷ୍ୟତରେ ଯାହା ଓ ଯେତିକି ହେବ– ଏହି ଦୁଇଟିର ମଧ୍ୟବର୍ତ୍ତୀ ଶୂନ୍ୟସ୍ଥାନରେ ମଣିଷକୁ ଏକ ସେତୁ ରୂପେ ପକାଯାଇଛି। –ଶ୍ରୀମା

# ଦର୍ଶକ କମୁଛନ୍ତି



ଆକାର ପଟେଲ

ତିନି ଦଶନ୍ଧି ମଧ୍ୟରେ ଏବେ ଟୋକିଓରେ ଅନୁଷ୍ଠିତ ଅଲିମ୍ପିକ୍ସର ଦର୍ଶକଙ୍କ ସଂଖ୍ୟା ସବୁଠୁ କମ୍ ରହିଛି ବୋଲି ନିକଟରେ ଏକ ରିପୋର୍ଟରେ ପ୍ରକାଶ ପାଇଥିଲା। ଯଦିଓ କୋଭିଡ୍ ମହାମାରୀ ଯୋଗୁ ଷ୍ଟାଡିୟମରେ ଦର୍ଶକ ଉପସ୍ଥିତି ନାହିଁ, ତଥାପି ବିଶ୍ୱରେ ବହୁତ କମ୍ ଲୋକ ଟେଲିଭିଜନରେ ଏହି ଅଲିମ୍ପିକ୍ସ ଦେଖୁଛନ୍ତି। ଏହା ଦର୍ଶାଉଛି ଯେ, ଅଲିମ୍ପିକ୍ସ ପ୍ରତି ଲୋକମାନଙ୍କ ଆଗ୍ରହ କମୁଛି। ଏକ ଆକଳନରୁ ଜଣାପଡ଼ିଛି ଯେ, ଠିକ୍ ୨୦୧୬ ପରଠାରୁ ଦର୍ଶକଙ୍କ ସଂଖ୍ୟା ଏକ ତୃତୀୟାଂଶ ହ୍ରାସ ପାଇଛି। ଚିନ୍ତାର ବିଷୟ, ସେବା ଯୋଗାଣ ବ୍ୟବସ୍ଥାର ସୁଗମତା ଏବଂ ଦେଖିବାର ବିକଳ୍ପ ରହିଥିବା ସତ୍ତ୍ୱେ ମଧ୍ୟ ଦର୍ଶକଙ୍କ ସଂଖ୍ୟା କମୁଛି। ଏପରି କି ୧୯୮୮ ସିଓଲ ଅଲିମ୍ପିକ୍ସ ସମୟରେ ଏଭଳି ବ୍ୟବସ୍ଥା କମ୍ ରହିଥିଲେ ମଧ୍ୟ ସେତେବେଳେ ଦର୍ଶକଙ୍କ ସଂଖ୍ୟା ଯାହାଥିଲା, ତାହାଠାରୁ ବର୍ତ୍ତମାନ କମ୍ ରହିଛି। ବଡ଼ କଥା ହେଉଛି, ସିଓଲ ଅଲିମ୍ପିକ୍ସ ପରେ ପୃଥିବୀର ଜନସଂଖ୍ୟା ୫୦% ବୃଦ୍ଧି ପାଇଥିଲେ ମଧ୍ୟ ଦର୍ଶକଙ୍କ ସଂଖ୍ୟା ତଳକୁ ଖସିଛି। ଏଭଳି କାହିଁକି ଘଟୁଛି, ସେ ସମ୍ପର୍କରେ ବିଚାର କଲେ ବହୁ ବିଷୟ ସାମ୍ନାକୁ ଆସିବ। ଆଜକୁ ୨୦୦୦ରୁ ଅଧିକ ବର୍ଷ ପୂର୍ବେ ଗ୍ରୀସ୍‌ରେ ପ୍ରଥମେ ଅଲିମ୍ପିକ୍ସ ଆରମ୍ଭ ହୋଇଥିଲା, କିନ୍ତୁ ଏହା ଆଧୁନିକ ଯୁଗଯାଏ ଚାଲି ପାରିଲା ନାହିଁ। ଆଧୁନିକ ଅଲିମ୍ପିକ୍ସ ୧୮୯୬ରେ ଆରମ୍ଭ ହୋଇଥିଲା ଏବଂ ଗ୍ରୀସ ଅଲିମ୍ପିକ୍ସଠାରୁ ଏହା ଏକ ଭିନ୍ନ ଢଙ୍ଗରେ ଅନୁଷ୍ଠିତ ହୋଇଥିଲା। ଏପରିକି ଅଲିମ୍ପିକ୍ସର ମୋଟୋ (ସିଟ୍ୟୁସ, ଅଲ୍‌ଟ୍ୟୁସ, ଫର୍‌ଟ୍ୟୁସ ଅର୍ଥାତ ଦ୍ରୁତତର, ଉଚ୍ଚତର, ଶକ୍ତିଶାଳୀ) ଲାଟିନ୍ ଭାଷାରେ ରହିଛି, ଗ୍ରୀକ୍‌ରେ ନୁହେଁ। ଏବେ ଆମ ସମୟର ଅଲିମ୍ପିକ୍ସରେ ଦ୍ରୁତତମ, ଉଚ୍ଚତମ ଓ ସବୁଠୁ ଶକ୍ତିଶାଳୀ ମୋଟୋକୁ ଆସିବା ବଡ଼ କଥା ନୁହେଁ। ୧୦୦ ମିଟର ଦୌଡ଼ ୧୦ ସେକେଣ୍ଡରୁ କମ୍ ସମୟରେ ପୁରୁଷ ଦୌଡୁଥିଲେ ବି ଏହା ୧୯୬୮ର ସମୟ ୯.୫ ସେକେଣ୍ଡଠାରୁ ବେଶି ରହିଛି। ଏହାକୁ ଦେଖିଲେ ବିଗତ ୫୦ ବର୍ଷ ମଧ୍ୟରେ ଖେଳରେ ଅଧିକ କିଛି ପରିବର୍ତ୍ତନ ହୋଇନାହିଁ ବୋଲି ବୁଝାପଡ଼େ। ୨୫ ବର୍ଷ ତଳେ ହାଇଜମ୍ପର ରେକର୍ଡ ୭ ଫୁଟ ୮ ଇଞ୍ଚକୁ କେହି ଟପି ପାରିନାହାନ୍ତି। କେବଳ ଗତ ଅଲିମ୍ପିକ୍ସରେ ଏହି ରେକର୍ଡଠାରୁ ୧ସେ.ମି. କମ୍ ଉଚ୍ଚତା ଡେଇଁ ପ୍ରତିଯୋଗୀ ସ୍ୱର୍ଣ୍ଣ ପଦକ ଜିତିଥିଲେ। ଦୀର୍ଘ ୫୦ ବର୍ଷ ହେବ କେହି ବି ଲଙ୍ଗଜମ୍ପ ରେକର୍ଡ ଭାଙ୍ଗି ପାରିନାହାନ୍ତି। ସେଥିପାଇଁ ପ୍ରତିଯୋଗିତା ଦୃଷ୍ଟିକୋଣରୁ ଆମେ ଦ୍ରୁତତର, ଉଚ୍ଚତର ଏବଂ ଶକ୍ତିଶାଳୀ ହୋଇପାରି ନାହୁଁ। ଯଦିଓ ଆମେ କିଛି ହାସଲ କରିଛୁ ତାହା ଆଶାଠାରୁ ବହୁତ କମ୍। ଏହି ସମୟରେ ଆମେ ଶରୀର ଉପରେ କମ୍ ଧ୍ୟାନ ଦେଉଛୁ ଓ ଶାରୀରିକ ଦକ୍ଷତା ହାସଲ କରିବା ଆମ ପାଇଁ ଯେମିତି ଗୌଣ ହୋଇଯାଇଛି। ସିନ୍ଥେଟିକ୍ ବାୟୋଲୋଜି, ଷ୍ଟେରୋଏଡସ୍ ଏବଂ ପ୍ରୋସ୍ଥେଟିକ ଲିମ୍ବ୍ ବା କୃତ୍ରିମ ଅଙ୍ଗରୁ ବୁଝାପଡୁଛି ଯେ,ଏବେ ଉପଯୁକ୍ତ ଶାରୀରିକ ପ୍ରତିରୂପର ବିଚାର ଅସମ୍ଭବ ହୋଇଛି। 'ଦ୍ରୁତତମ ମଣିଷ' କିମ୍ବା 'ସବୁଠୁ ଶକ୍ତିଶାଳୀ ବ୍ୟକ୍ତି'ର ଯଥାର୍ଥତା ଆମ ସମୟରେ କିଛି ହିଁ ନାହିଁ। ଜାଣିବା ଦରକାର ଯେ କେବଳ ଅଲିମ୍ପିକ୍ସ ନୁହେଁ, ମିସ୍ ୟୁନିଭର୍ସ ପ୍ରତିଯୋଗିତାଗୁଡ଼ିକର ଦର୍ଶକଙ୍କ ସଂଖ୍ୟା ମଧ୍ୟ ଗତ କିଛି ବର୍ଷ ହେବ କମିବାରେ ଲାଗିଛି।

୧୯୩୬ ବର୍ଲିନ ଅଲିମ୍ପିକ୍ସରେ ଏକ ମହାନ କ୍ଷଣ ଆସିଥିଲା, ଯେତେବେଳେ ଯୁବ ଆଫ୍ରିକୀୟ-ଆମେରିକୀୟ ଜିସେ ଓ୍ୱିନ୍‌ସ ୪ଟି ସ୍ୱର୍ଣ୍ଣପଦକ ବିଜୟୀ ହୋଇଥିଲେ। ସେ ବିଶ୍ୱର ଦ୍ରୁତତମ ଦୌଡାଳି ଭାବେ ତଥା ଲଙ୍ଗ ଜମ୍ପରେ ସର୍ବାଧିକ ଦୂରତା ଡେଇଁ ଏହିସବୁ ପଦକ ଜିତିଥିଲେ। ତାଙ୍କର ଏହି ବିଜୟ ନାଜିମାନଙ୍କର ବର୍ଣ୍ଣଗତ ପ୍ରାଧାନ୍ୟ ସିଦ୍ଧାନ୍ତ, ଯାହା ଶ୍ୱେତାଙ୍ଗଙ୍କୁ ଉପଯୁକ୍ତ ତଥା ସୁସ୍ଥ ମଣିଷ ଭାବେ ବିବେଚନା କରେ ତାହାକୁ ଭୀଷଣ ଝଟକା ଦେଇଥିଲା। ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ଆମେରିକା ଏବଂ ରୁଷିଆ ମଧ୍ୟରେ ଶୀତଳ ଯୁଦ୍ଧର ପରିସମାପ୍ତି ପରେ ପୁଣି ଅଲିମ୍ପିକ୍ସ ଆରମ୍ଭ ହେଲା। ସେତେବେଳର ପରିସ୍ଥିତି ତୁଳନାରେ ଏବେ ପୃଥିବୀରେ ଅଧିକ ଶାନ୍ତି ରହିଛି ଓ ଏହା ଇତିହାସରେ ସବୁଠୁ ଅଧିକ। ହିଂସା ଦୃଷ୍ଟିରୁ କେବଳ ମଧ୍ୟପ୍ରାଚ୍ୟର କିଛି ସମ୍ବେଦନଶୀଳ ଅଞ୍ଚଳକୁ ବାଦ୍ ଦେଲେ ଅନ୍ୟ ଦେଶଗୁଡ଼ିକ ମଧ୍ୟରେ ଯୁଦ୍ଧ ପ୍ରାୟତଃ ନାହିଁ। ଉତ୍ତର ଆଫ୍ରିକା ଏବଂ ଦକ୍ଷିଣ ଏସିଆରେ ସଶସ୍ତ୍ର ସଂଘର୍ଷ କମିଛି। ଏପରିକି ଆମେରିକା ଓ ଚାଇନା ଶତ୍ରୁତା, ଯାହାକି ବିଶ୍ୱର ସବୁଠୁ ଗୁରୁତ୍ୱପୂର୍ଣ୍ଣ, ତାହା କମିବା ଦେଖିବାକୁ ପାଉଛୁ। ଦୀର୍ଘଦିନରୁ ଉଭୟ ଦେଶ ମଧ୍ୟରେ ବୃହତ୍ତମ ଓ ସବୁଠୁ ମଜଭୁତ ବ୍ୟବସାୟିକ ଭାଗିଦାରୀ ଚାଲି ଆସିଛି ଓ ଏବେ ବି ତାହା ଜାରି ରହିଛି। ତେବେ ବିଶ୍ୱର କିଛି ଭାଗରେ ପୁରୁଣା ଶତ୍ରୁତା ଲାଗି ରହିଛି। ଭାରତ ପାକିସ୍ତାନ ମଧ୍ୟରେ ଏଭଳି ଶତ୍ରୁତା ରହିଛି। ଏହା ଯୋଗୁ ବିଶ୍ୱ ସ୍ତରରେ ଆମେ ଅନ୍ୟମାନଙ୍କ ପାଇଁ ଅପ୍ରାସଙ୍ଗିକ ହୋଇଯାଇଛୁ ଏବଂ ଖେଳରେ କାହାର ଧ୍ୟାନ ଆକର୍ଷଣ କରିପାରୁନାହୁଁ। ଅଲିମ୍ପିକ୍ସର ପ୍ରତ୍ୟେକ କ୍ଷେତ୍ରରେ ଆମର ଗୁରୁତ୍ୱ ରହୁନାହିଁ। ତେବେ ଅଲିମ୍ପିକ୍ସ ବ୍ୟତୀତ ଅନ୍ୟ ଅନ୍ତର୍ଜାତୀୟ ପ୍ରତିଯୋଗିତା ମଧ୍ୟ ରହିଛି। ଅଧିକାଂଶ ବିଶ୍ୱ ରେକର୍ଡ ଅଲିମ୍ପିକ୍ସରେ ବି ହୋଇନାହିଁ। ଆମେ ଏହି ସମୟରେ ଅନ୍ତର୍ଜାତୀୟ ପ୍ରତିଯୋଗିତାଗୁଡ଼ିକୁ ଫେରିବୁ ନାହିଁ ତ ଆଉ କେତେବେଳେ ଆମ ଦକ୍ଷତା ପ୍ରତିପାଦନ କରିବୁ।

ଲୋକପ୍ରିୟ ଦଳଗତ ଖେଳର ଦର୍ଶକ ସଂଖ୍ୟା ଅଧିକ। ସମ୍ଭବତଃ ଏହିଧାରା ବ୍ୟକ୍ତିଗତ ଇଭେଣ୍ଟଠାରୁ ଅଧିକ ଦିନ ଧରି ଚାଲିବ। ଅଲିମ୍ପିକ୍ସରେ ଦର୍ଶକଙ୍କ ସଂଖ୍ୟା ଯେମିତି ତୀବ୍ର ଭାବେ କମୁଛି ଫୁଟ୍‌ବଲ ଓ କ୍ରିକେଟ ଖେଳରେ ସେଭଳି ହାରରେ ହ୍ରାସ ପାଇବ ନାହିଁ। କିନ୍ତୁ ଏହି ଦୁଇ ଖେଳରେ ଦର୍ଶକଙ୍କ ସଂଖ୍ୟା କମିବା ଆରମ୍ଭ ହୋଇଗଲାଣି। ମୋର ମନେପଡୁଛି, ୪୦ ବର୍ଷ ତଳେ ସୁରଟ୍‌ରେ ରଣଜୀ ଟ୍ରଫି ଖେଳ ଦେଖିବାକୁ ଗୋଟିଏ ସିଟ୍ ପାଇଁ ମୋତେ ସଂଘର୍ଷ କରିବାକୁ ପଡିଥିଲା, ଏହା ଏବେ ଆଦୌ ହେବ ନାହିଁ। ଆମ ଦେଖିବାରେ ବିଶ୍ୱ ଏବେ ପରିବର୍ତ୍ତନ ହୋଇଯାଇଛି। ଆଥ୍‌ଲେଟିକ୍ସର ଦର୍ଶକଙ୍କ ସଂଖ୍ୟା କମିଛି। ଲୋକଙ୍କ ମତରେ ଏହି ବିଷୟ ଅପ୍ରାସଙ୍ଗିକ ହୋଇପାରେ, କିନ୍ତୁ ଏହା ଆମର ଏବକାର ସମୟ ଏବଂ ଏହି ସମୟ ଆମକୁ କିଭଳି ଗଢ଼ିଛି ସେ ସମ୍ପର୍କରେ ଗଭୀରରୁ ଗଭୀରତମ ବିଷୟକୁ ପ୍ରକାଶ କରୁଛି।

Email:aakar.patel@gmail.com

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | 4 | 2 | | | |
| 6 | 9 | | | | | | | |
| | 7 | | | | | | 4 | |
| 4 | | | | | | | | 1 |
| 8 | | 5 | 7 | 9 | | | | |
| | 2 | | | | 6 | 3 | 5 | |
| | | | | | | | | 4 |
| 7 | | | 6 | | | | | 2 |
| | | 9 | | | 3 | | 1 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 9 | 7 | 1 | 6 | 5 | 8 | 2 | 4 |
| 5 | 1 | 8 | 4 | 7 | 2 | 6 | 3 | 9 |
| 2 | 4 | 6 | 8 | 3 | 9 | 7 | 5 | 1 |
| 7 | 8 | 3 | 5 | 1 | 4 | 2 | 9 | 6 |
| 4 | 6 | 2 | 3 | 9 | 7 | 5 | 1 | 8 |
| 9 | 5 | 1 | 6 | 2 | 8 | 3 | 4 | 7 |
| 1 | 2 | 4 | 7 | 8 | 3 | 9 | 6 | 5 |
| 8 | 3 | 5 | 9 | 4 | 6 | 1 | 7 | 2 |
| 6 | 7 | 9 | 2 | 5 | 1 | 4 | 8 | 3 |

ଗତକାଲିର ଉତ୍ତର

# ଅଶାନ୍ତ ଆଫଗାନିସ୍ତାନ



ଡ. ଶକ୍ତି ପ୍ରସାଦ ଶ୍ରୀଚନ୍ଦନ

ଯୁକ୍ତରାଷ୍ଟ୍ର ଆମେରିକାର ରାଷ୍ଟ୍ରପତି ଜୋ ବାଇଡେନ ଚଳିତବର୍ଷ ସେପ୍ଟେମ୍ବର ୧୧ ସୁଦ୍ଧା ଆଫଗାନିସ୍ତାନରୁ ନିଜର ସୈନ୍ୟ ପ୍ରତ୍ୟାହାର କରିବାର ନିଷ୍ପତ୍ତି ଯୋଗୁ ଗତ ଦୁଇ ଦଶକର ଶାନ୍ତି ଓ ବିକାଶ ପ୍ରକ୍ରିୟା ସଙ୍କଟାପନ୍ନ ହେବାର ଆଶଙ୍କା ଦେଖାଦେଇଛି। ସୈନ୍ୟ ପ୍ରତ୍ୟାହାର ନିଷ୍ପତ୍ତି ହଠାତ୍ ନିଆଯାଇଥିବାରୁ ଆଫଗାନିସ୍ତାନ ସରକାର ଓ ଏହାର ସୁରକ୍ଷା ବଳ ଏହି ନୂତନ ପରିସ୍ଥିତିକୁ ସମ୍ଭାଳିବା ପାଇଁ ଆବଶ୍ୟକ ପ୍ରାକ୍-ପ୍ରସ୍ତୁତି କରିପାରି ନାହାନ୍ତି। ସେଥିପାଇଁ ତାଲିବାନ ମୁଜାହିଦ୍ଦିନମାନେ ଆଫଗାନିସ୍ତାନର ପ୍ରାୟ ଏକ ତୃତୀୟାଂଶ ଅଞ୍ଚଳକୁ ନିଜ ଦଖଲକୁ ଆଣିସାରିଲେଣି। ଯେଉଁ ଗତିରେ ତାଲିବାନ ନିଜର ଆଧିପତ୍ୟ ବିସ୍ତାର ପାଇଁ ଆଫଗାନିସ୍ତାନ ସୁରକ୍ଷା ବଳ ବିରୋଧରେ ଯୁଦ୍ଧ ଚଳାଇଛି ତାହାଦ୍ୱାରା ନିକଟ ଭବିଷ୍ୟତରେ ପୁଣି ଏକ ଗୃହଯୁଦ୍ଧର ସମ୍ଭାବନା ସୃଷ୍ଟି ହୋଇଛି। ତାଲିବାନ ପୁନଃ ସଶକ୍ତ ହେବା କେବଳ ଆଫଗାନିସ୍ତାନ ପାଇଁ ଚିନ୍ତାର କାରଣ ନୁହେଁ ବରଂ ଆଞ୍ଚଳିକ ନିରାପତ୍ତା ଓ ସ୍ଥିରତା ପାଇଁ ମଧ୍ୟ ଏକ ବଡ଼ ଆହ୍ୱାନ।

ଶୀତଳ ଯୁଦ୍ଧ ସମୟରେ ଆଫଗାନିସ୍ତାନରେ ସୋଭିଏଟ୍ ସେନାଙ୍କର ସାମରିକ ଅଗ୍ରଗତିକୁ ମୁକାବିଲା କରିବା ପାଇଁ ଯୁକ୍ତରାଷ୍ଟ୍ର ଆମେରିକା ପାକିସ୍ତାନର ସହଯୋଗରେ ତାଲିବାନ ମୁଜାହିଦ୍ଦିନମାନଙ୍କୁ ପ୍ରଶିକ୍ଷଣ ଦେବା ସହିତ ଆର୍ଥିକ ସହାୟତା ଓ ସାମରିକ ସରଞ୍ଜାମ ଦେଇ ବଳୀୟାନ୍ କରିଥିଲା। ଶୀତଳ ଯୁଦ୍ଧ ଶେଷ ଭାଗରେ ୧୯୮୯ରେ ସୋଭିଏଟ୍ ସେନା ଅପସରି ଯିବା ପରେ, ତାଲିବାନ ଆଫଗାନିସ୍ତାନରେ ଥିବା ଅନ୍ୟାନ୍ୟ ଗୋଷ୍ଠୀ ବିରୋଧରେ ଯୁଦ୍ଧ କରି ଆଫଗାନିସ୍ତାନକୁ ନିଜ ଆୟତ୍ତାଧୀନ କଲା। ତାଲିବାନ ରାଜୁତି ସମୟରେ କଠୋର ସୁନ୍ନି ଚିନ୍ତାଧାରା ଓ ଶରିୟାତ ଆଇନ ଲାଗୁ ହେବା ଯୋଗୁ ଆଫଗାନିସ୍ତାନ ପୁଣି ମଧ୍ୟଯୁଗୀୟ ସମୟକୁ ଫେରିଗଲା। ମାନବିକ ଅଧିକାର ଉଲ୍ଲଂଘନର ଘଟଣାଗୁଡ଼ିକ ମଧ୍ୟ ବଢ଼ି ଚାଲିଥିଲା। ବିଶ୍ୱ ସମୁଦାୟ ଆଫଗାନିସ୍ତାନର ସ୍ଥିତି ବିଷୟରେ ଅବଗତ ଥାଇ ମଧ୍ୟ ଆର୍ଥିକ ବାସନ୍ଦ ଛଡ଼ା ସେଭଳି ଦୃଢ଼ ସାମରିକ କାର୍ଯ୍ୟାନୁଷ୍ଠାନ ପାଇଁ ଏକମତ ହୋଇ ପାରି ନ ଥିଲେ। ମାତ୍ର ଏହି ସମୟରେ ତାଲିବାନ ବିରୋଧରେ ଯୁଦ୍ଧ ଚଳାଇ ରଖିବା ପାଇଁ ଅହମ୍ମଦ ଶାହ ମାସୁଦଙ୍କ ନେତୃତ୍ୱାଧୀନ ବିପକ୍ଷ ସାମରିକ ଗୋଷ୍ଠୀକୁ କେନ୍ଦ୍ର ଏସିଆର କେତେକ ରାଷ୍ଟ୍ର, ରୁଷିଆ ଓ ଭାରତ ସହଯୋଗ କରିଥିଲେ।

ସେପ୍ଟେମ୍ବର ୧୧, ୨୦୦୧ରେ ଆମେରିକାରେ ହୋଇଥିବା ଆତଙ୍କବାଦୀ ଆକ୍ରମଣ ପରେ ଆକ୍ରମଣର ମାଷ୍ଟରମାଇଣ୍ଡ ଅଲ-କାଏଦାର ପ୍ରମୁଖ ନେତା ଓସାମା ବିନ୍ ଲାଡେନ ଆଫଗାନିସ୍ତାନରେ ଲୁଚିଥିବା ଜାଣି ତାକୁ ତୁରନ୍ତ ହସ୍ତାନ୍ତର କରିବାକୁ ଆମେରିକାର ତତ୍କାଳୀନ ରାଷ୍ଟ୍ରପତି ଜର୍ଜ ବୁଶ ଜୁନିୟର ତାଲିବାନକୁ ଚେତାବନୀ ଦେଇଥିଲେ। ମାତ୍ର ତାଲିବାନ ତାହାକୁ ଅଗ୍ରାହ୍ୟ କରିବାରୁ ଆମେରିକା ସାମରିକ ଅଭିଯାନ ଆରମ୍ଭ କଲା। ପୂର୍ବରୁ ଯେଉଁ ରାଷ୍ଟ୍ରଗୁଡ଼ିକ ଆମେରିକାର ଏକପକ୍ଷୀୟ ଯୁଦ୍ଧକୁ ନାପସନ୍ଦ କରୁଥିଲେ, ସେମାନେ ମଧ୍ୟ ୯/୧୧ ଆତଙ୍କବାଦୀ ଆକ୍ରମଣର ପରବର୍ତ୍ତୀ ପରିସ୍ଥିତିକୁ ଦେଖି ତାଲିବାନ ଓ ଅଲ-କାଏଦା ବିରୋଧରେ ଆମେରିକାର ଯୁଦ୍ଧକୁ ସମର୍ଥନ କଲେ। ପରବର୍ତ୍ତୀ ସମୟରେ ମିଳିତ ଜାତିସଂଘ ନିରାପତ୍ତା ପରିଷଦର ରିଜୋଲ୍ୟୁଶନ ୧୩୮୬ ଆଧାରରେ ନାଟୋ ନେତୃତ୍ୱରେ ୪୦ଟି ରାଷ୍ଟ୍ରଙ୍କ ସହଯୋଗରେ 'ଇଣ୍ଟରନ୍ୟାଶନାଲ ସିକ୍ୟୁରିଟି ଆସିଷ୍ଟାନ୍ସ ଫୋର୍ସ' (ଆଇଏସ୍ଏଏଫ୍) ଆଫଗାନିସ୍ତାନରେ ନିୟୋଜିତ ହେଲା। ଏହାର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଆଫଗାନିସ୍ତାନ ସେନାଙ୍କୁ ପ୍ରଶିକ୍ଷଣ ଓ ହମିଦ କାରଜାଇଙ୍କ ନେତୃତ୍ୱରେ ଗଠିତ ମଧ୍ୟବର୍ତ୍ତିକାଳୀନ ସରକାରକୁ ଦେଶର ପୁନର୍ଗଠନ ପାଇଁ ସୁରକ୍ଷା ସହଯୋଗ ଦେବା। ୨୦୧୫ରେ ଆଇଏସ୍ଏଏଫ୍‌ର କାର୍ଯ୍ୟକାରିତା ସରିବାରୁ ନାଟୋ ନେତୃତ୍ୱରେ 'ରିଜୋଲୁଟ ସପୋର୍ଟ ମିଶନ' ନାମକ ଆଉ ଗୋଟିଏ ସାମରିକ କାର୍ଯ୍ୟକ୍ରମ ଏହାର ସ୍ଥାନ ନେଲା; ଯାହାକୁ ମିଳିତ ଜାତିସଂଘ ନିରାପତ୍ତା ପରିଷଦ ରିଜୋଲ୍ୟୁଶନ ୨୧୮୯ ଆଧାରରେ ସ୍ୱୀକୃତି ମଧ୍ୟ ମିଳିଥିଲା। ଏହି ମିଶନର ମଧ୍ୟ ମୂଳ ଲକ୍ଷ୍ୟ ଥିଲା ଆଫଗାନିସ୍ତାନ ସୁରକ୍ଷା ବଳକୁ ପ୍ରଶିକ୍ଷଣ ଦେବା ଓ ସେମାନଙ୍କର ତାଲିବାନ, ଅଲ-କାଏଦା ଓ ହକ୍କାନି ନେଟୱର୍କ ଭଳି ଆତଙ୍କବାଦୀ ସଂଗଠନ ବିରୋଧରେ ସାମରିକ କାର୍ଯ୍ୟାନୁଷ୍ଠାନରେ ସହଯୋଗ କରିବା। ଆମେରିକା ମଧ୍ୟ ଆଫଗାନିସ୍ତାନରେ 'ଅପରେଶନ ଇଣ୍ଡ୍ୟୁରିଙ୍ଗ ଫ୍ରିଡମ' ବଦଳରେ 'ଅପରେଶନ ଫ୍ରିଡମସ ସେଣ୍ଟିନେଲ' ଆରମ୍ଭ କଲା; ଯାହାର ମୂଳ ଉଦ୍ଦେଶ୍ୟ ଥିଲା ରହି ଯାଇଥିବା ଅଲ-କାଏଦା ଓ ଏହାର ସହଯୋଗୀ ଆତଙ୍କବାଦୀ ଗୋଷ୍ଠୀଙ୍କୁ ମୂଳୋତ୍ପାଟନ କରିବା।

ଆମେରିକା ଇତିହାସରେ ଆଫଗାନିସ୍ତାନରେ ହୋଇଥିବା ଏହାର ସାମରିକ ଅଭିଯାନ ଦୀର୍ଘତମ। ଦୀର୍ଘ କୋଡ଼ିଏ ବର୍ଷର ଏହି ସଂଘର୍ଷରେ ଉଭୟ ପକ୍ଷର ସେନା ଓ ସାଧାରଣ ନାଗରିକଙ୍କୁ ମିଶାଇ ଦୁଇ ଲକ୍ଷରୁ ଅଧିକ ଜୀବନହାନି ଘଟିଛି। ୯/୧୧ ଆତଙ୍କବାଦୀ ଆକ୍ରମଣର କୋଡ଼ିଏ ବର୍ଷ ପୂରଣ ହେବାପୂର୍ବରୁ ନିଜ ସୈନ୍ୟ ପ୍ରତ୍ୟାହାର କରିବା ଆମେରିକା ରାଷ୍ଟ୍ରପତି ଜୋ ବାଇଡେନଙ୍କର ଏକ ନୀତିଗତ ନିଷ୍ପତ୍ତି ଯଦିଓ ଏହାକୁ ବିଭିନ୍ନ ଦୃଷ୍ଟିକୋଣରୁ ବିଚାର କରାଯାଇପାରେ। ସେନା ପ୍ରତ୍ୟାହାର ସପକ୍ଷରେ ଏକ ପ୍ରମୁଖ ଯୁକ୍ତି ହେଉଛି କୌଣସି ଏକ ସାର୍ବଭୌମ ଦେଶରେ ବିଦେଶୀ ସେନାମାନେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଡେରା ପକାଇ ରହିବା ସମୀଚୀନ ନୁହେଁ। ରାଷ୍ଟ୍ରପତି ବାଇଡେନଙ୍କ ଅନୁସାରେ ଆଫଗାନିସ୍ତାନରେ ବିଭିନ୍ନ ଗୋଷ୍ଠୀଙ୍କ ମଧ୍ୟରେ ସ୍ଥାୟୀ ଶାନ୍ତି ପ୍ରତିଷ୍ଠା ପାଇଁ ନିଜେ ଆଫଗାନୀମାନଙ୍କୁ ହିଁ ପ୍ରଚେଷ୍ଟା କରିବାକୁ ପଡ଼ିବ। ତାହାଛଡ଼ା ଆମେରିକାରେ ସେନାଙ୍କୁ ଫେରାଇ ଆଣିବା ପାଇଁ ଅନେକ ଦିନରୁ ଦାବି ହୋଇ ଆସୁଛି ଓ ଏହା ଗତ ରାଷ୍ଟ୍ରପତି ନିର୍ବାଚନରେ ଏକ ପ୍ରମୁଖ ପ୍ରସଙ୍ଗ ମଧ୍ୟ ଥିଲା। ୯/୧୧ ପାଇଁ ଦାୟୀ ଓସାମା ବିନ ଲାଡେନର ମୃତ୍ୟୁ ଓ ଅଲ-କାଏଦାର ପ୍ରାୟ ପତନ ପରେ ଆମେରିକୀୟ ସେନାର ଆଫଗାନିସ୍ତାନରେ ଡେରା ପକାଇ ରହିବାର କୌଣସି କାରଣ ନାହିଁ ବୋଲି ମତ ପ୍ରକାଶ ପାଇଥିଲା। ତଥାପି ବିଶ୍ୱସ୍ତରୀୟ ଆତଙ୍କବିରୋଧୀ ଯୁଦ୍ଧ ଆଳରେ ଆମେରିକା ନିଜ ସୈନ୍ୟଙ୍କୁ ଆଫଗାନିସ୍ତାନରେ ରଖିଥିଲା। କିନ୍ତୁ ଆମେରିକାରେ ନେତୃତ୍ୱ ପରିବର୍ତ୍ତନ ପରେ ଏହି ଆଭିମୁଖ୍ୟରେ ପରିବର୍ତ୍ତନ ଆସିଛି। ତାହାଛଡ଼ା କେତେକ ରିପୋର୍ଟ ଅନୁସାରେ ଆମେରିକା ତାଲିବାନ ସହିତ ଏକ ପ୍ରକାର ବୁଝାମଣା କରିଛି। ତାଲିବାନ ଆମେରିକା ସ୍ୱାର୍ଥକୁ ହାନି କରିବା ଭଳି କୌଣସି କାର୍ଯ୍ୟ କରିବ ନାହିଁ ବୋଲି କଥା ଦେଇଥିବା ବେଳେ ଆଫଗାନିସ୍ତାନର ଜାତୀୟ ସ୍ରୋତରେ ସାମିଲ ହେବ ବୋଲି ଆଶ୍ୱାସନା ଦେଇଛି। ତେବେ ତାଲିବାନର ଏଭଳି ଆଶ୍ୱାସନାକୁ ସହଜରେ ବିଶ୍ୱାସ କରାଯାଇ ନ ପାରେ। କେବଳ ଆମେରିକା କାହିଁକି ତାଲିବାନ ମଧ୍ୟ ଅନ୍ୟାନ୍ୟ ଆଞ୍ଚଳିକ ଶକ୍ତି ଯେପରି କି ରୁଷିଆ, ଇରାନ, ପାକିସ୍ତାନ, ଚାଇନା ଓ କେନ୍ଦ୍ର ଏସୀୟ ରାଷ୍ଟ୍ରଗୁଡ଼ିକ ସହିତ ମଧ୍ୟ ଆଲୋଚନା ଜାରି ରଖିଛି। ମାତ୍ର ଚିନ୍ତାର ବିଷୟ ଯେ ଏପଟେ ରାଜନୈତିକ ସ୍ତରରେ ବାର୍ତ୍ତାଳାପ ଚାଲିଥିବା ବେଳେ ସେପଟେ ତାଲିବାନର ମୁଜାହିଦ୍ଦିନମାନେ ଆଫଗାନିସ୍ତାନର ଅନେକ ଅଞ୍ଚଳକୁ ନିଜ ଅକ୍ତିଆରକୁ ନେଇ ସାରିଲେଣି। ତାଲିବାନର ଏହି ଦୋମୁହାଁ ନୀତିକୁ ଆଫଗାନିସ୍ତାନ ସରକାର ସହଜରେ ଗ୍ରହଣ କରିପାରୁନାହାନ୍ତି।

ପାକିସ୍ତାନର ତାଲିବାନକୁ ସହଯୋଗ ମଧ୍ୟ ଆଫଗାନିସ୍ତାନ ସରକାରଙ୍କର ଚିନ୍ତା ବଢ଼ାଇଛି। ଆଫଗାନିସ୍ତାନ ବିରୋଧୀ ଆତଙ୍କବାଦୀ ତତ୍ତ୍ୱଙ୍କୁ ନିଜ ମାଟିରେ ପ୍ରୋତ୍ସାହନ ଦେଉଥିବାରୁ ଆଫଗାନିସ୍ତାନ ସରକାରଙ୍କର ପାକିସ୍ତାନ ସହିତ ସମ୍ପର୍କ ତିକ୍ତ ରହି ଆସିଛି। କିଛିଦିନ ପୂର୍ବେ ତାସକେଣ୍ଟଠାରେ ଅନୁଷ୍ଠିତ ଏକ ବୈଠକରେ ଆଫଗାନିସ୍ତାନର ରାଷ୍ଟ୍ରପତି ଅଶରଫ ଘାନି ପାକିସ୍ତାନର କାର୍ଯ୍ୟକଳାପକୁ ଖୋଲାଖୋଲି ନିନ୍ଦା କରିଥିଲେ। ମୁଜାହିଦ୍ଦିନ ମାନଙ୍କୁ ସୀମା ସେପଟୁ ପଠାଇବା ସହିତ ଚାଲିଥିବା ସଂଘର୍ଷ ସମୟରେ ସେମାନଙ୍କୁ ପାକିସ୍ତାନ ବାୟୁସେନାର ସହାୟତା ଭଳି ଗମ୍ଭୀର ଅଭିଯୋଗ ଆଣିଛି ଆଫଗାନିସ୍ତାନ ସରକାର।

ତେବେ ଆଫଗାନିସ୍ତାନ ସ୍ଥିତିରେ ହେଉଥିବା ପରିବର୍ତ୍ତନରେ ଭାରତର ସ୍ୱାର୍ଥ ସବୁଠାରୁ ଅଧିକ ହାନି ହେବାର ଆଶଙ୍କା ପ୍ରକାଶ ପାଇଛି। ଗତ ଦୁଇ ଦଶକ ଧରି ଆମେରିକାର ସୁରକ୍ଷା ବଳୟ ମଧ୍ୟରେ ଭାରତ ଆଫଗାନିସ୍ତାନର ପୁନର୍ଗଠନରେ ପ୍ରମୁଖ ଭୂମିକା ଗ୍ରହଣ କରି ଆସିଛି। ଆଫଗାନିସ୍ତାନରେ ପ୍ରସ୍ତୁତ ଅନେକ ସାମଗ୍ରୀକୁ ରିହାତି କିମ୍ବା ବିନା ଶୁଳ୍କରେ ଭାରତୀୟ ବଜାରରେ ପ୍ରବେଶ ଅନୁମତି ଆଫଗାନିସ୍ତାନର ଅର୍ଥନୀତିକୁ ସୁଦୃଢ଼ ହେବାରେ ସାହାଯ୍ୟ କରିଛି। ଦ୍ୱିପାକ୍ଷିକ ବାଣିଜ୍ୟ ବର୍ତ୍ତମାନ ୧ ବିଲିୟନ ଡଲାର ଛୁଇଁଲାଣି। ଆଫଗାନିସ୍ତାନର ୩୪ଟି ପ୍ରଦେଶରେ ଭାରତ ସହଯୋଗରେ ପ୍ରାୟ ୪୦୦ରୁ ଊର୍ଦ୍ଧ୍ୱ ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି। ଆଜି ପର୍ଯ୍ୟନ୍ତ ଭାରତ ଆଫଗାନିସ୍ତାନରେ ପ୍ରାୟ ୩ ବିଲିୟନ ଡଲାର ନିବେଶ କରି ସାରିଛି। ତାଲିବାନ ଯଦି ପୁନଃ ଶାସନ ଅକ୍ତିଆର କରେ ତେବେ ଭାରତ କରିଥିବା ସମସ୍ତ ନିବେଶ ଓ ପାଇଥିବା ସଦ୍‌ଭାବନା ବ୍ୟର୍ଥ ହେବାର ଆଶଙ୍କା ସୃଷ୍ଟି ହୋଇଛି। ବର୍ତ୍ତମାନ ପରିପ୍ରେକ୍ଷୀରେ ତାଲିବାନ ସହିତ ଚାଲିଥିବା ପଛଦ୍ୱାର ବୁଝାମଣାରେ ପାକିସ୍ତାନର ପ୍ରଭାବ ବଢୁଥିବା ବେଳେ ନିଜର ପ୍ରଭାବ ହ୍ରାସ ପାଇବା ଭାରତର ସ୍ୱାର୍ଥ ଅନୁକୂଳ ନୁହେଁ। ଏ ଦିଗରେ ଭାରତକୁ ନିଜର ରଣନୀତିରେ ପରିବର୍ତ୍ତନ ଆଣିବା ଆବଶ୍ୟକ ବୋଲି ମତ ପ୍ରକାଶ ପାଇଛି।

ବର୍ତ୍ତମାନ ସ୍ଥିତିକୁ ଅବଲୋକନ କଲେ ଏହା ନିଶ୍ଚିତ କୁହାଯାଇପାରେ ଯେ ଆମେରିକା ଓ ତା'ର ସହଯୋଗୀ ରାଷ୍ଟ୍ରଙ୍କର ହଠାତ୍ ସେନା ପ୍ରତ୍ୟାହାର ନିଷ୍ପତ୍ତି ଆଫଗାନିସ୍ତାନର ସରକାର ଓ ସୁରକ୍ଷା ବଳଙ୍କୁ ଏକ ଦୁର୍ବଳ ସ୍ଥିତିରେ ପକାଇଛି। ହୁଏତ ପ୍ରତ୍ୟାହାର ପୂର୍ବରୁ ସେମାନଙ୍କୁ ପ୍ରାକ୍-ପ୍ରସ୍ତୁତି ପାଇଁ ଯଥେଷ୍ଟ ସମୟ ଦେଇଥିଲେ ବର୍ତ୍ତମାନର ପରିସ୍ଥିତି ଅନ୍ୟ ପ୍ରକାର ହୋଇଥାନ୍ତା। ତାଲିବାନ ଯେଉଁ ବେଗରେ ବିଭିନ୍ନ ଅଞ୍ଚଳ କବ୍‌ଜା କରି ଚାଲିଛି ତଦ୍ଦ୍ୱାରା ଏକ ଅଶାନ୍ତ ଆଫଗାନିସ୍ତାନ ଆଞ୍ଚଳିକ ସ୍ଥିରତା ବିପନ୍ନ କରିପାରେ। ତେଣୁ ଆଫଗାନିସ୍ତାନରେ ଶାନ୍ତି ବଜାୟ ରଖିବା ପାଇଁ ଓ ବିକାଶ କାର୍ଯ୍ୟ ତ୍ୱରାନ୍ୱିତ କରିବା ଲାଗି ସେଠାକାର ସରକାର, ବିଭିନ୍ନ ଜାତୀୟ ଗୋଷ୍ଠୀଙ୍କର ଯେତିକି ଦାୟିତ୍ୱ ରହିଛି ସେତିକି ରହିଛି ଆଫଗାନିସ୍ତାନର ପଶ୍ଚିମ ଏସୀୟ, କେନ୍ଦ୍ର ଏସୀୟ ଓ ଦକ୍ଷିଣ ଏସୀୟ ପଡ଼ୋଶୀ ରାଷ୍ଟ୍ରଗୁଡ଼ିକର।

ଆସିଷ୍ଟାଣ୍ଟ ପ୍ରଫେସର,ଅନ୍ତର୍ଜାତୀୟ ଶିକ୍ଷା ସଂସ୍ଥାନ
ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟ, ନୂଆଦିଲ୍ଲୀ

# କଳାର ମାନଚିତ୍ରକର

## ବ୍ୟକ୍ତିତ୍ୱ



ମକ୍‌ବୁଲ୍ ଜାନ୍

ଜୀବନରେ ପ୍ରସିଦ୍ଧିଲାଭ ପାଇଁ ଅଧିକ ପାଠପଢ଼ା ଏକମାତ୍ର ସୋପାନ ହୋଇ ନ ପାରେ। ପୃଥିବୀବ୍ୟାପୀ ଏହାର ଅସଂଖ୍ୟ ଦୃଷ୍ଟାନ୍ତ ରହିଛି। ଅର୍ଥାତ୍ ଲୌକିକ ଦୃଷ୍ଟିରୁ ଜଣେ ଉଚ୍ଚଶିକ୍ଷିତ ନ ହୋଇଥିଲେ ମଧ୍ୟ ନିଜ କାର୍ଯ୍ୟ ବା ସେବା ପ୍ରତି ଏକନିଷ୍ଠ ହେବା ସହ ନିରନ୍ତରତା ବଜାୟ ରଖିଲେ ସଫଳତା ଅବଶ୍ୟମ୍ଭାବୀ। ଏଭଳି ଲୋକଙ୍କୁ ଖୋଜି ସମ୍ମାନିତ କରିବା ସହ ସେମାନଙ୍କ ସଂଘର୍ଷର କାହାଣୀ ଦୁନିଆ ଆଗରେ ଥୋଇଲେ ତାହା ଯୁବପିଢ଼ିକୁ ଅନୁପ୍ରାଣିତ କରିଥାଏ। ୨୭ ଜୁଲାଇରେ ଫଟୋ ଜର୍ନାଲିଷ୍ଟ ବସିତ୍ ଜାର୍ଗର ଶ୍ରୀନଗରରେ ଅବସ୍ଥାନ କରୁଥିବା କାଗଜମଣ୍ଡ ଛାଞ୍ଚ ଚିତ୍ରକର ମକ୍‌ବୁଲ୍ ଜାନ୍‌ଙ୍କ କଳାକୃତିକୁ ସୋସିଆଲ ମିଡିଆରେ ଅପ୍‌ଲୋଡ୍ କରିବା ପରେ ଅନେକ ହଜାର ଲାଇକ୍‌ସ ଓ ରିଟୁଇଟ୍ ହୋଇଥିବା ଦେଖିବାକୁ ମିଳିଥିଲା। କପଡ଼ା ଉପରେ ସାଂକେତିକ କଳାକୃତି ବହନ କରୁଥିବା ଶ୍ରୀନଗର ସହରର ମାନଚିତ୍ରକୁ ଶେଷ ସ୍ପର୍ଶ ଦେଉଥିବାର ଫଟୋ ତାଙ୍କ ଉନ୍ନତ କାରିଗରିର ପରିଚୟ ଦେଉଛି ବୋଲି ଦେଖଣାହାରି କହିବାକୁ ଲାଗିଛନ୍ତି।

ଶ୍ରୀନଗରର ମୋହଲ୍ଲା ଆଲମଗିରି ବଜାରରେ ଏକ କଶ୍ମୀର ପରିବାରରେ ଜାନ୍‌ଙ୍କ ଜନ୍ମ ୧୭ ଫେବୃୟାରୀ ୧୯୬୫ରେ। ତାଙ୍କୁ ଦୁଇ ବର୍ଷ ହୋଇଥିବା ବେଳେ ସେ ତାଙ୍କ କଳାକାର ପିତାଙ୍କୁ ହରାଇଥିଲେ। ଘରର ସମସ୍ତ ଦାୟିତ୍ୱ ମା'ଙ୍କ ଉପରେ ନ୍ୟସ୍ତ ହୋଇଥିଲା। ମା' ଚରଖାରେ ସୂତା କାଟି ପରିବାର ପ୍ରତିପୋଷଣ କରିବାକୁ ଚେଷ୍ଟା କରିଥିଲେ। କିନ୍ତୁ ତାହା ଘର ଚଳାଇବା ପାଇଁ ଯଥେଷ୍ଟ ହୋଇ ନ ଥିଲା। ପରିବାର ଆର୍ଥିକ ଅନଟନ ଦେଇ ଗତି କରୁଥିବାରୁ ଜାନ୍ ଷଷ୍ଠ ଯାଏ ପଢ଼ିବା ପରେ ସ୍କୁଲରୁ ସମ୍ପୂର୍ଣ୍ଣ ଛୁଟି ନେଇଯାଇଥିଲେ। ତା' ପରେ ଅର୍ଥ ରୋଜଗାର କରିବା ଲାଗି ବିଭିନ୍ନ କାରଖାନାରେ କାମ କରିଥିଲେ। ତେବେ ପିତା ଛାଡ଼ିଯାଇଥିବା କଳାକୃତି ଦେଖି ସେ ସେଥିପ୍ରତି ଆକୃଷ୍ଟ ହୋଇଥିଲେ। ସେଥିରେ ରଙ୍ଗ ଦେଇ ନୂଆ ପରୀକ୍ଷଣ କରିବା ସହ କଳାତ୍ମକ କାରୁକାର୍ଯ୍ୟରେ ଅଭିନବତ୍ୱ ଆଣିବାକୁ ଚେଷ୍ଟା କରିଥିଲେ। ତେବେ ଛୋଟିଆ ଘର ହୋଇଥିବାରୁ ପରିବାରର ସମସ୍ତେ ଚଳପ୍ରଚଳ କରିବା ଲାଗି ଅସୁବିଧା ହେଉଥିବା ଦେଖି ଜାନ୍ ରାତିରେ କାରଖାନାରେ ଶୋଇଯାଉଥିଲେ। ସକାଳେ ଶ୍ରମିକ କାମକୁ ଆସିବା ପୂର୍ବରୁ ସେ ସେହି ସ୍ଥାନକୁ ସଫାସୁତୁରା କରିଦେଉଥିଲେ। ଏସବୁ କାର୍ଯ୍ୟକୁ କାରଖାନା ମାଲିକ ଓସ୍ତାଦ୍ ଗୁଲାମ ହାସନ୍ ଦେଖି ତାଙ୍କ କଠିନ ପରିଶ୍ରମ ଓ କଳାକୃତିକୁ ଚିହ୍ନିପାରିଥିଲେ। ସେହି ସମୟରେ ଜାନ୍‌ଙ୍କୁ ସେ ବ୍ୟବସାୟର କଳା ଶିଖାଇଥିଲେ। ଜଣେ କଳାକାରଙ୍କ ପାଇଁ ହାସନ୍ ଦେବଦୂତ ହୋଇ ସେଦିନ ଯେଉଁ ବଞ୍ଚିବାର କଳା ଶିଖାଇଥିଲେ ତାହାକୁ ଆଧାର କରି ଜାନ୍ ଆଗକୁ ଯିବାର ରାସ୍ତା ପାଇଥିଲେ। ତା' ପରେ ପିତାଙ୍କ କଳାକୃତିରୁ ପୂର୍ବଜ୍ଞାନ ଅର୍ଜନ କରି ସେ ନିଜର ବ୍ୟବସାୟ ଆରମ୍ଭ କରିଦେଇଥିଲେ। ପେପିଅର୍ ମାକେ ବା କାଗଜମଣ୍ଡର ଛାଞ୍ଚରେ ଢଳାଯାଇ ପ୍ରସ୍ତୁତ ହୋଇଥିବା ବାକ୍ସ, ଥାଳି, ମୂର୍ତ୍ତି ଓ ମାଟିପାତ୍ରରେ ସେ ଯେଉଁ କଳାତ୍ମକ ଅଭିବ୍ୟକ୍ତି ପ୍ରକାଶ କଲେ, ତାହା ଗ୍ରାହକଙ୍କୁ ଆକୃଷ୍ଟ କଲା।

ଉଲ୍ଲେଖଯୋଗ୍ୟ ଯେ, ପେପିଅର୍ ମାକେ ହେଉଛି ଚତୁର୍ଦ୍ଦଶ ଶତାବ୍ଦୀର ଏକ କଳାକୃତି। ପାର୍ସୀର ରହସ୍ୟବାଦୀ ମିର୍ ସୟଦ ଅଲ୍ଲୀ ହମ୍‌ଦାନି କଶ୍ମୀର ଉପତ୍ୟକାକୁ ପରିଭ୍ରମଣରେ ଆସିଥିବା ବେଳେ ସେ ଏଭଳି ଦକ୍ଷ କଳାକାରଙ୍କୁ ସେଠାରେ ନିୟୋଜିତ କରିଥିଲେ। କାଗଜମଣ୍ଡ ଅଠାଭଳି କାମ କରୁଥିବାରୁ କପଡ଼ା, ପଥର, କାଠର ଉପରିଭାଗରେ କାରିଗରମାନେ ଚିତ୍ର ଅଙ୍କନ କରି ତାହାକୁ ଅତ୍ୟନ୍ତ ଜୀବନ୍ତ କରିଦେଉଥିଲେ। ଅତି ସୁନ୍ଦର ଦିଶୁଥିବା ଏହିସବୁ ସାମଗ୍ରୀ ୫୦୦ ବର୍ଷ ଯାଏ ଅକ୍ଷୁଣ୍ଣ ରହିଥାଏ ବୋଲି ଜାନ୍ ମତ ଦିଅନ୍ତି। ତାଙ୍କ ଭାଇ, ଭଉଣୀ, ସ୍ତ୍ରୀ ଓ ପିଲାମାନେ ଏହି ବୃତ୍ତିରେ ଏବେ ନିୟୋଜିତ ଅଛନ୍ତି।

ଏହି କାରୁକାର୍ଯ୍ୟ ଲାଗି ଆବଶ୍ୟକ କଞ୍ଚାମାଲ ଅତି ଉନ୍ନତ ମାନର ହେବା ସହ ଡିଜାଇନ୍ ଓ ସୂକ୍ଷ୍ମତାରେ ଜାନ୍ କଦାପି ସାଲିସ କରି ନାହାନ୍ତି। ନିରିଠେଇ କାମ କଲା ବେଳେ ସେ କେତେ ଯେ ନିଦ୍ରାବିହୀନ ରାତି ବିତାଇଛନ୍ତି ତାହାର ହିସାବ ରଖିନାହାନ୍ତି ବୋଲି କହିଛନ୍ତି। ସେ ଏହି ଅନନ୍ୟ କଶ୍ମୀର କଳାକୁ ଉଜ୍ଜୀବିତ ରଖିବା ସକାଶେ କଳାକାରଙ୍କୁ ପ୍ରଶିକ୍ଷଣ ଦେଇଚାଲିଛନ୍ତି। ରାଜ୍ୟ ସରକାରଙ୍କଠାରୁ ଏଥିଲାଗି ସେ ୪ଟି ପୁରସ୍କାର ପାଇଥିବା ବେଳେ ୨୦୦୭-୨୦୦୮ରେ ୟୁନେସ୍କୋ ସିଲ୍ ଅଫ୍ ଏକ୍ସିଲେନ୍ସ ଫର୍ ହ୍ୟାଣ୍ଡିକ୍ରାଫ୍ଟସ୍‌ରେ ସମ୍ମାନିତ ହୋଇଥିଲେ। ତେବେ ଏହି କଳା ବ୍ୟବହାର କରି ଶ୍ରୀନଗର ସହରର ମାନଚିତ୍ରରେ ଭୂଦୃଶ୍ୟ, ଶିଖରା ଡଙ୍ଗା, ମୋଗଲ ସ୍ଥାପତ୍ୟ, ଚିନାର ବୃକ୍ଷ, ଶତାବ୍ଦୀବ୍ୟାପୀ ହସ୍ତକଳା ଓ ଡାଲ୍ ହ୍ରଦକୁ ସେ ସନ୍ନିବେଶିତ କରିବା ଲାଗି ବର୍ଷେ ତଳୁ କାମ ଆରମ୍ଭ କରି ତାହାକୁ ଶେଷ ଛୁଆଁ ଦେବାରେ ଲାଗି ପଡ଼ିଛନ୍ତି। ଜାନ୍‌ଙ୍କ ଜୀବନର ଇଚ୍ଛା ତାଙ୍କ କଳାକୃତି ପାର୍ଲାମେଣ୍ଟ କିମ୍ବା ରାଜ୍ୟ ବିଧାନସଭା କାନ୍ଥରେ କେବେ ସ୍ଥାନ ପାଇବ। ସେତିକି ହୋଇପାରିଲେ ଦେଶ ପ୍ରତି ତାହା ତାଙ୍କର ଶ୍ରେଷ୍ଠ ଅବଦାନ ହେବ ବୋଲି ସେ କହିଛନ୍ତି।

–ଜିତେନ୍ଦ୍ର କୁମାର ନାୟକ

## ଏଇ ଭାରତରେ

ଆଇଟି ଚାକିରି ଛାଡ଼ି ପାର୍ଥସାରଥୀ ନାରା ନିଜ ଅଞ୍ଚଳରେ କମ୍ୟୁନିଟି ଫାର୍ମିଂ ବା ଗୋଷ୍ଠୀଗତ କୃଷିର ବିକାଶ କରୁଛନ୍ତି। ନିଜର ୨୦ ଏକର ଫାର୍ମରୁ ବର୍ଷକୁ ସେ ୧ କୋଟି ଟଙ୍କା ବ୍ୟବସାୟ କରି ୧୨ ଲକ୍ଷ ଟଙ୍କା ପାଖାପାଖି ଲାଭ ପାଉଛନ୍ତି। ଆନ୍ଧ୍ରପ୍ରଦେଶର ଅନନ୍ତପୁର ଜିଲା ଉପନେସିନାପଲ୍ଲୀ ଗାଁରେ ପାର୍ଥସାରଥିଙ୍କ ଘର। ୨୦୦୧ରେ କମ୍ପ୍ୟୁଟର ସାଇନ୍ସରେ ଡିଗ୍ରୀ ହାସଲ କରିବା ପରେ ଚାଷ ଆରମ୍ଭ କରିଦେଇଥିଲେ। କିନ୍ତୁ ତା' ଭିତରେ ତାଙ୍କୁ ଆମେରିକାରେ ଚାକିରି ମିଳିଥିଲା। ୨୦୦୮ରେ ଭାରତ ଫେରି ପୁଣି ଚାଷ ଆରମ୍ଭ କରିଥିଲେ। ସେ ତାଙ୍କ ଗାଁ ଆଖପାଖରେ ଋଣରେ ବୁଡ଼ିଥିବା ଚାଷୀମାନଙ୍କୁ ଉଦ୍ଧାର କରିବାକୁ କମ୍ୟୁନିଟି ଫାର୍ମିଂ ପଦ୍ଧତି ଆପଣାଇଛନ୍ତି। ୧୫୦ କୃଷକଙ୍କୁ ସେ ତାଙ୍କ ନେଟୱର୍କରେ ଯୋଡ଼ି ସାରିଛନ୍ତି। ସେମାନଙ୍କୁ ସବୁପ୍ରକାର ସାହାଯ୍ୟ ଯୋଗାଉଛନ୍ତି ପାର୍ଥସାରଥି। ତାଙ୍କ ଗାଁର ୪୦ କି.ମି. ଭିତରେ କୃଷକମାନଙ୍କ ସଂଗଠିତ କରି ଉତ୍ପାଦ ବିକ୍ରିର ବ୍ୟବସ୍ଥା କରୁଛନ୍ତି। ଏବେ ତାଙ୍କ ମାର୍କେଟକୁ ବେଙ୍ଗାଲୁରୁକୁ ସମ୍ପ୍ରସାରଣ କରିଛନ୍ତି। ଏହାଦ୍ୱାରା ପାର୍ଥସାରଥିଙ୍କ ସମେତ ସବୁ ଚାଷୀ ଲକ୍ଷାଧିକ ଟଙ୍କା ରୋଜଗାର କରିବାକୁ ସକ୍ଷମ ହୋଇ ସେମାନେ ଋଣମୁକ୍ତ ହୋଇଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

### ୧ ଅଗଷ୍ଟ ୧୯୯୬

- ଦକ୍ଷିଣ ଆଫ୍ରିକାର ରାଜଧାନୀ ଜୋହାନ୍ସବର୍ଗର ନିକଟବର୍ତ୍ତୀ ଡେମ୍ବିସା ରେଳଷ୍ଟେସନରେ ଦଳାଚକଟା ଘଟି ୧୫ ରେଳଯାତ୍ରୀଙ୍କ ମୃତ୍ୟୁ।
- ସିବିଆଇ ନିର୍ଦ୍ଦେଶକ ଭାବେ ବରିଷ୍ଠ ଆଇପିଏସ୍ ଅଫିସର ଯୋଗୀନ୍ଦର ସିଂଙ୍କ ଦାୟିତ୍ୱ ଗ୍ରହଣ।

## ଚିରନ୍ତନୀ

ଧରାରେ ନାଚଇ ନିଦାଘର ମରୀଚିକା
ଆକାଶେ ଉଠଇ ତୀବ୍ର ତପନ ଶିଖା
ଶୂନ୍ୟ ବିପିନ ନାହିଁ ଜନପଥ ଘାଟେ
ପଶୁ ବିହଙ୍ଗ ନ ଦିଶଇ ବିଲ ବାଟେ।
(ଜୀବନର ସ୍ୱର୍ଗ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

# ପାଠକ ଶ୍ରେଷ୍ଠ ବିଚାରକ

## ବିଦ୍ୟୁତ୍ ଦର ବୋଝ

ମହାଶୟ,

ବିଦ୍ୟୁତ୍ ବିତରଣ କାର୍ଯ୍ୟ ଟାଟା କମ୍ପାନୀ ନେବା ପରେ ସାଧାରଣ ଜନତା କରୋନା ମହାମାରୀରେ ଆକ୍ରାନ୍ତ ହୋଇ ଛଟପଟ ହେଉଥିବା ସମୟରେ ଥରେ ନୁହେଁ, ଦୁଇଥର ବିଦ୍ୟୁତ୍ ଦର ବଢ଼ାଇ ସାଧାରଣ ଜନତାଙ୍କୁ ଅସ୍ତବ୍ୟସ୍ତ କରିଚାଲିଛି। କମ୍ପାନୀକୁ ଏପରି ଲାଭଖୋର ନିଶା ଲାଗିଛି ଯେ, ଗ୍ରାହକମାନଙ୍କର ପୁରୁଣା ମିଟର ଗୁଡ଼ିକ ଭଲ ଥିଲେ ମଧ୍ୟ ସେଗୁଡ଼ିକୁ ଜୋରଜବରଦସ୍ତ ବଦଳାଇ ଦେଉଛି। ବଜାରର ଦାମୀ ମିଟର ୧୨୦୦ଟଙ୍କାରେ ମିଳୁଥିବା ବେଳେ ତାହାକୁ କମ୍ପାନୀ ଗ୍ରହଣ କରୁନାହିଁ। ନିଜ ମିଟର ଲଗାଇ ମାସକୁ ୪୦ଟଙ୍କା ହିସାବରେ ୬୦ମାସ(୫ବର୍ଷ ପର୍ଯ୍ୟନ୍ତ) ମୋଟ ୨୪୦୦ଟଙ୍କା ଆଦାୟ କରିବାରେ ବ୍ୟସ୍ତ। ଏହାଛଡ଼ା ମାସ ମଧ୍ୟରେ ରନିଙ୍ଗ ବିଲ୍ ନ କାଟି ରିଡିଙ୍ଗ ମେଶିନ ଅଭାବ ଆଳ ଦେଖାଇ ଅଧିକ ୧୦ରୁ ୧୫ଦିନ ବିଳମ୍ବ କରି କାଟୁଛି; ଯଦ୍ଦ୍ୱାରା ଏକକାଳୀନ ଅଧିକ ଦିନ ହେତୁ ବିଲ୍ ପେମେଣ୍ଟ ବଢ଼ିଯାଉଛି ଏବଂ ୟୁନିଟ ସ୍ଲାବ ବଢ଼ି ଶେଷ ସ୍ଲାବରେ ଅଧିକ ରେଟରେ ବିଲ୍ ପ୍ରସ୍ତୁତ କରି ଲାଭଖୋର ମନୋବୃତ୍ତି ଚାଲୁ ରଖିଛି। ଏଣୁ ଗ୍ରାହକମାନେ ଅସନ୍ତୋଷ ହେଉଛନ୍ତି। ଏହାର ଯଥାଶୀଘ୍ର ପ୍ରତିକାର ବ୍ୟବସ୍ଥା କରାଯାଉ।

ସୌଦାମିନୀ ମହାପାତ୍ର, ପୁରୁଣା ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଆତ୍ମସମର୍ପଣ ୨ ମାଓବାଦୀଙ୍କୁ ଆର୍ଥିକ ସହାୟତା

କୋରାପୁଟ,(ସ୍ୱ.ପ୍ର.)-କୋରାପୁଟ ଏସ୍‌ପିଙ୍କ ନିକଟରେ ଏସିଏମ୍ କ୍ୟାଡର ମାଓବାଦୀ ରାମେ ମାଡକାମୀ ଓ ତିଲସେ ହୁଇକା ଆତ୍ମସମର୍ପଣ କରିଥିଲେ । ଉଭୟଙ୍କୁ ଶନିବାର କୋରାପୁଟ ଏସ୍‌ପି ବରୁଣ ଗୁଣ୍ଟୁପାଲି ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ରାଜ୍ୟ ସରକାରଙ୍କ ଆତ୍ମସମର୍ପଣ ଓ ଥଇଥାନ ନୀତି ଅନୁସାରେ ଉଭୟଙ୍କୁ ୧ ଲକ୍ଷ ୪୮ ହଜାର ଲେଖାଏ ଟଙ୍କା ମିଳିଛି । ସେମାନଙ୍କ ପାଇଁ ଟିଡିଆରରେ ୨ ଲକ୍ଷ ଟଙ୍କା ରଖାଯାଇଛି। ସେମାନଙ୍କ ବ୍ୟବହାରକୁ ଦେଖି ୩ ବର୍ଷ ପରେ ଏହି ଅର୍ଥ ପ୍ରଦାନ କରାଯିବ ବୋଲି ଏସ୍‌ପି କହିଛନ୍ତି।

### ସଂକ୍ଷେପରେ

## ପୂର୍ବ ଶତ୍ରୁତା ନେଲା ଶିଶୁ ଜୀବନ

**ମାଲକାନଗିରି,୩୧।୭ (ଡି.ଏନ୍.ଏ.):** ପାରିବାରିକ ଶତ୍ରୁତା ପାଇଁ ଜଣେ କୋମଳମତି ଶିଶୁର ଜୀବନ ଯାଇଛି। ଏହାକୁ କେନ୍ଦ୍ରକରି ଏମ୍‌ଭି-୧୯ ଗ୍ରାମରେ ଉତ୍ତେଜନା ଦେଖାଦେଇଛି। ମୃତ ଶିଶୁ ଜଣକ ହେଲେ ୫ବର୍ଷର ଅଙ୍କିତ ମଣ୍ଡଳ। ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଏପରି ହତ୍ୟାକାଣ୍ଡ ଘଟିଥିବା ଜଣାପଡିଛି। ଅଙ୍କିତଙ୍କୁ ହତ୍ୟା କରିବା ପରେ ହତ୍ୟାକାରୀ ନିଜ ଘରେ ମୃତଦେହ ଲୁଚାଇ ରଖିଥିଲେ। ମାଲକାନଗିରି ଜିଲା ଏମ୍‌ଭି-୧୯ ଗ୍ରାମରେ ଘଟିଥିବା ଏହି ଘଟଣା ସାଧାରଣରେ ଆଲୋଡନ ଖେଳାଇ ଦେଇଛି। ଶୁକ୍ରବାର ରାତିରୁ ଅଙ୍କିତ ନିଖୋଜ ଥିଲେ। ପରିବାର ଲୋକେ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ ମଧ ପାଇ ନ ଥିଲେ। ଶେଷରେ ପଡ଼ୋଶୀ ବିକାଶ ରାୟଙ୍କ ଘରେ ମୃତଦେହ ଥିବା ଜଣାପଡ଼ିବା ପରେ ତାଙ୍କୁ ସେଠାରୁ ଉଦ୍ଧାର କରି ଏମ୍‌ଭି-୧୯ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ଅଙ୍କିତଙ୍କ ପରିବାର ଥାନାରେ ଏତଲା ଦେବା ପରେ ବିକାଶ ଥାନାରେ ଆତ୍ମସମର୍ପଣ କରିଛନ୍ତି। ତାଙ୍କୁ ଗିରଫ କରାଯାଇଛି। ସେ ଅଙ୍କିତଙ୍କୁ ହତ୍ୟାକରି ନିଜ ଘରେ ଏକ ଚାଦର ଘୋଡ଼ାଇ ରଖିଥିବା ପଚରାଉଚରା ବେଳେ ସ୍ୱୀକାର କରିଛନ୍ତି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ପୋଲିସ ଲୋକଙ୍କୁ ବୁଝାଶୁଝା କରି ପରିସ୍ଥିତିକୁ ନିୟନ୍ତ୍ରଣ କରିଛି।

## ବିଦ୍ୟୁତ୍ ସଂସ୍ପର୍ଶରେ ଆସି ନାବାଳକ ମୃତ

**କପ୍ତିପଦା, ୩୧।୭(ଡି.ଏନ୍.ଏ.):** ମୟୂରଭଞ୍ଜ ଜିଲା କପ୍ତିପଦା ଥାନା ଅଧୀନ ଭଣ୍ଡାରିପାଳ ଗ୍ରାମର ଜଣେ ନାବାଳକ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ମୃତ୍ୟୁବରଣ କରିଛନ୍ତି। ମୃତ ନାବାଳକ ହେଲେ ସେହି ଗ୍ରାମର ସୁମନ୍ତ ବେହେରାଙ୍କ ପୁଅ ପବିତ୍ର। ସେ ଇନ୍‌ଭର୍ଟରରେ ପ୍ଲଗ୍ ଲଗାଉଥିବାବେଳେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଗୁରୁତର ଆହତ ହୋଇଥିଲେ। ପରିବାର ଲୋକେ ତାଙ୍କୁ ଉଦଳା ଡାକ୍ତରଖାନାକୁ ନେଇଥିଲେ ହେଁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ହତ୍ୟା ଅଭିଯୋଗ ଆଣିଲେ ପରିବାର ଲୋକେ

**ଗୁଣପୁର,୩୧।୭(ଡି.ଏନ୍.ଏ.)**

ଆନ୍ଧ୍ର ପ୍ରଦେଶ ଗୁଣ୍ଟୁର ଜିଲା ଅନ୍ତର୍ଗତ ଲଙ୍କାଭାନିଦିବା ଗ୍ରାମର ଏକ ଚିଙ୍ଗୁଡ଼ି ଫ୍ୟାକ୍ଟ୍ରିରେ ଅଗ୍ନିକାଣ୍ଡ ଘଟି ଗୁରୁବାର ରାତିରେ ୬ ଓଡ଼ିଆ ଶ୍ରମିକ ଜଳିଯାଇଥିଲେ। ଘଟଣା ପରେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ରାୟଗଡ଼ା ଜିଲା ଗୁଣପୁର ବିଧାୟକ ରଘୁନାଥ ଗମାଙ୍ଗ ଗୁଣ୍ଟୁର ଯାଇଥିଲେ। ଘଟଣା କିପରି ଘଟିଲା ସେ ନେଇ ବିଧାୟକ ସ୍ଥାନୀୟ ପୋଲିସ ଏବଂ ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ତହସିଲଦାର ବିଜୟାଶ୍ରୀଙ୍କ ସହ ଆଲୋଚନା କରିଥିଲେ। ବିଧାୟକଙ୍କ ଉପସ୍ଥିତିରେ ଶ୍ରମିକମାନଙ୍କ ମୃତଦେହ ବ୍ୟବଚ୍ଛେଦ କରାଯିବା ସହ ଶନିବାର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ଅନ୍ୟପକ୍ଷରେ ଏହା ଅଗ୍ନିକାଣ୍ଡ ନୁହେଁ, ଶ୍ରମିକମାନଙ୍କୁ ହତ୍ୟା କରାଯାଇଥିବା ପରିବାର ଲୋକେ ଅଭିଯୋଗ ଆଣିବା ସହ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଛନ୍ତି। ଆନ୍ଧ୍ର ଯାଇଥିବା ମୃତକଙ୍କ ପରିବାର ଲୋକେ ଏଭଳି ଅଭିଯୋଗ କରିବା ସହ ଶ୍ରମିକମାନେ କାମ କରୁଥିବା ଫ୍ୟାକ୍ଟ୍ରିର ମାଲିକ ୫ ଲକ୍ଷ ଟଙ୍କା ଲେଖାଏଁ କ୍ଷତିପୂରଣ ଦିଅନ୍ତୁ ବୋଲି କହିଛନ୍ତି।

ସୂଚନାଯୋଗ୍ୟ, ଲକ୍‌ଡାଉନ ଯୋଗୁ ମାସେ ତଳେ ରାୟଗଡ଼ା ଜିଲା ଗୁଣପୁର ବ୍ଲକ ଭୀମପୁର ପଞ୍ଚାୟତ ଝୁମ୍ପାପୁର ଗ୍ରାମର ରାମମୂର୍ତ୍ତି ଗମାଙ୍ଗ, ଫୁଲଫୁଟି ଗ୍ରାମର ପାଣ୍ଡବ ଶବର, ମୋହନ ଶବର, କରୁଣାକର ଶବରଙ୍କ ସମେତ ଗୁଣପୁର ସହର ମୋତିଲାଲ ନଗରର ନବୀନ ଶବର ଏବଂ ଗଜପତି ଜିଲା ରାୟଗଡ଼ ବ୍ଲକ ସାନତୁଣ୍ଡି ଗ୍ରାମର ମହେନ୍ଦ୍ର ଶବର ଉକ୍ତ ଚିଙ୍ଗୁଡ଼ି ଫ୍ୟାକ୍ଟ୍ରିରେ କାମ କରିବାକୁ ଯାଇଥିଲେ। ଗୁରୁବାର କାମସାରି ରାତିରେ ସେମାନେ ଶୋଇଥିବାବେଳେ ନିଆଁ ଲାଗି ଜଳିଯାଇଥିଲେ।


ଗୁଣପୁର ବିଧାୟକ ରଘୁନାଥ ଗମାଙ୍ଗ ଆନ୍ଧ୍ରରେ ପୋଲିସ ଏବଂ ଅଧିକାରୀଙ୍କ ସହ ଆଲୋଚନା କରୁଛନ୍ତି।

- ଆନ୍ଧ୍ରରେ ୬ ଓଡ଼ିଆ ଶ୍ରମିକ ଜଳିଯିବା ଘଟଣା
- ବିଧାୟକଙ୍କ ଉପସ୍ଥିତିରେ ଆନ୍ଧ୍ରରେ ମୃତଦେହ ସତ୍କାର
- ଫ୍ୟାକ୍ଟ୍ରି ମାଲିକ ଦିଅନ୍ତୁ ୫ ଲକ୍ଷ ଟଙ୍କା ସହାୟତା

### ଆନ୍ଧ୍ର ସରକାରଙ୍କ ୩ ଲକ୍ଷ ସହାୟତା ଘୋଷଣା

ଆନ୍ଧ୍ର ପ୍ରଦେଶ ଗୁଣ୍ଟୁର ଜିଲା ଅନ୍ତର୍ଗତ ଲଙ୍କାଭାନିଦିବା ଗ୍ରାମର ଏକ ଚିଙ୍ଗୁଡ଼ି ଫ୍ୟାକ୍ଟ୍ରିରେ ଅଗ୍ନିକାଣ୍ଡ ଘଟି ୬ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ ଘଟଣାରେ ଆନ୍ଧ୍ର ପ୍ରଦେଶ ମୁଖ୍ୟମନ୍ତ୍ରୀ ୱାଇ.ଏସ୍. ଜଗନମୋହନ ରେଡ୍ଡୀ ମୃତକଙ୍କ ପରିବାରକୁ ୩ ଲକ୍ଷ ଟଙ୍କା ଲେଖାଏଁ ଆର୍ଥିକ ସହାୟତା ଘୋଷଣା କରିଛନ୍ତି। ଏଥିପୂର୍ବରୁ ଶୁକ୍ରବାର ଓଡ଼ିଶା ସରକାର ୨ ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପାମୂଳକ ସହାୟତା ଘୋଷଣା କରିଥିଲେ।

## ୩ରୁ ଚାଲିବ ଭଞ୍ଜପୁର-ସାଲିମାର ଟ୍ରେନ

**ବାରିପଦା ଅଫିସ, ୩୧।୭**

ବର୍ଷେ ଧରି ବନ୍ଦ ଥିବା ଭଞ୍ଜପୁର-ସାଲିମାର ସୁପରଫାଷ୍ଟ ଟ୍ରେନ ପୁଣି ୩ତାରିଖଠାରୁ ଚାଲିବ ବୋଲି ଜଣାପଡିଛି। କରୋନା କଟକଣା ପାଇଁ ୧୪ମାସ ଧରି ଟ୍ରେନ ଚଳାଚଳ ବନ୍ଦ ଥିଲା । ମଙ୍ଗଳବାର ଟ୍ରେନ ସାଲିମାରରୁ ବାହାରି ଭଞ୍ଜପୁର ଷ୍ଟେଶନରେ ପହଞ୍ଚିବ। ପୂର୍ବଭଳି ବିଭିନ୍ନ ଷ୍ଟେଶନରେ ରହଣି କରିବ। ସୋମବାର, ମଙ୍ଗଳବାର ଓ ବୁଧବାର ଟ୍ରେନ ସାନ୍ତ୍ରାଗଛିରୁ ଅପରାହ୍ନ ୪ଟା ୩୦ରୁ ଛାଡ଼ି ଭଞ୍ଜପୁର ଷ୍ଟେଶନରେ ରାତି ୯ଟା ୩୦ରେ ପହଞ୍ଚିବ। ତହିଁପରଦିନ ଭଞ୍ଜପୁରରୁ ସକାଳ ୬ଟାରେ ବାହାରି ସାଲିମାରରେ ମଧ୍ୟାହ୍ନ ୧୨ଟା ୧୫ରେ ପହଞ୍ଚିବ ବୋଲି ଦକ୍ଷିଣ ପୂର୍ବ ରେଳବାଇ ମୁଖ୍ୟ ଯାତ୍ରୀ ପରିବହନ ପରିଚାଳକ ଆଶିଷ ଭାଟିଆ ଜଣାଇଛନ୍ତି।

## ଛାତ୍ରୀଙ୍କୁ ବଳାତ୍କାର ଅଭିଯୋଗ

**ରେଢ଼ାଖୋଲ,୩୧।୭(ଡି.ଏନ.ଏ.)**

ସମ୍ବଲପୁର ଜିଲା ରେଢ଼ାଖୋଲ ଉପଖଣ୍ଡ ଚାରମାଳ ଥାନା ଅଞ୍ଚଳରେ ପଡ଼ୋଶୀ ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଥାନା ଅଞ୍ଚଳର ଜଣେ କଲେଜ ଛାତ୍ରୀଙ୍କୁ ବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ଚାରମାଳ ପୋଲିସ ଭାରତୀୟ ପିଙ୍ଗଳ କୋଡ୍‌ର ଧାରା ୩୭୬/୫୦୬ ଓ ପୋକ୍‌ସୋ ଆକ୍ଟର ଧାରା ୬ରେ ଏକ ମାମଲା (ନଂ.୧୦୦/୨୧) ରୁଜୁ କରି ଘଟଣାର ତଦନ୍ତ କରୁଥିବା ଥାନା ଅଧିକାରୀ ବସନ୍ତ କୁମାର ଦଳାଇ କହିଛନ୍ତି। ପୀଡିତା ଛାତ୍ରୀଙ୍କ ରେଢାଖୋଲ ଡାକ୍ତରଖାନାରେ ଡାକ୍ତରୀ ମାଇନା କରାଯାଇଛି। ଛାତ୍ରୀ ଜଣକ ଚାରମାଳ ଥାନା ଅଞ୍ଚଳର ଏକ କଲେଜରେ +୨ ଦ୍ୱିତୀୟ ବର୍ଷରେ ପଢନ୍ତି। ଗତ ୨୮ ତାରିଖରେ ସେ କ୍ଲାସ ସାରି ଗାଁକୁ ଫେରୁଥିବା ବେଳେ ବର୍ଷା ହେବାରୁ ଏକ ଗଛ ମୂଳେ ସାଇକେଲ ରଖି ଅଟକିଥିଲେ। ଏହି ସମୟରେ ଚାରମାଳ ଥାନା ଅନ୍ତର୍ଗତ ପଟୁପାଳ ଗ୍ରାମର ସୁରେଶ କୁମାର ମହାକୁଡ (୨୫) ତାଙ୍କୁ ରାସ୍ତା କଡ ଜଙ୍ଗଲକୁ ଟାଣିନେଇ ଜୋରଜବରଦସ୍ତ ବଳାତ୍କାର କରିଥିବା ନେଇ ଛାତ୍ରୀଙ୍କ ବାପା ଥାନାରେ ଶନିବାର ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରି ନ ଥିବା ଜଣାପଡ଼ିଛି।

## ୧୫ ଦିନରେ ସ୍ମାର୍ଟ କ୍ଲାସ୍‌ରୁମ୍, ବିଜ୍ଞାନାଗାର ନିର୍ମାଣ ସାରିବାକୁ ନିର୍ଦ୍ଦେଶ

### ଗଞ୍ଜାମ ଜିଲାର ପ୍ରଧାନ ଶିକ୍ଷକଙ୍କ ସହ ଗଣଶିକ୍ଷା ସଚିବଙ୍କ ଆଲୋଚନା

**ଭୁବନେଶ୍ୱର,(ବ୍ୟୁରୋ)/ ବ୍ରହ୍ମପୁର ଅଫିସ, ୩୧।୭**

ରାଜ୍ୟର ସରକାରୀ ବିଦ୍ୟାଳୟଗୁଡ଼ିକରେ ପଢୁଥିବା ପିଲାମାନେ ଯେପରି ସମସ୍ତ ପ୍ରକାର ସୁବିଧା ସୁଯୋଗ ପାଇପାରିବେ ତାହା ଉପରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପ୍ରମୁଖ ଶାସନ ସଚିବ ସତ୍ୟବ୍ରତ ସାହୁ ଗୁରୁତ୍ୱ ଦେଇଛନ୍ତି। ମୋ ସ୍କୁଲ୍ ଅଭିଯାନ ଅନ୍ତର୍ଗତ '୫ଟି- ହାଇସ୍କୁଲ ଟ୍ରାନ୍ସଫର୍ମେଶନ କାର୍ଯ୍ୟକ୍ରମ'ରେ ସାମିଲ ହୋଇଥିବା ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କୁ ସମ୍ବୋଧନ କରି ସେ ଛାତ୍ରୀଛାତ୍ରଙ୍କ ଶୈକ୍ଷିକ ବିକାଶକୁ ଗୁରୁତ୍ୱ ଦେଇଥିଲେ। ଶନିବାର ଭର୍ଚୁଆଲରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଗଞ୍ଜାମ ଜିଲା ହିଞ୍ଜିଳି ଓ ଶେରଗଡ଼ ବ୍ଲକ୍ ଅନ୍ତର୍ଗତ ୫୩ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କ ସମେତ ଜିଲା ଓ ବ୍ଲକ ଶିକ୍ଷାଧିକାରୀ ଯୋଗଦେଇଥିଲେ। ସଚିବ ସାହୁ କହିଲେ, ଶିକ୍ଷକମାନେ ପ୍ରତ୍ୟେକ ପିଲାଙ୍କୁ ନିଜ ପିଲା ଭଳି ପାଠ ପଢ଼ାନ୍ତୁ। ଆସନ୍ତା ୧୫ ଦିନ ମଧ୍ୟରେ ସମସ୍ତ ବିଦ୍ୟାଳୟରେ ସ୍ମାର୍ଟ କ୍ଲାସ୍‌ରୁମ୍, ଇ-ଲାଇବ୍ରେରି ଏବଂ ବିଜ୍ଞାନାଗାର ନିର୍ମାଣ କାର୍ଯ୍ୟ ଶେଷ କରିବାକୁ ସଚିବ ଉପସ୍ଥିତ ଶିକ୍ଷାଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଏହି ସମୟ ମଧ୍ୟରେ ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ଯେପରି ସ୍ମାର୍ଟ କ୍ଲାସ୍ ରୁମ୍‌ର ପରିଚାଳନା କରିବାକୁ ଦକ୍ଷ ହୋଇପାରିବେ ତା'ଉପରେ ଗୁରୁତ୍ୱ ଦେବାକୁ ସେ ଜିଲା ଶିକ୍ଷାଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଅନୁପମ ସାହା ଯୋଗଦେଇ ଶିକ୍ଷକଙ୍କୁ ଡିଜିଟାଲ କ୍ଷେତ୍ରରେ ସ୍ୱତନ୍ତ୍ର ପ୍ରଶିକ୍ଷଣ ଦିଆଯିବ ବୋଲି କହିଥିଲେ। 'ମୋ ସ୍କୁଲ୍' ମୁଖ୍ୟ ପରିଚାଳନା ଅଧିକାରୀ ଅମରଜିତ ଜେନା ଓ ଭାରପ୍ରାପ୍ତ ଅଧିକାରୀ ପ୍ରତିଭା ଦୋରା ସ୍କୁଲ ଭିତ୍ତିଭୂମି ସହ ଛାତ୍ରୀଛାତ୍ରଙ୍କ ବୌଦ୍ଧିକ ବିକାଶକୁ ପ୍ରାଥମିକତା ଦେବାକୁ କହିଥିଲେ। ଜିଲାପାଳ ବିଜୟ ଅମୃତ କୁଲାଙ୍ଗେ ବିଦ୍ୟାଳୟଗୁଡ଼ିକର ବିଭିନ୍ନ ବିକାଶମୂଳକ କାର୍ଯ୍ୟ ସମ୍ପର୍କରେ କହିଥିବାବେଳେ ପ୍ରଧାନ ଶିକ୍ଷକମାନେ ନିଜ ବିଦ୍ୟାଳୟରେ ଚାଲିଥିବା କାର୍ଯ୍ୟର ଅଗ୍ରଗତି ଓ ଆଗାମୀ କାର୍ଯ୍ୟପନ୍ଥା ସମ୍ପର୍କରେ ସୂଚନା ଦେଇଥିଲେ।



ଟୋକିଓ ଅଲିମ୍ପିକ୍ସରେ ଆସାମର ମହିଳା ବକ୍ସର ଲଭଲିନା ବୋରଗୋହେନଙ୍କ ସଫଳତାକୁ ଶୁଭେଚ୍ଛା ଜଣାଇ ଶନିବାର ପୁରୀ ବେଳାଭୂମିରେ ବାଲୁକା ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ବାଲୁକା କଳା।

### ପ୍ରଥମ ପୃଷ୍ଠାରୁ...


ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ କାର୍ଯ୍ୟାଳୟରେ ଶନିବାର ସନ୍ଧ୍ୟାରେ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଯୁକ୍ତ ୨ ବିଜ୍ଞାନ ଓ ବାଣିଜ୍ୟ ପରୀକ୍ଷା ଫଳ ପ୍ରକାଶ କରୁଛନ୍ତି।

## ବିଜ୍ଞାନ ୯୫.୧୫, ବାଣିଜ୍ୟରେ ...

ପାସ୍ କରିଥିବା ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୫୫,୪୬୮ ଛାତ୍ରୀଛାତ୍ର ପ୍ରଥମ ସ୍ଥାନ ଅଧିକାର କରିଥିବାବେଳେ ୧୬,୯୪୩ ଦ୍ୱିତୀୟ ଓ ୧୪,୬୩୧ ଛାତ୍ରୀଛାତ୍ର ତୃତୀୟ ସ୍ଥାନ ପାଇଛନ୍ତି। ୨,୨୬୮ ଜଣ ୯୦%ରୁ ଅଧିକ ମାର୍କ ରଖି ପାସ୍ କରିଛନ୍ତି। ସେହିଭଳି ୨,୯୦୯ଜଣ କମ୍ପାର୍ଟମେଣ୍ଟାଲ ହୋଇଥିବାବେଳେ ୯୦ଜଣ ରେଗୁଲାର ଓ ୭୧୦ଜଣ ରେଗୁଲାର ପିଲା ୱିଥ୍‌ହେଲ୍ଡ ହୋଇଛନ୍ତି। ସେହିପରି ବାଣିଜ୍ୟରେ ୨୪,୫୨୬ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ୨୩,୨୯୨ ଛାତ୍ରୀଛାତ୍ର ପାସ୍ କରିଛନ୍ତି। ଏଥିରେ ବି ପୁଅଙ୍କୁ ବାଜିମାତ୍ ଦେଇଛନ୍ତି ଝିଅ। ଝିଅଙ୍କ ପାସ୍ ହାର ୯୫.୯୭% ଥିବାବେଳେ ପୁଅଙ୍କ ପାସ୍ ହାର ୯୪.୩୯% ରହିଛି। ପ୍ରଥମ ଶ୍ରେଣୀରେ ୮,୩୫୫ଜଣ ପାସ୍ କରିଥିବାବେଳେ ଦ୍ୱିତୀୟରେ ୫,୬୯୨ ଏବଂ ତୃତୀୟ ଶ୍ରେଣୀରେ ୯,୦୬୬ ଛାତ୍ରୀଛାତ୍ର ଉତ୍ତୀର୍ଣ୍ଣ ହୋଇଛନ୍ତି। ୯୦%ରୁ ଅଧିକ ମାର୍କ ରଖି ୧୪୯ଜଣ ପାସ୍ କରିଛନ୍ତି। ତେବେ ବାଣିଜ୍ୟରେ କେହି କମ୍ପାର୍ଟମେଣ୍ଟାଲ ହୋଇ ନ ଥିବାବେଳେ ୮୯ଜଣ ରେଗୁଲାର ଓ ୨୯୫ଜଣ ଏକ୍ସରେଗୁଲାର ୱିଥ୍‌ହେଲ୍ଡ ହୋଇଛନ୍ତି। ପରୀକ୍ଷାର୍ଥୀଙ୍କୁ ବିକଳ୍ପ ମୂଲ୍ୟାୟନ ଅନୁଯାୟୀ ମାର୍କ ପ୍ରଦାନ କରାଯାଇଛି। ରେଗୁଲାର ପିଲାଙ୍କ ଦଶମ ଶ୍ରେଣୀର ମାର୍କ ଏବଂ ଏକ୍ସ ରେଗୁଲାର ପିଲାଙ୍କ ପୂର୍ବ ଯୁକ୍ତ ୨ପରୀକ୍ଷା ମୂଲ୍ୟକୁ ଆଧାର କରାଯାଇ ମୂଲ୍ୟାୟନ ହୋଇଛି। କୌଣସି ପରୀକ୍ଷାର୍ଥୀଙ୍କ ରେଜଲ୍ଟରେ ତଥ୍ୟ ଆଧାରିତ ତ୍ରୁଟି ଥିଲେ, ସମ୍ପୃକ୍ତ ପରୀକ୍ଷାର୍ଥୀ ଉପଯୁକ୍ତ ପ୍ରମାଣ ସହ ନିଜର ଅଭିଯୋଗ ଅଧ୍ୟକ୍ଷଙ୍କ ନିକଟରେ ଦାଖଲ କରିପାରିବେ। ଅଧ୍ୟକ୍ଷ ଉକ୍ତ ଅଭିଯୋଗର ସତ୍ୟାସତ୍ୟ ଯାଞ୍ଚ କରିବାପରେ ଅଭିଯୋଗ ସତ୍ୟ ହୋଇଥିଲେ, ମାର୍କସିଟ୍ ଓ ଅନ୍ୟାନ୍ୟ ପ୍ରମାଣପତ୍ର ଦସ୍ତାବିଜ୍‌କୁ ଆଟେଷ୍ଟେଡ୍ କରି ଅନ୍‌ଲାଇନ୍‌ରେ ପରୀକ୍ଷା ନିୟନ୍ତ୍ରକଙ୍କ ନିକଟରେ ଦାଖଲ କରିବେ। ଏନେଇ ଆସନ୍ତା ୬ତାରିଖରେ ବିଜ୍ଞପ୍ତି ପ୍ରକାଶ ପାଇବ। ତେବେ ଯେଉଁ ଏକ୍ସରେଗୁଲାର ପରୀକ୍ଷାର୍ଥୀ ପୂର୍ବରୁ ପରିଷଦର କୌଣସି ବାର୍ଷିକ ପରୀକ୍ଷା ଦେଇ ନାହାନ୍ତି, ସେମାନଙ୍କ ଫଳ ସ୍ଥଗିତ ରଖାଯାଇଛି। ସେମାନେ ଅଫ୍‌ଲାଇନ୍ ମୋଡ୍‌ରେ ପରୀକ୍ଷା ଦେଇପାରିବେ। ସେହିପରି ଯେଉଁ ପରୀକ୍ଷାର୍ଥୀମାନେ ନିଜ ମାର୍କକୁ ନେଇ ଅସନ୍ତୁଷ୍ଟ ଥିବେ ସେମାନେ ମଧ ଅଫ୍‌ଲାଇନ ପରୀକ୍ଷା ଦେଇପାରିବେ। ଅଫ୍‌ଲାଇନ୍ ପରୀକ୍ଷା ସମ୍ବନ୍ଧରେ ଖୁବ୍‌ଶୀଘ୍ର ବିଜ୍ଞପ୍ତି ପ୍ରକଶ ପାଇବ ବୋଲି ମନ୍ତ୍ରୀ କହିଛନ୍ତି। ଖୁବଶୀଘ୍ର କଳା ଓ ଧନ୍ଦାମୂଳକ ଶିକ୍ଷାର ରେଜଲ୍ଟ ପ୍ରକାଶ ପାଇବ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି। ପରୀକ୍ଷାଫଳ ଘୋଷଣା ସମୟରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ସତ୍ୟବ୍ରତ ସାହୁ, ପରିଷଦ ଅଧ୍ୟକ୍ଷ ଡ. ଗଙ୍ଗାଧର ସାହୁ, ଗଣଶିକ୍ଷା ବିଭାଗ ଅତିରିକ୍ତ ଶାସନ ସଚିବ ଶୁଭଶ୍ରୀ ନନ୍ଦ, ଉପାଧ୍ୟକ୍ଷ ତୁଷାରକାନ୍ତି ତ୍ରିପାଠୀ, ପରୀକ୍ଷା ନିୟନ୍ତ୍ରକ ବିଜୟ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଦଶମ ଶ୍ରେଣୀ ଫଳର ପ୍ରଭାବ

**ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଯୁକ୍ତ୨ ବିଜ୍ଞାନ ଓ ବାଣିଜ୍ୟ ପରୀକ୍ଷା ଫଳ ଶନିବାର ପ୍ରକାଶ ପାଇଛି। ଚଳିତବର୍ଷ ବିନା ପରୀକ୍ଷାରେ ଫଳ ପ୍ରକାଶ ପାଇବା ସହ ପୂର୍ବ ବର୍ଷ ଅପେକ୍ଷା ପାସ୍ ହାର ଅଧିକ ରହିଛି। କରୋନା ଯୋଗୁ ପରୀକ୍ଷାକୁ ସରକାର ବାତିଲ କରିଥିଲେ। ଏହାପରେ ମୂଲ୍ୟାୟନ ପାଇଁ ପରିଷଦ ପକ୍ଷରୁ ଏକ ବିଶେଷଜ୍ଞ କମିଟି ଗଠନ କରାଯାଇଥିଲା। ଦଶମ ଶ୍ରେଣୀ ପରୀକ୍ଷା ପ୍ରଦର୍ଶନ ଅନୁସାରେ ହିଁ ମୂଲ୍ୟାୟନ ପାଇଁ କମିଟି ନିଷ୍ପତ୍ତି ନେଇଥିଲା। ତେବେ ମୂଲ୍ୟାୟନ କିଭଳି ହୋଇଛି, ମାର୍କକୁ ନେଇ ଛାତ୍ରୀଛାତ୍ର କେତେ ସନ୍ତୁଷ୍ଟ ତାହା ଜାଣିବାକୁ ମିଳିଛି ସେମାନଙ୍କ ମୁହଁରୁ...**

### ଚାର୍ଟର୍ଡ ଆକାଉଣ୍ଟାଣ୍ଟ ହେବାକୁ ଲକ୍ଷ୍ୟ



ମୂଲ୍ୟାୟନକୁ ନେଇ ମୁଁ ସନ୍ତୁଷ୍ଟ। କୋଭିଡ୍ ସମୟରେ ପରୀକ୍ଷା ହୋଇପାରି ନ ଥିବାରୁ ମନରେ ସାମାନ୍ୟ ଦୁଃଖ ରହିଛି। ପରୀକ୍ଷା ହୋଇଥିଲେ ଆତ୍ମମୂଲ୍ୟାୟନ ହୋଇପାରିଥାନ୍ତା। ତଥାପି ସରକାର ନେଇଥିବା ନିଷ୍ପତ୍ତି ଯଥାର୍ଥ ବୋଲି କହିବି। ଯୁକ୍ତ ଦୁଇ ବାଣିଜ୍ୟରେ ମୋର ୭୦ ପ୍ରତିଶତ ନମ୍ବର ରହିଛି। ଭବିଷ୍ୟତରେ ଚାର୍ଟର୍ଡ ଆକାଉଣ୍ଟାଣ୍ଟ ହେବାକୁ ଲକ୍ଷ୍ୟ ରଖିଛି। ଏହି ମୂଲ୍ୟାୟନ ବ୍ୟବସ୍ଥାକୁ ମୁଁ ସକାରାତ୍ମକ ଭାବେ ଗ୍ରହଣ କରୁଛି। ଆଗାମୀ ଦିନରେ ପ୍ରବେଶିକା ପରୀକ୍ଷା ପାଇଁ ପ୍ରସ୍ତୁତ କରିବି।

**-ଆଶିଷ ରାଉତରାୟ, ବାଣିଜ୍ୟ ଛାତ୍ର, ପୁରୀ**

### ଗ୍ରହଣ କରିବାକୁ ପଡ଼ିବ



ପରୀକ୍ଷା ପାଇଁ କଠିନ ପରିଶ୍ରମ କରିଥିଲି। ପରୀକ୍ଷା ହୋଇଥିଲେ ମୁଁ ଅଧିକ ମାର୍କ ହାସଲ କରିପାରିଥାନ୍ତି। ହେଲେ କରୋନା କଟକଣା ମଧ୍ୟରେ ସରକାର ଯାହା ନିଷ୍ପତ୍ତି ନେଲେ, ତାହା ଆମକୁ ଗ୍ରହଣ କରିବାକୁ ପଡ଼ିବ। ମାର୍କରେ ସନ୍ତୁଷ୍ଟ ନ ଥିଲେ ପରୀକ୍ଷା ଦେବା ବିକଳ୍ପ ରହିଛି, ହେଲେ ବର୍ତ୍ତମାନ ଯୁକ୍ତ ୩ ପାଇଁ ପାଠପଢ଼ା ଆରମ୍ଭ କରି ସାରିଲିଣି । ଏଭଳି ପରିସ୍ଥିତିରେ ଯୁକ୍ତ ୨ ପରୀକ୍ଷା ଦେବା ସମ୍ଭବ ନୁହେଁ ।

**-ଅଙ୍କିତା ସିଂ, ଛାତ୍ରୀ, କଟକ**

### ଅଧିକ ମାର୍କ ରଖି ପାରିଥାନ୍ତି



ଚଳିତ ବର୍ଷ ପରୀକ୍ଷା ପାଇଁ କଠିନ ପରିଶ୍ରମ କରି ନିଜକୁ ପ୍ରସ୍ତୁତ କରିଥିଲି। ଅଫ୍‌ଲାଇନ ପରୀକ୍ଷା ହୋଇଥିଲେ ଅଧିକ ମାର୍କ ରଖି ପାରିଥାନ୍ତି। ଏବେ ମୋର ୮୨ ପ୍ରତିଶତ ମାର୍କ ରହିଛି। କୋଭିଡ୍ ସଂକ୍ରମଣ ଯୋଗୁ ଯେଉଁ ଆଧାରରେ ମାର୍କ ମିଳିଛି, ସେଥିରେ ନିଜକୁ ସନ୍ତୁଷ୍ଟ ହେବାକୁ ପଡ଼ିବ।

**-ପୂର୍ଣ୍ଣେନ୍ଦୁ ମହାପାତ୍ର, ଛାତ୍ର, କଟକ**

### ଆଶାଠାରୁ କିଛି ମାର୍କ କମିଛି



ଆଶାଠାରୁ କିଛି ମାର୍କ କମି ଯାଇଛି। ୮୦ ପ୍ରତିଶତ ମାର୍କ ରହିବ ବୋଲି ଆଶା ରଖିଥିଲି। ହେଲେ ୭୫ ପ୍ରତିଶତ ରହିଛି। ଏଥିରେ ଦୁଃଖ ନାହିଁ। ଆଗକୁ ବିଏସ୍‌ସି ପରେ ମେଡିକାଲ ପରୀକ୍ଷା ପାଇଁ ପ୍ରସ୍ତୁତି କରିବି। ଲୋକଙ୍କ ସେବା କରିବା ପାଇଁ ମନରେ ଇଚ୍ଛା ରହିଛି। ମୋଟ ୪୫୩ ମାର୍କ ରହିଥିବା ବେଳେ କଲେଜର ତୃତୀୟ ସ୍ଥାନରେ ରହିଛି ବୋଲି କହିଥିଲେ।

**-ମନିଷା ରଣା, ଯୁକ୍ତ ୨ ବିଜ୍ଞାନ, ମା' ଝାଡେଶ୍ୱରୀ କଲେଜ, ଧମା, ସମ୍ବଲପୁର**

### ସୁନାଗରିକ ହେବି



ପରୀକ୍ଷାଫଳ ପାଇଁ ବହୁତ ଖୁସି ଅଛି। ଆଶାନୁରୂପ ନମ୍ବର ମଧ ମିଳିଛି। ମୁଁ ବର୍ତ୍ତମାନ ଉଚ୍ଚଶିକ୍ଷା ପାଇଁ ଆଶାବାଦୀ। ଭବିଷ୍ୟତରେ ଡାକ୍ତର ବା ଇଞ୍ଜିନିୟର ଯାହା ବି ହୁଏ ପ୍ରଥମେ ଜଣେ ସୁନାଗରିକ ହୋଇ ଦେଶର ସେବା କରିବି।

**-ଦିବ୍ୟଲୋଚନ ପ୍ରଧାନ, ଯୁକ୍ତ ଦୁଇ ବିଜ୍ଞାନ ଛାତ୍ର, ଦେବଗଡ଼**

### 'ପରୀକ୍ଷାଫଳକୁ ନେଇ ଖୁସି'

ପରୀକ୍ଷାଫଳକୁ ନେଇ ମୁଁ ଖୁସି ଅଛି। ମୋଟ ୮୦.୦୫ପ୍ରତିଶତ ମାର୍କ ରହିଛି। ହେଲେ ପରୀକ୍ଷା ପାଇଁ ଯେଭଳି ଭାବେ ପ୍ରସ୍ତୁତ ହୋଇଥିଲି ସେ ତୁଳନାରେ ଟିକେ ଅଧିକ ମାର୍କ ଆଶା ରଖିଥିଲି। ତଥାପି ଠିକ୍ ଅଛି। ଆଗକୁ ଡାକ୍ତରୀ ପାଠ ପଢିବା ଲାଗି ନିଟ ପରୀକ୍ଷା ପାଇଁ ପ୍ରସ୍ତୁତି କରୁଛି। ଭବିଷ୍ୟତରେ ଜଣେ ଡାକ୍ତର ହୋଇ ରୋଗୀସେବା କରିବା ପାଇଁ ସ୍ୱପ୍ନ ରହିଛି। ମୋର ପରୀକ୍ଷାରେ ସଫଳତା ପାଇଁ ସୁନ୍ଦରଗଡ଼ ସରକାରୀ ମହାବିଦ୍ୟାଳୟ ବିଜ୍ଞାନ ବିଭାଗର ସାର୍ ଓ ମାଡାମ୍‌ମାନଙ୍କ ସହିତ ମାଆ ଶୈଳବାଳା ଓ ବାପା ଅକ୍ଷୟ ସେଠୀଙ୍କ ପ୍ରେରଣାକୁ ଶ୍ରେୟ ଦେଉଛି।



**- ଅନୁସୂୟା ସେଠୀ, ଯୁକ୍ତ ୨ ବିଜ୍ଞାନ ଛାତ୍ରୀ, ସୁନ୍ଦରଗଡ଼**

### ଆହୁରି ଭଲ ହୋଇଥାନ୍ତା



ବିଜ୍ଞାନ ଫଳ ସନ୍ତୋଷଜନକ ହୋଇଛି। ମୋଟ ୬୦୦ ମାର୍କରୁ ୫୫୪ ମାର୍କ(୯୨%) ରଖିଛି। ଏଥିପାଇଁ ସମସ୍ତ ଶିକ୍ଷକ ଏବଂ କଲେଜ କର୍ତ୍ତୃପକ୍ଷଙ୍କୁ ଶ୍ରେୟ ଦେଉଛି। ତେବେ ସ୍ୱାଭାବିକ ଭାବେ ପରୀକ୍ଷା କରାଯାଇଥିଲେ ସଫଳତା ଆହୁରି ଭଲ ହୋଇଥାନ୍ତା।

**-ବାଦଲ କୁମାର ସାହୁ, +୨ ବିଜ୍ଞାନ ଛାତ୍ର, ଯାଜପୁର ରୋଡ**

### ମାର୍କକୁ ନେଇ ଖୁସି ଅଛି

ମାଟ୍ରିକ୍ ପରୀକ୍ଷା ଫଳ, କ୍ଲାସ ପ୍ରାକ୍ଟିକାଲ ଓ ୟୁନିଟ୍ ଟେଷ୍ଟ ଆଧାରରେ ମୂଲ୍ୟାୟନ ହୋଇଛି। ମହାମାରୀ କରୋନା ବେଳେ ସରକାରଙ୍କ ନିଷ୍ପତ୍ତି ସ୍ୱାଗତଯୋଗ୍ୟ ହୋଇଥିଲେ ମଧ ବର୍ଷଯାକର ପରିଶ୍ରମ ବୃଥା ଗଲା। ପରୀକ୍ଷାର ମାସକ ପୂର୍ବରୁ ପରୀକ୍ଷା ନ ହେବା ଜାଣି ମନ ଦୁଃଖ ହୋଇଥିଲା। ମାଟ୍ରିକ୍‌ରେ ୯୬% ମାର୍କ ରଖି ପାସ୍ କରିଥିବା ବେଳେ ଫକୀରମୋହନ କଲେଜରେ ଯୁକ୍ତ ୨ ବିଜ୍ଞାନ ପଢ଼ିବାର ସୁଯୋଗ ପାଇଥିଲି। ଏବେ ମୋର ଯୁକ୍ତ ୨ରେ ୯୬.୫% ମାର୍କ ରହିଛି। ଏଥିରେ ମୁଁ ଖୁସି ଅଛି। କିନ୍ତୁ ଅନଲାଇନ୍ କିମ୍ବା ଅଫଲାଇନ୍‌ରେ ଅବଜେକ୍ଟିଭ୍ ପରୀକ୍ଷା ହୋଇଥିଲେ ଆହୁରି ଭଲ ହୋଇଥାନ୍ତା।



**-ଦେବୀପ୍ରସନ୍ନ ବେହେରା, ବିଜ୍ଞାନ ଛାତ୍ର, ବାଲେଶ୍ୱର**

### ଅଧିକ ନମ୍ବର ରହିଥାନ୍ତା



୮୫ ପ୍ରତିଶତ ନମ୍ବର ରହିବ ବୋଲି ଆଶା ଥିଲା। ହେଲେ ପ୍ରକାଶିତ ପରୀକ୍ଷା ଫଳ ଅନୁଯାୟୀ ମୋର ୪୮୯ ନମ୍ବର(୮୧%) ରହିଛି। ପଦାର୍ଥ ବିଜ୍ଞାନ ଓ ଇଂଲିଶରେ ନମ୍ବର କମିଛି। ମୂଲ୍ୟାୟନ ପାଇଁ ବିକଳ୍ପ ପଦ୍ଧତି ଆପଣାଇବା କାରଣରୁ ସମସ୍ୟା ହୋଇଛି। ତଥାପି ସନ୍ତୋଷ ମିଳିଛି।

**-ଶାଶ୍ୱତ କୁମାର ପଣ୍ଡା, ଯୁକ୍ତ ୨ ବିଜ୍ଞାନ ଛାତ୍ର, ସୋନପୁର କଲେଜ**

### 'ଡାକ୍ତର ହେବାକୁ ଲକ୍ଷ୍ୟ'



କରୋନା ମହାମାରୀ ଯୋଗୁ ପରୀକ୍ଷା ନ ଦେଇ ପାସ୍ କରିବା ଏକ ଭିନ୍ନ ଅନୁଭୂତି। ଅଫ୍‌ଲାଇନରେ ପରୀକ୍ଷା ଦେଇଥିଲେ ଅଧିକ ଆତ୍ମସନ୍ତୋଷ ମିଳିଥାନ୍ତା। ଯାହା ବି ହେଉ ଫଳାଫଳ ଆଶାତୀତ ରହିଛି। ମୋତେ ୫୪୨ ଅର୍ଥାତ୍ ୯୦.୩୩ ପ୍ରତିଶତ ମାର୍କ ମିଳିଛି। ତେବେ ଡାକ୍ତର ହୋଇ ଗରିବ ଓ ଅସହାୟ ଲୋକଙ୍କ ସେବା କରିବା ଲାଗି ମୋର ଭବିଷ୍ୟତ ଲକ୍ଷ୍ୟ ରହିଛି।

**-ସୋନମ ବେହେରା, ବିଜ୍ଞାନ ଛାତ୍ରୀ, ଭଦ୍ରକ**

### ଆକାଉଣ୍ଟିଂରେ ଭଲ ନମ୍ବର ଆସିଛି



ଆକାଉଣ୍ଟିଂ ଓ ମ୍ୟାନେଜମେଣ୍ଟ ଆକାଉଣ୍ଟିଂରେ ଭଲ ନମ୍ବର ଆସିଛି। ଦଶମ ଶ୍ରେଣୀରେ ମୋର ୭୬% ଥିଲା। ସେ ସମୟରେ ମୋର ନମ୍ବର କମିଯାଇଥିଲା। ତା'ର ପ୍ରଭାବ ଏହି ପରୀକ୍ଷାରେ ପଡ଼ିଛି। ପରୀକ୍ଷା ହୋଇଥିଲେ ପରିଶ୍ରମର ମୂଲ୍ୟ ମିଳିଥାନ୍ତା। ମୋର ୬୦୦ରୁ ୫୧୬ (୮୬%) ନମ୍ବର ଆସିଛି। ମୁଁ କଷ୍ଟିଂ ଆକାଉଣ୍ଟିଂ କରିବାକୁ ଲକ୍ଷ୍ୟ ରଖିଛି।

**-ଶ୍ରୀୟା ଅଭିଲିପ୍ସା ବାରିକ, ବାଣିଜ୍ୟ ଛାତ୍ରୀ, ନୟାଗଡ଼**

**୨ରେ ଖବରଦାତା ନେବେ ଦ୍ୱିତୀୟ ଡୋଜ୍ ଟିକା**

**କଟକ ଅଫିସ:** କଟକ ଜିଲାର ଖବରଦାତାମାନଙ୍କୁ ଆସନ୍ତା ସୋମବାର ଜିଲା ପ୍ରଶାସନ ପକ୍ଷରୁ ଦ୍ୱିତୀୟ ଡୋଜ୍ ଟିକା ଦିଆଯିବ। କଟକ ମହାନଗର ନିଗମ ଓ ସଦର ଅଞ୍ଚଳର ଖବରଦାତାଙ୍କ ପାଇଁ ଚାଉଳିଆଗଞ୍ଜ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ବିଭିନ୍ନ ବ୍ଲକରେ କାର୍ଯ୍ୟରତ ଖବରଦାତାଙ୍କ ପାଇଁ ସ୍ଥାନୀୟ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଟିକାକରଣ ବ୍ୟବସ୍ଥା କରାଯାଇଛି। ଖବରଦାତାମାନେ ଟିକାକରଣ କେନ୍ଦ୍ରକୁ ସେମାନଙ୍କ ପରିଚୟ ପତ୍ର ଆଣି ଆସିବେ। ସକାଳ ୮ଟାରୁ ଟିକାକରଣ ଆରମ୍ଭ ହେବ ବୋଲି ଜିଲା ସୂଚନା ଓ ଲୋକସମ୍ପର୍କ ବିଭାଗ କାର୍ଯ୍ୟାଳୟ ପକ୍ଷରୁ ଶନିବାର ସୂଚନା ଦିଆଯାଇଛି। ସୂଚନାଥାଉ କି, ଖବରଦାତାମାନଙ୍କୁ ପ୍ରଥମ ଡୋଜ୍ ଟିକା ଗତ ମେ' ୬ ତାରିଖରେ ଦିଆଯାଇଥିଲା।

## ସଂକ୍ଷେପରେ

### ବନ୍ଧୁତା ଦିବସ କବିତା ଆସର

**ଭୁବନେଶ୍ୱର,୩୧।୭(ବ୍ୟୁରୋ):** ବନ୍ଧୁତା ଦିବସ ଅବସରରେ ମୁମ୍ବାଇର ପ୍ରବାସୀ ସାହିତ୍ୟ ସମ୍ଭାର ପକ୍ଷରୁ ମୈତ୍ରେୟୀ କମିଲାଙ୍କ ଅଧକ୍ଷତାରେ କବିତା ଆସର ଅନୁଷ୍ଠିତ ହୋଇଯାଇଛି। ଡ. ଅଳକା ମହାନ୍ତିଙ୍କ ସଂଯୋଜନାରେ ଡ. ଅରୁନ୍ଧତୀ ମହାନ୍ତି, ଡ. ବିଚିତ୍ରା ମଞ୍ଜରୀ ତ୍ରିପାଠୀ, ଡ. ସ୍ନେହ ମିଶ୍ର, ଡ. ଦେବାଶିଷ ମହାପାତ୍ର, ଡ. ପ୍ରିୟମ୍ବଦା ସାମଲ, ଜୟଲକ୍ଷ୍ମୀ ସେଠୀ ପ୍ରମୁଖ ବନ୍ଧୁ ଓ ବନ୍ଧୁତା ବିଷୟରେ କବିତା ପାଠ କରିଥିଲେ।

### ଅଭିନେତ୍ରୀଙ୍କ କାର୍ ଭାଙ୍ଗିଦେଲେ ଦୁର୍ବୃତ୍ତ

**କଟକ ଅଫିସ,୩୧।୭:** କଟକ ବିଡାନାସୀ ବନ୍ଧ ଛକସ୍ଥିତ ଏକ ଆପାର୍ଟମେଣ୍ଟରେ ରହୁଥିବା ଜଣେ ସିନେ ଅଭିନେତ୍ରୀଙ୍କ ଗାଡି ଭଙ୍ଗାରୁଜା ହୋଇଥିବା ସ୍ଥାନୀୟ ଥାନାରେ ଅଭିଯୋଗ ହୋଇଛି। ଶନିବାର ସକାଳ ୮ଟାରେ କେତେଜଣ ଦୁର୍ବୃତ୍ତ ତାଙ୍କ ଘରେ ପଶି ଗଣ୍ଡଗୋଳ କରିଥିଲେ। ପରେ ଫେରିବାବେଳେ ଆପାର୍ଟମେଣ୍ଟରେ ଥିବା ତାଙ୍କ କାର୍ ଭଙ୍ଗାରୁଜା କରିଥିଲେ। ଏନେଇ ସୁନୀଲ କୁମାର ଦଳେଇ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ତେବେ ଏହି ଘଟଣାକୁ ନେଇ ଅଭିନେତ୍ରୀଜଣକ ଗଣମାଧମ ଆଗରେ କିଛି କହିବା ପାଇଁ ମନା କରିଛନ୍ତି।

### ଖବରଦାତାଙ୍କ ସୁରକ୍ଷା ପାଇଁ ଆଇନ ପ୍ରଣୟନ ହେଉ

**କଟକ ଅଫିସ, ୩୧।୭:** ସମ୍ମିଳିତ କର୍ମଜୀବୀ ସାମ୍ବାଦିକ ସଂଘର ଜିଲାସ୍ତରୀୟ ବୈଠକ କଟକ ପୁରୀଘାଟସ୍ଥିତ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ସଭାପତି ବିଜୟ କୁମାର ବାରିକ ସଭାପତିତ୍ୱ କରିଥିଲେ। ସର୍ବଭାରତୀୟ ସଭାପତି ଡ. ପୀତବାସ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ କହିଥିଲେ, ଖବରଦାତା ସର୍ବଦା ଜନସାଧାରଣଙ୍କ ସ୍ୱରକୁ ସରକାରଙ୍କ ପାଖରେ ଉପସ୍ଥାପନ କରିଥାନ୍ତି। କିନ୍ତୁ ଆଜି ସେ ଅସୁରକ୍ଷିତ। ସେମାନଙ୍କ ସୁରକ୍ଷା ପାଇଁ ସରକାର ତୁରନ୍ତ ଆଇନ ପ୍ରଣୟନ କରନ୍ତୁ। ଅନ୍ୟତମ ଅତିଥିଭାବେ ରାଜ୍ୟ ସଭାପତି ଭାଗବତ ପ୍ରସାଦ ତ୍ରିପାଠୀ ଯୋଗଦେଇ ଖବରଦାତାଙ୍କ ସୁରକ୍ଷା ସହିତ ପେନ୍‌ସନ୍ ଓ ଅନ୍ୟାନ୍ୟ ଦିଗ ଉପରେ ଆଲୋଚନା କରିଥିଲେ। ଏହି ବୈଠକରେ ସାଧାରଣ ସମ୍ପାଦକ ପ୍ରସନ୍ନ କୁମାର ମହାପାତ୍ର, ସମ୍ପାଦକ ବିଶ୍ୱଜିତ୍ ଧଳ, ଯୁଗ୍ମ ସମ୍ପାଦକ ଗାୟତ୍ରୀ ମଲ୍ଲ, ସାଂଗଠନିକ ସମ୍ପାଦକ କମଳାକାନ୍ତ ଦାସ, କୋଷାଧ୍ୟକ୍ଷ କୁନାଲ ମିଶ୍ର, ଉପଦେଷ୍ଟା କୁମରେନ୍ଦୁ ମହାନ୍ତି ଓ ମିଡିଆ ପ୍ରଭାରୀ ରୌପ୍ୟ ରଞ୍ଜନ ମହାପାତ୍ରଙ୍କ ସମେତ ବହୁ କାର୍ଯ୍ୟକାରୀ ସଦସ୍ୟ ଉପସ୍ଥିତ ଥିଲେ।

### ନାବାଳିକା ନିଖୋଜ

**କଟକ ଅଫିସ, ୩୧।୭:** ମର୍କତନଗର ଥାନା ଅନ୍ତର୍ଗତ କାଠଯୋଡି ବିହାର ବସ୍ତିରେ ରହୁଥିବା ଜଣେ ନାବାଳିକା ନିଖୋଜ ହୋଇଯାଇଛନ୍ତି। ଶୁକ୍ରବାର ପୂର୍ବାହ୍ନରେ ପରିବାର ଲୋକେ ବାହାରକୁ ଯାଇଥିବାବେଳେ ନାବାଳିକା ଜଣକ ଘରେ ଏକୁଟିଆ ଥିଲେ। ସନ୍ଧ୍ୟାରେ ପରିବାର ଲୋକେ ଘରକୁ ଫେରିବା ପରେ ନାବାଳିକା ନ ଥିବା ଜାଣିବାକୁ ପାଇଥିଲେ। ବହୁ ଖୋଜାଖୋଜି ନ ପାଇବାରୁ ଶନିବାର ମର୍କତନଗର ଥାନାରେ ଏତଲା ଦେଇଥିଲେ। ପରେ ପୋଲିସ ଏକ ମାମଲା(ନଂ. ୧୩୭/୨୧) ରୁଜୁ କରି ତଦନ୍ତ ଚଳାଇଛି।

### ଏଏସ୍‌ଓଙ୍କୁ ବିଦାୟ ସମ୍ବର୍ଦ୍ଧନା

**କଟକ ଅଫିସ,୩୧।୭:** ରାଜ୍ୟ ଆରକ୍ଷୀ ମୁଖ୍ୟାଳୟରେ ଆସିଷ୍ଟାଣ୍ଟ ସେକ୍ସନ ଅଫିସର(ଏଏସ୍‌ଓ)ଭାବେ କାର୍ଯ୍ୟରତ ଦୀପ୍ତିରଞ୍ଜନ ସାମନ୍ତରାୟ ଶନିବାର ଅବସର ଗ୍ରହଣ କରିଛନ୍ତି। ଏହି ଅବସରରେ ଡିଜିପି ଅଭୟ ତାଙ୍କର ପୋଲିସ ବିଭାଗ ପ୍ରତି ଥିବା ବିଶେଷ ଅବଦାନ ପାଇଁ ସମ୍ବର୍ଦ୍ଧିତ କରିବା ସହ ଦୀର୍ଘାୟୁ କାମନା କରିଥିଲେ।

### ଯୁବତୀଙ୍କୁ ବଳାତ୍କାର: ୩ ଗିରଫ

**କଟକ ସଦର, ୩୧।୭(ଡି.ଏନ୍.ଏ.):** କଟକ ସଦର ଅଞ୍ଚଳର ଜଣେ ମାନସିକ ବିକାରଗ୍ରସ୍ତ ଯୁବତୀଙ୍କୁ ବଳାତ୍କାର କରିବା ଅଭିଯୋଗରେ ୪୨ ମୌଜା ଫାଣ୍ଡି ପୋଲିସ ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ଏହି ଫାଣ୍ଡି ଅଧୀନ ବହଳପଡା ଗ୍ରାମ ଡିହ ଭୋଇସାହିର ମଙ୍ଗୁ ଭୋଇ, ଅମର ଭୋଇ ଓ ଟିକି ଭୋଇ। ସମ୍ପୃକ୍ତ ଯୁବତୀଙ୍କ ସହ ଅଭିଯୁକ୍ତମାନେ ଶାରୀରିକ ସମ୍ପର୍କ ରଖି ଆସୁଥିଲେ। ଫଳରେ ଯୁବତୀ ଜଣକ ଗର୍ଭବତୀ ହୋଇ କଟକ ବଡ଼ ଡାକ୍ତରଖାନାରେ ଗତ ୨୫ ତାରିଖରେ ଏକ ମୃତଶିଶୁ ଜନ୍ମ ଦେଇଥିଲେ। ଯୁବତୀଙ୍କ ପରିବାର ଲୋକେ ଏ ନେଇ ଫାଣ୍ଡିରେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ ଆରମ୍ଭ କରିଥିଲା। ଏ ନେଇ କଟକ ସଦର ଥାନାରେ ଏକ ମାମଲା(ନଂ.୪୩୩/୨୧) ରୁଜୁ ହୋଇଛି।

# ବନ୍ଧୁ ପାଇଁ ଦିନଟିଏ...




ଭୁବନେଶ୍ୱର, ୩୧।୭ (ବ୍ୟୁରୋ)- ଆଜି ହେଉଛି ବିଶ୍ୱ ବନ୍ଧୁତା ଦିବସ ବା ଫ୍ରେଣ୍ଡଶିପ୍ ଡେ'। ସୁଖ, ଦୁଃଖ ଭଲମନ୍ଦ ସବୁଥିରେ ପାଖରେ ଛିଡ଼ା ହେଉଥିବା ବ୍ୟକ୍ତି ଜଣଙ୍କ ହେଉଛି ପ୍ରକୃତ ବନ୍ଧୁ। ବନ୍ଧୁତାର ପରିଭାଷା ଭାଷାରେ ବର୍ଣ୍ଣନା କରିବା ଅସମ୍ଭବ। ଏହା ଏପରି ଏକ ସମ୍ପର୍କ ଯାହାକୁ ଆମେ ନିଜେ ବାଛିଥାଉ। ସବୁ ସମ୍ପର୍କର ଉର୍ଦ୍ଧ୍ୱରେ ଏହି ସମ୍ପର୍କ। ଯାହା କାହାକୁ କହିହୁଏ ନାହିଁ ତାହା ଜଣେ ପ୍ରକୃତ ବନ୍ଧୁଙ୍କୁ କୁହାଯାଇପାରିବ। ପୁରାଣ ଯୁଗରେ କୃଷ୍ଣ ସୁଦାମାଙ୍କ ଠାରୁ ଆରମ୍ଭ କରି ବର୍ତ୍ତମାନ ପର୍ଯ୍ୟନ୍ତ ସବୁ ସମୟରେ ବନ୍ଧୁତାକୁ ନେଇ ବିଭିନ୍ନ କଥା, କାହାଣୀ ଏବଂ ଅନୁଭୂତି ରହି ଆସିଛି। ଜୀବନର ସେହି ମହତ୍ତ୍ୱପୂର୍ଣ୍ଣ ବ୍ୟକ୍ତିଙ୍କୁ ଅନ୍ତରରୁ ସ୍ନେହ, ଭଲପାଇବା ଜଣାଇବା ପାଇଁ ପ୍ରତି ବର୍ଷ ଅଗଷ୍ଟ ମାସର ପ୍ରଥମ ରବିବାରକୁ ଫ୍ରେଣ୍ଡଶିପ୍ ଡେ' ଭାବେ ପାଳନ କରାଯାଏ।

### ସାଙ୍ଗ ବ୍ୟାଗ୍‌ରୁ ଟିଫିନ୍ କାଢ଼ିକି ଖାଇଦିଏ



"ମୋ ଜୀବନରେ ଦୁଇଜଣ ଭଲ ବନ୍ଧୁ ଅଛନ୍ତି। ସେମାନେ ହେଉଛନ୍ତି ଅବନୀନ୍ଦ୍ର ଓ ସନ୍ତୋଷ। ଆମେ ପିଲାବେଳର ସାଙ୍ଗ। ପିଲାବେଳୁ ମତେ ଖାଇବାକୁ ବହୁତ ଭଲ ଲାଗେ। ସେମାନେ କ୍ଲାସ୍‌ରେ ନ ଥିବା ସମୟରେ ମୁଁ ତାଙ୍କ ବ୍ୟାଗରୁ ଟିଫିନ୍ କାଢିକି ଖାଇଦିଏ। ପରେ ସେମାନେ ଟିଫିନ୍ କାଢ଼ିବା ବେଳକୁ କିଛି ନ ଥାଏ। ତା'ପରେ ମତେ ମିଶିକି ମାରନ୍ତି। ଜଣେ ହାସ୍ୟାଭିନେତା ହେବାରେ ଅବନୀନ୍ଦ୍ରର ବହୁତ ହାତ ରହିଛି। ତା'ଠାରୁ ପ୍ରେରଣା ପାଇ ମୁଁ ଆଜି ଏଠାରେ ପହଞ୍ଚି ପାରିଛି। ସେହିପରି ସନ୍ତୋଷ ମଧ୍ୟ ପ୍ରତି ପାଦରେ ମୋ ସହିତ ରହିଛି। ଫ୍ରେଣ୍ଡଶିପ୍ ଡେ'ରେ ସେମାନଙ୍କ ସହ ଖୁବ୍ ମଜା କରିବି ବୋଲି ଭାବିଛି।

**– ଗୁଡ୍ଡୁ, ହାସ୍ୟାଭିନେତା**

### ନୀରବତା ଭିତରେ ବି ଭଲପାଇବା ରହିଛି



"ମୋ ସ୍କୁଲ ବେଳର ବେଷ୍ଟ ଫ୍ରେଣ୍ଡ୍ ଅମିତ ସେନାପତି। ବନ୍ଧୁତା ଯେ ଭାଇ ଭାଇର ସମ୍ପର୍କର ଉର୍ଦ୍ଧ୍ୱରେ ତାହା ଆମେ ଅନୁଭବ କରିଥିଲୁ। ମୋର ସେତେବେଳେ ସାଇକେଲ ନ ଥାଏ। ସେ ସାଇକେଲ ନେଇ ଆମ ଘରକୁ ଆସେ ସ୍କୁଲ ଯିବା ପାଇଁ। ମୁଁ ସବୁବେଳେ ତାକୁ ପଚାରେ ତୁ ସାଇକେଲ ଚଲେଇବୁ ନା ମତେ ବସେଇବୁ। ଏକଥାରେ ସେ ସବୁବେଳେ ଦ୍ୱନ୍ଦ୍ୱରେ ପଡ଼େ ଆଉ ମତେ ସାଇକେଲରେ ବସେଇକି ନିଏ। ଆମେ ଦୁହେଁ ବହୁତ ଭଲ ସାଙ୍ଗ ଥିଲୁ। ମାତ୍ର କିଛି ଭୁଲ୍ ବୁଝାମଣା ପାଇଁ ଆମେ ଦୁହେଁ ଏବେ ଅଲଗା ହୋଇ ଯାଇଛୁ। ଏହା ବି ବନ୍ଧୁତାର ଏକ ଅଂଶ। ନୀରବତା ଭିତରେ ବି ଭଲପାଇବା ରହିଛି। କେହି କାହା ସହ କଥା ନ ହେଲେ ବି ଆଜି ବି ମୁଁ ତା' ସହ ଅଛି ଆଉ ସେ ମୋ ସହ ଅଛି।

**–ଶ୍ରୀନିବାସ ଘଟୁଆରୀ, ଓଡ଼ିଶୀ ନୃତ୍ୟଶିଳ୍ପୀ**

### ଉପହାର ଭାବେ ବହି ମିଳିଥିଲା



"ଏଥର ଫ୍ରେଣ୍ଡଶିପ୍ ଡେ'ରେ ମୋ ଡ୍ୟାନ୍ସ ଗ୍ରୁପ୍‌ର ପିଲାମାନଙ୍କ ସହ ମିଶି ମୁଁ ବନ୍ଧୁତା ଦିବସକୁ ପାଳନ କରିବି। ସେମାନେ ପରସ୍ପରକୁ ଗୋଲାପ ଫୁଲ ଦେଇ ହାତ ତିଆରି ବ୍ୟାଣ୍ଡ ପିନ୍ଧାଇ ଏହାକୁ ସେଲିବ୍ରେଟ କରିବେ। ମୋର ବେଷ୍ଟ ଫ୍ରେଣ୍ଡ ହେଉଛନ୍ତି ଅଭିନେତା ଆକାଶ ଦାସନାୟକ ଓ ସବ୍ୟସାଚୀ ମିଶ୍ର। ଥରେ ସବ୍ୟସାଚୀଙ୍କ ଘରକୁ ଯାଇଥାଏ। ସେଠି ତାଙ୍କ କୁକୁର ମୋ ଜୋତା କାମୁଡ଼ିକି ନଷ୍ଟ କରିଦେଇଥିଲା। ତାଙ୍କ ଘରୁ ମୁଁ ଖାଲି ପାଦରେ ଆସିଥିଲି। ସବ୍ୟସାଚୀଙ୍କ ମା' ପରେ ଏହି ଘଟଣାକୁ ନେଇ ଏକ ବହି ଲେଖିଥିଲେ। ଉକ୍ତ ବହିକି ସବ୍ୟସାଚୀ ମତେ ଉପହାର ଭାବେ ଦେଇଥିଲେ।

**– ଦିଲୀପ କୁମାର ସ୍ୱାଇଁ, ନିର୍ଦ୍ଦେଶକ ତଥା କୋରିଓଗ୍ରାଫର**

### ଫ୍ରେଣ୍ଡଶିପ୍ ଡେ'ରେ ଶର୍ଟ ଫିଲ୍ମ ଶୁଟିଂ କରିବୁ



"ବନ୍ଧୁତା ଏପରି ଏକ ସମ୍ପର୍କ ଯାହା କିଣାଯାଇ ପାରେ ନାହିଁ କିମ୍ବା ବାଧ୍ୟବାଧକତାରେ ହୁଏ ନାହିଁ। କାହାକୁ ବନ୍ଧୁ କରିବା ନ କରିବା ତାହା ସମ୍ପୂର୍ଣ୍ଣ ବ୍ୟକ୍ତିଗତ ହୋଇଥାଏ। ମୋର ଅନେକ ଭଲ ବନ୍ଧୁ ଅଛନ୍ତି। ଏମିତି ବି ବହୁତ ଛୋଟ ବଡ଼ ଘଟଣା ଅଛି ଯାହା ମୁଁ ସାଙ୍ଗମାନଙ୍କ ବ୍ୟତୀତ ଆଉ କାହାକୁ କହି ବି ପାରିବି ନାହିଁ। ଏଥର ଫ୍ରେଣ୍ଡଶିପ୍ ଡେ'ରେ ଆମେ ସାଙ୍ଗମାନେ ମିଶି ନିଜ ପ୍ରଡକ୍ସନ ହାଉସ୍‌ରେ ଏକ ଶର୍ଟଫିଲ୍ମର ଶୁଟିଂ ଆରମ୍ଭ କରିବୁ। ଏହି ଫିଲ୍ମର ନାଁ 'ମଞ୍ଜୁନାଥ' ରହିଛି।

**– ସ୍ୱରାଜ ବାରିକ, ଅଭିନେତା**

### ପାରିବାରିକ ସମ୍ପର୍କ ପାଲଟିଛି ବନ୍ଧୁତା



"ପ୍ରତିବର୍ଷ ଆମେ ଫ୍ରେଣ୍ଡଶିପ୍ ଡେ'ରେ ଦେଖାକରୁ। ମାତ୍ର ଏଥର ଶଟ୍‌ଡାଉନ ପାଇଁ କେହି କାହା ପାଖକୁ ଯାଇପାରିବୁ ନାହିଁ। କେବଳ ଅନ୍‌ଲାଇନ୍‌ରେ ଦେଖା କରି ପରସ୍ପରକୁ ବନ୍ଧୁତ୍ୱ ଦିବସର ଶୁଭେଚ୍ଛା ଜଣାଇବୁ। ସ୍କୁଲ ଜୀବନରୁ ସାଙ୍ଗ ହୋଇଥିବାରୁ ଏବେ ତାହା ପାରିବାରିକ ବନ୍ଧୁତାରେ ପରିଣତ ହୋଇଛି। ଜୀବନର ଶେଷପର୍ଯ୍ୟନ୍ତ ଏହାକୁ ବଜାୟ ରଖିବାକୁ ପରସ୍ପରକୁ ପ୍ରତିଶ୍ରୁତି ଦେଇଛୁ।

**– ଜ୍ୟୋସ୍ନାରାଣୀ ନନ୍ଦ, ଶିକ୍ଷୟିତ୍ରୀ**

## ଆସ ଗଛ ସହ ବନ୍ଧୁ ବାନ୍ଧିବା

### ଅଭିନବ ଢଙ୍ଗରେ ବାର୍ତ୍ତା ଦେଲେ ଯୁବ ସାମାଜିକ କର୍ମୀ




**ପୁରୁଣା ଭୁବନେଶ୍ୱର, ୩୧।୭**

ଅଗଷ୍ଟ ପ୍ରଥମ ରବିବାରକୁ ଅନ୍ତର୍ଜାତୀୟ ବନ୍ଧୁତା ଦିବସ ରୂପେ ପାଳନ କରାଯାଉଥିବାବେଳେ ପରିବେଶବିତ୍ ତଥା ଯୁବ ସାମାଜିକ କର୍ମୀ ସୁଶାନ୍ତ ସାହୁ ପତ୍ର ଓ ମୁରୁଜରେ ବୃକ୍ଷ ତିଆରି କରି ବନ୍ଧୁତ୍ୱର ନିଆରା ବାର୍ତ୍ତା ଦେଇଛନ୍ତି। ମଣିଷ ତଥା ପୂରା ଜୀବଜଗତ ପାଇଁ ଗଛ କିପରି ବନ୍ଧୁଠାରୁ ଆହୁରି ଅଧିକ ଉପକାରୀ ତାହା ସେ ଦର୍ଶାଇଛନ୍ତି। ଭୁବନେଶ୍ୱର ପୋଖରୀପୁଟ ଇନ୍ଦ୍ରପ୍ରସ୍ଥ କଲୋନୀ ଫେଜ-୨ରେ ରହୁଥିବା ସୁଶାନ୍ତ ତିଆରି କରିଥିବା ଗଛରେ ଶୁଦ୍ଧ ଅମ୍ଳଜାନ, ପ୍ରଦୂଷଣ ନିୟନ୍ତ୍ରଣ, ତାପମାନ ନିୟନ୍ତ୍ରଣ, ସୁନ୍ଦରତା, ଜଳସ୍ତର ନିୟନ୍ତ୍ରଣ, ମୃତ୍ତିକା ସଂରକ୍ଷଣ, ଜୈବ ବିବିଧତାର ବିକାଶ, ଶବ୍ଦ ନିୟନ୍ତ୍ରଣ, ଔଷଧ, ଫୁଲ, ଫଳ, ଖାଦ୍ୟ, ବସ୍ତ୍ର, ବାସଗୃହ, ବନ୍ୟାରୁ ସୁରକ୍ଷା, ପଶୁପକ୍ଷୀଙ୍କ ନିବାସ, ଛାୟା, କାଗଜ, କାଠ ଇତ୍ୟାଦିକୁ ସ୍ଥାନିତ କରି 'ଆସ ଗଛ ସହ ବନ୍ଧୁ ବାନ୍ଧିବା'ର ବାର୍ତ୍ତା ରଖିଛନ୍ତି। ଏହି ଅବସରରେ ସେ ବିଶ୍ୱବାସୀଙ୍କୁ ବୃକ୍ଷ ଉପହାର ଦେଇଛନ୍ତି। ବୃକ୍ଷ ତା'ର ଜୀବନକାଳ ମଧ୍ୟରେ ମଣିଷର ଅନ୍ତୁଡ଼ିଶାଳରୁ ମଶାଣି ପର୍ଯ୍ୟନ୍ତ ନିଃସ୍ୱାର୍ଥପର ଭାବେ ଏକ ଅନ୍ତରଙ୍ଗ ବନ୍ଧୁ ପରି ପାଖେ ପାଖେ ରହି ସେବା ଯୋଗାଇ ଆସିଥାଏ। କଥାରେ ଅଛି ବିପଦର ବନ୍ଧୁ ପ୍ରକୃତ ବନ୍ଧୁ। ଠିକ୍ ଗଛ ବିପଦର ବନ୍ଧୁ ପରି ସମସ୍ତ ବିପଦ ଆପଦରେ ମଣିଷ ପାଖରେ ଠିଆ ହୋଇଥାଏ। ବିଶ୍ୱ ବନ୍ଧୁତା ଦିବସରେ ବିଶ୍ୱବାସୀ ଗଛ ସହ ବନ୍ଧୁ ବାନ୍ଧିବାର ଭାବନା ପ୍ରଦର୍ଶିତ କରନ୍ତୁ ବୋଲି ସୁଶାନ୍ତ ଏହି ଅବସରରେ ନିବେଦନ କରିଛନ୍ତି। ସୁଶାନ୍ତଙ୍କ ଏଭଳି ଉଦ୍ୟମକୁ ବିଭିନ୍ନ ମହଲରେ ପ୍ରଶଂସା ସହ ସ୍ୱାଗତ କରାଯାଇଛି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

### ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ରାଜେଶ



@ ତହସିନ୍



@ କ୍ଷମାସାଗର



@ ସୁଶ୍ରୀ ଅମ୍ରିତା



@ ସସ୍ମିତା



@ ଗୁଡୁ

## ଟ୍ୟାପ୍ ପାଣି ପିଇ ମାନ ପରଖିଲେ ମନ୍ତ୍ରୀ

**ପୁରୀ ଅଫିସ,୩୧।୭**

ପଞ୍ଚାୟତିରାଜ ଓ ପାନୀୟଜଳ ଯୋଗାଣ ମନ୍ତ୍ରୀ ପ୍ରତାପ ଜେନା ଶନିବାର ପୁରୀରେ ଡ୍ରିଙ୍କ ଫ୍ରମ୍ ଟ୍ୟାପ୍ ବ୍ୟବସ୍ଥାର ସମୀକ୍ଷା କରିଛନ୍ତି। ଏହି ଅବସରରେ ସେ ବଡ଼ଦାଣ୍ଡସ୍ଥିତ ଏକ ଟ୍ୟାପ୍‌ରୁ ପାଣି ପିଇଛନ୍ତି। ଏଥିସହ ପାଣିର ମାନ ନେଇ ସହରବାସୀଙ୍କ ସହିତ ଆଲୋଚନା କରିଛନ୍ତି।

ମନ୍ତ୍ରୀ କହିଛନ୍ତି, ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେବାରେ ପୁରୀ ହେଉଛି ଦେଶର ପ୍ରଥମ ସହର। ଏହାଦ୍ୱାରା ପିଇବା ପାଣିକୁ ଫିଲ୍‌ଟର କରିବାର ଆବଶ୍ୟକତା ନାହିଁ। ୨୪ଘଣ୍ଟା ଏହି ସେବା ମିଳିବ। ଏଥିଲାଗି ପ୍ରତ୍ୟେକ ୱାର୍ଡରେ ଜଳସାଥୀଙ୍କୁ ନିୟୋଜିତ କରାଯାଇଛି। ବଡ଼ଦାଣ୍ଡରେ ୧୨୦ ସ୍ଥାନ ସହିତ ସହରର ୪ଶହ ଜାଗାରେ ଏଭଳି ବ୍ୟବସ୍ଥା କରାଯାଇଛି। ଏଥିଯୋଗୁ ୩ କୋଟି ପ୍ଲାଷ୍ଟିକ୍ ବୋତଲ ତଥା ୪ଶହ ମେଟ୍ରିକ୍ ଟନ୍ ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁରୁ ସହର ରକ୍ଷା ପାଇପାରିବ। ଏପର୍ଯ୍ୟନ୍ତ ଘରଗୁଡ଼ିକୁ ୩୨ ହଜାର ସଂଯୋଗ ଦିଆଯାଇଛି ବୋଲି ମନ୍ତ୍ରୀ କହିଛନ୍ତି। ପରେ ମନ୍ତ୍ରୀ ୭ ନମ୍ବର ୱାର୍ଡର ବଳିଆପଣ୍ଡା ରୋଡ୍‌ସ୍ଥିତ ଅବସରପ୍ରାପ୍ତ ଶିକ୍ଷକ ବିଦ୍ୟାଧର ଦାଶଙ୍କ ଘରକୁ ଯାଇ ସୁଜଳ ସଂଯୋଗରେ ଉପଲବ୍ଧ ପାଣିର ମାନ ସମ୍ପର୍କରେ ପଚାରି ବୁଝିଥିଲେ। ୱାର୍ଡର ଜଳସାଥୀ ରୀନାରାଣୀ କବିରାଜଙ୍କ ସହ ମଧ୍ୟ ଆଲୋଚନା କରିଥିଲେ। ୱାଟ୍‌କୋ ଜେନେରାଲ ମ୍ୟାନେଜର ଶରତ ଚନ୍ଦ୍ର ମିଶ୍ର ଓ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଗତ ୨୬ ତାରିଖରେ ମୁଖ୍ୟମନ୍ତ୍ରୀ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ଏହି ପ୍ରକଳ୍ପକୁ ଲୋକାର୍ପଣ କରିଥିଲେ।




ପୁରୀ ବଡ଼ଦାଣ୍ଡରେ ଏକ ଟ୍ୟାପ୍‌ରୁ ମନ୍ତ୍ରୀ ପ୍ରତାପ ଜେନା ପାଣି ପିଉଛନ୍ତି।

## ଉଚ୍ଚସ୍ତରୀୟ ତଦନ୍ତ ଦାବିରେ ବିକ୍ଷୋଭ

### ଓଏସ୍‌ଏସ୍‌ସିରେ ବ୍ୟାପକ ଦୁର୍ନୀତି ଅଭିଯୋଗ

**କଟକ ଅଫିସ, ୩୧।୭**

ଓଡ଼ିଶା ଷ୍ଟାଫ୍ ସିଲେକ୍ସନ କମିଶନ (ଓଏସ୍‌ଏସ୍‌ସି)ରେ ବ୍ୟାପକ ଦୁର୍ନୀତି ହୋଇଥିବା ନେଇ ଏବିଭିପି ପକ୍ଷରୁ ଅଭିଯୋଗ ହୋଇଛି। ଏହାର ଉଚ୍ଚସ୍ତରୀୟ ତଦନ୍ତ ଦାବି କରି ଏବିଭିପି ପକ୍ଷରୁ ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ମୁଖ୍ୟ ଫାଟକ ସମ୍ମୁଖରେ ଶନିବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଉକ୍ତ ବିକ୍ଷୋଭରେ ଏବିଭିପି କଟକ ଜିଲା ସଂଯୋଜକ ଓମ୍‌ପ୍ରକାଶ ପଣ୍ଡା କହିଛନ୍ତି, ଓଏସ୍‌ଏସ୍‌ସି ସଦସ୍ୟଙ୍କ ବ୍ୟକ୍ତିଗତ ସଚିବ ବିରଞ୍ଚି ନାରାୟଣ ସାହୁଙ୍କ ଘରୁ ଚାକିରି ପାଇଁ ଆଶାୟୀ ପ୍ରାର୍ଥୀଙ୍କ ଆଡମିଟ୍ କାର୍ଡ ସହ ବହୁ କୋଟି ଟଙ୍କା ଓ ସୁନାଅଳଙ୍କାର ଜବତ ହୋଇଛି। ତେଣୁ ନିଯୁକ୍ତି ପ୍ରକ୍ରିୟାରେ ବ୍ୟାପକ ଦୁର୍ନୀତି ହୋଇଥିବା ଏବିଭିପି ଅଭିଯୋଗ କରିଛି। ଏଣୁ ରାଜ୍ୟ ସରକାର ଏଥିରେ ହସ୍ତକ୍ଷେପ କରିବା ସହ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ପଣ୍ଡା ଦାବି କରିଛନ୍ତି। ଏ ଦିଗରେ ପଦକ୍ଷେପ ନିଆ ନ ଗଲେ ଆଗାମୀ ଦିନରେ ଆନ୍ଦୋଳନକୁ ତୀବ୍ରତର କରାଯିବ ବୋଲି ସେ ଚେତାବନୀ ଦେଇଛନ୍ତି। ଏହି ବିକ୍ଷୋଭରେ ମାନସ ବାରିକ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଓମ୍ ବିଶ୍ୱଜିତ ସ୍ୱାଇଁ, ବିଶ୍ୱରଞ୍ଜନ ନାୟକ, ଅନୁପମ୍ ସାହୁ ପ୍ରମୁଖ ସାମିଲ ହୋଇଥିଲେ।




ଏବିଭିପି ପକ୍ଷରୁ ରେଭେନ୍ସା ବିଶ୍ୱବିଦ୍ୟାଳୟ ମୁଖ୍ୟ ଫାଟକ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ।




ଏବିଭିପି ପକ୍ଷରୁ ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ ଛକରେ ବିକ୍ଷୋଭ କରାଯାଉଛି।

## ଜେସିବି ପୋଡ଼ିଦେଲେ ଦୁର୍ବୃତ୍ତ

ବାଣପୁର,(ଡି.ଏନ୍.ଏ.): ବାଣପୁର ମୁଖ୍ୟ କେନାଲ ରାସ୍ତା କାମ ଚାଲିଥିବା ବେଳେ ଠିକାଦାରଙ୍କ ଜେସିବିକୁ କେହି ଦୁର୍ବୃତ୍ତ ପୋଡି ଦେଇଥିବା ଅଭିଯୋଗ ହୋଇଛି। ଭୁବନେଶ୍ୱରସ୍ଥିତ ସ୍ୱାନ ଇନ୍ଫ୍ରା ବିଲଡ଼ର ନାମକ ଏକ ଠିକା କମ୍ପାନୀ ବାଣପୁର ବ୍ଲକ ଅନ୍ତର୍ଗତ ଗାଲୁଆ ଛକରୁ କୋଷରଡା ରାସ୍ତା କାମ କରୁଛନ୍ତି। ଘଣ୍ଟନିଧି ଠାକୁରାଣୀଙ୍କ ମନ୍ଦିର ନିକଟରେ ଏକ ଅସ୍ଥାୟୀ କାର୍ଯ୍ୟାଳୟ ନିର୍ମାଣ କରାଯାଇ ସମସ୍ତ ଆସବାବପତ୍ର ଓ ଗାଡିଗୁଡିକ ରଖାଯାଇଥାଏ। ଶୁକ୍ରବାର ରାତିରେ ଜଣେ କର୍ମଚାରୀ ବାହାରକୁ ଉଠିଥିବା ବେଳେ ଏକ ଜେସିବି ଜଳୁଥିବା ଦେଖିବାକୁ ପାଇଥିଲେ। ପରେ ଉପସ୍ଥିତ କର୍ମଚାରୀମାନେ ନିଆଁକୁ ଆୟତ୍ତ କରିଥିଲେ। ଏନେଇ ଶନିବାର କମ୍ପାନୀର ଶାଖା ଅଧିକାରୀ ଲକ୍ଷ୍ମୀଧର ବେହେରା ଥାନାରେ ଅଭିଯୋଗ କରିଛନ୍ତି।

## ସଂକ୍ଷେପରେ

### ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କୁ ଆକ୍ରମଣ

ସାଲେପୁର, ୩୧।୭(ଡି.ଏନ୍.ଏ.): ସାଲେପୁର ଥାନାଞ୍ଚଳରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ତଦନ୍ତ କରୁଥିବା ଜଣେ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କୁ ଆକ୍ରମଣ କରାଯାଇଥିବା ନେଇ ଶନିବାର ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ, ବିଡିଓଙ୍କ ନିର୍ଦ୍ଦେଶରେ ସାଲେପୁର ବ୍ଲକରେ ପଞ୍ଚାୟତ ନିର୍ବାହୀ ଅଧିକାରୀ ଭାବେ କାର୍ଯ୍ୟ କରୁଥିବା ଗଣେଶ୍ୱର ମଲ୍ଲିକ ଗତ ୨୮ତାରିଖରେ ତାଙ୍କ ସହଯୋଗୀଙ୍କୁ ନେଇ ରାମେଶ୍ୱର, ନରଦା ଓ ମାଳ ପଞ୍ଚାୟତରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ପୁନଃ ସମୀକ୍ଷା କରୁଥିଲେ। ନରଦା ପଞ୍ଚାୟତର ତୁଣ୍ଡପୁର ଗ୍ରାମର କେତେଜଣ ଲୋକ ଏହାକୁ ବିରୋଧ କରିଥିଲେ। ଏହି ସମୟରେ ସାଲେପୁର ପଞ୍ଚାୟତ ସମିତି ଉପାଧକ୍ଷ ରମେଶ ଚନ୍ଦ୍ର ଜେନା ମୋବାଇଲ୍ ଯୋଗେ ମଲ୍ଲିକଙ୍କୁ ଗାଳିଗୁଲଜ କରିଥିଲେ। ମଲ୍ଲିକ ମୋବାଇଲ୍‌ରେ ବିଡିଓଙ୍କୁ ଏବିଷୟରେ ଅବଗତ କରି ସେଠାରୁ ଫେରି ଆସିଥିଲେ। ସେ ଓ ତାଙ୍କ ଟିମ୍ ବ୍ଲକ୍ କାର୍ଯ୍ୟାଳୟରେ ପହଞ୍ଚିବା ପୂର୍ବରୁ ସେଠାରେ ଉପସ୍ଥିତ ଥିବା ଦ୍ୱୀପାଞ୍ଚଳର ଜଣେ ବ୍ୟକ୍ତି ତାଙ୍କୁ ମାଡ଼ ମାରି ଉପାଧକ୍ଷଙ୍କ କାର୍ଯ୍ୟାଳୟକୁ ନେଇଥିଲେ। ସେଠାରେ ଉପାଧକ୍ଷ ଜେନା ପୁନର୍ବାର ଧମକ ଦେଇଥିଲେ ବୋଲି ଅଭିଯୋଗରେ ଦର୍ଶାଇଛନ୍ତି। ଏହାକୁ ଉପାଧକ୍ଷ ଜେନା ଖଣ୍ଡନ କରିଥିବା ବେଳେ ପଞ୍ଚାୟତ ନିର୍ବାହୀ ତାଙ୍କ ନାମରେ ମିଥ୍ୟା ଅଭିଯୋଗ କରିଛନ୍ତି ବୋଲି ସେ କହିଛନ୍ତି। ସାଲେପୁର ଥାନାଧିକାରୀ ଆଇଆଇସି ମୃଣ୍ମୟ କୁମାର ସେନାପତି କହିଛନ୍ତି, ଅଭିଯୋଗ ଆଧାରରେ ତଦନ୍ତ ପରେ ମାମଲା ରୁଜୁ କରାଯିବ।

### ସୋମବାରରୁ ସମସ୍ତ ରୁଟ୍‌ରେ ଚାଲିବ ମୋ ବସ୍



ଭୁବନେଶ୍ୱର,୩୧।୭(ବ୍ୟୁରୋ): ରାଜ୍ୟରେ କରୋନା ସଂକ୍ରମଣ ଧିରେ ଧିରେ ହ୍ରାସ ପାଉଥିବାରୁ ସରକାର ଲକ୍‌ଡାଉନ୍ କଟକଣାକୁ ଆହୁରି କୋହଳ କରିଛନ୍ତି। ପୂର୍ବରୁ ସମଗ୍ର ରାଜ୍ୟରେ ବସ୍ ଚଳାଚଳକୁ ଅନୁମତି ମିଳିଥିବାରୁ କ୍ରୁଟ୍ ପକ୍ଷରୁ ୧୬ଟି ରୁଟ୍‌ରେ ମୋ ବସ୍ ସେବା ଆରମ୍ଭ କରାଯାଇଥିଲା। ତେବେ ପରିସ୍ଥିତିରେ ସୁଧାର ଆସିଥିବାରୁ ଆସନ୍ତା ସୋମବାରଠାରୁ ସମସ୍ତ ୨୫ଟି ଯାକ ରୁଟ୍‌ରେ ୧୯୪ଟି ମୋ ବସ ଗଡ଼ିବ ବୋଲି କ୍ରୁଟ୍‌ର ଜେନେରାଲ ମ୍ୟାନେଜର ଦୀପ୍ତି ମହାପାତ୍ର ସୂଚନା ଦେଇଛନ୍ତି। ରାଜଧାନୀର ସମସ୍ତ ମାର୍ଗରେ ମୋ ବସ୍ ସେବା ସ୍ୱାଭାବିକ ହେବ। ଭୁବନେଶ୍ୱର, କଟକ ଓ ପୁରୀରେ ସପ୍ତାହାନ୍ତ ଶଟ୍‌ଡାଉନ୍ ବଳବତ୍ତର ରହୁଥିବାରୁ ଶନିବାର ଓ ରବିବାର ମୋ ବସ୍ ସେବା ବନ୍ଦ ରହିବ। ସେହିପରି ରାତ୍ରିକାଳୀନ କର୍ଫ୍ୟୁକୁ ଦୃଷ୍ଟିରେ ରଖି ସୋମବାରଠାରୁ ଶୁକ୍ରବାର ପର୍ଯ୍ୟନ୍ତ ସକାଳ ୭ଟାରୁ ସନ୍ଧ୍ୟା ୭ ପର୍ଯ୍ୟନ୍ତ ବସ୍ ଚଳାଚଳ କରିବ। ତେବେ ପୂର୍ବପରି ରେଳ ଓ ବିମାନ ଯାତ୍ରୀମାନଙ୍କୁ ବସ୍ ସେବା ରେଳ ଷ୍ଟେଶନରୁ କଟକ ଏବଂ ଖୋର୍ଦ୍ଧା ପର୍ଯ୍ୟନ୍ତ ଜାରି ରହିବ। ବିମାନବନ୍ଦରରୁ ରେଳ ଷ୍ଟେଶନ ପର୍ଯ୍ୟନ୍ତ ମଧ୍ୟ ସେବା ଯୋଗାଇ ଦିଆଯିବ। କୌଣସି ଯାତ୍ରୀ ବସ୍‌ରେ ଛିଡ଼ା ହୋଇ ଯାତ୍ରା କରିପାରିବେ ନାହିଁ। ସେହିପରି ମାସ୍କ ନ ଥିଲେ ବସ୍‌ରେ ଯିବା ପାଇଁ ଅନୁମତି ମିଳିବ ନାହିଁ ବୋଲି ଦୀପ୍ତି ସୂଚନା ଦେଇଛନ୍ତି।

### କେନାଲରୁ ବ୍ୟବସାୟୀଙ୍କ ମୃତଦେହ ଜବତ

ପିପିଲି/ବାଲକାଟୀ, ୩୧।୭: (ସ୍ୱ.ପ୍ର./ଡି.ଏନ୍.ଏ.) : ପିପିଲି ଥାନା ଗୋବର୍ଦ୍ଧନପୁରର କଣାସ ମେନ କେନାଲରେ ଶନିବାର ଜଣେ ବ୍ୟକ୍ତିଙ୍କ ମୃତଦେହକୁ ପୋଲିସ ଜବତ କରିଛି। ସେ ହେଲେ ବାଲକାଟୀ ଫାଣ୍ଡି ଅନ୍ତର୍ଗତ ନୂଆପାଟଣା ଗ୍ରାମର ବ୍ୟବସାୟୀ ଲକ୍ଷ୍ମୀଧର ସାହୁ। ଏ ନେଇ ପୋଲିସ ଏକ ମାମଲା(ନଂ.୮/୨୧) ରୁଜୁ କରି ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପୁରୀ ପଠାଇଛି। ସୂଚନା ଅନୁଯାୟୀ, ଲକ୍ଷ୍ମୀଧର ଶୁକ୍ରବାର ସନ୍ଧ୍ୟାରେ ଘରୁ ବାହାରି ଯାଇଥିଲେ ମଧ ଆଉ ଫେରି ନ ଥିଲେ। ବନ୍ଧୁବାନ୍ଧବ, ସମ୍ପର୍କୀୟଙ୍କୁ ପଚରାଉଚରା ପରେ ମଧ ଲକ୍ଷ୍ମୀଧରଙ୍କ ଖୋଜଖବର ସମ୍ପର୍କୀୟ ପାଇ ନ ଥିଲେ। ତେବେ ସକାଳୁ ପିପିଲିସ୍ଥିତ କେନାଲରେ ଜଣେ ବ୍ୟକ୍ତିଙ୍କ ମୃତଦେହ ଭାସୁଥିବା ସ୍ଥାନୀୟ ଲୋକେ ଦେଖି ପୋଲିସକୁ ଜଣାଇଥିଲେ। ଜଣେ ପରିଚିତ ବ୍ୟକ୍ତି ଲକ୍ଷ୍ମୀଧରଙ୍କୁ ଚିହ୍ନିପାରି ପରିବାର ଲୋକଙ୍କୁ କହିଥିଲେ। ପୋଲିସ ଓ ପରିବାର ଲୋକେ ପହଞ୍ଚିବା ପରେ ଲକ୍ଷ୍ମୀଧରଙ୍କ ମୃତଦେହ ଉଦ୍ଧାର କରିଥିଲେ। ତେବେ ଲକ୍ଷ୍ମୀଧରଙ୍କ ଶରୀରର ବିଭିନ୍ନ ସ୍ଥାନରେ କ୍ଷତଚିହ୍ନ ଥିବାରୁ ଆତ୍ମହତ୍ୟା କି ହତ୍ୟା ସେନେଇ ପୋଲିସ ସନ୍ଦେହ କରି ତଦନ୍ତ ଚଳାଇଛି।



ଭୁବନେଶ୍ୱର ଏକାମ୍ର ନିର୍ବାଚନମଣ୍ଡଳୀ ବିଜେଡି ପକ୍ଷରୁ ଶନିବାର ୱାର୍ଡ ନଂ.୫୬ ଅନ୍ତର୍ଗତ କଳ୍ପନା ଅଞ୍ଚଳରେ ଡେଙ୍ଗୁ ସଚେତନତା ଶୋଭାଯାତ୍ରାରେ ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଓ ଅନ୍ୟମାନେ।



ବିଏମ୍‌ସି ପକ୍ଷରୁ ନିୟୋଜିତ ଟିମ୍ ଶୋଭାଯାତ୍ରା କରି ଲୋକଙ୍କୁ ଡେଙ୍ଗୁ ସଂକ୍ରାନ୍ତରେ ସଚେତନ କରୁଛନ୍ତି।

# ନିୟନ୍ତ୍ରଣକୁ ଆସୁନି ଡେଙ୍ଗୁ

ଭୁବନେଶ୍ୱର, ୩୧।୭ (ବ୍ୟୁରୋ)

**ଦିନକରେ ଭୁବନେଶ୍ୱରରୁ ଆଉ ୫୮ ରୋଗୀ ଚିହ୍ନଟ**

- ଶୈଳଶ୍ରୀବିହାର, ନୀଳାଦ୍ରିବିହାରରେ ଘରେ ଘରେ ଜ୍ୱର
- ଭିଆଇପି ଅଞ୍ଚଳରେ ମଧ ସଂକ୍ରମଣ ବଢ଼ୁଛି
- ସହର ବୁଲି ସଚେତନ କରୁଛି ୯ ଟିମ୍



ରାଜଧାନୀରେ ତୀବ୍ର ବେଗରେ ବ୍ୟାପୁଛି ଡେଙ୍ଗୁ। ସହରରୁ ଦିନକୁ ୨୦ରୁ ୩୦ଜଣ ରୋଗୀ ଚିହ୍ନଟ ହେଉଥିବାବେଳେ ଶନିବାର ଗୋଟିଏ ଦିନରେ ଆଉ ୫୮ଜଣ ରୋଗୀ ଚିହ୍ନଟ ହୋଇଛନ୍ତି। ଫଳରେ ଏଠାରେ ଡେଙ୍ଗୁ ରୋଗୀ ସଂଖ୍ୟା ୫୮୮ରେ ପହଞ୍ଚିଛି। ପ୍ରତିବର୍ଷ ବସ୍ତି ଅଞ୍ଚଳରେ ଡେଙ୍ଗୁ ଚିହ୍ନଟ ହେଉଥିବାବେଳେ ଚଳିତ ବର୍ଷ କଲୋନୀ ଓ ଭିଆଇପି ଅଞ୍ଚଳରେ ମଧ ଡେଙ୍ଗୁ ପ୍ରକୋପ ଦେଖିବାକୁ ମିଳୁଛି। ଇତିମଧ୍ୟରେ ସହରର ଅଧିକାଂଶ ଅଞ୍ଚଳରୁ ରୋଗୀ ଚିହ୍ନଟ ହୋଇଥିବାବେଳେ ଉତ୍ତର ଭୁବନେଶ୍ୱରରେ ସ୍ଥିତି ଜଟିଳ ରହିଛି। ଶେଷକରି ନୀଳାଦ୍ରିବିହାର, ଶୈଳଶ୍ରୀ ବିହାର, ଚନ୍ଦ୍ରଶେଖରପୁରର ବିଭିନ୍ନ ବସ୍ତି ଓ କଲୋନୀରେ ଘରେ ଘରେ ଜ୍ୱର ବ୍ୟାପିଥିବା ସୂଚନା ମିଳିଛି। କରୋନା ଆତଙ୍କ ଥମି ନ ଥିବାବେଳେ ଡେଙ୍ଗୁକୁ ନେଇ ସ୍ମାର୍ଟସିଟିବାସୀଙ୍କ ଚିନ୍ତା ବଢ଼ିଛି। ଅପରପକ୍ଷେ ଆରମ୍ଭରୁ ଅବହେଳା କରିଥିବା ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଏବେ ଡେଙ୍ଗୁ ନିରାକରଣ ପାଇଁ ଜୋରଦାର ଉଦ୍ୟମ ଚଳାଇଛି। ବିଏମ୍‌ସି ପକ୍ଷରୁ ୯ଟି ଟିମ୍ ସହରର ୩ ଜୋନ୍‌ରେ ବୁଲି ବୁଲି ଲୋକଙ୍କୁ ସଚେତନ କରୁଛି। ଶନିବାର ସକାଳ ୫ଟା ୩୦ରୁ ଏହି ଟିମ୍ ବିଭିନ୍ନ ଅଞ୍ଚଳ ବୁଲି ପରିମଳ କାର୍ଯ୍ୟର ତଦାରଖ କରିଥିଲା। ସକାଳ ୮ଟାରେ ଡେଙ୍ଗୁ ସଚେତନତା କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ନୀଳାଦ୍ରିବିହାର ଏଟିଏମ୍ ଛକ ଅଞ୍ଚଳ, ତାରିଣୀ ବସ୍ତି, ଡମଣା ହାଟ, ଆଇଡି ମାର୍କେଟ ନିକଟ ଗାନ୍ଧୀ ବସ୍ତି, ରେଣ୍ଟାଲ କଲୋନୀ ବସ୍ତି ଅଞ୍ଚଳ, ମାଳିସାହି ଅଞ୍ଚଳ, ଶହୀଦନଗର ଓ ସଂଲଗ୍ନ ବସ୍ତି ଅଞ୍ଚଳ, କୁଲି ବସ୍ତି ଅଞ୍ଚଳଗୁଡିକରେ ସଚେତନତା କରାଯାଇଥିଲା। ନମୁନା ପରୀକ୍ଷା, ଆକ୍ରାନ୍ତଙ୍କ ଚିକିତ୍ସା, ଘରୋଇ ଅଭ୍ୟାସ, ନିକଟସ୍ଥ ସରକାରୀ ସ୍ୱାସ୍ଥ୍ୟ କେନ୍ଦ୍ରଗୁଡିକରେ ଡେଙ୍ଗୁ ଜ୍ୱରର ଲକ୍ଷଣ ଜାଣିବା ଭଳି ବିଭିନ୍ନ ଗୋଷ୍ଠୀ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମରେ ଅତିରିକ୍ତ କମିଶନର ଲକ୍ଷ୍ମୀକାନ୍ତ ସେଠୀ, ଡେପୁଟି କମିଶନର ପରିମଳ ଶୁଭେନ୍ଦୁ କୁମାର ସାହୁ, ଡେପୁଟି କମିଶନର ରାଜସ୍ୱ ଶ୍ରୀମନ୍ତ ମିଶ୍ର, ଏଡିୟୁପିଏଚ୍‌ଓ ଡ. ଅନ୍ତର୍ଯ୍ୟାମୀ ମିଶ୍ର, ସିଟି ହେଲଥ୍ ଅଫିସର ଡ. ବସନ୍ତ କୁମାର ମିଶ୍ର, ଜୋନାଲ ଡେପୁଟି କମିଶନର ପୁରନ୍ଦର ନନ୍ଦା, ଅଂଶୁମାନ ରଥ, ରବିନାରାୟଣ ଜେଠୀ ପ୍ରମୁଖ ଉପସ୍ଥିତ ଥିଲେ।

## କଟକକୁ ଡେଇଁଲା

କଟକ ଅଫିସ,୩୧।୭

**୮ ଡେଙ୍ଗୁ ରୋଗୀ ଚିହ୍ନଟ, ୫ ଜଣଙ୍କ ଭୁବନେଶ୍ୱର ଲିଙ୍କ୍ ରହିଛି**

ଭୁବନେଶ୍ୱରରେ କିଛିଦିନ ହେବ ଡେଙ୍ଗୁ ବ୍ୟାପୁଥିବାବେଳେ ଏବେ କଟକକୁ ଡେଇଁଛି। ଦିନକୁ ଦିନ ସହରରେ ଡେଙ୍ଗୁରୋଗୀ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଏହାକୁ ଦୃଷ୍ଟିରେ ରଖି ଏସ୍‌ସିବି ମେଡିକାଲରେ ସ୍ୱତନ୍ତ୍ର ୱାର୍ଡ ବ୍ୟବସ୍ଥା କରାଯାଇଛି। ସେଠାରେ ଏବେ ୧୮ ଜଣ ଡେଙ୍ଗୁରୋଗୀ ଚିକିତ୍ସିତ ହେଉଛନ୍ତି। ଏଥିସହ ଜିଲାରୁ ୩ ଜଣ ଡେଙ୍ଗୁରୋଗୀ ଚିହ୍ନଟ ହୋଇଛନ୍ତି। ସେଥିମଧ୍ୟରୁ ମର୍କତନଗରର ଜଣେ ଥିବା ଜଣାପଡିଛି। ଏହାକୁ ଦୃଷ୍ଟିରେ ରଖି ସହରରେ ପ୍ରତି ଶନିବାର ଓ ରବିବାର ସଚେତନତା କାର୍ଯ୍ୟକ୍ରମ କରାଯାଉଛି। ପ୍ରଥମେ ଶିଳ୍ପୀ କୁମ୍ଭାରସାହି ଓ ଦ୍ୱିତୀୟରେ ଜଗତପୁରରେ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା। ସେହିପରି ଶନିବାର ଯୋବ୍ରା ଅଞ୍ଚଳରେ ଉକ୍ତ କାର୍ଯ୍ୟକ୍ରମ କରାଯାଇଥିବା କଟକ ମହାନଗର ନିଗମ(ସିଏମ୍‌ସି) ସ୍ୱାସ୍ଥ୍ୟ ଅଧିକାରୀ ସତ୍ୟବ୍ରତ ମହାପାତ୍ର କହିଛନ୍ତି। ସିଏମ୍‌ସି ଅଞ୍ଚଳରୁ ବର୍ତ୍ତମାନ ସୁଦ୍ଧା ୮ ଜଣ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଛନ୍ତି। ସେଥିମଧ୍ୟରୁ ୫ ଜଣଙ୍କ ଭୁବନେଶ୍ୱର ଲିଙ୍କ୍ ଥିବା ଜଣାପଡିଛି। ଚିହ୍ନଟ ଡେଙ୍ଗୁ ରୋଗୀଙ୍କ କଣ୍ଟାକ୍ଟ ଟ୍ରେସିଂ କରାଯାଉଛି। ଡେଙ୍ଗୁ ରୋଗୀଙ୍କ ପାଇଁ ଏସ୍‌ସିବି ମେଡିକାଲରେ ୩୦ ବେଡ୍ ବ୍ୟବସ୍ଥା କରାଯାଇଛି। ଆବଶ୍ୟକ ପଡିଲେ ଏହି ସଂଖ୍ୟା ୧୦୦ ପର୍ଯ୍ୟନ୍ତ ବୃଦ୍ଧି କରାଯାଇପାରିବ ବୋଲି ସେ କହିଛନ୍ତି।

## ୩ଲକ୍ଷ ଟଙ୍କାର ବ୍ରାଉନସୁଗାର ଜବତ

**ବ୍ୟବସାୟୀ ଗିରଫ**

ଖୋର୍ଦ୍ଧା ଅଫିସ,୩୧।୭

ଖୋର୍ଦ୍ଧା ସହରରେ ବ୍ରାଉନସୁଗାର କାରବାର ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଗୁରୁଜଙ୍ଗ, ସାମନ୍ତରାପୁର, ଜେମାଦେଇପୁର ସମେତ ସାହିଗଳିକନ୍ଦିରେ କାରବାର ଚାଲିଛି। ବାଲେଶ୍ୱରର ଜଳେଶ୍ୱର ଅଞ୍ଚଳରୁ ବ୍ରାଉନସୁଗାର ବିଭିନ୍ନ ଗଳାବାଟ ଦେଇ ସହରକୁ ଆସୁଛି। ଏଠାରୁ ଗ୍ରାମାଞ୍ଚଳକୁ ପଠାଯାଉଛି। ଏହାଦ୍ୱାରା ଯୁବବର୍ଗ ପଥଭ୍ରଷ୍ଟ ହେବା ସହ ଅସାମାଜିକ କାର୍ଯ୍ୟରେ ଲିପ୍ତ ରହୁଥିବା ଦେଖିବାକୁ ମିଳିଛି। ଶନିବାର ଖୋର୍ଦ୍ଧା ପୋଲିସ ଗୁରୁଜଙ୍ଗ ମେଳଣ ପଡ଼ିଆରେ ବ୍ରାଉନସୁଗାର ବିକ୍ରି କରୁଥିବା ଜଣେ ବେପାରୀଙ୍କୁ ଗିରଫ କରିଛି। ସେ ହେଲେ ଗୁରୁଜଙ୍ଗ ଦେୱାନସାହିର ସର୍ବେଶ୍ୱର ବେହେରା(୨୯)। ତାଙ୍କ ନିକଟରୁ ୩୦ଗ୍ରାମ୍ ୦୮ମିଲିଗ୍ରାମ୍ ବ୍ରାଉନସୁଗାର, ୯୫୦ ଟଙ୍କା ସମେତ ପ୍ୟାକେଟ କରିବା ପାଇଁ ବ୍ୟବହୃତ ୨୭ଟି ପଲିଥିନ ଓ ଗୋଟିଏ ମୋବାଇଲ ଫୋନ ଜବତ ହୋଇଛି। ଜବତ ବ୍ରାଉନସୁଗାରର ଆନୁମାନିକ ମୂଲ୍ୟ ୩ଲକ୍ଷ ଟଙ୍କା ହେବ ବୋଲି ଥାନାଧିକାରୀ ସଞ୍ଜୟ ପଟ୍ଟନାୟକ କହିଛନ୍ତି। ଏନେଇ ଥାନାରେ ଏନ୍‌ଡିପିଏସ୍ ଆକ୍ଟ ୨୧(ବି)/୨୯ରେ ମାମଲା(ନଂ.୨୯୬/୨୧)ରୁଜୁ ହୋଇଛି।

## ‘ଜୀବନର ବାଟେଘାଟେ’ ରାଜ୍ୟପାଳଙ୍କ ଦ୍ୱାରା ଉନ୍ମୋଚିତ

ଭୁବନେଶ୍ୱର,୩୧।୭(ବ୍ୟୁରୋ)



ଗାଳ୍ପିକା ତଥା ଖବରଦାତା ଭୁବନେଶ୍ୱରୀ ପଣ୍ଡାଙ୍କ ଗଳ୍ପ ସଂକଳନ ‘ଜୀବନର ବାଟେଘାଟେ’ ଉନ୍ମୋଚିତ ହୋଇଯାଇଛି। ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଶୁକ୍ରବାର ରାଜଭବନରେ ଏହି ପୁସ୍ତକଟିକୁ ଉନ୍ମୋଚନ କରିଛନ୍ତି। ଏଥିସହ ପୁସ୍ତକର ପ୍ରଶଂସା କରିବା ସହ ଲେଖିକାଙ୍କୁ ଅଭିନନ୍ଦନ ଜଣାଇଥିଲେ। ସାଧାରଣ ମଧ୍ୟବିତ୍ତ ପରିବାର ନିଜର ଦୈନନ୍ଦିନ ଜୀବନରେ ସାମ୍ନା କରୁଥିବା କଥାକୁ ନେଇ ଗାଳ୍ପିକା ପଣ୍ଡା ଲେଖିଥିବା ୫୧ଟି ଗଳ୍ପ ଏହି ପୁସ୍ତକରେ ସ୍ଥାନ ପାଇଛି। ସହଜ, ସାଧାରଣ ଓ ଅଣଦେଖା ଘଟଣାବଳୀ ତଥା ଚରିତ୍ରମାନଙ୍କୁ ନେଇ ଗଳ୍ପଗୁଡ଼ିକ ଗତିଶୀଳ ହୋଇଛି। ତାଙ୍କର ପ୍ରତିଟି ଗଳ୍ପରେ ସାଧାରଣ ମଣିଷଟିଏ ନିଜକୁ ଆବିଷ୍କାର କରିପାରିବ। ‘ପେନ୍ ଇନ୍ ବୁକ୍ସ’ ପକ୍ଷରୁ ପ୍ରକାଶିତ ଏହି ପୁସ୍ତକକୁ ଆଗ୍ରହୀ ପାଠକମାନେ ଆମାଜନ୍ ମାଧ୍ୟମରେ କିଣିପାରିବେ ବୋଲି ସଂସ୍ଥାର ନିର୍ଦ୍ଦେଶକ ଶୁଭ୍ରାଂଶୁ ପଣ୍ଡା ସୂଚନା ଦେଇଛନ୍ତି।

## ସେଓ ଚାଷ କରି ପ୍ରେରଣା ସାଜିଛନ୍ତି ଅରୁଣ

ଖୋର୍ଦ୍ଧା ଅଫିସ,୩୧।୭





କାଶ୍ମୀର କି ହିମାଚଳ ପ୍ରଦେଶ ନୁହେଁ, ଏବେ ଓଡ଼ିଶା ମାଟିରେ ଫଳୁଛି ସେଓ। ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକ ଆରିକମା ଗାଁର ଅରୁଣ କୁମାର ନାୟକ ଅନ୍‌ଲାଇନରେ ସେଓ ଚାରାକିଣି ନିଜ ବାରିରେ ଲଗାଇଥିଲେ। ଏବେ ସେଥିରେ ଭର୍ତ୍ତି ଭର୍ତ୍ତି ସେଓ ଫଳିଛି। ଚାଷ କାର୍ଯ୍ୟରୁ ବିମୁଖ ହୋଇ ଦାଦନ ଖଟିବାକୁ ଯାଉଥିବା ଯୁବବର୍ଗ ଓ ଚାଷୀଙ୍କ ପାଇଁ ସେ ପ୍ରେରଣାର ଉତ୍ସ ପାଲଟିଛନ୍ତି। ଅକ୍ଳାନ୍ତ ପରିଶ୍ରମ, କିଛି କରି ଦେଖାଇବାର ଆକାଂକ୍ଷା କିପରି ସଫଳତା ଆଣେ, ତାହା କରି ଦେଖାଇଛନ୍ତି ଅରୁଣ। ଏହି ସେଓ ଚାଷ ସମ୍ପର୍କରେ ଜାଣି ପ୍ରତିଦିନ ବିଭିନ୍ନ ଅଞ୍ଚଳର ଲୋକେ ଅରୁଣଙ୍କ ବାରିରେ ଭିଡ଼ ଜମାଉଛନ୍ତି।

ଅରୁଣଙ୍କ କହିବାନୁଯାୟୀ, ସୋସିଆଲ ମିଡିଆ (ୟୁଟ୍ୟୁବ)ରେ ହିମାଚଳ ପ୍ରଦେଶରେ ସେଓ ଚାଷ ଦେଖିବା ପରେ ଏଠାରେ କରିବା ପାଇଁ ଆଗ୍ରହ ପ୍ରକାଶ କରିଥିଲି। ଏଥିଲାଗି ମାଟି ପ୍ରସ୍ତୁତି, କୃଷି ବିଶେଷଜ୍ଞଙ୍କ ସହ ପରାମର୍ଶ ନେଇଥିଲି। ପରେ ୟୁଟ୍ୟୁବରେ ଦେଖିଥିବା ଏକ ସଂସ୍ଥା ସହ ଯୋଗାଯୋଗ କରି ୩୦ଟି ଚାରା ମଗାଇ ଲଗାଇଥିଲି। ୩ ଫୁଟ ଓସାର ୩ ଫୁଟ ଗଭୀର ଗାତ ଖୋଳି ଖତ ଦେଇ ଚାରାରୋପଣ କରିଥିଲି। ସେଥିରୁ ୩ଟି ମରିଯାଇଥିଲା। ଏହା ପ୍ରାୟ ୬ରୁ ୮ ମାସ ପର୍ଯ୍ୟନ୍ତ ବଢ଼ି ଧୀରେ ଧୀରେ ଫୁଲ ଫଳ ଧରିବାକୁ ଆରମ୍ଭ କରିଥିଲା। ଦେଢ଼ ବର୍ଷ ପରେ ଏହି ସଫଳତା ମିଳିଥିଲା। ପ୍ରଥମ ପର୍ଯ୍ୟାୟ ଫଳ ଫଳିଛି। ଆଗାମୀ ଦିନରେ ବି ଭଲ ଫଳ ହେବ। ଗୋଟିଏ ଗଛରୁ ପ୍ରଥମେ ୧୦ରୁ ୨୦କେଜି ପରେ ଅଧିକା ଫଳିବ ବୋଲି ସେ କହିଛନ୍ତି। ୮ମ ଶ୍ରେଣୀ ଯାଏ ପଢିଥିବା ଅରୁଣ ଜଣେ ସଫଳ ଚାଷୀ ହୋଇପାରିଛନ୍ତି। ଏଥିସହ ସେ ଅନଲାଇନରେ ଉନ୍ନତ ମାନର ପିଜୁଳି, ବରକୋଳି ଚାରା ମଗାଇ ଲଗାଇବା ସହ ମାଛଚାଷ କରୁଛନ୍ତି। ସେ ଏହି ଚାଷ କାର୍ଯ୍ୟ କେବଳ ପାରମ୍ପରିକ ପଦ୍ଧତି(ଜୈବିକ ଖତ) କରୁଛନ୍ତି। ଗ୍ରାମର ଯୁଧିଷ୍ଠିର ନାୟକ କହିଛନ୍ତି, ଅରୁଣ ଜଣେ ଉଦ୍ୟମୀ ସଫଳ ଚାଷୀ। ବିଭିନ୍ନ ସମୟରେ ସେ ବିଭିନ୍ନ ଚାଷ କାର୍ଯ୍ୟ କରି ସଫଳତା ସାଉଁଟିଛନ୍ତି। ଅକ୍ଳାନ୍ତ ପରିଶ୍ରମରୁ ସେଓ ଚାଷ କରି ନିଜେ ସଫଳ ହେବା ସହ ଅନ୍ୟମାନଙ୍କ ପାଇଁ ପ୍ରେରଣା ସାଜିଛନ୍ତି। ଯୁବ ଚାଷୀଙ୍କ ପାଇଁ ନୂତନ ଆଶା ସଞ୍ଚାରିଛନ୍ତି।

## ଅଗଷ୍ଟ ଅନ୍‌ଲକ୍

# ଖୁସି ମଧ୍ୟରେ ବି ଅସନ୍ତୋଷ

ଭୁବନେଶ୍ୱର, ୩୧।୭(ବ୍ୟୁରୋ)

ରାଜ୍ୟରେ କରୋନା ସଂକ୍ରମଣ ସ୍ଥିତି ଏବେ ନିୟନ୍ତ୍ରଣରେ ଥିବାରୁ ଜୀବନ ସହିତ ଜୀବିକାକୁ ରାଜ୍ୟ ସରକାର ପ୍ରାଧାନ୍ୟ ଦେଇଛନ୍ତି। ଦୀର୍ଘ ଦିନ ଧରି ଲକ୍‌ଡାଉନ କାରଣରୁ ରାଜ୍ୟର ସମସ୍ତ ହଲ୍, ଯାତ୍ରା, ମଲ୍ ଆଦି ବନ୍ଦ ରହିଥିଲା। ଫଳରେ ଏଥିରେ ସମ୍ପୃକ୍ତ ବହୁ ଲୋକ ସେମାନଙ୍କ ଜୀବିକା ନେଇ ଆଶଙ୍କାରେ ରହିଥିଲେ। ଶନିବାର ସମଗ୍ର ରାଜ୍ୟରେ ମଲ୍, ରେଷ୍ଟୁରାଣ୍ଟ, ସିନେମା ହଲ, ଯାତ୍ରା, ପାର୍କ ଆଦି ଖୋଲିବାକୁ ସରକାର ନିର୍ଦ୍ଦେଶ ଦେଇଛନ୍ତି। ଏହାକୁ ନେଇ ବିଭିନ୍ନ ମହଲରେ ଖୁସି ଦେଖା ଦେଇଥିବାବେଳେ ଏବେ ବି କିଛି ଲୋକ ସରକାରଙ୍କ ନିୟମରେ ଅସନ୍ତୋଷ ପ୍ରକାଶ କରିଛନ୍ତି।

### ହଲ୍ ଚାଲୁ କରିବାକୁ ସମୟ ଲାଗିବ



ହଲ୍ ଖୋଲିବାକୁ ଅନୁମତି ଦେଇଥିବାରୁ ସରକାରଙ୍କୁ ଅନେକ ଧନ୍ୟବାଦ। ମାତ୍ର ଅନୁମତି ସହିତ ଶଟ୍‌ଡାଉନ ଓ ରାତି ୮ଟାରୁ ରାତ୍ରି କର୍ଫ୍ୟୁ ଲାଗି ହେଉଥିବାରୁ ହଲ୍ ଖୋଲିବା ଲାଭଜନକ ନୁହେଁ। ଅଗଷ୍ଟ ମାସରେ ସେପରି କିଛି ହେଲା ଭଳି ଲାଗୁନାହିଁ। ଅପରପକ୍ଷେ ବମ୍ବେରୁ ଫିଲ୍ମ ରିଲିଜ୍ ହେଲେ ଏଠାକୁ ଆସିବ। ସେଠାରେ ପରିସ୍ଥିତି ସ୍ୱାଭାବିକ ନ ହେବା ପର୍ଯ୍ୟନ୍ତ ଓଡ଼ିଶାରେ ଦର୍ଶକ ସେତେ ହେବାର ମଧ ଆଶା କମ୍। ଫିଲ୍ମର ଡିଷ୍ଟ୍ରିବ୍ୟୁଶନ କିଏ ନେଉଛନ୍ତି ଏବଂ ପରିସ୍ଥିତିକୁ ଦେଖି ହଲ୍ ଖୋଲିବୁ। ତେବେ ସରକାର ହଲ୍ ବନ୍ଦ କରିବା ପୂର୍ବରୁ ଏପ୍ରିଲ ମାସରୁ ଆମେ ହଲ୍ ବନ୍ଦ କରି ଦେଇଥିଲୁ। ତେଣୁ ଏହାକୁ ପୂନର୍ବାର ଚାଲୁ କରିବାକୁ କିଛି ସମୟ ଲାଗିବ।

**– ରବୀନ୍ଦ୍ର କୁମାର ସାହୁ, ଶ୍ରୀୟା, ସ୍ୱାତୀ, ସ୍ତୁତି ହଲ୍ ମ୍ୟାନେଜର**

### ତରବରିଆ ନିଷ୍ପତ୍ତି



ସରକାର ଦୀର୍ଘ ଦିନ ପରେ ଯାତ୍ରା କଳାକାରଙ୍କ ଦୁଃଖକୁ ଅନୁଭବ କରିଛନ୍ତି। ତେଣୁ ଯାତ୍ରା କରିବାକୁ ଅନୁମତି ନିର୍ଦ୍ଦେଶକୁ ଆମେ ସ୍ୱାଗତ କରିବୁ। ହେଲେ ବାସ୍ତବରେ ୫୦% ପ୍ରତିଶତ ଦର୍ଶକ ତଥା ଏତେ ସବୁ ଗାଇଡ୍‌ଲାଇନ ଭିତରେ ଯାତ୍ରା କରିବା ଆଦୌ ସମ୍ଭବ ନୁହେଁ। ଯାତ୍ରା ହେଉଛି ରାତିର ମଞ୍ଚ। ରାତି ୮ଟାରୁ କର୍ଫ୍ୟୁ ଲାଗୁ ହେଉଥିବାରୁ ଏହା ସମ୍ଭବ ନୁହେଁ। ତେବେ ମେଲୋଡି, ପାଲା, ଦାସକାଠିଆ ଭଳି କିଛି କଳା ୫୦ପ୍ରତିଶତ ଦର୍ଶକରେ କରାଯାଇ ପାରିବ। ଆସନ୍ତା ୯ ତାରିଖରେ ସବୁ ବର୍ଗର କଳାକାରମାନେ ସାରା ରାଜ୍ୟରେ ବିକ୍ଷୋଭ କରିବାକୁ ନିଷ୍ପତ୍ତି ନେଇଛୁ। ତେଣୁ ଏହାକୁ ରୋକିବା ପାଇଁ ସରକାର ତରବରିଆ ଭାବେ ଏହି ନିଷ୍ପତ୍ତି ନେଇଛନ୍ତି।

– ବାପି ପଣ୍ଡା, ରାଜ୍ୟ କଳାକାର ମହାସଂଘ ଓଡ଼ିଶା ସମ୍ପାଦକ

### ଗାଇଡ୍‌ଲାଇନ ମାନିବାକୁ ହେବ



ବହୁଦିନ ପରେ ସରକାର ପାର୍କ, ରେଷ୍ଟୁରାଣ୍ଟ ଖୋଲିବାକୁ ଅନୁମତି ଦେଇଥିବାରୁ ଖୁସି ଲାଗୁଛି। ପୁଣି ପୂର୍ବଭଳି ଆମେମାନେ ପାର୍କ ଯାଇ ପାରିବୁ, ରେଷ୍ଟୁରାଣ୍ଟରେ ଖାଇପାରିବୁ। ତେବେ ଏସବୁ ଭିତରେ ବି ଆମକୁ କରୋନାର ସମସ୍ତ ଗାଇଡ୍‌ଲାଇନ୍ ମାନିବାକୁ ପଡ଼ିବ। କିଛି ସମୟର ଖୁସି ପାଇଁ ଯେପରି ଆମେମାନେ ଖାମଖିଆଲ ହେବା ନାହିଁ।

– ସ୍ନେହା ସ୍ନିଗ୍ଧା ମିଶ୍ର, ଛାତ୍ରୀ

### ସହାୟତା ପ୍ରଦାନ ବ୍ୟବସ୍ଥା ଲୋଡ଼ା



କୋଭିଡ୍ ସଂକ୍ରମଣକୁ ଆଖି ଆଗରେ ରଖି ସରକାରଙ୍କ ପକ୍ଷରୁ ନିଆଯାଇଥିବା ନିଷ୍ପତ୍ତିକୁ ସ୍ୱାଗତ ଜଣାଉଛୁ। ସେହିଭଳି କରୋନା କଟକଣା ସାଙ୍ଗକୁ ସରକାରଙ୍କ କୋଭିଡ୍ ଗାଇଡ୍‌ଲାଇନ ଅନୁସାରେ ବ୍ୟବସାୟ କରିବୁ। ହେଲେ ଗତ କିଛି ମାସ ହେବ ବ୍ୟବସାୟ ଏକ ପ୍ରକାର ବନ୍ଦ ହୋଇପଡ଼ିଛି। ଅନ୍‌ଲାଇନ ଜରିଆରେ ଯାହା କିଛି କାରବାର ହେଉଛି, ପିଲାଙ୍କ ଦରମା ଦେବାକୁ ମଧ ହେଉନାହିଁ। ଦୀର୍ଘ ଏକ ବର୍ଷରୁ ଊର୍ଦ୍ଧ୍ୱ ସମୟ ହେବ ହୋଟେଲ ଓ ରେଷ୍ଟୁରାଣ୍ଟ ଶିଳ୍ପ ବ୍ୟାପକ ଭାବେ କ୍ଷତିଗ୍ରସ୍ତ ହୋଇଛି। ଏଭଳି ପରିସ୍ଥିତିରେ ବ୍ୟାଙ୍କ ଇଏମ୍‌ଆଇଠାରୁ ଆରମ୍ଭ କରି ପିଲାଙ୍କ ଦରମା ଓ ରେଷ୍ଟୁରାଣ୍ଟ ପାଇଁ ଆବଶ୍ୟକ ସାମଗ୍ରୀ କ୍ରୟ କରିବା ବର୍ତ୍ତମାନ ସମୟରେ କଷ୍ଟସାଧ୍ୟ। ସରକାର ଆମ ପାଇଁ କିଛି ସହାୟତା ପ୍ରଦାନର ବ୍ୟବସ୍ଥା କଲେ ବେଶ୍ ଉପକୃତ ହେବୁ।

**– ପ୍ରଦୀପ୍ତ କୁମାର ଦାସ, ଅମ୍ବର ରେଷ୍ଟୁରାଣ୍ଟର ଏମ୍‌ଡି**

ଧରିତ୍ରୀ
DHARITRI
Bhubaneswar, Sunday, August 1/2021

**୭ କୋଟି ଟପିଲା ଇକ୍ୱିଟି ନିବେଶକଙ୍କ ସଂଖ୍ୟା**

ଦେଶରେ ଇକ୍ୱିଟି ନିବେଶକଙ୍କ ସଂଖ୍ୟା ୭ କୋଟିରୁ ଊର୍ଦ୍ଧ୍ୱ ହୋଇଛି। ଏଥି ସହିତ ଇକ୍ୱିଟି ବଜାର ପୁଞ୍ଜି (ମାର୍କେଟ୍ କ୍ୟାପିଟାଲାଇଜେସନ୍) ପ୍ରଥମ ଥର ଲାଗି ୩ ଲକ୍ଷ କୋଟି ଡଲାରରୁ ଅଧିକ ହୋଇଛି। ଏହି ଦୁଇ ପ୍ରମୁଖ ସଫଳତା ପାଇଁ ବମ୍ବେ ଷ୍ଟକ ଏକ୍ସଚେଞ୍ଜ (ବିଏସ୍‌ଇ) ପକ୍ଷରୁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଭାରତୀୟ ପ୍ରତିଭୂତି ଓ ବିନିମୟ ବୋର୍ଡର ପୂର୍ଣ୍ଣକାଳୀନ ନିର୍ଦ୍ଦେଶକ ଜି ମହାଲିଙ୍ଗମ, ବିଏସ୍‌ଇର ଏମଡି ତଥା ସିଇଓ ଆଶିଷ ଚୌହ୍ୱାନଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।



# ଟାଟା ପାୱାରର ରକ୍ତଦାନ ଶିବିର

**ଭୁବନେଶ୍ୱର,୩୧।୭**

ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍ (ଟିପିସିଓଡିଏଲ୍) ପକ୍ଷରୁ ରେଡ୍ କ୍ରସ୍ ସୋସାଇଟି ସହଯୋଗରେ ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। ଟାଟା ଗ୍ରୁପ୍‌ର ପୂର୍ବତନ ଅଧ୍ୟକ୍ଷ ତଥା ଭାରତ ରତ୍ନ ଜେଆର୍‌ଡି ଟାଟାଙ୍କ ୧୧୭ତମ ଜୟନ୍ତୀ ପାଳନ ପରିପ୍ରେକ୍ଷୀରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। କମ୍ପାନୀର ବରିଷ୍ଠ ଅଧିକାରୀମାନଙ୍କ ସମେତ କର୍ମଚାରୀମାନେ ପ୍ରାୟ ୧୦୦ ୟୁନିଟ୍ ରକ୍ତ ଦାନ କରିଛନ୍ତି। ଏହି ଅବସରରେ କମ୍ପାନୀର ଏମ୍. ସେନବାଗମ୍, ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ, ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍ କହିଛନ୍ତି, ଟାଟା ଗ୍ରୁପ୍‌ର ଭାବ ଓ ମୂଲ୍ୟବୋଧର ପ୍ରତୀକ ହେଉଛନ୍ତି ଜେଆର୍‌ଡି ଟାଟା ଏବଂ ସେ ଏହାର ଗନ୍ତବ୍ୟସ୍ଥଳକୁ ଆକାର ଦେଇଛନ୍ତି।

# ‘ଓୟୋ’ ଅଂଶଧନ କିଣିବ ମାଇକ୍ରୋସଫ୍ଟ

**ନୂଆଦିଲ୍ଲୀ,୩୧।୭**

ବିଶ୍ୱର ଅଗ୍ରଣୀ ସଫ୍ଟୱେର କମ୍ପାନୀ ‘ମାଇକ୍ରୋସଫ୍ଟ’ ଖୁବ୍‌ଶୀଘ୍ର ସହଜ ଓ ସୁଲଭ ମୂଲ୍ୟରେ ଆତିଥେୟତା ଯୋଗାଇ ଦେଉଥିବା ଭାରତୀୟ କମ୍ପାନୀ ଓୟୋକୁ ଅଧିଗ୍ରହଣ କରିପାରେ ବୋଲି ସୂଚନା ମିଳିଛି। ଏ ନେଇ ଓୟୋ କର୍ତ୍ତୃପକ୍ଷଙ୍କ ସହ ମାଇକ୍ରୋସଫ୍ଟର ଆଲୋଚନା ଅନ୍ତିମ ପର୍ଯ୍ୟାୟରେ ରହିଛି। ଯଦି ଏହି ବ୍ୟବସାୟିକ ଆଲୋଚନା ସଫଳ ହୁଏ, ତେବେ ଓୟୋର ଅଂଶଧନକୁ ମାଇକ୍ରୋସଫ୍ଟ କିଣିବ ବୋଲି ଜଣାପଡ଼ିଛି। ଫଳରେ ଏହା ୯ ବିଲିୟନ ଡଲାର ( ଭାରତୀୟ ମୁଦ୍ରାରେ ଏହା ମୂଲ୍ୟ ପ୍ରାୟ ୬୭ ହଜାର କୋଟି ଟଙ୍କା) କମ୍ପାନୀରେ ପରିଣତ ହେବ ବୋଲି କୁହାଯାଉଛି।

୨୦୧୯ ଶେଷ ଆଡ଼କୁ ଓୟୋର ଡିମାଣ୍ଡ ସାରା ବିଶ୍ୱରେ ୨ ନମ୍ବରରେ ରହିଥିଲା। କୋଭିଡ୍-୧୯ ଯୋଗୁ ଏହି



ରିତେଶ ଅଗ୍ରୱାଲ ।

କ୍ଷେତ୍ର ବ୍ୟାପକ କ୍ଷତିଗ୍ରସ୍ତ ହୋଇଛି। ଫଳରେ ଏହାର ଚାହିଦା ସମୟାନୁସାରେ ହ୍ରାସ ପାଇଚାଲିଛି। ୨୦୧୯ରେ ଏହାର ମୂଲ୍ୟ ୧୦ ବିଲିୟନ ଡଲାର ରହିଥିଲା। ସେହିପରି ୨୦୧୭ ବେଳକୁ ମଧ୍ୟ ଓୟୋର ଚାହିଦା ଅନୁସାରେ ବଜାର ମୂଲ୍ୟ ୮୫୦ ମିଲିୟନ ଡଲାରରେ ଶେୟାର କାରବାର ପାଇଁ ବିଭିନ୍ନ ନିବେଶକ ଆଗ୍ରହ ପ୍ରକାଶ କରିଥିଲେ ବୋଲି ଓୟୋ ପକ୍ଷରୁ କୁହାଯାଇଛି। ସେହିଭଳି ଆଗାମୀ ଦିନରେ ଓୟୋ ଆଇପିଓ ଆଣିବା ଲାଗି ଯୋଜନା କରିଛି। ତେବେ ଏହି କାରବାର ଏହା ପୂର୍ବରୁ ଶେଷ ହେବ ବୋଲି ଆଶଙ୍କା କରାଯାଉଛି। ଆଇପିଓ ଲାଗି ଓୟୋ ପକ୍ଷରୁ କୌଣସି ନିର୍ଦ୍ଦିଷ୍ଟ ସମୟସୂଚୀ ରଖାଯାଇନାହିଁ।

ତେବେ ଏ ପ୍ରସଙ୍ଗରେ ଓୟୋ ଏବଂ ମାଇକ୍ରୋସଫ୍ଟ କର୍ତ୍ତୃପକ୍ଷଙ୍କ ପକ୍ଷରୁ କୌଣସି ସ୍ପଷ୍ଟ ସୂଚନା ଦିଆଯାଇ ନ ଥିଲେ ମଧ୍ୟ ବର୍ତ୍ତମାନ ସୁଦ୍ଧା ଏହି ଆଲୋଚନା ସମ୍ପୂର୍ଣ୍ଣ ଗୋପନୀୟ ରହିଛି। ସେହିଭଳି ଉଭୟ ସଂସ୍ଥାର ଅଧିକାରୀଙ୍କୁ ମଧ୍ୟ ନୀରବତା ଅବଲମ୍ବନ କରିବାକୁ କୁହାଯାଇଛି।

ଜୁଲାଇ ପହିଲାରୁ ଓୟୋ ସଂସ୍ଥାଗତ ନିବେଶକଙ୍କଠାରୁ ପ୍ରାୟ ୪,୯୨୦ କୋଟି ଟଙ୍କା ଋଣ ଆକାରରେ ସଂଗ୍ରହ କରିଥିଲା। ଏହି ଧନକୁ ସଂସ୍ଥା ପୁରୁଣା ଋଣ ଓ ଅନ୍ୟ ବ୍ୟବସାୟିକ ନିବେଶ ହ୍ରାସ ଲାଗି ଉପଯୋଗ କରିଥିବା ଜଣାପଡ଼ିଛି। ତେବେ ଓୟୋ ପକ୍ଷରୁ ଦିଆଯାଇଥିବା ଏହି ଅଫରକୁ ୧.୭ ଗୁଣା ସବ୍‌ସ୍କ୍ରାଇବର ମିଳିଥିବା ବେଳେ କମ୍ପାନୀକୁ ପ୍ରମୁଖ ସଂସ୍ଥାଗତ ନିବେଶକଙ୍କଠାରୁ ପାଖାପାଖି ୧ ବିଲିୟନ ଡଲାରର ପ୍ରତିଶ୍ରୁତି ମିଳିଥିବା ଓୟୋ ପକ୍ଷରୁ କୁହାଯାଇଛି। ୨୭ ବର୍ଷୀୟ ଓଡ଼ିଆ ପୁଅ ରିତେଶ ଅଗ୍ରୱାଲ ଏହି ହୋଟେଲ ଚେନ୍ ବ୍ୟବସାୟ ‘ଓୟୋ’ର ଆରମ୍ଭ କରିଥିଲେ। ଗ୍ରାହକ ସେବାରେ ଏହାର ପ୍ରଭାବ ସାରା ବିଶ୍ୱରେ ଦେଖାଦେଇଥିଲା। ପର୍ଯ୍ୟଟକଙ୍କଠାରୁ ଆରମ୍ଭକରି ଅଜଣା ଲୋକଙ୍କ ପାଇଁ ଓୟୋ ଏକ ସ୍ୱତନ୍ତ୍ର ସ୍ଥାନ ହାସଲ କରିଥିଲା। କୋଭିଡ୍-୧୯ ଓ ଅନ୍ୟ କେତେକ ସମସ୍ୟା ଯୋଗୁ ଓୟୋ ବର୍ତ୍ତମାନ ନିବେଶକ ସନ୍ଧାନରେ ରହିଛି ବୋଲି ବିଶେଷ ସୂତ୍ରରୁ ଜଣାପଡ଼ିଛି।

# ରାୟଗଡ଼ାରେ ଏଲ୍‌ଜି ‘ବେଷ୍ଟ ଶପ୍’



**ଭୁବନେଶ୍ୱର,୩୧।୭**

ଦେଶରେ ଅଗ୍ରଣୀ କନ୍‌ଜ୍ୟୁମର ପ୍ରଡକ୍ଟ ଏଲ୍‌ଜି ଇଲେକ୍ଟ୍ରୋନିକ୍ସ ପକ୍ଷରୁ ରାୟଗଡ଼ାର ଷ୍ଟେଶନ ରୋଡ୍‌ରେ ଏକ ଏକ୍ସକ୍ଲୁସିଭ୍ ଇଲେକ୍ଟ୍ରୋନିକ୍ ଷ୍ଟୋର ଖୋଲିଛି। କମ୍ପାନୀ ସହାୟତାରେ ଏସ୍.କେ. ଏଣ୍ଟରପ୍ରାଇଜେସ୍ ପକ୍ଷରୁ ଏହି ଶୋ’ରୁମ୍‌ର ଶୁଭାରମ୍ଭ କରାଯାଇଛି। ଏହି ଅବସରରେ କମ୍ପାନୀର ବରିଷ୍ଠ ଆଞ୍ଚଳିକ ବ୍ୟବସାୟ ମୁଖ୍ୟ ପ୍ରବଳ ସାକ୍‌ସେନା, ଆଞ୍ଚଳିକ ବ୍ୟବସାୟ ମୁଖ୍ୟ ପ୍ରଭଞ୍ଜନ ରାୟ, ଓଡ଼ିଶା ଶାଖା ପରିଚାଳକ ମନୀଷ ସିଙ୍ଘଲ,ସିଦ୍ଧାର୍ଥ ଦୀପଙ୍କର ଓ ସୁମିତ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ବର୍ତ୍ତମାନ ଓଡ଼ିଶା ବଜାରରେ ଇଲେକ୍ଟ୍ରୋନିକ୍ସ ସାମଗ୍ରୀର ଚାହିଦା ବୃଦ୍ଧି ପାଇବାରେ ଲାଗିଛି। ଗ୍ରାହକଙ୍କ ଚାହିଦା ମେଣ୍ଟାଇବାକୁ କମ୍ପାନୀ ପକ୍ଷରୁ ଏହି ନୂତନ ଷ୍ଟୋର ‘ବେଷ୍ଟ ଶପ୍’ର ଶୁଭାରମ୍ଭ କରାଯାଇଛି। କମ୍ପାନୀ ଗ୍ରାହକଙ୍କୁ ଡିଜିଟାଲ ଦୁନିଆରେ ଆବଶ୍ୟକ ସମସ୍ତ ଅତ୍ୟାବଶ୍ୟକ ସାମଗ୍ରୀ ଗ୍ରାହକଙ୍କ ଚାହିଦା ଅନୁସାରେ ଉପଲବ୍ଧ କରାଇବାକୁ ଲକ୍ଷ୍ୟ ରଖିଛି।

ଏହି ଅବସରରେ ଭର୍ଚୁଆଲରେ ଯୋଗଦେଇ ଏଲ୍‌ଜିର ନିର୍ଦ୍ଦେଶକ(ଏଚ୍ଏ) ହ୍ୟୋୟୋଙ୍ଗ୍ ସବ୍ କହିଛନ୍ତି, କେବଳ ଶୋ’ରୁମ୍ ଖୋଲିବାକୁ କମ୍ପାନୀ ଲକ୍ଷ୍ୟ ରଖିନାହିଁ, ଏହା ଜରିଆରେ ଆମେ ଗ୍ରାହକଙ୍କ ଚାହିଦାକୁ ପୂରଣ ସହ ଆବଶ୍ୟକ ସେବା ଯୋଗାଇଦେବାକୁ ମଧ୍ୟ ଲକ୍ଷ୍ୟ ରଖିଛୁ। ସେହିଭଳି କମ୍ପାନୀର ଗ୍ରାହକ ଯେଉଁଠାରେ ଅଛନ୍ତି ସେଠାରେ ସେମାନଙ୍କୁ କିପରି ଆବଶ୍ୟକ ଇଲେକ୍ଟ୍ରୋନିକ୍ସ ସରଞ୍ଜାମ ଯୋଗାଇ ଦିଆଯିବ ସେ ନେଇ କମ୍ପାନୀ ପକ୍ଷରୁ ଧ୍ୟାନ ଦିଆଯାଉଛି ବୋଲି ସେ ମତବ୍ୟକ୍ତ କରିଛନ୍ତି। ଏଲ୍‌ଜି ବେଷ୍ଟ ଶପ୍ କମ୍ପାନୀ ଓ ବ୍ୟବସାୟିକ ପାର୍ଟନରଙ୍କ ମଧ୍ୟରେ ଏକ ଦୃଢ ସମ୍ପର୍କ ଯୋଗୁ ଗ୍ରାହକ ଉପକୃତ ହୋଇପାରିବେ। ଏହି ଶୋ’ରୁମ୍‌ରେ ଗ୍ରାହକମାନେ ଶପିଂର ମଜା ଉଠାଇବା ସହ ଆଗାମୀ ଉତ୍ସବ ଓ ପର୍ବପର୍ବାଣିରେ ମଧ୍ୟ ବିଭିନ୍ନ ଅଫରର ଲାଭ ଉଠାଇପାରିବେ।

# ଦକ୍ଷତା ବିକାଶ ଲାଗି ଏଏମ୍‌ଏନ୍‌ଏସ୍ ଇଣ୍ଡିଆର ପଦକ୍ଷେପ




**ଭୁବନେଶ୍ୱର,୩୧।୭**

ଆର୍ସେଲର ମିତ୍ତଲ ନିପନ ଷ୍ଟିଲ୍ ଇଣ୍ଡିଆ (ଏଏମ୍‌ଏନ୍‌ଏସ୍) ବୈଷୟିକ ଦକ୍ଷତା ବିକାଶ, ଅଗ୍ରିମ ତାଲିମ ଏବଂ ଉନ୍ନତ ନିଯୁକ୍ତି ସମ୍ପର୍କିତ ସହଯୋଗ ଯୋଗାଇବା ପାଇଁ ସରକାରୀ ଆଇଟିଆଇ ବଡବିଲ କେନ୍ଦୁଝର ସହିତ ଏକ ଚୁକ୍ତି ସ୍ୱାକ୍ଷର କରିଛି। ଏହି ପରିପ୍ରେକ୍ଷୀରେ କମ୍ପାନୀର ଖଣିଜ ଏବଂ ବ୍ୟବସାୟ ବିକାଶର ମୁଖ୍ୟ ରାମକ୍ରିଷ୍ଣନ୍ ଚିନ୍ନମସେଟ୍ଟି କହିଛନ୍ତି, କୁଶଳୀ କର୍ମଚାରୀ ସୃଷ୍ଟି ଦିଗରେ ଏହା ସହାୟକ ହେବ। ଏହି ଚୁକ୍ତି ଅନୁଯାୟୀ ଛାତ୍ରମାନଙ୍କୁ ଶିଳ୍ପ କ୍ଷେତ୍ର ନିମନ୍ତେ ପ୍ରସ୍ତୁତ କରିବା ପାଇଁ ଆଇଟିଆଇରେ ଶିଳ୍ପଭିତ୍ତିକ ଆଡ୍-ଅନ୍ ପାଠ୍ୟକ୍ରମ ପ୍ରଦାନ କରିବ। ଆଇଟିଆଇ ବଡବିଲର ପ୍ରିନ୍ସିପାଲ ଇଂ. ଦେବାଶିଷ ବିଶି କହିଛନ୍ତି, ଦକ୍ଷତା ଇକୋସିଷ୍ଟମକୁ ମଜଭୁତ କରିବାରେ ଏହା ସହାୟକ ହେବ। କାର୍ଯ୍ୟକ୍ରମରେ କମ୍ପାନୀର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଜି. ସୁରେଶ, ପିପୁଲ ଷ୍ଟ୍ରାଟେଜି ଏବଂ ସେଣ୍ଟର ଅଫ୍ ଏକ୍ସିଲେନ୍ସି ପ୍ରବୀନ୍ କୁରୁଭେଲି ପ୍ରମୁଖ ଉପସ୍ଥିତ ଥିଲେ।

# ୟୁକୋ ବ୍ୟାଙ୍କର ପ୍ରଥମ ତ୍ରୈମାସିକ ରିପୋର୍ଟ

**ଭୁବନେଶ୍ୱର,୩୧।୭**

ୟୁକୋ ବ୍ୟାଙ୍କ ପକ୍ଷରୁ ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକ ରିପୋର୍ଟ ପ୍ରକାଶ କରାଯାଇଛି। ଏହି ସମୟ ମଧ୍ୟରେ ବ୍ୟାଙ୍କର ନିଟ୍ ଲାଭ ୧୦୧.୮୧ କୋଟିରେ ପହଞ୍ଚିଛି। ପୂର୍ବ ବର୍ଷ ଏହି ସମୟରେ ନିଟ୍ ଲାଭର ପରିମାଣ ୨୧.୪୬ କୋଟି ଟଙ୍କା ହୋଇଥିଲା। ଚଳିତ ବର୍ଷ ବ୍ୟାଙ୍କର ନିଟ୍ ଲାଭରେ ୩୭୪.୪୨% ବୃଦ୍ଧି ଘଟିଛି। ଏହି ସମୟ ମଧ୍ୟରେ ବ୍ୟାଙ୍କର କାର୍ଯ୍ୟକାରୀ ଲାଭ ପରିମାଣ ପୂର୍ବ ଆର୍ଥିକ ବର୍ଷ ତୁଳନାରେ ୩୧.୬୫% ଅଭିବୃଦ୍ଧି ସହ ୧୨୮୬.୨୮ କୋଟି ଟଙ୍କାରେ ପହଞ୍ଚିଛି। ବ୍ୟାଙ୍କର ମୋଟ୍ ବ୍ୟବସାୟ ଗତ ବର୍ଷ ଜୁନ୍ ଶେଷ ସୁଦ୍ଧା ୩,୧୦,୩୫୫.୬୩ କୋଟି ହୋଇଥିବା ବେଳେ ଏହା ଚଳିତ ବର୍ଷ ଜୁନ୍ ଶେଷ ସୁଦ୍ଧା ୩,୩୨,୯୪୬.୧୭ କୋଟିରେ ପହଞ୍ଚିବା ସହ ୭.୨୮% ଅଭିବୃଦ୍ଧି ହାସଲ କରିଛି। ବ୍ୟାଙ୍କର କାସା ଡିପୋଜିଟ୍(ଘରୋଇ) ମଧ୍ୟ ଚଳିତ ବର୍ଷ ଜୁନ୍ ଶେଷ ସୁଦ୍ଧା ୩୮.୫୫%ରେ ପହଞ୍ଚିଛି।

# ସେଣ୍ଟ୍ରାଲ ବ୍ୟାଙ୍କର ନିଟ୍ ଲାଭ ୨୦୬ କୋଟି

**ଭୁବନେଶ୍ୱର,୩୧। ୭**

ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆର ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସରେ ୨୦୬ କୋଟି ଟଙ୍କା ଲାଭ ହୋଇଛି। ପୂର୍ବ ବର୍ଷ ଏହି ସମୟ ମଧ୍ୟରେ ବ୍ୟାଙ୍କର ହୋଇଥିବା ଲାଭ ପରିମାଣ ୧୩୫ କୋଟି ଟଙ୍କା ତୁଳନାରେ ୫୩% ଅଧିକ ବୋଲି ଜଣାପଡ଼ିଛି। ଏହି ସମୟରେ ବ୍ୟାଙ୍କର ଅନାଦାୟ ଋଣ ପରିମାଣ ୬.୭୬% ରୁ ୫.୦୯% କୁ ହ୍ରାସ ପାଇଛି। ଫଳରେ ପୂର୍ବ ଆର୍ଥିକ ବର୍ଷର ପ୍ରଥମ ତିନିମାସ ତୁଳନାରେ ୧୬୭ ବେସିସ୍ ପଏଣ୍ଟ ଉନ୍ନତି ଘଟିଛି। ବର୍ତ୍ତମାନ ବ୍ୟାଙ୍କର ନିଟ୍ ସୁଧ ବାବଦ ଆୟ ଚଳିତ ବର୍ଷ ଜୁନ୍ ଶେଷ ସୁଦ୍ଧା ୨୧୩୫ କୋଟି ଟଙ୍କା ରହିଛି। ପୂର୍ବ ବର୍ଷ ଜୁନ୍ ୩୦ ସୁଦ୍ଧା ୨୧୪୬ କୋଟି ଟଙ୍କା ଥିଲା। ଏହି ସମୟ ମଧ୍ୟରେ ବ୍ୟାଙ୍କର ଖର୍ଚ୍ଚ ତୁଳନାରେ ଆୟ ଅନୁପାତ ପୂର୍ବ ବର୍ଷ ଜୁନ୍ ସୁଦ୍ଧା ଶେଷ ହୋଇଥିବା ତ୍ରୈମାସ ଅପେକ୍ଷା ହ୍ରାସ ପାଇଛି। ପୂର୍ବ ବର୍ଷ ଏହି ସମୟରେ ତାହା ୫୪.୭୯% ଥିବା ବେଳେ ଚଳିତ ବର୍ଷ ଜୁନ୍ ସୁଦ୍ଧା ଶେଷ ହୋଇଥିବା ତ୍ରୈମାସରେ ତାହା ୫୯.୩୯% କୁ ହ୍ରାସ ପାଇଛି। ଚଳିତ ବର୍ଷ ମାର୍ଚ୍ଚ ସୁଦ୍ଧା ଶେଷ ହୋଇଥିବା ତ୍ରୈମାସ ତୁଳନାରେ ଏଥିରେ ୧୨୧୮ ବେସିସ୍ ପଏଣ୍ଟ ଉନ୍ନତି ଘଟିଛି। ବ୍ୟାଙ୍କର ଜମା ବାବଦ ଖର୍ଚ୍ଚ ପୂର୍ବ ଆର୍ଥିକ ବର୍ଷର ପ୍ରଥମ ତିନିମାସ ତୁଳନାରେ ହ୍ରାସପାଇଛି। ପୂର୍ବ ବର୍ଷ ପ୍ରଥମ ତିନିମାସରେ ଏହା ୪.୭୦% ଥିବା ବେଳେ ଚଳିତ ବର୍ଷ ସେହି ସମୟରେ ତାହା ୩.୯୩% କୁ ହ୍ରାସପାଇଛି। ସେହିଭଳି ଋଣ ଉପରେ ଆୟ ଏହି ସମୟରେ ୭.୩୦%ରୁ ୬.୫୫%କୁ ହ୍ରାସ ପାଇଛି। ତେବେ ଋଣ ବାବଦ ଖର୍ଚ୍ଚରେ ଉନ୍ନତି ଘଟିଛି ଏବଂ ତାହା ଗତ ଆର୍ଥିକ ବର୍ଷର ପ୍ରଥମ ତିନିମାସରେ ୧.୧୬% ଥିବାବେଳେ ଚଳିତ ଆର୍ଥିକ ବର୍ଷର ସେହି ସମୟରେ ୦.୧୭% ହୋଇଛି। ଏହି ସମୟରେ ସିଆର୍‌ଏଆର୍‌ରେ ଉନ୍ନତି ଘଟି ତାହା ୧୧.୫୦%ରୁ ୧୪.୮୮%କୁ ବୃଦ୍ଧିପାଇଛି।

# ଟିଭିଏସ୍‌ର ଆର୍ଥିକ ଫଳାଫଳ ଘୋଷଣା

**ଭୁବନେଶ୍ୱର,୩୧।୭**

ଟିଭିଏସ୍ ମୋଟର କମ୍ପାନୀ ପକ୍ଷରୁ ଚଳିତ ଆର୍ଥିକ ବର୍ଷ ପ୍ରଥମ ତ୍ରୈମାସ ଆର୍ଥିକ ଫଳାଫଳ ସମ୍ପର୍କରେ ଘୋଷଣା କରାଯାଇଛି। ଏହି ଅବଧିରେ କମ୍ପାନୀର ପରିଚାଳନାଗତ ରାଜସ୍ୱ ୩୯୩୪ କୋଟି ଟଙ୍କାକୁ ବୃଦ୍ଧି ପାଇଛି। ଏହା ଗତ ଆର୍ଥିକ ବର୍ଷ ସମାନ ଅବଧିରେ ୧୪୩୨ କୋଟି ଟଙ୍କା ରହିଥିଲା। ସେହିଭଳି ଏହା ୨୭୪ କୋଟି ଟଙ୍କାକୁ ବୃଦ୍ଧି ହୋଇଥିବା ବେଳେ ଟିକସ ପୂର୍ବବର୍ତ୍ତୀ ଲାଭ ୧୦୨ କୋଟି ଟଙ୍କା ରହିଛି। ୨୦୨୦-୨୧ ଏହି ଅବଧିରେ କମ୍ପାନୀ ୧୯୦ କୋଟି ଟଙ୍କା କ୍ଷତି ସହିଥିଲା। କରୋନା ଲକ୍‌ଡାଉନ ଯୋଗୁ କାରବାର ପ୍ରଭାବିତ ହୋଇଥିବାରୁ ଏଭଳି କ୍ଷତି ହୋଇଥିଲା। କୋଭିଡ୍ ସମ୍ପର୍କିତ ଆନୁଷଙ୍ଗିକ ଖର୍ଚ୍ଚ ବାବଦକୁ କମ୍ପାନୀ ୩୦ କୋଟି ଟଙ୍କା ପ୍ରଦାନ କରିଛି। ଏହାର ଟିକସ ପରବର୍ତ୍ତୀ ଲାଭ ୫୬ କୋଟି ଟଙ୍କା ରହିଛି। ଗତ ଆର୍ଥିକ ବର୍ଷ ସମାନ ଅବଧିରେ ଏହା ୧୩୯ କୋଟି ଟଙ୍କା କ୍ଷତି ସହିଥିଲା। ରପ୍ତାନିକୁ ମିଶାଇଲେ କମ୍ପାନୀର ମୋଟ ବିକ୍ରି ପ୍ରଥମ ତ୍ରୈମାସରେ ୬.୫୮ ଲକ୍ଷ ୟୁନିଟ ରହିଛି। ମୋଟର ସାଇକେଲ ବର୍ଗରେ ବିକ୍ରି ୪.୦୫ ଲକ୍ଷ ୟୁନିଟ ରହିଥିବା ବେଳେ ୧.୪୦ ଲକ୍ଷ ୟୁନିଟ ସ୍କୁଟର, ୨.୯୦ ଲକ୍ଷ ୟୁନିଟ ୨ ଚକିଆ ରପ୍ତାନି ଏବଂ ୦.୩୯ ଲକ୍ଷ ୟୁନିଟ ୩ ଚକିଆ ଯାନ ବିକ୍ରି କରିବାକୁ ଏହା ସକ୍ଷମ ହୋଇଥିବା କହିଛି।

## ଫୁର୍‌ସତ୍

# ଜନ୍ମଦିନ ପାଳିଲେ ଦୁଇ ବିଶ୍ୱଯୁଦ୍ଧ ଦେଖିଥିବା ବୃଦ୍ଧା

**ଏଡିନ୍‌ବର୍ଗ:** ଦୁଇଟି ବିଶ୍ୱ ଯୁଦ୍ଧ ଦେଖିବାଠାରୁ ଆରମ୍ଭ କରି ସ୍ପାନିଶ୍ ଫ୍ଲୁ ଏବେ କରୋନା ପରି ମହାମାରୀ ଦେଖି ସାରିଲେଣି ବ୍ରିଟେନର ଜଣେ ବୃଦ୍ଧା। ସ୍କଟଲାଣ୍ଡରେ ରହୁଥିବା ଏହି ବୃଦ୍ଧାଙ୍କୁ ଏବେ ୧୦୯ ବର୍ଷ। ସ୍କଟଲାଣ୍ଡର ସବୁଠୁ ବୟସ୍କା ମହିଳା ଲୁଇସା ୱିଲିୟମ୍ସ ଏବେ ତାଙ୍କ ୧୦୯ ତମ ଜନ୍ମଦିବସ ପାଳନ କରିଛନ୍ତି। ଜନ୍ମଦିନରେ ତାଙ୍କୁ ୬୦ଟି ବାର୍ଥ ଡେ’ କାର୍ଡ ମିଳିଛି, ଯେଉଁଥିରେ ବ୍ରିଟେନର ରାଣୀ ତାଙ୍କୁ ୬ଟି କାର୍ଡ ପଠାଇଛନ୍ତି। ଜନ୍ମଦିନରେ ତାଙ୍କୁ ଚକୋଲେଟ, ଲେଜ୍ ଆଦି ଉପହାର ଦେଇଛନ୍ତି ପରିବାର ଲୋକେ। ଲୁଇସା ୫ ଭାଇ-ଭଉଣୀଙ୍କ



ମଧ୍ୟରେ ସବୁଠୁ ବଡ଼। ସେ ତାଙ୍କ ଭାଇଭଉଣୀଙ୍କ ମଧ୍ୟରୁ ଏକମାତ୍ର ଜୀବିତ ସଦସ୍ୟ। ତାଙ୍କ ସ୍ୱାମୀ ରୋବର୍ଟ ୧୯୮୯ ମସିହାରେ ପରଲୋକ ଗମନ କରିଛନ୍ତି। ଲୁଇସାଙ୍କ ମୁରିଏଲ ଏବଂ ଏଲେନୋର ନାମ୍ନୀ ୨ ଝିଅ ରହିଛନ୍ତି।

# ଦୁଶ୍ଚିନ୍ତା ଦୂରହେଲେ ଫେରିବ କଳାକେଶ

**ନୂଆଦିଲ୍ଲୀ:** ବୟସ ଅନୁସାରେ ହେଉ କି ମାନସିକ ଚିନ୍ତା ପ୍ରଭାବରୁ ହେଉ ଥରେ କେଶ ଧଳା ହୋଇଗଲେ ପ୍ରାକୃତିକ ଭାବେ ସାଧାରଣତଃ ତାହା ଆଉ କଳା ହୋଇ ନ ଥାଏ। କିନ୍ତୁ ଏ କଥାକୁ ଏବେ ଭୁଲ୍ ପ୍ରମାଣିତ କରିଛନ୍ତି ଆମେରିକାର ବୈଜ୍ଞାନିକମାନେ। ସେମାନଙ୍କ କହିବା ଅନୁସାରେ ଚିନ୍ତାମୁକ୍ତ ହେବା ପରେ ଧଳା ହୋଇଯାଇଥିବା କେଶଗୁଡ଼ିକ ପୁଣି ଥରେ କଳା ହେବାର ସମ୍ଭାବନା ଯଥେଷ୍ଟ ଅଧିକ ରହିଛି। କଲମ୍ବିଆ ବିଶ୍ୱବିଦ୍ୟାଳୟର ବୈଜ୍ଞାନିକ ମାନେ ଏକ ରିସର୍ଚ୍ଚ କରିବା ପରେ ଜାଣିପାରିଛନ୍ତି କି ଚିନ୍ତାମୁକ୍ତ ହେବା ପରେ ଧଳା କେଶ ସବୁ ପୁଣି ଥରେ କଳା ହୋଇପାରେ।

ଚିନ୍ତାରୁ ମୁକ୍ତି ପାଇବା ପରେ ଧୀରେ ଧୀରେ ଧଳା କେଶଗୁଡ଼ିକର ସଂଖ୍ୟା କମ୍ ହୋଇଯାଇଥିବା ବୈଜ୍ଞାନିକମାନେ



ଅଧ୍ୟୟନରୁ ଜାଣିବାକୁ ପାଇଛନ୍ତି। ଏ ନେଇ ଲାଇଫ୍ ପତ୍ରିକାରେ ଏକ ରିପୋର୍ଟ ପ୍ରକାଶ ପାଇଛି। ବୈଜ୍ଞାନିକଙ୍କ କହିବା ଅନୁସାରେ ବୃଦ୍ଧାବସ୍ଥାକୁ କିଛି ପରିମାଣରେ ଅସ୍ଥାୟୀଭାବେ ରୋକା ଯାଇପାରିବ। କାରଣ ସେମାନଙ୍କ ଦାବି ଅନୁସାରେ, ମାନସିକ ଚିନ୍ତା ଅଧିକ ହେଲେ ଶରୀରରେ ଏହାର ପ୍ରଭାବ ପଡ଼ିଥାଏ। ଶରୀର ଅନୁସାରେ କେଶ ଓ ଲୋମ ମଧ୍ୟ ପ୍ରଭାବିତ ହୋଇଥାଏ। ରିସର୍ଚ୍ଚ ଅନୁସାରେ ମାନସିକ ଚିନ୍ତା ଯୋଗୁ ତ୍ୱଚାର ରଙ୍ଗ ମଧ୍ୟ ବଦଳି ଯାଇଥାଏ। ବିଶେଷ କରି ମଧ୍ୟବୟସ ବର୍ଗର ବ୍ୟକ୍ତିଙ୍କଠାରେ ଏହି ସମସ୍ୟା ଦେଖାଦେଇଥାଏ। ଚିନ୍ତା ବଢ଼ିବା ଫଳରେ ଶରୀରରେ ଏଭଳି ପରିବର୍ତ୍ତନ ଆସିଥାଏ ଏବଂ ଚିନ୍ତାରୁ ମୁକ୍ତ ହୋଇ ମନ ଯେତେବେଳେ ହାଲ୍‌କା ହୋଇଯାଏ ସେତେବେଳେ ପୁଣି ଥରେ ଶରୀରରେ ପରିବର୍ତ୍ତନ ଦେଖାଦେଇଥାଏ। କଲମ୍ବିଆ ବିଶ୍ୱବିଦ୍ୟାଳୟର ବୈଜ୍ଞାନିକମାନେ ୨୪ ଜଣଙ୍କ ଉପରେ ଏହାକୁ ନେଇ ରିସର୍ଚ୍ଚ କରିଥିଲେ। ଏହାପରେ ସେମାନେ ପରିବର୍ତ୍ତନକୁ ପ୍ରମାଣ କରିଥିଲେ। କେତେକଙ୍କ କ୍ଷେତ୍ରରେ ଧଳା କେଶ ପରିବର୍ତ୍ତନ ହେବା ସହିତ ରଙ୍ଗ ବି ବଦଳି ଯାଇଥିବା ସେମାନେ ଦେଖିବାକୁ ପାଇଥିଲେ। ଏହା ସହ କେଶରେ ପ୍ରୋଟିନ କ୍ଷେତ୍ରରେ ବି ପରିବର୍ତ୍ତନ ଦେଖିବାକୁ ମିଳିଥିଲା। ତେବେ ଏ ସବୁ ପରିବର୍ତ୍ତନ ଏକ ନିର୍ଦ୍ଦିଷ୍ଟ ସମୟ ବା ବୟସ ପର୍ଯ୍ୟନ୍ତ ହୋଇଥାଏ ବୋଲି ବୈଜ୍ଞାନିକମାନେ କହିଛନ୍ତି।

# ଛେଳିକୁ ବିବାହ

**ଇସଲାମାବାଦ:** ପାକିସ୍ତାନର ସିନ୍ଧ ପ୍ରଦେଶର ମୀରପୁରଖାସ ଜିଲାରେ ଏକ ଅଜବ ଘଟଣା ଦେଖିବାକୁ ମିଳିଛି। ଭିଲ୍ ସମ୍ପ୍ରଦାୟର ଜଣେ ଯୁବକ ଏଠାରେ ଏକ ଛେଳିକୁ ବିବାହ କରିଛନ୍ତି। ଏହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ରିପୋର୍ଟ ଅନୁଯାୟୀ, ମୀରପୁରଖାସର ଡିଗରୀରେ ଜଣେ ଯୁବକ ଏକ ଛେଳିକୁ ବିବାହ କରିଥିଲେ। ଏହି ବିବାହ ବେଳର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ପୋଲିସ କହିଛି, ଭିଲ୍ ସମ୍ପ୍ରଦାୟର ଏହି ଯୁବକ ଜଣକ ହିନ୍ଦୁ ରୀତିନୀତିରେ ଛେଳିକୁ ବିବାହ କରିଛନ୍ତି। ଏଥିରେ ତାଙ୍କ ପରିବାର ସଦସ୍ୟ ମଧ୍ୟ ଉପସ୍ଥିତ ଥିଲେ। ପୋଲିସ ନିକଟରେ ଖବର ପହଞ୍ଚିବା ପରେ ଯୁବକ ଜଣଙ୍କ ଦୌଡ଼ି ପଳାଇବାକୁ ଚେଷ୍ଟା କରିଥିଲେ। ମାତ୍ର ପୋଲିସ ଗୋଡ଼ାଇ ତାଙ୍କୁ ଧରିବା ସହ ଗିରଫ କରିଛି। ପୂର୍ବରୁ ବ୍ରାଜିଲର ଜଣେ ବ୍ୟକ୍ତି ଛେଳି ସହ ବିବାହ କରିବା ଘଟଣା ବେଶ ଚର୍ଚ୍ଚାର ବିଷୟ ପାଲଟିଥିଲା।

CLASSIFIED DISPLAY
MORE SPACE • SAME PRICE
TARIFF — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

NURSING

ADMISSION OPEN
For Session 2021-22
Courses Offered
B.Sc. Nursing (4 yrs.)
(Approved by ONMRC, BBSR, and Affiliated by Utkal University, BBSR.
GNM (3 yrs.)
(Approved by ONMRC, BBSR and Affiliated by Indian Nursing Council, New Delhi)
ANM (2 yrs.)
(Approved by ONMRC, BBSR and Affiliated by Indian Nursing Council, New Delhi)
DMLT (2 yrs.)
(Approved by DMLT / RT Council BBSR)
PALLI CHANDAN
GROUP OF INSTITUTION
Women's College Road, Nimapada, Puri-752106
Ph.- 9437282699 / 9658570761
Email- kamal2007@pcgi.co.in

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ ଖାନ୍
ବାବା ଅମନ ବଙ୍ଗାଲୀ
ବ୍ୟବସାୟ, ବିବାହ/ପ୍ରେମରେ ସମସ୍ୟା, ସଉତୁଣୀ/ଶତ୍ରୁ ମୁକ୍ତି, ଗୃହକ୍ଲେଶ, ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ପୋତାଧନ ଇତ୍ୟାଦି

କୌଣସି ପଣ୍ଡିତ, ମୌଲବୀ, ତାନ୍ତ୍ରିକ, ଅଘୋରି ବାବା ମୁଁ କରିଥିବା କାମକୁ କାଟିଲେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବଶୀକରଣ, ମୂଠକରଣୀ ଏବଂ କଳାଯାଦୁ ସ୍ପେଶାଲିଷ୍ଟ
8882703236
8750699637

ALL EDITION - B/W (Everyday)
for Booking Contact:
0674-2580385
8637280816, 9338757574
7894447167, 9338226625

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ସାଉଥ୍ ଫିଲ୍ମରେ ଜ୍ୟାକଲିନ

**ମୁମ୍ବାଇ:** ଲକ୍ଷେ ଦିଲ କି ଧଡକନ ଜ୍ୟାକଲିନ ଫର୍ଣ୍ଣାଣ୍ଡିଜଙ୍କ ଫିଲ୍ମକୁ ତାଙ୍କ ପ୍ରଶଂସକମାନେ ବହୁ ଉତ୍କଣ୍ଠାର ସହ ଅପେକ୍ଷା କରି ଥାଆନ୍ତି । ଏଥର କିନ୍ତୁ ବଲିଉଡ ନୁହେଁ ସାଉଥ ସୁପରଷ୍ଟାରଙ୍କ ସହ ନଜର ଆସିବେ ଏହି ନାୟିକା । ସେ ଏବେ ବାଦଶାହ କିଚ୍ଚା ସୁଦୀପଙ୍କ ଅପକମିଂ ମୁଭି ‘ବିକ୍ରାନ୍ତ ରୋନା’ର ଏକ ଅଂଶ ପାଲଟି ଯାଇଛନ୍ତି। ଏବେ ନିର୍ମାତା ଜ୍ୟାକଲିନଙ୍କ ପ୍ରଥମ ଲୁକ୍ ରିଲିଜ କରିଛନ୍ତି । ଏଥିରେ ସେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ନଜର ଆସିବେ। ସେ ଏହି ଫିଲ୍ମରେ ଗଡଙ୍ଗ୍ ରକ୍ସ୍ମା ଭୂମିକାରେ ନଜର ଆସିବେ, ଯିଏ ଏକ କାଳ୍ପନିକ ସ୍ଥାନରେ ମଧୁଶାଳା ଚଲାଉଥିବେ। ଏଥିରେ ଜ୍ୟାକଲିନଙ୍କ ଜବରଦସ୍ତ ଡ୍ୟାନ୍ସ ବି ଦେଖିବାକୁ ମିଳିବ।



ମନେ ପଡ଼ନ୍ତି

**ଅଷ୍ଟାଦଶ ଶ୍ରାଦ୍ଧବାର୍ଷିକୀ**

ସ୍ୱର୍ଗତା ଶ୍ରୀପ୍ରା ଦାଶ
ଗ୍ରାମ: ବୀରରାମଚନ୍ଦ୍ରପୁର, ସାକ୍ଷିଗୋପାଳ, ଜି:- ପୁରୀ
ତିରୋଧାନ: ତା. ୨୨।୦୭।୨୦୦୩
ନିନା, ତୋର ସ୍ନେହ, ଶ୍ରଦ୍ଧା, ତ୍ୟାଗ, ଆଦର୍ଶ, ସତ୍ୟବାଦିତା, କର୍ତ୍ତବ୍ୟପରାୟଣତା ଆମ୍ଭମାନଙ୍କୁ ଚିରକାଳ ଅନୁପ୍ରାଣିତ କରୁଥିବ। ତୋର ଅନୁପସ୍ଥିତି ଆମ୍ଭ ସମସ୍ତଙ୍କ ପାଇଁ ଶୂନ୍ୟସ୍ଥାନ ସୃଷ୍ଟି କରିଛି। ତୋର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ବିନମ୍ର ପ୍ରାର୍ଥନା କରୁଛି।
-:ଶୋକସନ୍ତପ୍ତ:-
ସ୍ୱାମୀ- ମନୋଜ କୁମାର ଦାଶ ଓ ପରିବାରବର୍ଗ।
ଧ-୭୦୮୮

**୯ମ ଶ୍ରାଦ୍ଧବାର୍ଷିକ**

ସ୍ୱର୍ଗତ ଡାକ୍ତର କୈଳାସ ଚନ୍ଦ୍ର ମହାନ୍ତି
ତିରୋଧାନ: ୧୨।୦୭।୨୦୧୨
(ଶ୍ରାବଣ କୃଷ୍ଣପକ୍ଷ ନବମୀ ତିଥି)
ଗ୍ରାମ-ଜଳପୋକ, ଜିଲ୍ଲା-କେନ୍ଦ୍ରାପଡ଼ା
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
-:ଶୋକସନ୍ତପ୍ତ:-
ପତ୍ନୀ-ଅନସୂୟା ମହାନ୍ତି,
ପୁଅ: ଜନ୍ମେଜୟ ମହାନ୍ତି, ବୋହୂ: କୃଷ୍ଣପ୍ରିୟା ମହାନ୍ତି, ପୁଅ: ମୃତ୍ୟୁଞ୍ଜୟ ମହାନ୍ତି, ମମତାଞ୍ଜଳି ମହାନ୍ତି, ନାତୁଣୀ: ଶାଶ୍ୱତୀ ମହାନ୍ତି ଏବଂ ପରିବାରବର୍ଗ।
ଧ-୨୧୨୧୮

**ଦଶାହ ତିଥିରେ ଶ୍ରଦ୍ଧାଞ୍ଜଳି**

ସ୍ୱର୍ଗତା କନକଲତା ମହାପାତ୍ର
ସ୍ୱାମୀ ଶ୍ରୀଧର ମହାପାତ୍ର
ସେବକ ସାହି, ସାକ୍ଷିଗୋପାଳ, ପୁରୀ
ଆପଣଙ୍କର ଅନାବିଳ ସ୍ନେହ, ଶ୍ରଦ୍ଧା ଅବିସ୍ମରଣୀୟ । ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥ ଓ ଶ୍ରୀସାକ୍ଷିଗୋପାଳଙ୍କ ଚରଣରେ ପ୍ରାର୍ଥନା କରୁଛୁ ।
ଶୋକସନ୍ତପ୍ତ:-ପୁତ୍ର: ଶ୍ରୀପତି ମହାପାତ୍ର, ଶ୍ରୀବତ୍ସ ମହାପାତ୍ର, ବନ୍ଧୁ ଓ ପରିବାରବର୍ଗ
ଧ-୬୬୬୩୫

## ରାତିକରେ ଏକାଧିକ ଦୋକାନରୁ ଚୋରି

ବେଗୁନିଆ,(ଡି.ଏନ୍.ଏ.): ଖୋର୍ଦ୍ଧା ଜିଲା ବେଗୁନିଆ ବଜାରରେ ରହିଥିବା ଏକାଧିକ ଦୋକାନରୁ ଶୁକ୍ରବାର ରାତିରେ ଚୋରି ହୋଇଥିବା ଅଭିଯୋଗ ହୋଇଛି। ଗ୍ରସେରି, ଫୁଡ ସାମଗ୍ରୀ ଓ ପାନ ଦୋକାନରୁ ବିଭିନ୍ନ ପ୍ରକାର ସାମଗ୍ରୀ ସହିତ ପ୍ରାୟ ୩୦ହଜାର ଟଙ୍କା ଦୁର୍ବୃତ୍ତମାନେ ଚୋରିକରି ନେଇଛନ୍ତି। ଏନେଇ ଅଭିଯୋଗ ପରେ ପୋଲିସ ଏକ ମାମଲା (ନଂ.୧୪୮/୨୧)ରୁଜୁକରି ତଦନ୍ତ ଚଳାଇଛି।



### ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୩୧।୦୭।୨୦୨୧

୨,୮୧୪ ଟଙ୍କା

## ସଂକ୍ଷେପରେ

### ବଟି ମାଗି ଯୁବକ ଗିରଫ

**ପୁରୀ ଅଫିସ,୩୧।୭:** ବଟି ମାଗିବା ଅଭିଯୋଗରେ ଟାଉନ ଥାନା ପୋଲିସ ଶନିବାର ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ପୁରୀ ଇନ୍ଦ୍ରମାର୍ଗ କଲୋନୀ ରମାବଲ୍ଲଭ ରୋଡର ତ୍ରିଶେନ୍ଦ୍ର ନାୟକ ଓରଫ କାଳିଆ (୨୭)। ପୋଲିସ ଏନେଇ କେସ୍ ନଂ. ୨୦୪/୨୧ ରୁଜୁ କରିଛି। ସୂଚନା ଅନୁଯାୟୀ, ରମାବଲ୍ଲଭ ରୋଡ ନିକଟରେ ସବିତା ମହାକୁଡ଼ଙ୍କର ଗ୍ରସେରି ଦୋକାନ ରହିଛି। କାଳିଆ ତାଙ୍କ ଦୋକାନକୁ ଆସି ତାଙ୍କୁ ଗାଳିଗୁଲଜ କରିବା ସହ ଦାଦାବଟି ମାଗିଥିଲେ। ପରେ ଦୋକାନ ଡ୍ରରୁ ନଗଦ ୩୫୦୦ ଟଙ୍କା ଚୋରି କରି ନେବା ସହ କିଛି ସାମଗ୍ରୀ ନଷ୍ଟ କରିଦେଇଥିଲେ। ଏ ନେଇ ସବିତା ଟାଉନ ଥାନାରେ ଏତଲା ଦେଇଥିଲେ।

### ୪ ମୋବାଇଲ ଜବତ, ୨ ଗିରଫ

**କଟକ ଅଫିସ, ୩୧।୭:** ମୋବାଇଲ ଲୁଟ୍ ଅଭିଯୋଗରେ ବାଦାମବାଡି ପୋଲିସ ୨ ଜଣଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ଗଞ୍ଜାମ ଆସ୍କା ଅଞ୍ଚଳର ଆହୁଲା ଚକ୍ରବର୍ତ୍ତୀ ଓ ଆହୁଲା ଜଗଦୀଶ। ସେମାନଙ୍କଠାରୁ ୪ଟି ମୋବାଇଲ ଫୋନ ଜବତ ହୋଇଛି। ଗତ ମଙ୍ଗଳବାର ଶଙ୍କରପୁର ଅଞ୍ଚଳର ସ୍ମୃତିରଞ୍ଜନ ରାଉତ ଛତ୍ରବଜାରରୁ ପରିବା କିଣୁଥିବାବେଳେ ଦୁଇଜଣ ଯୁବକ ବାଇକରେ ଆସି ତାଙ୍କ ହାତରୁ ମୋବାଇଲ ଛଡାଇ ଚମ୍ପଟ ମାରିଥିଲେ। ଏହାର ଦିନକ ପରେ ଝାଞ୍ଜିରୀମଙ୍ଗଳା ଅଞ୍ଚଳର ସଞ୍ଜୟ ସାହୁ ମହତାବରୋଡ ପାଖରେ ଛିଡା ହୋଇଥିଲେ। ସେହି ସମୟରେ ୨ ଯୁବକ ବାଇକ୍‌ରେ ଆସି ତାଙ୍କ ହାତରୁ ମୋବାଇଲ ଛଡାଇ ଫେରାର ହୋଇଯାଇଥିଲେ। ଏହି ଦୁଇ ଘଟଣାରେ ଥାନାରେ ଅଭିଯୋଗ ହେବା ପରେ ପୋଲିସ ଦୁଇଟି ମାମଲା ରୁଜୁ କରିଥିଲା। ସିସିଟିଭି ଫୁଟେଜ ଓ ପାରିପାର୍ଶ୍ୱିକ ସ୍ଥିତି ଯାଞ୍ଚ କରିବା ପରେ ପୋଲିସ ଆସ୍କା ଅଞ୍ଚଳରୁ ଅଭିଯୁକ୍ତ ଦ୍ୱୟଙ୍କୁ ଗିରଫ କରିଥିଲା।

### ତୁଳସୀପୁରର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଶତ ପ୍ରତିଶତ ସଫଳତା

କଟକ ଅଫିସ,୩୧।୭- ଚଳିତବର୍ଷର ଯୁକ୍ତ ୨ ବିଜ୍ଞାନ ପରୀକ୍ଷାଫଳ ଶନିବାର ପ୍ରକାଶ ପାଇବା ପରେ କଟକ ତୁଳସୀପୁରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଶତ ପ୍ରତିଶତ ସଫଳତା ହାସଲ କରିଛି। ଏହି ବିଦ୍ୟାମନ୍ଦିରର ମୋଟ୍ ୧୨୨ ଜଣ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ସମସ୍ତେ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେଥିମଧ୍ୟରୁ ୧୪ ଜଣ ୯୦ ପ୍ରତିଶତରୁ ଅଧିକ ଓ ୫୮ ଜଣ ୮୦ ପ୍ରତିଶତରୁ ଅଧିକ ନମ୍ବର ରଖିଛନ୍ତି। ସେହିଭଳି ହିତେଶ କୁମାର ସାହୁ ୫୭୫ ନମ୍ବର ରଖି ବିଦ୍ୟାଳୟରେ ସର୍ବୋଚ୍ଚ ସ୍ଥାନ ଅଧିକାର କରିଛନ୍ତି।

# ବେଳାଭୂମିରେ ଜମିବ ଗହଳି

ପୁରୀ ଅଫିସ,୩୧।୭

କୋଭିଡ୍ କଟକଣା ନେଇ ଶନିବାର ରାଜ୍ୟ ସରକାରଙ୍କ ନୂଆ ଗାଇଡ୍ ଲାଇନ୍ ଆସିବା ପରେ ଶ୍ରୀମନ୍ଦିର ଖୋଲିବା ଓ ବେଳାଭୂମି ପୁଣି ଚଳଚଞ୍ଚଳ ହେବା ଆଶା ଉଜ୍ଜିବୀତ ହୋଇଛି। ୧ ତାରିଖରୁ ନୂଆ ଗାଇଡ୍‌ଲାଇନ ଆଧାରରେ କଟକଣା କୋହଳ ହୋଇଛି। ଶ୍ରଦ୍ଧାଳୁଙ୍କ ନିମନ୍ତେ ଶ୍ରୀମନ୍ଦିର ଖୋଲାଯିବା ନିଷ୍ପତ୍ତି ପ୍ରଶାସନ ଉପରେ ଛାଡ଼ିଦିଆଯାଇଛି। ସେହିପରି ବେଳାଭୂମିକୁ ପର୍ଯ୍ୟଟକ ଆସିପାରିବେ ବୋଲି ସବୁଜ ସଙ୍କେତ ମିଳିଛି। ତେଣୁ ପୁରୀର ଉଠାଦୋକାନୀ, ବ୍ୟବସାୟୀ, ରେଷ୍ଟୁରାଣ୍ଟ ଓ ହୋଟେଲ ମାଲିକଙ୍କ ସମେତ ବେଳାଭୂମି ଉପରେ ନିର୍ଭରଶୀଳ ପରିବାର ଖୁସି ପ୍ରକଟ କରିଛନ୍ତି। କୋଭିଡ୍ କଟକଣା ଯୋଗୁ ବେଳାଭୂମି ଖାଁ ଖାଁ ହୋଇପଡ଼ିଥିଲା। ମାତ୍ର ସରକାରଙ୍କ ନୂଆ ଘୋଷଣା ପରେ ପୁଣି ପର୍ଯ୍ୟଟକଙ୍କ ଆଗମନ ସାଙ୍ଗକୁ ପୁରୀ ଚଳଚଞ୍ଚଳ ହୋଇଉଠିବାର ଆଶା ସୃଷ୍ଟି ହୋଇଛି। ବେଳାଭୂମି ପାଖରେ ଉଠାଦୋକାନ କରିଥିବା ଶହ ଶହ ଲୋକ ହାତ ବାନ୍ଧି



କଟକଣା କୋହଳ ପରେ ଶନିବାର ସନ୍ଧ୍ୟାରେ ବେଳାଭୂମିରେ ସ୍ଥାନୀୟ ଲୋକେ ବୁଲୁଛନ୍ତି।

ଘରେ ବସିଥିଲେ। ଏବେ ସେମାନଙ୍କ ମୁହଁରେ ପୁଣି ହସ ଉକୁଟିବ। ସେମାନେ ନିଜ ପସରା ଧରି ବେଳାଭୂମିକୁ ଧାଇଁ ଆସିବେ। ବେଳାଭୂମି ନିକଟରେ ସିଫୁଡ୍ସ ବିକ୍ରି କରୁଥିବା ସତ୍ୟବ୍ରତ ପରିଡ଼ା କହିଛନ୍ତି, ଶେଷ ଥର କେବେ ଦୋକାନ ଖୋଲିଥିଲି ତାହା ମନେ ପଡୁନାହିଁ। କରୋନା କାହାକୁ କେତେ କଷଣ ଦେଇଛି ତାହା ତ ଜଣା ନାହିଁ ହେଲେ ମୋତେ ଉପାସ ରହିବା ଭଳି ସ୍ଥିତିରେ ଆଣି ଠିଆ କରାଇଛି। ଦ୍ୱିତୀୟ ଲହରର ପ୍ରଭାବ କମିବା ଓ ସରକାରଙ୍କ କଟକଣା କୋହଳ ହେବା ପରେ ପୁଣି ଭଲ ଭାବେ ପରିବାର ପ୍ରତିପୋଷଣ ଆଶା ବାନ୍ଧିଛି। ପୁରୀକୁ ପର୍ଯ୍ୟଟକ ଆସିବେ ଓ ବେପାର ଜମିବ ଭାବି ଖୁସି ଲାଗୁଛି। ଅନ୍ୟପକ୍ଷରେ ସରକାରଙ୍କ କଟକଣା କୋହଳ ନେଇ ଘୋଷଣା ହେବାର ମାତ୍ର କିଛି ଘଣ୍ଟା ପରେ ବେଳାଭୂମିରେ ଗହଳି ଦେଖିବାକୁ ମିଳିଛି। ସହରର ଅନେକ ଲୋକ ବେଳାଭୂମିକୁ ଯାଇ ଦୃଶ୍ୟ ଉପଭୋଗ କରିବା ସହ ସେଲଫି ଉଠାଉଥିବା ଦେଖିବାକୁ ମିଳିଥିଲା। ବେଳାଭୂମିରେ ଶନିବାର ସନ୍ଧ୍ୟାରେ ସମୟ ଅତିବାହିତ କରୁଥିବା ସନ୍ଧ୍ୟାରାଣୀ ସ୍ୱାଇଁ କହିଛନ୍ତି, ସହର ଭିତରେ ରହି ଅନେକ ଦିନ ହେବ ଏକପ୍ରକାର ଅଣନିଃଶ୍ୱାସୀ ଅନୁଭବ କରୁଥିଲି। ଏବେ ବେଳାଭୂମି ପାଖକୁ ଆସି ଖୁବ୍ ଖୁସି। ତେବେ ସମସ୍ତେ କୋଭିଡ୍ କଟକଣା ମାନିବା ଉଚିତ। ଅନ୍ୟପକ୍ଷରେ ଶ୍ରୀମନ୍ଦିର ପ୍ରଶାସନ ନିଷ୍ପତ୍ତିକୁ ଏବେ ସମସ୍ତଙ୍କ ଅପେକ୍ଷା ରହିଛି। ଶ୍ରୀମନ୍ଦିରରେ ଦର୍ଶନ ଅନୁମତି କେବେ ମିଳିବ ତାହାକୁ ଶ୍ରଦ୍ଧାଳୁ ଚାହିଁ ବସିଛନ୍ତି। ଆସନ୍ତା ୪ ତାରିଖରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ବୈଠକ ବସିବ। ବୈଠକରେ ମନ୍ଦିର ଖୋଲାଯିବ କି ନାହିଁ ତାହା ନିଷ୍ପତ୍ତି ହେବ ବୋଲି କୁହାଯାଉଛି। ପୁରୀ ସହରବାସୀ ଓ ଜିଲାବାସୀଙ୍କୁ ଦର୍ଶନ ଅନୁମତି ମିଳିବା ଦରକାର ବୋଲି ସହରବାସୀ ଦାବି କରିଛନ୍ତି। କୋଭିଡ୍ କଟକଣା ମଧ୍ୟରେ ପ୍ରଶାସନ ଦର୍ଶନ ଅନୁମତି ଦେଉ ବୋଲି ଭାଜପା ଯୁବମୋର୍ଚ୍ଚା ସଭାପତି ଜୟନ୍ତ କୁମାର ଦାଶ କହିଛନ୍ତି। ଅନ୍ୟପକ୍ଷରେ ପୁରୀ ସହରକୁ ପର୍ଯ୍ୟଟକଙ୍କ ଆଗମନ ବଢ଼ିବା ସମ୍ଭାବନା ଥିବାରୁ କୋଭିଡ୍ କଟକଣା ପାଳନ କରାଇବା ଜିଲା ପ୍ରଶାସନ ପାଇଁ ଏକ ବଡ଼ ଚ୍ୟାଲେଞ୍ଜ ହୋଇପାରେ। ତେବେ ପ୍ରଶାସନ କୋଭିଡ୍ କଟକଣା ମଧ୍ୟରେ ପର୍ଯ୍ୟଟକଙ୍କୁ ସ୍ୱାଗତ କରିବ ବୋଲି ଉପଜିଲାପାଳ ଭବତାରଣ ସାହୁ କହିଛନ୍ତି।

# ମା'ଙ୍କ ବିରୋଧରେ ଥାନାରେ ପୁଅ,ଝିଅ

ଭୁବନେଶ୍ୱର,୩୧।୭(ବ୍ୟୁରୋ)

ଚନ୍ଦ୍ରଶେଖରପୁର ଥାନାରେ ଶନିବାର ମା'ଙ୍କ ବିରୋଧରେ ନିର୍ଯାତନା ଅଭିଯୋଗ ଆଣିଛନ୍ତି ନାବାଳିକା ଝିଅ ଓ ପୁଅ। ମା'ଙ୍କର ଏକାଧିକ ପର ପୁରୁଷଙ୍କ ସହ ସମ୍ପର୍କ ରହିଛି ଓ ସେମାନେ ଅଧିକାଂଶ ସମୟ ଘରକୁ ମଧ୍ୟ ଆସନ୍ତି। ଏନେଇ ବିରୋଧ କଲେ ତାଙ୍କ ମା' ମାଡ଼ ମାରିବା ସହ ଅତ୍ୟାଚାର କରନ୍ତି ବୋଲି କହିଛନ୍ତି ପୁଅ, ଝିଅ। ବାପା ଜେଲ୍‌ରେ ଥିବାରୁ ମା'ଙ୍କୁ କେହି ଅଟକାଇ ପାରୁନାହାନ୍ତି। ଏଭଳି କିଛି ଅଭିଯୋଗ ମା'ଙ୍କ ବିରୋଧରେ ଆଣି ଚନ୍ଦ୍ରଶେଖରପୁର ଥାନାର ଦ୍ୱାରସ୍ଥ ହୋଇଛନ୍ତି ଭଉଣୀଭାଇ। ପୋଲିସ ଏନେଇ ଏକ ମାମଲା (ନଂ.୩୪୫/୨୧) ରୁଜୁ କରିବା ସହ ନାବାଳିକାଙ୍କର ଡାକ୍ତରୀମାଇନା କରାଇଥିଲା। ପରେ ତାଙ୍କୁ ଚାଇଲ୍ଡ ଲାଇନଙ୍କୁ ହସ୍ତାନ୍ତର କରାଯାଇଛି। ଅପରପକ୍ଷରେ ଝିଅକୁ ଫସାଇ ତାଙ୍କ ବିରୋଧରେ ଏକ ଷଡ଼ଯନ୍ତ୍ର କରାଯାଇଛି ବୋଲି ସମ୍ପୃକ୍ତା ମା' ତାଙ୍କ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି। ନାବାଳିକାଙ୍କ ଅଭିଯୋଗ ଅନୁଯାୟୀ , ତାଙ୍କ ମା'ଙ୍କ ସହ ସମ୍ପର୍କ ରଖିଥିବା ଅନ୍ୟ ପୁରୁଷମାନେ ବିଭିନ୍ନ ସମୟରେ ଘରକୁ ଆସନ୍ତି। ଏପରିକି ମା' ସେମାନଙ୍କ ସହ ମିଶି ମଦ ପିଅନ୍ତି। ମା'ଙ୍କ ସହ ସମ୍ପର୍କ ରଖିବା ପରେ ତାଙ୍କୁ ଅଶ୍ଳୀଳ ଇଙ୍ଗିତ କରିବା ସହ ଅସଦାଚରଣ କରିଥାନ୍ତି। ଏପରିକି ଚନ୍ଦନ ନାମକ ଜଣେ ବ୍ୟକ୍ତି ମା'ଙ୍କୁ ମଦ ପିଆଇ ବେହୋସ କରିବା ପରେ, ମୋ ଦେହ ଓ ସମ୍ବେଦନଶୀଳ ଅଙ୍ଗକୁ ଛୁଇଁବାକୁ ଚେଷ୍ଟା କରିଥିଲେ। ହେଲେ ସେହି ସମୟରେ ଭାଇ ଆସିଯିବାରୁ ମୁଁ ବଞ୍ଚିଯାଇଥିଲି ବୋଲି ନାବାଳିକା କହିଛନ୍ତି। ଏନେଇ ମା'ଙ୍କୁ ଜଣାଇବା ପରେ ମଧ୍ୟ ସେ ଚୁପ୍ ରହିବାକୁ କହିବା ସହ ମୁହଁ ଖୋଲିଲେ ମାଡ଼ ମାରିବେ ବୋଲି ଧମକ ଦେଉଛନ୍ତି। ଗତ ଦୁଇ ତିନି ବର୍ଷ ହେବ ମାଙ୍କର ଏଭଳି ଅତ୍ୟାଚାର ବୃଦ୍ଧିପାଇଛି ବୋଲି ନାବାଳିକା ଅଭିଯୋଗରେ ଦର୍ଶାଇଛନ୍ତି। ଅପରପକ୍ଷେ ସମ୍ପୃକ୍ତା ମା' ଏଭଳି ଅଭିଯୋଗକୁ ଖଣ୍ଡନ କରିବା ସହ ନାବାଳିକା ଝିଅର ସ୍ମୃତି ରଞ୍ଜନ ମହାନ୍ତି ନାମକ ଜଣେ ବ୍ୟକ୍ତିଙ୍କ ସହ ଥିବା ଖରାପ ସମ୍ପର୍କକୁ ବାରଣ କରିବାରୁ ତାଙ୍କ ବିରୋଧରେ ଏଭଳି ଷଡ଼ଯନ୍ତ୍ର କରାଯାଇଥିବା କହିଛନ୍ତି।





ଆଶାର ଦିଶା ଫାଉଣ୍ଡେଶନ ପକ୍ଷରୁ ଭୁବନେଶ୍ୱରସ୍ଥିତ ସାମ୍ବାଦିକ ଭବନରେ ଶନିବାର ଆୟୋଜିତ କାର୍ଯ୍ୟକ୍ରମରେ କର୍କଟ ପୀଡିତ ଧ୍ରୁବାନନ୍ଦ ଦାଶ ଗାଇଥିବା ଜଗନ୍ନାଥ ଭଜନ ସିଡୀ 'ଗଡେଇ ନେବୁ ମୋ ସଂସାର ରଥ'କୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

### ଶିଶୁଭବନରେ ରୋଗୀ ସମ୍ପର୍କୀୟଙ୍କୁ ଖାଦ୍ୟ ବଣ୍ଟନ

କଟକ ଅଫିସ, ୩୧।୭

ଶଟ୍‌ଡାଉନ୍ ସମୟରେ ସମସ୍ତ ଦୋକାନ ବନ୍ଦ ରହୁଥିବାରୁ ମେଡିକାଲରେ ରହୁଥିବା ରୋଗୀ ଓ ସେମାନଙ୍କ ସମ୍ପର୍କୀୟମାନେ ଖାଦ୍ୟ ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାକୁ ଦୃଷ୍ଟିରେ ରଖି ଶନିବାର କଟକ କ୍ୟାଟରିଂ ସଂଘ ସଭାପତି ଶ୍ରୀକାନ୍ତ କୁମାର ସାହୁଙ୍କ ନେତୃତ୍ୱରେ ଶିଶୁଭବନ ପରିସରରେ ଏକ ହଜାରରୁ ଊର୍ଦ୍ଧ୍ୱ ରୋଗୀଙ୍କ ସମ୍ପର୍କୀୟଙ୍କୁ ରନ୍ଧା ଓ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଛି। ଶଟ୍‌ଡାଉନ ରହିବା ପର୍ଯ୍ୟନ୍ତ ଏହି ସେବା ଚାଲିବ ବୋଲି ସଂଘ ସାଧାରଣ ସମ୍ପାଦକ ରଘୁନାଥ ପାତ୍ର କହିଛନ୍ତି। ସଂଘର ମୁଖ୍ୟ ଉପଦେଷ୍ଟା ବୃନ୍ଦାବନ ସ୍ୱାଇଁ, ସଞ୍ଜୀବ ସାହୁ, ନଗେନ ସାମଲ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ସୁଆଣ୍ଡୋରେ ଉନ୍ନୟନ କାର୍ଯ୍ୟର ସମୀକ୍ଷା



ଜିଲାପାଳ ସମର୍ଥ ବର୍ମା ଉନ୍ନୟନ କାର୍ଯ୍ୟର ସମୀକ୍ଷା କରୁଛନ୍ତି ।

ସାକ୍ଷୀଗୋପାଳ,୩୧।୭ (ଡି.ଏନ୍.ଏ.)

### ଉତ୍କଳମଣି ପୀଠ ବୁଲି ଦେଖିଲେ ଜିଲାପାଳ

ପୁରୀ ଜିଲାପାଳ ସମର୍ଥ ବର୍ମା ଶନିବାର ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଜନ୍ମପୀଠ ସୁଆଣ୍ଡୋ ଗ୍ରାମକୁ ପରିଦର୍ଶନରେ ଆସି ରାଜ୍ୟ ସରକାରଙ୍କ ପକ୍ଷରୁ ଗ୍ରାମରେ କରାଯାଉଥିବା ଉନ୍ନୟନ କାର୍ଯ୍ୟର ସମୀକ୍ଷା କରିଛନ୍ତି। ନିର୍ମାଣ କାର୍ଯ୍ୟ ପରିଦର୍ଶନ କରି ଜିଲାପାଳ ସନ୍ତୋଷ ବ୍ୟକ୍ତ କରିଥିବା ବେଳେ ଉପଯୁକ୍ତ ମାନ ପ୍ରତି ଧ୍ୟାନ ଦେବାକୁ କହିଥିଲେ। ଏପରିକି ସମସ୍ତ ଉନ୍ନୟନ କାମ ଯେପରି ପୂଣ୍ୟାତ୍ମାଙ୍କ ଜନ୍ମତିଥି ଅକ୍ଟୋବର ୯ ତାରିଖ ପୂର୍ବରୁ ଶେଷ ହେବ ସେନେଇ ଜିଲାପାଳ ଉପସ୍ଥିତ ଓବିସିସିର ନିର୍ବାହୀ ଯନ୍ତ୍ରୀ ସୁନ୍ଦର ମାଧବ ପାଢୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସୂଚନା ଅନୁଯାୟୀ, ସୁଆଣ୍ଡୋ ଗ୍ରାମକୁ ଐତିହ୍ୟ ସମ୍ପନ୍ନ କରିବାକୁ ରାଜ୍ୟ ସରକାରଙ୍କ ନିଷ୍ପତ୍ତି କ୍ରମେ ୧୨.୩୦ କୋଟି ଟଙ୍କାରେ ଉନ୍ନୟନ କାର୍ଯ୍ୟ ଚାଲିଛି। ଗ୍ରାମରେ ଗୋପବନ୍ଧୁଙ୍କ ଏକ ପୂର୍ଣ୍ଣବୟବ ପ୍ରତିମୂର୍ତ୍ତି ସ୍ଥାପନ କରାଯିବ। ଏଥିସହ ଗ୍ରାମର ପ୍ରବେଶ ପଥ ପଟ୍ଟନାୟିକିଆ ଛକରେ ଏକ ସୂଚନା କେନ୍ଦ୍ର ଖୋଲାଯିବ। ସେଠାରେ ପର୍ଯ୍ୟଟକଙ୍କ ପାଇଁ ଗୋପବନ୍ଧୁଙ୍କ ଜନ୍ମପୀଠ ସମ୍ପର୍କରେ ପ୍ରାରମ୍ଭିକ ସୂଚନା ରହିବ। ଏତଦ୍‌ବ୍ୟତୀତ ଷଠିଘରେ ରହୁଥିବା ଆତ୍ମୀୟଙ୍କ ପାଇଁ ଆବାସ, ଗୋପବନ୍ଧୁଙ୍କ ସଂଗ୍ରହାଳୟ, ପୋଖରୀ ପୁନରୁଦ୍ଧାର ଓ ଗ୍ରାମ ଠାକୁରଙ୍କ ମନ୍ଦିର ନିର୍ମାଣ, ରାସ୍ତା କାର୍ଯ୍ୟ ଚାଲିଛି। କାର୍ଯ୍ୟର ଅଗ୍ରଗତି ନେଇ ପୂର୍ବରୁ ରାଜ୍ୟ ସଂସ୍କୃତି ସଚିବ ପ୍ରକଳ୍ପ କାର୍ଯ୍ୟର ଅନୁଧ୍ୟାନ କରିବା ପରେ ଜିଲାପାଳ ତଦାରଖ କରିଛନ୍ତି। ପ୍ରକଳ୍ପ କାର୍ଯ୍ୟ ଡିସେମ୍ବରରେ ଶେଷ ହେବାକୁ ରହିଥିଲେ ମଧ୍ୟ ଗୋପବନ୍ଧୁଙ୍କ ଜନ୍ମତିଥି ପୂର୍ବରୁ ଏହାକୁ ସାରିବାକୁ ତତ୍ପରତା ଦେଖାଯାଇଛି। ଜିଲାପାଳଙ୍କ ଗସ୍ତ ସମୟରେ ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ, ସତ୍ୟବାଦୀ ତହସିଲଦାର ମନୋଜ କୁମାର ନାୟକ, ବିଡିଓ କ୍ଷୀରୋଦ କୁମାର ବେହେରା, ଓବିସିସିର ନିର୍ବାହୀ ଯନ୍ତ୍ରୀ ଇଂ ସୁନ୍ଦର ମାଧବ ପାଢ଼ୀଙ୍କ ସହିତ ପୂର୍ତ୍ତ ବିଭାଗର ଯନ୍ତ୍ରୀ ଉପସ୍ଥିତ ଥିଲେ।

# ସବୁଠି ଆବର୍ଜନା: ଘାରିଛି ଡେଙ୍ଗୁ ଭୟ

ଜଟଣୀ,୩୧।୭(ଡି.ଏନ୍.ଏ.)

ଖୋର୍ଦ୍ଧା ଜିଲା ଜଟଣୀ ପୌରାଞ୍ଚଳର ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଫଳରେ ମଶାଙ୍କ ପ୍ରାଦୁର୍ଭାବ ବଢ଼ିବାରେ ଲାଗିଛି। ଦୀର୍ଘଦିନ ଧରି ଅଳିଆ ସଫା ନ ହେବାରୁ ଡ୍ରେନ୍‌ଗୁଡ଼ିକରେ ଆବର୍ଜନା ପଡ଼ିରହି ପୋତି ହୋଇଗଲାଣି। ଘରୁ ବାହାରୁଥିବା ଅପରିଷ୍କାର ପାଣି ଡ୍ରେନ୍‌ରେ ଜମିରହି ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି କରୁଛି। ପୌର ପ୍ରଶାସନ ପକ୍ଷରୁ ଡ୍ରେନ୍ ସଫା କରାଯାଉ ନ ଥିବାରୁ ସହରରେ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଛି। କରୋନାରୁ ଏଯାବତ୍ ମୁକ୍ତି ମିଳି ନ ଥିବା ବେଳେ ସ୍ଥାନୀୟ ବାସିନ୍ଦାଙ୍କୁ ଡେଙ୍ଗୁ ଭୟ ଘାରିଛି। ସୂଚନାଥାଉ କି, ୬୩ ହଜାରରୁ ଊର୍ଦ୍ଧ୍ୱ ଜନସଂଖ୍ୟା ବିଶିଷ୍ଟ ଜଟଣୀ ସହରରେ ୨୩ଟି ୱାର୍ଡ ରହିଛି। ତନ୍ମଧ୍ୟରୁ ୬ ୱାର୍ଡ ରେଲୱେ ଅଧୀନରେ ରହିଛି। ଅନ୍ୟ ୧୭ ୱାର୍ଡରେ ସ୍ୱଚ୍ଛ ଭାରତ ଯୋଜନା କାର୍ଯ୍ୟକ୍ରମ ପରିପ୍ରେକ୍ଷୀରେ ପରିମଳ ବ୍ୟବସ୍ଥାରେ ସୁଧାର ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଉଥିଲେ ମଧ୍ୟ ପରିମଳ ବ୍ୟବସ୍ଥାରେ ସୁଧାର ଆସୁନାହିଁ। ବର୍ଷାଦିନ ପୂର୍ବରୁ ସହରର ଡ୍ରେନଗୁଡ଼ିକ ଠିକ୍‌ରେ ସଫା ହୋଇ ନ ଥିବାରୁ ଆବର୍ଜନା ଓ ପାଣି ଜମାହୋଇ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରୁଛି। ବିଭିନ୍ନ ୱାର୍ଡର ସାହି ଓ ରାସ୍ତା କଡରେ ଅଳିଆ ଗଦାହୋଇ ପରିଶଢ଼ି ଯିବାରୁ ଗନ୍ଧରେ ନାକ ଫାଟି ପଡୁଛି। ରାଜାବଜାର ମୁଖ୍ୟରାସ୍ତା ପଟେଲ ମାର୍ଗ ମୁଖ୍ୟ ଡ୍ରେନ୍‌ରେ ଆବର୍ଜନା ଜମି ରହିଛି। ଟାଉନ୍‌ହଲ (ସ୍ରଷ୍ଟା)ଠାରେ ଥିବା ଡ୍ରେନ୍‌ରେ ପାଣି ଜମିରହିବା ଫଳରେ ମଶା ବଂଶ ବୃଦ୍ଧି ପାଇବାରେ ସହାୟକ ହେଉଛି। ସୀତାରାମ କଲୋନୀ ଦେଇ ଯାଇଥିବା ମୁଖ୍ୟ ଡ୍ରେନ୍‌ରେ ବି ସମାନ ଅବସ୍ଥା। ଜଟଣୀ ସହରର ମୁଖ୍ୟ ରାସ୍ତାର ଉଭୟ ପାର୍ଶ୍ୱରେ ରହିଥିବା ଡ୍ରେନ୍ ସଫା ନ ହେବାରୁ ବର୍ଷା ହେଲେ ନର୍ଦ୍ଦମା ପାଣି ଲହଡି ଭାଙ୍ଗି କୃତ୍ରିମ ହ୍ରଦର ଭ୍ରମ ସୃଷ୍ଟି କରୁଛି। ଏହାର ସ୍ଥାୟୀ ସମାଧାନ ପାଇଁ ସ୍ଥାନୀୟ ବାସିନ୍ଦା ଦାବି କରୁଥିଲେ ମଧ୍ୟ ସୁଫଳ ମିଳୁନାହିଁ। ଏଥିପ୍ରତି ପୌରପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି। ଜଟଣୀ ସହରବାସୀ କୌଣସି ସଂକ୍ରାମକ ରୋଗର ଶିକାର ହେବା ପୂର୍ବରୁ ପୌରପ୍ରଶାସନ ପରିମଳ ବ୍ୟବସ୍ଥାରେ ସୁଧାର ଆଣିବା ପାଇଁ ଭାଜପା ମିଡିଆ ସେଲ ସଂଯୋଜକ ପ୍ରଦୀପ ଜେନା ଅନୁରୋଧ କରିଛନ୍ତି। ଏ ସମ୍ପର୍କରେ ପୌରକାର୍ଯ୍ୟନିର୍ବାହୀ ଅଧିକାରୀ ଦିଲୀପ ମହାନ୍ତି କହିଛନ୍ତି, ମଶା ଧୂଆଁ, ମଶା ତେଲ ଏବଂ ବିଭିନ୍ନ ସ୍ଥାନରେ ବ୍ଲିଚିଂ ସିଞ୍ଚନ କରାଯାଉଛି। ଡ୍ରେନ୍ ସଫା କରାଯିବା ସହ ଉପଯୁକ୍ତ ରକ୍ଷଣାବେକ୍ଷଣ କରାଯାଉଛି। ଯେଉଁ ସ୍ଥାନରୁ ଅଭିଯୋଗ ଆସୁଛି ତୁରନ୍ତ ପଦକ୍ଷେପ ନିଆଯାଉଛି ବୋଲି ସେ କହିଛନ୍ତି।

# ଚୋରା ବନ୍ଧୁକ ଜବତ, ବୃଦ୍ଧ ଗିରଫ

ବ୍ରହ୍ମଗିରି, ୩୧।୭ (ଡି.ଏନ୍.ଏ.)

ବ୍ରହ୍ମଗିରି ଥାନା ଅନ୍ତର୍ଗତ ବଡବନ୍ଧକେରା ଗ୍ରାମରୁ ଶନିବାର ପୋଲିସ ଏକ ଚୋରା ବନ୍ଧୁକ ଜବତ କରିବା ସହିତ ଜଣକୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଏହି ଗ୍ରାମର ନବଘନ ପରିଡା (୬୦)। ଏ ନେଇ ପୋଲିସ ଏକ ମାମଲା(ନଂ.୧୪୯/୨୧) ରୁଜୁ କରିଛି। ପୋଲିସ ସୂଚନା ଅନୁଯାୟୀ, ଉକ୍ତ ଗ୍ରାମରେ କିଛି ଦିନ ତଳେ ବିଭିନ୍ନ କାରଣରୁ ବିବାଦ ଲାଗି ଜଣଙ୍କର ମୃତ୍ୟୁ ହୋଇଥିଲା। ଏହାକୁ ନେଇ ଉକ୍ତ ଗ୍ରାମରେ ବିବାଦ ଲାଗିରହିଛି। ଦୁଇ ଦିନ ତଳେ ଉକ୍ତ ଗ୍ରାମରେ ଉତ୍ତେଜନା ସୃଷ୍ଟି ହୋଇଥିଲା। ଏଣୁ ପୋଲିସ ଏହି ଗ୍ରାମ ଉପରେ ତୀକ୍ଷ୍ଣ ନଜର ରଖିଛି। ତେବେ ଗାଁରେ ଗଣ୍ଡଗୋଳ ହେଉଥିବାରୁ ନବଘନ ଘରେ ଏକ ଚୋରା ବନ୍ଧୁକ ଓ ଖଣ୍ଡା ଏକ ପାଳଗଦାରେ ଲୁଚାଇ ରଖିଥିଲେ। ଏହି କଥା ବିଶେଷ ସୂତ୍ରରୁ ପୋଲିସ ଖବରପାଇ ଶନିବାର ନବଘନ ଘରେ ଚଢ଼ାଉ କରି ବନ୍ଧୁକ ଜବତ କରିଥିଲା। ବେଆଇନ ଭାବେ ବନ୍ଧୁକ ରଖିବା ଅଭିଯୋଗରେ ପୋଲିସ ନବଘନଙ୍କୁ ଗିରଫ କରିଥିଲା।

# ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଲା ଛାତ୍ର ବିଜେଡି

ଭୁବନେଶ୍ୱର,୩୧।୭(ବ୍ୟୁରୋ)

### ପ୍ରାଥମିକ ଶିକ୍ଷକଙ୍କ ପଦୋନ୍ନତି

ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ରେସିଡେନ୍ସି ପିରିୟଡ଼କୁ କମ୍ କରାଯିବା ଯୋଗୁ ୬୩ ହଜାର ୩୦୩ ପ୍ରାଥମିକ ଶିକ୍ଷକଙ୍କୁ ପଦୋନ୍ନତି ମିଳିଛି। ଏହି ନିଷ୍ପତ୍ତିକୁ ବିଜୁ ଛାତ୍ର ଜନତା ଦଳର ରାଜ୍ୟ ସଭାପତି ଦେବୀ ରଞ୍ଜନ ତ୍ରିପାଠୀ ସ୍ୱାଗତ ଜଣାଇବା ସହ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଛନ୍ତି । ପ୍ରାଥମିକ ଶିକ୍ଷା କ୍ଷେତ୍ରରେ ଶିକ୍ଷକ ଅଭାବ ପୂରଣ ହେବା ଦ୍ୱାରା ପ୍ରାଥମିକ ବିଦ୍ୟାଳୟଗୁଡ଼ିକର ପରିଚାଳନାରେ ଉନ୍ନତି ଆସିବା ସହ ଶୈକ୍ଷିକ ପରିବେଶରେ ମଧ୍ୟ ଉନ୍ନତି ଆସିପାରିବ। ଏହି ସମୟୋଚିତ ପଦକ୍ଷେପକୁ ସ୍ୱାଗତ ଜଣାଇବା ସହ ପଦୋନ୍ନତି ଅବସରରେ ଶିକ୍ଷକମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଗୁଣାତ୍ମକ ଶିକ୍ଷା ପ୍ରତି ରହିଥିବା ଆବେଗ ଏବଂ ଶିକ୍ଷା ଓ ଶିକ୍ଷକଙ୍କ ପ୍ରତି ଥିବା ଉଦ୍‌ବେଗ ନିଶ୍ଚିତ ଭାବେ ଶିକ୍ଷା କ୍ଷେତ୍ରରେ ଉତ୍ସାହ ସୃଷ୍ଟି କରିବ ବୋଲି ଦେବୀରଞ୍ଜନ ମତବ୍ୟକ୍ତ କରିଛନ୍ତି।

## ଖୋଲିବା ଅପେକ୍ଷାରେ ...















## ଏ ସପ୍ତାହର ପ୍ରଶ୍ନ

୧– ଭାରତର ପ୍ରଥମ ଗ୍ରୀନ୍ ସ୍ପେଶାଲ୍ ଇକୋନୋମିକ୍ ଜୋନ୍......... ?
୨– ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଫୁଡ୍ ପ୍ରୋସେସିଙ୍ଗ୍ ଟେକ୍ନୋଲୋଜି........... ଠାରେ ଅବସ୍ଥିତ।
୩– ଏବର୍ଷ ପ୍ରଥମ ଥର ପାଇଁ 'ୱାର୍ଲ୍ଡ ଡ୍ରୋନିଂ ପ୍ରିଭେନ୍ସନ୍ ଡେ' .......... ତାରିଖରେ ପାଳନ କରାଯାଇଛି ?
୪– 'ଆଜାଦ କି ସୌର୍ଯ୍ୟ ଗାଥା' ସ୍ୱାଧୀନତା ସଂଗ୍ରାମୀ .........ଙ୍କ ଆତ୍ମଜୀବନୀ ?
୫– ......... ଦେଶ ପକ୍ଷରୁ ସମୁଦ୍ର କୂଳଗୁଡ଼ିକୁ 'ବ୍ଲୁ-ଫ୍ଲାଗ୍'ଇକୋ-ଲ୍ୟାବେଲ୍ ସାର୍ଟିଫିକେଟ୍ ପ୍ରଦାନ କରାଯାଉଛି ?

## ଗତ ଥରର ଉତ୍ତର

୧ ନର୍ମାନ ବୋର୍ଲଗ୍
୨ ଗୋଆ
୩ ସ୍ୱାମୀ ନାରାୟଣ
୪ ରବୀନ୍ଦ୍ର ନାଥ ଟାଗୋର
୫ କୁକୁଡ଼ା

## ଉତ୍ତରଦାତା


ତ୍ରିଲୋଚନ ଦାସ, ଖୋର୍ଦ୍ଧା


ଦୀନବନ୍ଧୁ ବେହେରା, ନୟାଗଡ଼

**ସୂଚନା:** ଆଗାମୀ ଆଶା ପୃଷ୍ଠା ପାଇଁ ଲେଖା ଓ ଫଟୋ ପଠାଇବା ଲାଗି
ଇ-ମେଲ୍ ଠିକଣା: dharitriagamiasha @gmail.com

## ଟପ୍ ୧୦

### ସବୁଠୁ ଭଲ ଏୟାର ଲାଇନ୍ସ (୨୦୨୧)

୧........ କାତାର୍ ଏୟାରୱେଜ୍
୨........ ସିଙ୍ଗାପୁର୍ ଏୟାରଲାଇନ୍ସ
୩........ କାଥାଏ ପାସିଫିକ୍ ଏୟାରୱେଜ୍
୪........ ଟର୍କିସ୍ ଏୟାରଲାଇନ୍ସ
୫........ ଏମିରେଟ୍ସ ଏୟାରଲାଇନ୍ସ
୬........ ଏଟିହାଡ ଏୟାରୱେଜ୍
୭........ ଅଲ୍ ନିପ୍ପନ୍ ଏୟାରୱେଜ୍
୮........ ଗରୁଡ ଇଣ୍ଡୋନେସିଆ
୯........ ଇଭା ଏୟାର୍‌ୱେଜ୍
୧୦........ କ୍ୱାଣ୍ଟାସ୍ ଏୟାରୱେଜ୍

## ଜାଣନ୍ତୁ ଦୁନିଆ

# କସ୍‌ମେଟିକ୍ ଇତିହାସ

**ଆଜିର ଦିନରେ ବିନା ମେକ୍‌ଅପ୍‌ରେ କେବଳ ସେଲିବ୍ରିଟି ନୁହନ୍ତି ସାଧାରଣ ଲୋକେ ବି ଖୁବ୍ କମ୍ ଦେଖିବାକୁ ମିଳୁଛନ୍ତି । ତେବେ ଆପଣ ଜାଣିଲେ ଆଶ୍ଚର୍ଯ୍ୟ ହେବେ ଏବେର ବିୟୁଟି ଟ୍ରେଣ୍ଡ୍ ପାଳଟିଥିବା ଏହି ମେକ୍‌ଅପ୍ ସାମଗ୍ରୀଗୁଡ଼ିକ ବହୁ ପୁରାତନ କାଳରୁ ବ୍ୟବହାର ହୋଇ ଆସୁଛି ...**

**ଲିପଷ୍ଟିକ୍:** ମଧ୍ୟ ପ୍ରାଚୀନ ଇଜିପ୍ଟ ସମୟରେ ବିଭିନ୍ନ ଗଛର ଫୁଲ, ଫଳ ସହିତ ଅନ୍ୟାନ୍ୟ ସାମଗ୍ରୀ ମିଶାଇ ପ୍ରସ୍ତୁତ କରାଯାଉଥିଲା ଲିପ୍‌ଷ୍ଟିକ୍। ହେଲେ ସେଥିରେ କିଛି ବିଷାକ୍ତ ଉପାଦାନ ରହୁଥିବାରୁ ସ୍ୱାସ୍ଥ୍ୟଗତ ସମସ୍ୟା ଦେଖାଦେଉଥିଲା। ସେ ସମୟରେ କେବଳ ରାଜ ପରିବାର କିମ୍ବା ଧନିକ ଶ୍ରେଣୀୟ ଲୋକେ ଏହାର ବ୍ୟବହାର କରୁଥିଲେ। ପରବର୍ତ୍ତୀ ସମୟରେ ଅର୍ଥାତ୍ ୧୬ଶ ଶତାବ୍ଦୀରେ ରାଣୀ ଏଲିଜାବେଥ୍-୧ଙ୍କ ସମୟରେ ଲିପ୍‌ଷ୍ଟିକ୍ ବେଶି ଆଦୃତ ହୋଇଥିଲା। କ୍ରମଶଃ ବିଭିନ୍ନ ଚଳଚ୍ଚିତ୍ର ଏବଂ ଥିଏଟର ଆଦିରେ କାର୍ଯ୍ୟ କରୁଥିବା ଅଭିନେତ୍ରୀ, ଅଭିନେତାମାନେ ଏହାକୁ ବ୍ୟବହାର କରିବା ଦ୍ୱାରା ସାଧାରଣ ଲୋକେ ମଧ୍ୟ ଏଥିପ୍ରତି ଆକୃଷ୍ଟ ହୋଇଥିଲେ। ବର୍ତ୍ତମାନ ବିଭିନ୍ନ ବ୍ରାଣ୍ଡ, କଲର ଏବଂ ଦାମର ଲିପ୍‌ଷ୍ଟିକ୍ ସହଜରେ ମିଳିଯାଉଥିବାରୁ ଏହାର ବ୍ୟବହାର ବହୁମାତ୍ରାରେ ବଢ଼ି ବଢ଼ି ଚାଲିଛି।

**କାଜଲ୍ ଏବଂ ଆଇଲାଇନର :** ବର୍ତ୍ତମାନ ଆଖିର ସୌନ୍ଦର୍ଯ୍ୟ ବୃଦ୍ଧି ନିମନ୍ତେ ଅନେକ ନାମୀଦାମୀ କମ୍ପାନୀର କାଜଲ୍ ସହିତ ଲିକ୍ୱିଡ୍, ପେନ୍‌ସିଲ୍, ସ୍କେଚ୍ ଆଇଲାଇନର୍ ବ୍ୟବହାର କରୁଛନ୍ତି। ହେଲେ ଆଶ୍ଚର୍ଯ୍ୟ ଲାଗିଲେ ବି ସତ ଯେ, ଏହି କାଜଲ ଏବଂ ଆଇଲାଇନର୍ ବ୍ୟବହାର ପ୍ରାଚୀନ ଇଜିପ୍ଟ ସଭ୍ୟତା(ଖ୍ରୀଷ୍ଟପୂର୍ବ ୧୦,୦୦୦)ରୁ ରହିଆସିଛି। ସେ ସମୟରେ ଏହା ପ୍ରାକୃତିକ ଉପାୟରେ ପ୍ରସ୍ତୁତ କରାଯାଉଥିଲା। ଯାହାକି କେବଳ ସୌନ୍ଦର୍ଯ୍ୟ ପାଇଁ ନୁହେଁ ବରଂ ପରିବେଶ ଏବଂ ସୂର୍ଯ୍ୟ କିରଣରୁ ଚକ୍ଷୁକୁ ସୁରକ୍ଷା ଦେବା ଲାଗି ବ୍ୟବହାର କରାଯାଉଥିଲା। ହେଲେ ଧୀରେ ଧୀରେ ସେଥିରେ ଲେଡ୍ ବା ସୀସା ବ୍ୟବହାର କରାଯିବା ଦ୍ୱାରା ବିଭିନ୍ନ ଚକ୍ଷୁ ସମସ୍ୟା ଦେଖାଦେଲା। ହେଲେ ବର୍ତ୍ତମାନ ଏହାର ବଢୁଥିବା ଡିମାଣ୍ଡକୁ ଆଖି ଆଗରେ ରଖି ଅନେକ କମ୍ପାନୀ ସମ୍ପୂର୍ଣ୍ଣ ଲେଡ୍ ଫ୍ରି ଆଇଲାଇନର୍ ପ୍ରସ୍ତୁତ କରୁଛନ୍ତି, ଯାହାକି ବହୁ ପରିମାଣରେ ବ୍ୟବହାର ହେଉଛି।

**ବ୍ଲଶ୍:** ମୁହଁକୁ ଆଇକ୍ୟାଚି ଲୁକ୍ ଦେବା ଲାଗି ବର୍ତ୍ତମାନ ଅଧିକାଂଶ ବ୍ଲଶ୍ ବ୍ୟବହାର କରୁଥିବା ଦେଖିବାକୁ ମିଳୁଛି। ହେଲେ ଏହି ବ୍ଲଶ୍‌ର ବ୍ୟବହାର ପ୍ରାଚୀନ କାଳ(ଇଜିପ୍ଟ, ଗ୍ରୀସ୍)ରୁ ରହି ଆସିଛି। ୧୭ଶ ଏବଂ ୧୮ଶ ଶତାବ୍ଦୀ ବେଳକୁ ଏହାର ଲୋକପ୍ରିୟତା ବେଶି ବଢ଼ିଥିଲା। ସେ ସମୟରେ ବିଭିନ୍ନ କୋଳି, ବିଟ୍‌କୁ ବାଟି କିମ୍ବା ଗୋଲାପ ଫୁଲରୁ ଏହା ପ୍ରସ୍ତୁତ କରାଯାଉଥିଲା। ବର୍ତ୍ତମାନ ବିଭିନ୍ନ ଉପାୟରେ ଏହାକୁ ପ୍ରସ୍ତୁତ କରାଯାଉଛି।





# ବିପଦର ବନ୍ଧୁ

**ବନ୍ଧୁତ୍ୱ, ଯାହାର ନିବିଡ଼ତା ମାପି ହୁଏନି, ଯାହାକୁ ଭାଷାରେ ପ୍ରକାଶ କରିବାକୁ ଶବ୍ଦ ଅଣ୍ଟେନି। ତେବେ ଏହା ଯେ କେବଳ ସମବୟସ୍କ, ସହପାଠୀ କିମ୍ବା ପରିଚିତଙ୍କ ସହ ହୁଏ ତା' ନୁହେଁ, କେବେ କେବେ ଅସୁବିଧା ସମୟରେ ଜଣେ ଅଜଣା ମଣିଷର ସାହାଯ୍ୟ ବି ଯୋଡ଼ିଦିଏ ଏଇ ମଧୁର ସମ୍ପର୍କ, ଯାହାକି ସାରାଜୀବନ ପାଇଁ ହୋଇଯାଏ ଅତୁଟ...**


ଲକ୍ଷ୍ମୀପ୍ରିୟାଙ୍କ ସହ ଲୋଲିତା

**ଜୀବନ ରକ୍ଷାରୁ ହେଲା ବନ୍ଧୁତା:** ସାଙ୍ଗ ଏମିତି ଏକ ଶବ୍ଦ ତାହା ଭାଷାରେ ଅବର୍ଣ୍ଣନୀୟ। ଏହି ମଧୁର ସମ୍ପର୍କର ଅନେକ ଉଦାହରଣ ଯୁଗେ ଯୁଗେ ରହି ଆସିଛି। ଏହି ସମ୍ପର୍କ କେବଳ କ୍ଲାସ୍‌ମେଟ୍ କିମ୍ବା ଚିହ୍ନା ପିଲାଙ୍କ ସହ ଗଢ଼ିଉଠେ ତା' ନୁହେଁ, କାରଣ ବେଳେ ବେଳେ ଏମିତି ସମୟ ଆସେ ବାଟରେ ଦେଖା ହୋଇଥିବା ଅଜଣା ମଣିଷଟିଏ ମଧ୍ୟ ସାରା ଜୀବନ ପାଇଁ ଏହି ସମ୍ପର୍କରେ ବାନ୍ଧି ହୋଇଯାଏ। ଏମିତି ଏକ ଘଟଣା ମୋ କ୍ଷେତ୍ରରେ ବି ଘଟିଛି। ମୁଁ ୭ମ ଶ୍ରେଣୀରେ ପଢୁଥାଏ। ସେଦିନ ରବିବାର ଛୁଟି ଥାଏ। ଅତ୍ୟଧିକ ଖରା ହେଉଥିବାରୁ ଗାଁ କଡ଼ରେ ଥିବା କୁଶଭଦ୍ରା ନଦୀକୁ ଗାଧୋଇବା ଲାଗି ଯାଇଥାଏ। ଗାଧୋଇବା ବେଳେ ହଠାତ୍ ଗୋଡ଼ ଖସିଯିବାରୁ ଭାରସାମ୍ୟ ହରାଇ ପାଣି ଭିତରକୁ ବୁଡ଼ି ଯାଉଥାଏ ଏବଂ ବଞ୍ଚାଇବା ଲାଗି ଚିତ୍କାର କରୁଥାଏ। ଦ୍ୱିପ୍ରହର ହୋଇଥିବାରୁ ନଦୀ ପାଖରେ


ମନୀଷା

କେହି ନ ଥାନ୍ତି। ହେଲେ ଦୂରରୁ ଚିତ୍କାର ଶୁଣି ଗାଁର ଜଣେ ଝିଅ ଲୋଲିତା ଦୌଡ଼ି ଆସି ପାଣି ଭିତରକୁ ଡେଇଁ ମୋତେ ଉଦ୍ଧାର କରିଥିଲା। ସେଦିନ ମୋତେ ନୂଆ ଜୀବନ ମିଳିଥିଲା। ସେବେଠୁ ମୋର ସବୁଠୁ ଭଲ ସାଙ୍ଗ ଭାବେ ଲୋଲିତା ବେହେରା ସବୁ ପରିସ୍ଥିତିରେ ଓ ସବୁ ସମୟରେ ମୋ ସହିତ ରହିଛି। ମୋ ମତରେ ବନ୍ଧୁତ୍ୱ ଏପରି ହେବା ଦରକାର ଯାହାକି ଅନ୍ୟମାନଙ୍କ ଲାଗି ଉଦାହରଣ ସୃଷ୍ଟି କରିପାରିବ।

– **ଲକ୍ଷ୍ମୀପ୍ରିୟା ଦାସ**
(ଛାତ୍ରୀ, ଗୋପ ମହାବିଦ୍ୟାଳୟ)

**ବନ୍ଧୁତ୍ୱ ଯୋଡ଼ିଲା ସାହାଯ୍ୟର ହାତ :** ବନ୍ଧୁ ଏଭଳି ଏକ ଶବ୍ଦ ଯାହାକୁ ବର୍ଣ୍ଣନା କରିବା ସହଜ ନୁହେଁ। ମୋର ଏଭଳି ଜଣେ ଅତି ନିବିଡ଼ ବନ୍ଧୁ ହେଉଛି ସଦାଶିବ ମିଶ୍ର। ତା' ସହ ମୋର ବନ୍ଧୁତା ହୋଇଥିଲା ସ୍କୁଲ୍ ସମୟରେ। ସେତେବେଳ ସେଥିଲା ମୋ ପାଇଁ ସମ୍ପୂର୍ଣ୍ଣ ଅଜଣା ଅଚିହ୍ନା। ସେଦିନ ନୟାଗଡ଼ ଜିଲା ଗଣିଆ ବ୍ଲକ କିଶୋର


ପ୍ରିୟଦର୍ଶିନୀ

ପ୍ରସାଦ ୟୁପି ସ୍କୁଲରେ ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଚାଲିଥିଲା। ଏହି ଖେଳରେ ବିଭିନ୍ନ ସ୍କୁଲ୍‌ର ପ୍ରାଥମିକ ବିଦ୍ୟାଳୟର ଛାତ୍ରୀଛାତ୍ର ଭାଗ ନେଇଥାନ୍ତି। ଖେଳ ଶେଷ ହେବାର କିଛି ସମୟ ପରେ ହଠାତ୍ ଦେହ ଖରାପ ଲାଗିବାରୁ ମୁଁ ଅଚେତ ହୋଇ ପଡ଼ିଗଲି। ନିକଟରେ ଥିବା ସହପାଠୀମାନେ ଖେଳକୁଦରେ ଏତେ ବ୍ୟସ୍ତ ଥିଲେ ଯେ, ମୋ ଆଡ଼କୁ କାହାରି ନଜର ଆସି ନ ଥିଲା। ହେଲେ ସେହି ସମୟରେ ଅନ୍ୟ ସ୍କୁଲ୍‌ର ଛାତ୍ର ସଦାଶିବ ମୋତେ ଦେଖି ଦୌଡ଼ିଯାଇ ପାଣି ଆଣି ମୋ ମୁହଁରେ ଛିଞ୍ଚିବା ସହ ପାଣି ପିଆଇ ଚେତା ଫେରାଇବାରେ ସାହାଯ୍ୟ କରିଥିଲା। ସମସ୍ତଙ୍କୁ ଡାକି ମୋତେ ଉଠାଇ ଶିକ୍ଷକମାନଙ୍କ ସହ ମିଶି ଘରେ ପହଞ୍ଚାଇବାର ବ୍ୟବସ୍ଥା କରିଥିଲା। ପ୍ରଥମ ଦେଖାରେ ତା'ର ଏହି ସାହାଯ୍ୟ ଆମକୁ ବନ୍ଧୁ ସୂତ୍ରରେ ବାନ୍ଧିଦେଇଥିଲା। ତେବେ ପାଠପଢ଼ା ଯୋଗୁ ଉଭୟଙ୍କ ମଧ୍ୟରେ ଭେଟ ହୋଇପାରୁ ନ ଥିଲା। କିନ୍ତୁ ପରେ କେଜିଏମ୍ ହାଇସ୍କୁଲ ବଳରାମପ୍ରସାଦରେ ଏକାଠି ଅଷ୍ଟମ ଶ୍ରେଣୀରେ ପଢ଼ିବା ପରେ ବନ୍ଧୁତ୍ୱ ବଢ଼ିଥିଲା। ଉଭୟ ପାଠପଢ଼ା ଶେଷ ହେବା ପରେ ମଧ୍ୟ ଭଲ ବନ୍ଧୁ ହୋଇ ରହିଲୁ। ସେ ବିବାହ ନ କରି ସାମାଜିକକର୍ମୀ ଭାବେ କାମ କଲା। ସେହି ଗୋଟିଏ ଥର ନୁହେଁ ସେ ଅନେକ ସମୟରେ ମୋତେ ନିଃସ୍ୱାର୍ଥପର ଭାବେ ସାହାଯ୍ୟ କରିଆସିଛି। ଅଧିକ ଖର୍ଚ୍ଚ ଯୋଗୁ ଝିଅକୁ ନୟାଗଡ଼ କଲେଜରେ ନ ପଢ଼ାଇ ଗଣିଆ କଲେଜରେ ପଢ଼ାଇବାକୁ ନିଷ୍ପତ୍ତି ନେଇଥିଲି। ହେଲେ ମୋର ଅସୁବିଧା ଜାଣି ପାରି ଝିଅକୁ ନୟାଗଡ଼ରେ ପଢ଼ାଇବାର ବ୍ୟବସ୍ଥା କରି ସମସ୍ତ ଖର୍ଚ୍ଚ ସେ ବହନ କଲା। ୨୦୨୧ରେ ମୋ ସ୍ୱାସ୍ଥ୍ୟ ଅବସ୍ଥା ବିଗିଡ଼ି ଯାଇଥିଲା। ଚିକିତ୍ସା ପାଇଁ ପାଖରେ ଅର୍ଥ ନ ଥିଲା। ସେ ସମୟରେ ବି ସଦାଶିବ ପଛଘୁଞ୍ଚା ନ ଦେଇ ଭୁବନେଶ୍ୱର ନେଇ ବେସରକାରୀ ହସ୍ପିଟାଲରେ ଚିକିତ୍ସା କରାଇଲା। ଜୀବନରେ ଏଭଳି ଜଣେ ବନ୍ଧୁ ପାଇଁ ମୁଁ ଗର୍ବିତ।

– **ପ୍ରଫୁଲ୍ଲ କୁମାର ରାଉତ**
(ଗଣିଆ, ନୟାଗଡ଼)

**ଏମିତି ବନ୍ଧୁ ଭାଗ୍ୟରେ ଥିଲେ ମିଳେ:** କୁହାଯାଏ, ଜଣେ ନିଃସ୍ୱାର୍ଥପର ବନ୍ଧୁ ଜୀବନରେ ଥିଲେ ସବୁ ଦୁଃଖକଷ୍ଟ ଦୂରହେବା ସହ ସଫଳତା କ୍ଷେତ୍ରରେ ପ୍ରେରଣା ମିଳିଥାଏ। ଠିକ୍ ଏହିପରି ଦୁଇଜଣ ବନ୍ଧୁଙ୍କ କାହାଣୀ ରହିଛି ସମ୍ବଲପୁରରେ। ବନ୍ଧୁଙ୍କ ପ୍ରେରଣା ଯୋଗୁ ମିସେସ୍ କୁଇନ ୟୁନିର୍ଭସ ଅଫ୍ ଇଣ୍ଡିଆ ପ୍ରତିଯୋଗିତାରେ ସାମିଲ ହୋଇପାରିବା ସହ ଦ୍ୱିତୀୟ ରନର୍ସ ଅପ୍‌ର ଟାଇଟଲ ଜିଣିବାର ସୌଭାଗ୍ୟ ଅର୍ଜନ କରିଛନ୍ତି ମୁଦିପଡ଼ା ନିବାସୀ ମନୀଷା ମହାପାତ୍ର। ସେ କୁହନ୍ତି, ପ୍ରିୟଦର୍ଶିନୀ ପଣ୍ଡାଙ୍କ ସହ ସମ୍ପର୍କ ଏକ ସଡ଼କ ଦୁର୍ଘଟଣା ଯୋଗୁ ହୋଇଥିଲା। ସେଦିନ ସେ ମିସେସ୍ ଇଣ୍ଡିଆ ଇଣ୍ଟରନ୍ୟାଶନାଲ ଟାଇଟଲ ଜିଣି ଘରକୁ ଫେରୁଥିଲେ। ରାୟପୁର ଏୟାରପୋର୍ଟରୁ କାର୍ ଯୋଗେ ସମ୍ବଲପୁର ଆସୁଥିଲେ। କାରଣ ସମ୍ବଲପୁରରେ ତାଙ୍କୁ ନାଗରିକ ସମ୍ବର୍ଦ୍ଧନା କରାଯିବାର ବ୍ୟବସ୍ଥା ହୋଇଥିଲା। ମୁଁ ମଧ୍ୟ ଏହି ସମ୍ବର୍ଦ୍ଧନା ଟିମ୍‌ରେ ସାମିଲ୍ ଥିଲି। ହେଲେ ହଠାତ୍ ତାଙ୍କ କାର୍ ଦୁର୍ଘଟଣା ହୋଇଥିବା ନେଇ ଖବର ପହଞ୍ଚିଥିଲା। ସେଠାରେ ତାଙ୍କୁ ସହଯୋଗ କରିବା ପାଇଁ କେହି ନ ଥିଲେ। ଏହା ଜାଣିବା ପରେ ମୁଁ ନିଜର ସମ୍ପର୍କୀୟ ସହ ଯୋଗାଯୋଗ କରି ରାୟପୁରରେ ଚିକିତ୍ସା ସୁବିଧା ଯୋଗାଇ ଦେଇଥିଲି। ସୁସ୍ଥ ହେବା ପରେ ସେ ସମ୍ବଲପୁର ଫେରି ଆମ ଘରକୁ ଆସିଥିଲେ। ସେଠାରେ ଆମର ବ୍ୟକ୍ତିଗତ ପରିଚୟ ହେବା ସହ ବନ୍ଧୁତା ସ୍ଥାପନ ହୋଇଥିଲା। ଧୀରେ ଧୀରେ ଏହି ସମ୍ପର୍କ ଖୁବ୍ ନିବିଡ଼ ହୋଇଥିଲା। କିଛିଦିନ ପରେ ସେ ମୋତେ ଏହି ପ୍ରତିଯୋଗିତାରେ ଭାଗ ନେବାକୁ ପରାମର୍ଶ ଦେଇଥିଲେ। ମନରେ ଇଚ୍ଛା ଥିଲେ ମଧ୍ୟ ଭୟ ରହୁଥିଲା। ହେଲେ ପ୍ରସ୍ତୁତିର ପ୍ରତ୍ୟେକ ମୁହୂର୍ତ୍ତରେ ସେ ଉତ୍ସାହିତ ଓ ସହଯୋଗ କରିଥିଲେ। ଶେଷରେ ଦିଲ୍ଲୀଠାରେ ଆୟୋଜିତ ମିସେସ୍ କୁଇନ୍ ୟୁନିଭର୍ସ-୨୦୧୯ ପ୍ରତିଯୋଗିତାରେ ଭାଗ ନେଇ ଦ୍ୱିତୀୟ ପ୍ରିନ୍‌ସେସ୍ ଟାଇଟଲ ହାସଲ କରିପାରିଲି। ୫ଦିନ ଧରି ହୋଇଥିବା ଏହି ପ୍ରତିଯୋଗିତାରେ ଦେଶର ବିଭିନ୍ନ ଅଞ୍ଚଳରୁ ୧୫୦ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ଓଡ଼ିଶାରୁ ମାତ୍ର ୩ଜଣ ଅଂଶଗ୍ରହଣ କରିଥିଲେ। ଏତେ ଜଣଙ୍କ ଭିତରେ ସଫଳତା ପାଇବା କେବଳ ପ୍ରିୟଦର୍ଶିନୀ ଭଳି ବନ୍ଧୁଙ୍କ ଯୋଗୁ ସମ୍ଭବ ହୋଇପାରିଲା। ଏଭଳି ବନ୍ଧୁ ସଭିଙ୍କୁ ମିଳୁ ବୋଲି ମୋର କାମନା।

– ମନୀଷା ମହାପାତ୍ର(କର୍ମଜୀବୀ, ମୁଦିପଡ଼ା, ସମ୍ବଲପୁର)


ପ୍ରଫୁଲ୍ଲ


ସଦାଶିବ

## ୟୁଥ୍ ଆଲର୍ଟ

# ଇଣ୍ଟରଭ୍ୟୁ ପାଇଁ ଯାଉଥିଲେ

**ଜବ୍ ଇଣ୍ଟରଭ୍ୟୁ ପ୍ରତ୍ୟେକ ଆବେଦନକାରୀଙ୍କ ଲାଗି ଏକ ଗୁରୁତ୍ୱପୂର୍ଣ୍ଣ ସମୟ। କାରଣ ଏହାର ଫଳାଫଳ ଉପରେ ନିର୍ଭର କରିଥାଏ ଭବିଷ୍ୟତ। ଏଥିରେ ସଫଳ ହେବାକୁ ହେଲେ କେବଳ ପ୍ରଶ୍ନର ଉତ୍ତର ଭଲ ଭାବେ ଦେବା ଆବଶ୍ୟକ ଭାବି ଅଧିକାଂଶ ପ୍ରସ୍ତୁତ ହୋଇ ଆସିଥାନ୍ତି । ହେଲେ ଏଥିପାଇଁ ନିଜର ଆଉଟ୍‌ଫିଟ୍ ବି ଗୁରୁତ୍ୱପୂର୍ଣ୍ଣ, ସେଦିଗରେ ଅନେକେ ସଚେତନ ନ ଥାନ୍ତି । ତେଣୁ ଜାଣି ରଖନ୍ତୁ, ଜବ୍ ଇଣ୍ଟରଭ୍ୟୁ ଲାଗି ଠିକ୍ ଗେଟ୍‌ଅପ୍ ବାଛିବାର ଟିପ୍ସ ...**

➔ଇଣ୍ଟରଭ୍ୟୁ ପାଇଁ ଯିବା ବେଳେ ଆପଣଙ୍କ ଡ୍ରେସ୍ ଯେପରି ଜାକି କିମ୍ବା ମଳି ହୋଇ ନ ଥାଏ ସେଥିପ୍ରତି ଧ୍ୟାନ ଦିଅନ୍ତୁ। ସଫା ଏବଂ ଆଇରନ୍ ଦିଆହୋଇଥିବା ପୋଷାକ ଆପଣଙ୍କ ପ୍ରତି ଅନ୍ୟମାନଙ୍କ ମନରେ ଏବଂ ସକାରାତ୍ମକ ଭାବନା ସୃଷ୍ଟି କରିବ। ଆଉ ଏକ କଥା ମନେ ରଖନ୍ତୁ , ଆବଶ୍ୟକରୁ ଅଧିକ ଗର୍ଜିଅସ୍ କିମ୍ବା ଟ୍ରାଡିଶନାଲ୍ ପୋଷାକ ଇଣ୍ଟରଭ୍ୟୁରେ ପିନ୍ଧିବା ପାଇଁ ବାଛନ୍ତୁ ନାହିଁ।

➔ଇଣ୍ଟରଭ୍ୟୁ ଗେଟ୍‌ଅପ୍‌ରେ କଲର ସିଲେକ୍ସନ୍‌ର ଭୂମିକା ବି ଗୁରୁତ୍ୱପୂର୍ଣ୍ଣ । କାରଣ ଗୋଟେପଟେ ହ୍ୱାଇଟ୍, ବ୍ଲୁ, ବ୍ଲାକ୍, ଗ୍ରେ ଭଳି ଫର୍ମାଲ କଲର ପୋଷାକ ଆପଣଙ୍କୁ ଏକ ପ୍ରଫେସନାଲ୍ ଲୁକ୍ ଦେଉଥିବା ବେଳେ ରେଡ୍, ପିଙ୍କ୍, ୟେଲୋ ଭଳି କଲରର ଡ୍ରେସ୍ ଆପଣଙ୍କୁ ବୋଲ୍ଡ ଲୁକ୍ ଦେଇଥାଏ। ତେଣୁ ଡ୍ରେସ୍‌ର କଲର ପ୍ରତି ମଧ୍ୟ ଧ୍ୟାନ ଦିଅନ୍ତୁ। ନିଜ ଡ୍ରେସ୍‌କୁ ସୁଟ୍ କରିବା ଭଳି ଫୁଟ୍‌ୱେର୍ ବାଛନ୍ତୁ। ମନେ ରଖନ୍ତୁ, ପର୍‌ଫେକ୍ଟ ଦିଶିବା ନିଶାରେ ଅଧିକ ଷ୍ଟାଇଲିସ୍ କିମ୍ବା ଶବ୍ଦ କରୁଥିବା ଜୋତା ପିନ୍ଧନ୍ତୁ ନାହିଁ, କାରଣ ଏହି ସାମାନ୍ୟ ଭୁଲ୍ ବି ବେଳେ ବେଳେ ଆପଣଙ୍କ ପର୍ସନାଲିଟିକୁ ପ୍ରଭାବିତ କରିପାରେ।

➔ମନେରଖନ୍ତୁ କୌଣସି ବି ଫିଲ୍ଡରେ ଇଣ୍ଟରଭ୍ୟୁ ଥିଲେ ଆବଶ୍ୟକରୁ ଅଧିକ ମେକ୍‌ଅପ୍, ଜୁଏଲେରି ଏମିତିକି ଅଧିକ ସୁଗନ୍ଧଯୁକ୍ତ ପର୍‌ଫ୍ୟୁମ୍ ବ୍ୟବହାର ନ କରିବା ଭଲ।

➔ବିଭିନ୍ନ ଜବ୍ ଫିଲ୍ଡକୁ ନେଇ ମଧ୍ୟ ଡ୍ରେସ୍ ସିଲେକ୍ସନ୍ କରିବା ଆବଶ୍ୟକ। ତେଣୁ ଫାଇନାନ୍ସ ଆକାଉଣ୍ଟ, ଲ', କନ୍‌ସଲ୍ଟାନ୍ସି ଭଳି ଇଣ୍ଡଷ୍ଟ୍ରିରେ ଇଣ୍ଟରଭ୍ୟୁ ଥିଲେ କାଜୁଆଲ୍ ପରିବର୍ତ୍ତେ ଫର୍ମାଲ୍ ଡ୍ରେସ୍ ପିନ୍ଧିବା ଠିକ୍ ହେବ। ଏଥିପାଇଁ ପ୍ଲେନ୍ ଶାର୍ଟ ସହିତ ଫର୍ମାଲ୍ ପ୍ୟାଣ୍ଟ ଏବଂ ବ୍ଲେଜର୍ ପିନ୍ଧନ୍ତୁ। ତା' ସହିତ କାଜୁଆଲ ପରିବର୍ତ୍ତେ ଫର୍ମାଲ ଜୋତା ବାଛନ୍ତୁ। କର୍ପୋରେଟ୍ ଇଣ୍ଡଷ୍ଟ୍ରୀ ଇଣ୍ଟରଭ୍ୟୁରେ ବି ଏହି ଗେଟ୍‌ଅପ୍ ପରଫେକ୍ଟ ଲାଗିବ।

➔କୌଣସି ଆଡ୍‌ଭର୍ଟାଇଜ୍‌ମେଣ୍ଟ ଇଣ୍ଡଷ୍ଟ୍ରି କିମ୍ବା ଗ୍ରାଫିକ୍ ଡିଜାଇନ୍, ମ୍ୟୁଜିକ୍ ଆଦି ଭଳି କ୍ରିଏଟିଭ୍ ଇଣ୍ଡଷ୍ଟ୍ରିରେ ଇଣ୍ଟରଭ୍ୟୁ ଥିଲେ ଅନେକେ ସହଜରେ ସିଲେକ୍ସନ ହେବା ଲାଗି ଷ୍ଟାଇଲିସ୍ ଏବଂ ମଡର୍ନ ଆଉଟ୍‌ଫିଟ୍ ବାଛିଥାନ୍ତି। ହେଲେ ଏପରି ନ କରି ଡିସେଣ୍ଟ ଲୁକ୍ ପାଇଁ ଫର୍ମାଲ୍ ସହିତ କାଜୁଆଲ୍ ଡ୍ରେସ୍‌କୁ ମିକ୍ସ ମ୍ୟାଚ୍ କରି ପିନ୍ଧିପାରିବେ। ଫ୍ୟାଶନ୍ ବା ଗ୍ଲାମର ଇଣ୍ଡଷ୍ଟ୍ରିରେ ଇଣ୍ଟରଭ୍ୟୁ ଦେବାକୁ ଯାଉଥିଲେ ଆପଣ ଲାଟେଷ୍ଟ ଫ୍ୟାଶନ୍ ସହ ଅପ୍‌ଡେଟ୍ ଅଛନ୍ତି ବୋଲି ଜଣାଇବା ଲାଗି ଷ୍ଟାଇଲିସ୍ କାଜୁଆଲ୍ ଗେଟ୍‌ଅପ୍ ବାଛି ପାରିବେ। ଏହା ସହିତ ପରଫେକ୍ଟ ଜୋତା ଏବଂ ଆସେସରିଜ୍ ବାଛିବା ବି ଗୁରୁତ୍ୱପୂର୍ଣ୍ଣ। ତେବେ ମନେରଖନ୍ତୁ ଟ୍ରେଣ୍ଡି ଲାଗିବା ନିଶାରେ ଏମିତି ଆଉଟ୍‌ଫିଟ୍ ବାଛନ୍ତୁ ନାହିଁ ଯାହା ଆପଣଙ୍କ ପର୍ସନାଲିଟିକୁ ସୁଟ୍ କରୁ ନ ଥିବ।



## ଢାବା ମାଲିକାଣୀଙ୍କୁ ଗୁଳିକରି ହତ୍ୟା

ନୂଆପଡ଼ା ଜିଲା ଖଡିଆଳ ବ୍ଲକ ଡୁଆଝର ଗାଁରେ ଗୁଳିକାଣ୍ଡ ଘଟିଛି। ଶନିବାର ରାତିରେ ବିଭାଷଣ ମେହେରଙ୍କ ଢାବାରେ ତାଙ୍କ ସ୍ତ୍ରୀ ବାସନ୍ତୀ ମେହେର(୪୭)ଙ୍କ ଉପରକୁ କେହି ଦୁର୍ବୃତ୍ତ ଗୁଳି ଚଳାଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଖଡ଼ିଆଳ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବାସନ୍ତୀ ତାଙ୍କ ଝିଅଙ୍କୁ ଝାରସୁଗୁଡ଼ା ଜିଲାରେ ବିବାହ କରିଛନ୍ତି। ସେମାନଙ୍କ ମଧ୍ୟରେ ସମ୍ପର୍କ ଠିକ ରହୁ ନ ଥିଲା। ତାଙ୍କ ଜ୍ୱାଇଁ ମଝିରେ ମଝିରେ ପାଟିତୁଣ୍ଡ କରି ଗୁଳିକରି ମାରିଦେବି ବୋଲି ଧମକ ଦେଉଥିବା ପରିବାର ଲୋକେ ପ୍ରକାଶ କରିଛନ୍ତି। ତେବେ କିଏ ଗୁଳିକଲେ ତାହା ସନ୍ଦେହ ଭିତରେ ରହିଛି। କେହି ଦୁର୍ବୃତ୍ତ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଗୁଳି କରିଥିବା ସନ୍ଦେହ କରାଯାଉଛି। ହେଲେ ପ୍ରକୃତ କାରଣ ଜଣାପଡିନାହିଁ।

## ସଂକ୍ଷେପରେ

### ଅଧିକ ଗୋମାଂସ ଖାଅ: ଭାଜପା ମନ୍ତ୍ରୀ



**ଶିଲଂ, ୩୧।୭:** ମେଘାଳୟର ପ୍ରାଣୀସମ୍ପଦ ମନ୍ତ୍ରୀ ତଥା ଭାଜପା ନେତା ସାନ୍‌ବୋର ଶୁଲ୍ଲାଇ ଚିକେନ୍, ମଟନ୍ ଓ ମାଛ ବଦଳରେ ଅଧିକ ଗୋମାଂସ ଖାଇବା ପାଇଁ ପ୍ରୋତ୍ସାହିତ କରି ବିବାଦ ଘେରକୁ ଆସିଛନ୍ତି। ଭାଜପା ଗୋମାଂସ ଭକ୍ଷଣ ବିରୋଧୀ ହୋଇଥିବାବେଳେ ଶୁଲ୍ଲାଇ ଗଣତାନ୍ତ୍ରିକ ରାଷ୍ଟ୍ରରେ ଜଣେ ନିଜ ଇଚ୍ଛା ମୁତାବକ ଖାଦ୍ୟ ଖାଇବା ପାଇଁ ସ୍ୱାଧୀନ ବୋଲି କହିଛନ୍ତି। ଆସାମରେ ନୂତନ ଗୋ ଆଇନ ଯୋଗୁ ମେଘାଳୟକୁ ଗୋରୁ ପରିବହନ ଯେପରି ପ୍ରଭାବିତ ନ ହୁଏ, ସେନେଇ ପଡ଼ୋଶୀ ରାଜ୍ୟ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମାଙ୍କ ସହ କଥା ହେବେ ବୋଲି ଶୁଲ୍ଲାଇ ପ୍ରକାଶ କରିଛନ୍ତି।

### ବିଚାରପତିଙ୍କୁ ହତ୍ୟା ଘଟଣା ସିବିଆଇ ତଦନ୍ତ ସୁପାରିସ

**ରାଞ୍ଚି, ୩୧।୭:** ଝାଡ଼ଖଣ୍ଡର ଧାନବାଦ ଜିଲା ଅତିରିକ୍ତ ଜଜ୍ ଉତ୍ତମ ଆନନ୍ଦଙ୍କୁ ଅଟୋ ମଡ଼ାଇ ହତ୍ୟା ଘଟଣାର ତଦନ୍ତ ସିବିଆଇ ଦ୍ୱାରା କରିବା ପାଇଁ ରାଜ୍ୟ ସରକାର ସୁପାରିସ କରିଛନ୍ତି। ଏ ନେଇ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ ଶନିବାର କେନ୍ଦ୍ରକୁ ସୁପାରିସ କରିଛନ୍ତି। ବିଚାରପତି ଆନନ୍ଦ ବୁଧବାର ପ୍ରାତଃଭ୍ରମଣରେ ଯାଉଥିବାବେଳେ ଏକ ଅଟୋ ତାଙ୍କୁ ଧକ୍କା ଦେବାରୁ ମୃତ୍ୟୁ ଘଟିଥିଲା। ମାଫିଆଙ୍କ ଜାମିନ ଖାରଜ କରିଦେଇଥିବାରୁ ଅଭିଯୁକ୍ତମାନେ ଏପରି ପ୍ରତିଶୋଧ ନେଇଥିବା ଅଭିଯୋଗ ଆସିଛି। ଝାଡ଼ଖଣ୍ଡ ହାଇକୋର୍ଟ ଗୁରୁବାର ନିଜଆଡୁ ମାମଲା କରି ଏହା ନ୍ୟାୟପାଳିକା ଉପରେ ଆକ୍ରମଣ ବୋଲି ଅଭିହିତ କରିଥିଲେ। ପରେ ସୁପ୍ରିମକୋର୍ଟ ବାର୍ ଆସୋସିଏଶନ ସଭାପତି ବିକାଶ ସିଂ ଏ ନେଇ ସର୍ବୋଚ୍ଚ ନ୍ୟାୟାଳୟଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ସିବିଆଇ ତଦନ୍ତ ପାଇଁ ଦାବି କରିଥିଲେ।

### ୩୦୦ କୁକୁରଙ୍କୁ ବିଷ ଦେଇ ମାରିଦେଲେ

**ବିଜୟୱାଡ଼ା, ୩୧।୭:** ଆନ୍ଧ୍ରପ୍ରଦେଶ ପଶ୍ଚିମ ଗୋଦାବରୀ ଜିଲାର ଏକ ପଞ୍ଚାୟତରେ ୩ ଶହରୁ ଉର୍ଦ୍ଧ୍ୱ କୁକୁରଙ୍କୁ ବିଷ ଇଞ୍ଜେକସନ୍ ଦେଇ ମାରି ଦିଆଯାଇଛି। ଲିଙ୍ଗାପାଲେମ ଅଞ୍ଚଳରେ ପଞ୍ଚାୟତ କର୍ମଚାରୀ ଗତ ୨୪ ତାରିଖରୁ ବୁଲା କୁକୁର ମରା ଅଭିଯାନ ଆରମ୍ଭ କରିଛନ୍ତି। ଏ ନେଇ ପ୍ରାଣୀ ଅଧିକାରୀ ସଙ୍ଗଠନ ପକ୍ଷରୁ ଅଭିଯୋଗ ପରେ ପୋଲିସ ଆଇପିସି ଧାରା ୪୨୯ ଏବଂ ଜୀବ ନିଷ୍ଠୁରତା ଆଇନ ଅନୁଯାୟୀ ମାମଲା ରୁଜୁ କରିଛି। ସରକାରୀ ଗାଇଡଲାଇନ ଅନୁଯାୟୀ ବୈଜ୍ଞାନିକ ପଦ୍ଧତିରେ ବନ୍ଧ୍ୟାକରଣ କରାଇବା ପରିବର୍ତ୍ତେ ଉଚ୍ଚ କର୍ତ୍ତୃପକ୍ଷ ପଞ୍ଚାୟତ କର୍ମଚାରୀଙ୍କୁ କୁକୁର ମାରିବା ଲାଗି ନିର୍ଦ୍ଦେଶ ଦେଇଥିଲେ।

### ଶିକ୍ଷକଙ୍କ ନିଖୋଜ ପରେ ଝିଅକୁ ପୁନର୍ବାସ ମାମଲା ରିପୋର୍ଟ ମାଗିଲେ ହାଇକୋର୍ଟ

**କଟକ ଅଫିସ, ୩୧।୭:** ଜଣେ ଶିକ୍ଷକଙ୍କ ନିଖୋଜ ପରେ ତାଙ୍କ ଝିଅକୁ ପୁନର୍ବାସ ମାମଲାର ଶୁଣାଣି କରି ହାଇକୋର୍ଟ ଦେଢ଼ମାସ ମଧ୍ୟରେ ପଦକ୍ଷେପ ନେବାକୁ ଗଣଶିକ୍ଷା ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ଜଷ୍ଟିସ ବିଶ୍ୱନାଥ ରଥ ଏହାର ଶୁଣାଣି କରିଛନ୍ତି। ଏଥିରେ ଗଣଶିକ୍ଷା ବିଭାଗ, କଳାହାଣ୍ଡି ଜିଲାପାଳ ଓ ଜିଲା ଶିକ୍ଷା ଅଧିକାରୀଙ୍କୁ ପକ୍ଷଭୁକ୍ତ କରାଯାଇଛି। ଆବେଦନକାରୀ ପଦ୍ମାବତୀ ବାଗ ପିଟିଶନରେ ଦର୍ଶାଇଥିଲେ, କଳାହାଣ୍ଡି ଜିଲା ଝରମୁଣ୍ଡାର ହିମାଞ୍ଚଳ ବାଗ ୧୯୮୦ରୁ ଶିକ୍ଷକତା କରୁଥିଲେ। ସେ ତେଜିପଡା ସରକାରୀ ଉ.ପ୍ରା. ବିଦ୍ୟାଳୟରେ ଶିକ୍ଷକତା କରୁଥିବାବେଳେ ୧୯୯୦ ଫେବୃୟାରୀ ୧୦ରୁ ନିଖୋଜ ହୋଇଯାଇଥିଲେ। ଏ ନେଇ କର୍ଲାମୁଣ୍ଡା ଥାନାରେ ଅଭିଯୋଗ ହୋଇଥିଲା। ୨୦ବର୍ଷ ବିତିଯାଇଥିଲେ ମଧ ତାଙ୍କର ପତ୍ତା ମିଳିପାରିନାହିଁ। ତେଣୁ ବାପାଙ୍କର ଏକମାତ୍ର ଝିଅ ହୋଇଥିବାରୁ କ୍ଷତିପୂରଣ ସହ ପଦ୍ମାବତୀଙ୍କୁ ରିହାବିଲିଟେଶନ ସ୍କିମରେ ଚାକିରି ଦେବାକୁ ସେ ଗତ ୨୨ରେ ହାଇକୋର୍ଟରେ ପିଟିଶନ ଦାଖଲ କରିଥିଲେ। ଆବେଦନକାରୀଙ୍କ ପକ୍ଷରୁ ଓକିଲ ଆଶିଷ କୁମାର ମିଶ୍ର ମାମଲା ପରିଚାଳନା କରୁଥିଲେ।

# ଉତ୍କେଳାରୁ ଭୁବନେଶ୍ୱର, ରାୟପୁରକୁ ଖୁବ୍‌ଶୀଘ୍ର ବିମାନ

**ଭବାନୀପାଟଣା/କେସିଙ୍ଗା, ୩୧।୭(ସ୍ୱ.ପ୍ର./ଡି.ଏନ.ଏ.)**

ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ଶନିବାର ଏକ ସ୍ୱତନ୍ତ୍ର ବିମାନରେ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର, ୫-ଟି ସଚିବ ଭି.କେ. ପାଣ୍ଡିଆନ ଓ ତାଙ୍କ ଟିମ୍ କଳାହାଣ୍ଡି ଗସ୍ତରେ ଆସି ବିଭିନ୍ନ ଉନ୍ନୟନ କାର୍ଯ୍ୟର ସମୀକ୍ଷା କରିଛନ୍ତି । ଏହି ଅବସରରେ କୋଭିଡ୍ ସ୍ଥିତି ଅନୁଧ୍ୟାନ, ସମ୍ଭାବ୍ୟ ତୃତୀୟ ଲହରକୁ ସାମ୍ନା ଲାଗି ପ୍ରସ୍ତୁତି ଉପରେ ଅନୁଧ୍ୟାନ କରିଥିଲେ । ଏହି ଟିମ୍‌ରେ ତାଙ୍କ ସହ ଜାତୀୟ ସ୍ୱାସ୍ଥ୍ୟ ମିଶନ ନିର୍ଦ୍ଦେଶିକା ଶାଳିନୀ ପଣ୍ଡିତ ଓ ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ସଚିବ ଭିନିଲ୍ କ୍ରୃଷ୍ଣା ମଧ ସାମିଲ ଥିଲେ। ଶନିବାର ପୂର୍ବାହ୍ନ ୯ଟା ୪୫ରେ ମୁଖ୍ୟ ସଚିବ ଓ ୫-ଟି ସଚିବ ଉତ୍କେଳା ବିମାନ ବନ୍ଦରରେ ଓହ୍ଲାଇ ସେଠାକାର ସ୍ଥିତି ଓ ଜମି ଅଧିଗ୍ରହଣ ଉପରେ ସବିଶେଷ ସମୀକ୍ଷା କରିଥିଲେ। ଆର୍‌ସିଏସ୍ ଉଡାନ୍ ଯୋଜନାର ପ୍ରଥମ ପର୍ଯ୍ୟାୟରେ ଭବାନୀପାଟଣାରୁ ଭୁବନେଶ୍ୱର ଓ ରାୟପୁରକୁ ସାପ୍ତାହିକ ବିମାନ ସେବା ଶୀଘ୍ର ଆରମ୍ଭ କରାଯିବ ବୋଲି କହିଥିଲେ। ଏହାପରେ ମୁଖ୍ୟ ଶାସନ ସଚିବ ଓ ତାଙ୍କ ଟିମ୍ ଭବାନୀପାଟଣା ଭଙ୍ଗାବାରିସ୍ଥିତ ନିର୍ମାଣାଧୀନ ୧୦୦ ସିଟ୍ ବିଶିଷ୍ଟ ସରକାରୀ ମେଡିକାଲ କଲେଜର ଅଗ୍ରଗତି କାର୍ଯ୍ୟ, ଅଧ୍ୟାପନା ବ୍ଲକ, ଅଡିଟୋରିୟମ୍, ମହିଳା ଓ ପୁରୁଷ ହଷ୍ଟେଲର ପରଦର୍ଶନ କରିବା ସହ ଆଗାମୀ ୩୧ଡିସେମ୍ବର ସୁଦ୍ଧା କାର୍ଯ୍ୟ ଶେଷ କରିବାକୁ ନିର୍ଦ୍ଦେଶ ଦେଇଥିଲେ।

ସେହିପରି ୬୫୦ ଶଯ୍ୟା ବିଶିଷ୍ଟ ଭେଷଜ ମହାବିଦ୍ୟାଳୟ ଚିକିତ୍ସାଳୟର ପୂର୍ଣ୍ଣାଙ୍ଗ ଅଟକଳ ସମୀକ୍ଷା କରି ପୂର୍ଣ୍ଣାଙ୍ଗ ରିପୋର୍ଟ ପ୍ରଦାନ କରିବାକୁ ପିଡବ୍ଲୁଡି ନିର୍ବାହୀ ଯନ୍ତ୍ରୀଙ୍କୁ ୫-ଟି ସଚିବ ପାଣ୍ଡିଆନ ନିର୍ଦ୍ଦେଶ ଦେଇଥିଲେ। ପରେ ନିର୍ମାଣାଧୀନ କଲେଜ ପରିସରରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ଅଧ୍ୟକ୍ଷତା କରି ୫-ଟି ସଚିବ ଜିଲାର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ, ମା’ ଇନ୍ଦ୍ରାବତୀ ଟେମ୍ପୁଲ କମ୍ପ୍ଲେକ୍ସ, ନୂତନ ବସଷ୍ଟାଣ୍ଡ, ଉତ୍କେଳା ବିମାନବନ୍ଦର, ସାନ୍ଦୁର ଜଳସେଚନ ପ୍ରକଳ୍ପ, ମେଗାଲିଫ୍ଟ, ବଲାଙ୍ଗୀର-କେସିଙ୍ଗା ୨୨୦ କେଭି ଲାଇନ୍, ବିଜୁ ଏକ୍ସପ୍ରେସ ୱେ, ନିର୍ମାଣାଧୀନ ଭବାନୀପାଟଣା ଟାଉନହଲ୍, ଆଇଟିଆଇ ଧର୍ମଗଡ ଉପରେ କଳାହାଣ୍ଡି ଜିଲାପାଳ ଡ. ଗାଭାଲି ପରାଗ ହର୍ଷଦଙ୍କ ଠାରୁ ଅବଗତ ହୋଇଥିଲେ।

### ମୁଖ୍ୟ ଶାସନ ସଚିବ ଓ ୫-ଟି ସଚିବଙ୍କ କଳାହାଣ୍ଡି ଗସ୍ତ



ଭବାନୀପାଟଣା ଟାଉନ ନୋଡାଲ ହାଇସ୍କୁଲରେ ମୁଖ୍ୟ ଶାସନ ସଚିବ, ୫-ଟି ସଚିବ ଓ ତାଙ୍କ ଟିମ୍।

ମୁଖ୍ୟଶାସନ ସଚିବ କେସିଙ୍ଗା-ବଲାଙ୍ଗୀର ୨୨୦ କେଭି ଲାଇନର ଶୀଘ୍ର କାମ ଶେଷ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ନର୍ଲା ରେଳ ଲୋକୋ ସେଡ୍ ପାଇଁ ଜମି ଅଧିଗ୍ରହଣ ଓ ଜଙ୍ଗଲ ଅନୁମତିକୁ ଶୀଘ୍ର ସମ୍ପାଦନା ପାଇଁ ଜିଲାପାଳଙ୍କୁ କହିଥିଲେ। ଏହି ଅବସରରେ ମୁଖ୍ୟ ଶାସନ ସଚିବ ଓ ୫-ଟି ସଚିବ ଟିମ୍ ଭବାନୀପାଟଣାସ୍ଥିତ ଟାଉନ ନୋଡାଲ ହାଇସ୍କୁଲ, ବ୍ରଜମୋହନ ହାଇସ୍କୁଲକୁ ପରିଦର୍ଶନ କରି ରୂପାନ୍ତରିତ ହୋଇଥିବା ସ୍ମାର୍ଟ ଶ୍ରେଣୀ କୋଠରି,ବିଜ୍ଞାନ ପରୀକ୍ଷାଗାର, ଶୌଚାଳୟ, ଇ-ପାଠାଗାର ବୁଲି ଦେଖିବା ସହ ଛାତ୍ରୀଛାତ୍ରଙ୍କ ସହ ଆଲୋଚନା କରିଥିଲେ। ଏହି ଗସ୍ତ ସମୟରେ କଳାହାଣ୍ଡି ଜିଲାପାଳ ଡ.ଗାଭାଲି ପରାଗ ହର୍ଷଦ, ଏସ୍‌ପି ଶ୍ରବଣ ବିବେକ ଏମ୍, ପିଡି ଡିଆରଡିଏ୍ ସୋମେଶ କୁମାର ଉପାଧ୍ୟାୟ,ଭବାନୀପାଟଣା ଉପଜିଲାପାଳ ସୁଶାନ୍ତ କୁମାର ସିଂହଙ୍କ ସହ ଜିଲାର ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

### ବିଭିନ୍ନ ଉନ୍ନୟନ କାର୍ଯ୍ୟର ସମୀକ୍ଷା

## ଜଗତୀକରଣ ଯୋଗୁ ୩ ଗୁଣା ବଢ଼ିଛି ଜିଡିପି

**ନୂଆଦିଲ୍ଲୀ,୩୧।୭**

ଜଗତୀକରଣ ପରଠାରୁ ଭାରତରେ ମାତ୍ର ଗୋଟିଏ ପିଢ଼ିରେ ମୋଟ ଘରୋଇ ଉତ୍ପାଦ (ଜିଡିପି)କୁ ୩ ଗୁଣା କରିପାରିଛି। ତେବେ ଶ୍ରମିକ ଶ୍ରେଣୀଙ୍କୁ ଏହାର ସୁଫଳ ମିଳିପାରି ନାହିଁ ବୋଲି ବିଶିଷ୍ଟ ଅର୍ଥଶାସ୍ତ୍ରୀ ତଥା ନୋବେଲ ବିଜେତା ଏରିକ୍ ମାସ୍କିନ୍ କହିଛନ୍ତି। ଆୟରେ ବୃଦ୍ଧି ପାଉଥିବା ତାରତମ୍ୟ ଦେଶର କୋଭିଡ-୧୯ ମହାମାରୀ ବିରୋଧରେ ଲଢେଇଠାରୁ ମଧ ଅଧିକ ଜଟିଳ ହୋଇପଡିବ ବୋଲି ସେ ସତର୍କ କରାଇଦେଇଛନ୍ତି। ହାର୍ଭାର୍ଡ ୟୁନିଭର୍ସିଟି ପ୍ରଫେସର ମାସ୍କିନ ଶନିବାର ଅଶୋକା ଛାତ୍ରୀଛାତ୍ରଙ୍କୁ ଭର୍ଚୁଆଲି ସମ୍ବୋଧିତ କରି ଏଭଳି କହିଛନ୍ତି। ୩୦ ବର୍ଷ ପୂର୍ବେ ଭାରତ ଜଗତୀକରଣକୁ ଗ୍ରହଣ କରିଥିଲା, ମାତ୍ର ଗୋଟିଏ ପିଢ଼ିରେ ଦେଶର ଜିଡିପିକୁ ୩ ଗୁଣା କରିପାରିବା ଏକ ଗୁରୁତ୍ୱପୂର୍ଣ୍ଣ ଉପଲବ୍ଧି। ତେବେ ଆୟରେ ଦେଖାଦେଇଥିବା ପ୍ରଭେଦକୁ ବଜାର କ୍ଷମତା ସମାଧାନ କରିପାରିବ ନାହିଁ। ଭାରତ ଆର୍ଥିକ ଦୃଷ୍ଟିରୁ ସଫଳ ହୋଇଥିଲେ ବି ଆଗକୁ ଅନେକ ବଡ଼ ଆହ୍ୱାନର ସମ୍ମୁଖୀନ ହେବ ବୋଲି ମାସ୍କିନ କହିଛନ୍ତି।



ସମଲେଇ ଯୋଜନାରେ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହୋଇଛି।

## ୧୦% ସୁଧ ଲୋଭ ଦେଖାଇ ୩.୮ ଲକ୍ଷ ଠକିନେଲେ

**କଟକ ଅଫିସ,୩୧।୭**

ଏକ ସରକାରୀ ସଂସ୍ଥାରେ ଟଙ୍କା ବିନିଯୋଗ କରି ମାସିକ ୧୦ ପ୍ରତିଶତ ସୁଧ ପାଇବାର ପ୍ରଲୋଭନ ଦେଖାଇ ଜଣେ ବ୍ୟକ୍ତି ୩ଲକ୍ଷ ୮୦ ହଜାର ଟଙ୍କା ଠକି ନେଇଥିବା ମଧୁପାଟଣା ଥାନାରେ ଅଭିଯୋଗ ହୋଇଛି। ମଧୁପାଟଣା ଥାନା ଅନ୍ତର୍ଗତ ସାର୍ତ୍ତୋଳ ଅଞ୍ଚଳର ସୁନିତା ମଲ୍ଲିକଙ୍କ ଅଭିଯୋଗ ଅନୁଯାୟୀ, ଜଗତ୍‌ସିଂହପୁର ଜିଲାର ପ୍ରଶାନ୍ତ ଦାସ ସାର୍ତ୍ତୋଳରେ ରହୁଥିଲେ। ସେ ଏକ ସରକାରୀ ସଂସ୍ଥାରେ ଡ୍ରାଇଭର ଭାବେ ଚାକିରି କରିଛନ୍ତି। ଉକ୍ତ ସଂସ୍ଥାରେ ଟଙ୍କା ବିନିଯୋଗ କଲେ ମାସିକ ୧୦ ପ୍ରତିଶତ ସୁଧ ମିଳିବ ବୋଲି ପ୍ରଶାନ୍ତ ପ୍ରତିଶ୍ରୁତି ଦେଇଥିଲେ। ଏହିଭଳି ଭାବେ ପ୍ରଶାନ୍ତ ଗତବର୍ଷ ସୁନିତାଙ୍କଠାରୁ ୩ ଲକ୍ଷ ୮୦ ହଜାର ଟଙ୍କା ନେଇଯାଇଥିଲେ। ଗତ ଜାନୁୟାରୀରେ ସାର୍ତ୍ତୋଳ ଅଞ୍ଚଳରୁ ସେ ଫେରାର ହୋଇଯାଇଥିଲେ। ସେହିପରି ପ୍ରଶାନ୍ତ ଆଖପାଖ ଅଞ୍ଚଳର ଏକାଧିକ ଲୋକଙ୍କ ଠାରୁ ୨କୋଟି ଟଙ୍କା ଠକି ନେଇଥିବା ପରବର୍ତ୍ତୀ ସମୟରେ ଜଣାପଡିଥିଲା। ଏ ନେଇ ସୁନିତା ଗତ ଏପ୍ରିଲରେ ମଧୁପାଟଣା ଥାନାରେ ଅଭିଯୋଗ କରିଥିଲେ। କିନ୍ତୁ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ନେଇ ନ ଥିଲା। ଶନିବାର ପୁଣିଥରେ ସୁନିତା ଓ ଅନ୍ୟ କେତେଜଣ ମହିଳା ଠକେଇ ନେଇ ମଧୁପାଟଣା ଥାନାରେ ଅଭିଯୋଗ କରିଛନ୍ତି। ଏନେଇ ମଧୁପାଟଣା ଥାନାଧିକାରୀ ତୁଷାରକାନ୍ତ ସେଠୀ କହିଛନ୍ତି, ଘଟଣାର ତଦନ୍ତ ଜାରି ରହିଛି।

## ସରକାରୀ ଜମିରୁ ଉଚ୍ଛେଦ ଆରମ୍ଭ

**ସମ୍ବଲପୁର,୩୧।୭(ବ୍ୟୁରୋ)**

ସମ୍ବଲପୁର ସମଲେଇ ମନ୍ଦିରର ପାରିପାର୍ଶ୍ୱିକ ବିକାଶ ପାଇଁ ସମଲେଇ ଯୋଜନା କାର୍ଯ୍ୟ ଶନିବାର ଆରମ୍ଭ ହୋଇଛି। ପ୍ରଶାସନିକ ଅଧିକାରୀ ପୂଜାର୍ଚ୍ଚନା କରିବା ପରେ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ପ୍ରଥମେ ସରକାରୀ ଜମିରେ ଥିବା ଅଫିସ ଭଙ୍ଗାଯାଇଥିଲା। ଏସ୍‌ଏମ୍‌ସି ଏନ୍‌ଫୋର୍ସମେଣ୍ଟ ଅଧିକାରୀ ଶୁଭଙ୍କର ମହାନ୍ତି, ତହସିଲଦାର ଲକ୍ଷ୍ମଣ ଅମାତ, ଭୂ ଅର୍ଜନ ଅଧିକାରୀ ଆଦିତ୍ୟ ପଣ୍ଡା, ସହକାରୀ ଜିଲାପାଳ ସୁଶାନ୍ତ ସାହୁ, ଡେପୁଟି ନିର୍ଦ୍ଦେଶକ ମତ୍ସ୍ୟ ବିଭାଗର ବିରଜା ଦ୍ୱିବେଦୀ ଉପସ୍ଥିତ ଥିଲେ। ମତ୍ସ୍ୟ ବିଭାଗ, କୃଷି ବିଭାଗ, ଉଠା ଜଳସେଚନ ବିଭାଗ, ବିହନ ନିଗମ, ପିଏଚ୍‌ଡି ଅଫିସ ଓ କ୍ୱାର୍ଟର୍ସ ରହିଛି। ଏହାକୁ ଭଙ୍ଗାଯିବାକୁ ପ୍ରାୟ ୧୫ଦିନ ଲାଗିପାରେ ବୋଲି ସୂଚନା ମିଳିଛି। ପ୍ରଥମ ଦିନରେ ମତ୍ସ୍ୟ ବିଭାଗର ୪ କ୍ୱାର୍ଟର୍ସ ଭଙ୍ଗାଯାଇଛି। ପରେ ବିସ୍ଥାପିତଙ୍କ ସହ ଆଲୋଚନା କରି କ୍ଷତିପୂରଣ ଦେବା ପରେ ଘର ଭଙ୍ଗାଯିବ ବୋଲି ଏସ୍‌ଏମ୍‌ସି ପକ୍ଷରୁ କୁହାଯାଇଛି। ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅଧ୍ୟକ୍ଷ ତଥା ରାଜ୍ୟ ସରକାରଙ୍କ ମୁଖ୍ୟ ପରାମର୍ଶଦାତା ଅସିତ ତ୍ରିପାଠୀ ବୁଧବାର ସମ୍ବଲପୁର ଗସ୍ତ କରି ସମଲେଇ ଯୋଜନାର ସମୀକ୍ଷା କରି କାମ ତ୍ୱରାନ୍ୱିତ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହାକୁ ନେଇ ପ୍ରଶାସନ ସ୍ତରରେ ତତ୍ପରତା ଦେଖାଦେଇଛି। ଶୁକ୍ରବାର ମହାନଗର ନିଗମ କମିଶନର ଅନିରୁଦ୍ଧ ପ୍ରଧାନ, ଉପଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ଡେପୁଟି କଲେକ୍ଟର ବିନୋଦ ଦାଶ, ସହାୟକ ଜିଲାପାଳ ସୁଶାନ୍ତ ସାହୁ ପ୍ରମୁଖ ପରିଦର୍ଶନ କରିଥିଲେ। ସୂଚନାଯୋଗ୍ୟ, ସମଲେଇ ଯୋଜନା ପାଇଁ ୨୫୦ କୋଟି ଟଙ୍କା ମଞ୍ଜୁର ହୋଇଛି। ଏଥିରେ ପ୍ରାୟ ୨ ଶହ ପରିବାର ବିସ୍ଥାପିତ ହେବାକୁ ଥିବାବେଳେ ପ୍ରାୟ ୩୯ ଏକର ଜମି ଅଧିଗ୍ରହଣ କରାଯିବ।

### ସମଲେଇ ଯୋଜନା

## ଇଣ୍ଡିଆ ବୁକ୍ ଅଫ୍ ରେକର୍ଡରେ ସମ୍ପୂର୍ଣ୍ଣା

**ଉମରକୋଟ,୩୧।୭(ସ୍ୱ.ପ୍ର.)**

ଉପାନ୍ତ ଅଞ୍ଚଳରେ ବିରଳ ପ୍ରତିଭାଙ୍କ ବୟସ ୨ ବର୍ଷ ମାତ୍ର। ହେଲେ ତାଙ୍କ ପାଟିରୁ ବାହାରୁଛି ଅନେକ ଜଟିଳ ପ୍ରଶ୍ନର ଉତ୍ତର। କୌଣସି ବସ୍ତୁ, ରଙ୍ଗ, ଆକାର, ଜୀବଜନ୍ତୁ, ପଶୁପକ୍ଷୀଙ୍କ ଶବ୍ଦ ଓ ଭଜନ, ବିପରୀତ ଶବ୍ଦ, ଗୀତ ଆଦି ସେ ନିର୍ଭୁଲ୍ କହିପାରନ୍ତି। ତାଙ୍କ ସ୍ମରଣ ଶକ୍ତି ଆଗରେ ଅଧିକ ବୟସର ପିଲାମାନେ ମଧ ହାରିଯିବେ। ଏଭଳି ଜଣେ ବିସ୍ମୟ ଶିଶୁ ହେଲେ ନବରଙ୍ଗପୁର ଜିଲା ଉମରକୋଟ ସହର ଗୁଳିପାଟଣା ଅଞ୍ଚଳର ପୂର୍ଣ୍ଣିମା ପଟ୍ଟନାୟକ ଏବଂ ସମୀର ଗନ୍ତାୟତଙ୍କ ଏକମାତ୍ର ଝିଅ ସମ୍ପୂର୍ଣ୍ଣା। ତାଙ୍କ ପ୍ରତିଭା ପାଇଁ ସେ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡରେ ସ୍ଥାନ ପାଇଛନ୍ତି।

ତୁଳସୀ ଦୁଇପତ୍ରରୁ ବାସିଲା ଭଳି ସମ୍ପୂର୍ଣ୍ଣାଙ୍କ ପ୍ରତିଭା ତଥା ସ୍ମରଣଶକ୍ତି ପିଲାଟି ଦିନରୁ ହିଁ ବାରି ହୋଇଥିଲା। ଯେକୌଣସି ପ୍ରଶ୍ନ ତାଙ୍କୁ ପଚାରିଲେ ସଙ୍ଗେସଙ୍ଗେ ସେ ଉତ୍ତର ଦିଅନ୍ତି। ମା’, ବାପା ଠିକ୍ ସମୟରେ ତାଙ୍କ ପ୍ରତିଭା ପରଖି ଉତ୍ସାହିତ କରିଥିଲେ। ଏବେ ସମ୍ପୂର୍ଣ୍ଣା ଇଣ୍ଡିଆ ବୁକ୍ ଅଫ୍ ରେକର୍ଡରେ ସ୍ଥାନ ପାଇବାର ଗୌରବ ହାସଲ କରିଛନ୍ତି। ଏହି ପ୍ରତିଯୋଗିତା ବିଷୟରେ ବାପା ସମୀର ଅନ୍‌ଲାଇନରୁ ଜାଣିବା ପରେ ଝିଅକୁ ପ୍ରସ୍ତୁତ କରାଇଥିଲେ। ୨୦୨୧ ଜୁନ୍ ୧୦ରେ ପ୍ରତିଯୋଗିତା ପାଇଁ ଆବେଦନ କରିଥିଲେ। ପରବର୍ତ୍ତୀ ସମୟରେ ଅନୁଷ୍ଠାନ ପକ୍ଷରୁ ଶିଶୁଟିର ସମସ୍ତ ପ୍ରତିଭା ନେଇ ସଂସ୍ଥା ତଥ୍ୟ ମାଗିଥିଲା। ଏହାକୁ ଆଧାରକରି ସମ୍ପୂର୍ଣ୍ଣାଙ୍କ ବାପା ଝିଅର ୨୦ଟି ଭିଡିଓ ପଠାଇଥିଲେ। ଏହା ଦେଖିବା ପରେ ଅନୁଷ୍ଠାନ ପକ୍ଷରୁ ଭିଡିଓ କଲ୍ ମାଧ୍ୟମରେ ସମ୍ପୂର୍ଣ୍ଣାଙ୍କୁ ବିଭିନ୍ନ ପ୍ରଶ୍ନ ପଚାରିଥିଲେ। ସେ ସମସ୍ତ ପ୍ରଶ୍ନର ଠିକ୍ ଉତ୍ତର ଦେଇପାରିଥିଲେ। ଉକ୍ତ ପ୍ରଶ୍ନ ମଧ୍ୟରେ ୪୬ଟି ପଶୁଙ୍କ ନାମ, ୨୦ ପକ୍ଷୀର ନାମ, ୧୮ ପ୍ରକାର ପରିବା, ୧୮ ପ୍ରକାର ଫୁଲ, ୧୭ ପ୍ରକାର ଫଳ,୧୧ ରଙ୍ଗ,୧୧ ଆକାର, ୬ କୀଟପତଙ୍ଗ, ୮ ଖାଦ୍ୟ ପଦାର୍ଥର ନାମ ରହିଛି।


ସମ୍ପୂର୍ଣ୍ଣା

### ଅନେକ ଜଟିଳ ପ୍ରଶ୍ନର ଉତ୍ତର ତାଙ୍କ ପାଟିରେ

## ୨୧ ହଜାର ଟଙ୍କା ଫେରାଇଦେଲେ

**ଫୁଲନଖରା,୩୧।୭(ଡି.ଏନ.ଏ.)**

ଅର୍ଥସର୍ବସ୍ୱ ସମାଜରେ ଜଣେ ଗୁପ୍‌ଚୁପ୍ ବ୍ୟବସାୟୀ ଜଣେ ମହିଳାଙ୍କ ୨୧ ହଜାର ଟଙ୍କା ଫେରସ୍ତ କରି ମହାନତା ଦେଖାଇଛନ୍ତି। ସେ ହେଲେ କଟକ ଜିଲା ବାରଙ୍ଗ ବ୍ଲକ ନଗରୀ ପଞ୍ଚାୟତ ଅନ୍ତର୍ଗତ ମହୀଧରପଡା ରଙ୍ଗଣୀସାହିର ସୂର୍ଯ୍ୟକାନ୍ତ ସାହୁ। ପ୍ରତିଦିନ ମହୀଧରପଡା ହାଇସ୍କୁଲ ନିକଟରେ ସେ ଗୁପ୍‌ଚୁପ୍ ବିକ୍ରି କରନ୍ତି। ସେଥିରୁ ଯାହା ରୋଜଗାର ହୁଏ ସେଥିରେ ପରିବାର ଚଳାନ୍ତି। ଶନିବାର ସେ ଗୁପ୍‌ଚୁପ୍ ବିକ୍ରି କରୁଥିବା ସମୟରେ ହଠାତ୍ ତାଙ୍କ ମୋବାଇଲକୁ ଏକ ମେସେଜ ଆସିଥିଲା। ଏଥିରେ ସେ ଜାଣିବାକୁ ପାଇଥିଲେ, ଫୁଲନଖରା କାନାରା ବ୍ୟାଙ୍କରେ ଥିବା ତାଙ୍କ ଆକାଉଣ୍ଟରେ ୨୧ହଜାର ଟଙ୍କା ଡିପୋଜିଟ୍ ହୋଇଛି। ତୁରନ୍ତ ସେ ବ୍ୟାଙ୍କକୁ ଯାଇ ମ୍ୟାନେଜରଙ୍କଠାରୁ ବୁଝିବାରୁ ଉକ୍ତ ଟଙ୍କା ପୁରୀ ବାଲିଘାଟ ସାହିର ଦାମିନୀ ପ୍ରଧାନଙ୍କର ବୋଲି ଜାଣିବାକୁ ପାଇଥିଲେ। ଏହାପରେ ସୂର୍ଯ୍ୟକାନ୍ତ ବ୍ୟାଙ୍କ ମ୍ୟାନେଜରଙ୍କଠାରୁ ମୋବାଇଲ ନମ୍ବର ଆଣି ଦାମିନୀଙ୍କୁ ଯୋଗାଯୋଗ କରିଥିଲେ। ଭୁଲ୍ ବଶତଃ ଟଙ୍କା ଟ୍ରାନ୍ସଫର ହୋଇଯାଇଛି ବୋଲି ଦାମିନୀ ସୂର୍ଯ୍ୟକାନ୍ତଙ୍କୁ କହିଥିଲେ। ଏହାପରେ ସୂର୍ଯ୍ୟକାନ୍ତ ଉକ୍ତ ଟଙ୍କା ଦାମିନୀଙ୍କ ଆକାଉଣ୍ଟରେ ଡିପୋଜିଟ୍ କରିଥିଲେ।

### ଗୁପ୍‌ଚୁପ୍ ବ୍ୟବସାୟୀଙ୍କ ମହାନତା


ସୂର୍ଯ୍ୟକାନ୍ତ ସାହୁ

## କଳିଙ୍ଗ ସ୍ଥାପତ୍ୟ ଶୈଳୀରେ ହେବ ମଠ ପୁନଃ ନିର୍ମାଣ

**ପୁରୀ ଅଫିସ, ୩୧।୭**

ଶ୍ରୀମନ୍ଦିର ଐତିହ୍ୟ ସୁରକ୍ଷା କରିଡର୍ କାର୍ଯ୍ୟ ଖୁବ୍‌ଶୀଘ୍ର ଆରମ୍ଭ ହେବ। ଏଥିପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଓଡ଼ିଶା ବ୍ରିଜ୍ ଆଣ୍ଡ କର୍ପୋରେଶନ ଲିମିଟେଡ୍ (ଓବି ଆଣ୍ଡ୍ ସିସି)କୁ ଦାୟିତ୍ୱ ଦିଆଯାଇଛି। ଶ୍ରୀମନ୍ଦିରର ୭୫ ମିଟର କରିଡର ଭିତରେ ଥିବା ସମସ୍ତ ମଠକୁ କଳିଙ୍ଗ ସ୍ଥାପତ୍ୟ ଶୈଳୀରେ ପୁନଃନିର୍ମାଣ କରାଯିବ। ପ୍ରାଥମିକ ପର୍ଯ୍ୟାୟରେ ଲଙ୍ଗୁଳି ମଠ, ବଡ଼ଛତା ମଠ ଓ ଛାଉଣି ମଠର ସୌନ୍ଦର୍ଯ୍ୟକରଣ ହେବ। ଏଥିସହ ମଠ ଗାଦିଗୃହ, ମନ୍ଦିର ଓ ଧ୍ୟାନମଣ୍ଡପ ଆଦିକୁ ନୂତନ ରୂପ ଦିଆଯିବ।

ଶନିବାର ଓବି ଆଣ୍ଡ୍ ସିସିର ପରିଚାଳନା ନିର୍ଦ୍ଦେଶକ (ଏମ୍‌ଡି) ଜୟକୃଷ୍ଣ ଦାସ, ଭାସ୍କର୍ଯ୍ୟ ଶିଳ୍ପୀ ପଦ୍ମବିଭୂଷଣ ସୁଦର୍ଶନ ସାହୁ ଏବଂ କେତେଜଣ ଅଧିକାରୀ ପୁରୀ ଆସି ଏହି କାର୍ଯ୍ୟର ସମୀକ୍ଷା କରିଛନ୍ତି। ଖୁବଶୀଘ୍ର ଶ୍ରୀମନ୍ଦିର ଐତିହ୍ୟ କରିଡର କାର୍ଯ୍ୟ ଆରମ୍ଭ ହେବ ବୋଲି ଶିଳ୍ପୀ ସାହୁ କହିଛନ୍ତି। ସିଂହଦ୍ୱାର ନିକଟରେ ଥିବା ଲଙ୍ଗୁଳି ମଠ ଓ ସିଂହଦ୍ୱାର ଦୁଇପାର୍ଶ୍ୱରେ ଥିବା ବଡ଼ଛତା ମଠ ଓ ଛାଉଣି ମଠର ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯିବ। ମଠ ଦୁଇଟି ମନ୍ଦିର ଆକୃତିର ହେବ। ଶ୍ରୀମନ୍ଦିର ଯେଉଁ ପଥରରେ ନିର୍ମାଣ ହୋଇଛି ସେହି ପଥର ବ୍ୟବହାର କରାଯିବ। ଅନ୍ୟପକ୍ଷରେ ବିଶ୍ୱ ଐତିହ୍ୟ ସହର ପରିକଳ୍ପନା ପାଇଁ ଅବଢ଼ା ଯୋଜନାରେ ୩୫୦୦ କୋଟି ଟଙ୍କାର ଅଟକଳ କରାଯାଇଛି। ସେହି ଅନୁପାତରେ ଐତିହ୍ୟ କରିଡର କାମ ହେବ ବୋଲି ଓବିସିସିର ଏମ୍‌ଡି କହିଛନ୍ତି। ତେବେ ଅବଢ଼ା ଯୋଜନାରେ ୮୦୦ କୋଟି ଟଙ୍କା ବ୍ୟୟରେ ଆରମ୍ଭ ହେବାକୁ ଥିବା ଐତିହ୍ୟ କରିଡର୍ କାର୍ଯ୍ୟର ରୂପରେଖ କ’ଣ ହେବ ସେନେଇ ଏବେ ପ୍ରଶ୍ନ ଉଠିଛି। ଏଥିପାଇଁ ପ୍ରାୟ ଦୁଇବର୍ଷ ପୂର୍ବରୁ ଶ୍ରୀମନ୍ଦିର ଚତୁଃପାର୍ଶ୍ୱରେ ଥିବା ମଠଗୁଡ଼ିକୁ ଉଚ୍ଛେଦ କରାଯାଇଥିଲା। ୧୪ରୁ ୧୮ ମାସ ମଧ୍ୟରେ ଉକ୍ତ ମଠଗୁଡ଼ିକର ପୁନରୁଦ୍ଧାର କରାଯିବ ବୋଲି ପ୍ରଶାସନ ପ୍ରତିଶ୍ରୁତି ଦେଇଥିଲା। କିନ୍ତୁ ଏହି ପ୍ରତିଶ୍ରୁତି ପାଳନ ହୋଇ ନ ଥିବାରୁ ମଠାଧୀଶମାନେ କ୍ଷୋଭ ପ୍ରକାଶ କରିଥିଲେ। ତେବେ ଓବିସିସିର ବୈଷୟିକ ଟିମ୍ ସମେତ ସ୍ଥପତି ପୁରୀ ଆସି ବିଭିନ୍ନ ମଠ ଅନୁଧ୍ୟାନ କରିବା ପରେ ଏବେ ମଠଗୁଡ଼ିକର ପୁନରୁଦ୍ଧାର ହେବ ବୋଲି ଆଶା ସଞ୍ଚାର ହୋଇଛି।


କାର୍ଯ୍ୟର ସମୀକ୍ଷା କରୁଛନ୍ତି ସ୍ଥପତି ସୁଦର୍ଶନ ସାହୁ ଓ ଅନ୍ୟମାନେ।

## ପିସିସି ସୋସିଆଲ ମିଡିଆର ନୂଆ କମିଟି

**ଭୁବନେଶ୍ୱର, ୩୧।୭ (ବ୍ୟୁରୋ)**

ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ଅନୁମୋଦନ କ୍ରମେ ଓଡ଼ିଶା ପ୍ରଦେଶ କଂଗ୍ରେସ ସୋସିଆଲ ମିଡିଆ ଅଧ୍ୟକ୍ଷ ଅଭିଷେକ ମହାନନ୍ଦ ଶନିବାର ନୂତନ କମିଟି ଘୋଷଣା କରିଛନ୍ତି। ଏହି କମିଟିରେ ବରିଷ୍ଠ କଂଗ୍ରେସ ନେତା ତଥା ମୁଖପାତ୍ର ସୁଦର୍ଶନ ଦାସ, ବିସ୍ମୟ ମହାପାତ୍ର, ଅମୀୟ ପାଣ୍ଡବ, ରଜନୀ ମହାନ୍ତି, ମମତା କୁଣ୍ଡୁ ପ୍ରମୁଖ କାର୍ଯ୍ୟକାରୀ ସଦସ୍ୟ ରହିଛନ୍ତି। ସେହିପରି କୁମାରୀ ସମସିଦା ତାୟବ, ଜୋଏତା ରାୟ, ମାହେପର ନିଖିତଙ୍କ ସମେତ ବିନୋଦ ବିହାରୀ ନାୟକ, ପୀତବାସ ପଣ୍ଡା, ପୱନ ଶର୍ମା, ଚେତନ ମିଶ୍ର, ସୀମାଞ୍ଚଳ ଉଲ୍ଲାକା, ଦୀପକ ମହାପାତ୍ର, ଚନ୍ଦନ ରାୟ, ସୁବାସ ନାୟକ, ଜଗଜ୍ଜୀବନ ମହାନ୍ତି, ମୁରଲୀଧର ନାୟକ, ମୁକେଶ ଅଗ୍ରୱାଲ ପ୍ରମୁଖ ସାଧାରଣ ସମ୍ପାଦକ ଭାବେ ରହିଛନ୍ତି। ଆଗାମୀ ଦିନରେ ସାମାଜିକ ଗଣମାଧ୍ୟମରେ କଂଗ୍ରେସକୁ ସୁଦୃଢ଼ କରିବା ପାଇଁ ରାଜ୍ୟର ପ୍ରତି ବ୍ଲକରେ ସଂଯୋଜକ ନିଯୁକ୍ତ କରାଯିବ ବୋଲି ମହାନନ୍ଦ କହିଛନ୍ତି। ଏହି ଅବସରରେ ରାଜ୍ୟ ସମେତ ଦେଶରେ ଘଟୁଥିବା ଦୁର୍ନୀତିକୁ ସାମାଜିକ ଗଣମାଧ୍ୟମ ଦ୍ୱାରା ଲୋକଲୋଚନକୁ ଆଣିବାକୁ ପିସିସି ସଭାପତି ପରାମର୍ଶ ଦେଇଛନ୍ତି।



ଟୋକିଓ ଆକ୍ୱାଟିକ୍ ସେଣ୍ଟରରେ ଶନିବାର ଅନୁଷ୍ଠିତ ମହିଳା ଡାଇଭିଂ ୩ ମିଟର ସ୍ପ୍ରିଙ୍ଗ୍‌ବୋର୍ଡ ସେମିଫାଇନାଲ ଅବସରରେ ରୁଷିଆନ ଅଲିମ୍ପିକ୍ କମିଟି ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ମାରିଆ ପୋଲିଆକୋଭା।

# ବ୍ରୋଞ୍ଜ ପାଇଁ ଲଢ଼ିବେ ସିନ୍ଧୁ

**ଟୋକିଓ,୩୧।୭:** ଅଲିମ୍ପିକ୍ସ ମହିଳା ବ୍ୟାଡ୍‌ମିଣ୍ଟନ ଇଭେଣ୍ଟରେ ବିଶ୍ୱ ଚାମ୍ପିୟନ ତଥା ଭାରତୀୟ ତାରକା ପି.ଭି. ସିନ୍ଧୁ ସେମିରେ ପରାସ୍ତ ହୋଇଛନ୍ତି। ଫଳରେ ଭାରତୀୟ ପ୍ରଶଂସକମାନେ ନିରାଶ ହୋଇଛନ୍ତି। ମହିଳା ସିଙ୍ଗଲ୍ସ ସେମିଫାଇନାଲରେ ସିନ୍ଧୁ ଶନିବାର ବିଶ୍ୱର ୧ ନମ୍ବର ଖେଳାଳି ଚାଇନିଜ ତାଇପେର ତାଇ ଜୁ ୟିଙ୍ଗଙ୍କଠାରୁ ପରାସ୍ତ ହୋଇଛନ୍ତି। ଫଳରେ ସ୍ୱର୍ଣ୍ଣ ସହିତ ରୌପ୍ୟ ପଦକ ମଧ୍ୟ ସିନ୍ଧୁ ହାତଛଡ଼ା କରିଛନ୍ତି। ଏବେ ସିନ୍ଧୁ ରବିବାର ଅପରାହ୍ଣ ୫ଟାରେ ତୃତୀୟ ସ୍ଥାନ ପ୍ଲେ- ଅଫ୍‌ରେ ବ୍ରୋଞ୍ଜ ପଦକ ପାଇଁ ଚାଇନାର ହେ ବିଙ୍ଗ୍ ଜିଆଓଙ୍କ ବିପକ୍ଷରେ ଲଢେଇରେ ଅବତୀର୍ଣ୍ଣ ହେବେ।

୫ ବର୍ଷ ତଳେ ୨୦୧୬ ରିଓ ଅଲିମ୍ପିକ୍ସରେ ସିନ୍ଧୁ ଫାଇନାଲରେ ପରାସ୍ତ ହୋଇ ରୌପ୍ୟ ପଦକ ହାସଲ କରିଥିଲେ। ୨୬ ବର୍ଷୀୟା ସିନ୍ଧୁ ଗତ ୫ ବର୍ଷ ହେବ ବିଶ୍ୱର ସବୁଠାରୁ ସ୍ଥିର ପ୍ରଦର୍ଶନ କରୁଥିବା ଖେଳାଳିର ମାନ୍ୟତା ହାସଲ କରିଥିଲେ ଓ ବଡ଼ ବଡ଼ ଟୁର୍ନାମେଣ୍ଟରେ

## ସେମିରେ ତାଇ ଜୁ ୟିଙ୍ଗଙ୍କଠାରୁ ପରାସ୍ତ

ପଦକ ହାସଲ କରିଆସୁଥିଲେ। କିନ୍ତୁ ଏହି ହାଇପ୍ରୋଫାଇଲ ସେମିଫାଇନାଲରେ ସେ ଏହି ପ୍ରଦର୍ଶନକୁ ଦୋହରାଇ ପାରି ନ ଥିଲେ। ତାଇ ଜୁ ସବୁ ବିଭାଗରେ ସିନ୍ଧୁଙ୍କୁ ପରାସ୍ତ କରିଥିଲେ। ମାଇଣ୍ଡ ଗେମ, ଲମ୍ବା ରାଲି ଓ ଲାଇନ୍ ଜଜ୍‌ମେଣ୍ଟରେ ସେ ସିନ୍ଧୁଙ୍କୁ ଚକ୍‌ମା ଦେଇଥିଲେ। ଫଳରେ ସିନ୍ଧୁ ୧୮–୨୧, ୧୨– ୨୧ରେ ପରାସ୍ତ ହୋଇଥିଲେ। ପ୍ରଥମ ଗେମ୍‌ରେ ଉଭୟ ଖେଳାଳିଙ୍କ ମଧ୍ୟରେ କଡ଼ା ସଂଘର୍ଷ ଦେଖିବାକୁ ମିଳିଥିଲା। କିନ୍ତୁ ଦ୍ୱିତୀୟ ଗେମ୍‌ରେ ତାଇ ଜୁ ଏକତରଫା ଭାବେ ବିଜୟ ହାସଲ କରିଥିଲେ। ତାଇ ଜୁଙ୍କ ମୁକାବିଲା କରିପାରି ନ ଥିଲେ ସିନ୍ଧୁ। କୌଣସି ଦିଗରେ ସିନ୍ଧୁ ତାଇ ଜୁଙ୍କ ଉପରେ ପ୍ରଭାବ ବିସ୍ତାର କରିପାରି ନ ଥିଲେ। ପୂର୍ବରୁ ମଧ୍ୟ ବିଭିନ୍ନ ମୁକାବିଲାରେ ତାଇ ଜୁ ସିନ୍ଧୁଙ୍କ ବିପକ୍ଷରେ ସବୁବେଳେ ଭଲ ପ୍ରଦର୍ଶନ କରି ଆସିଛନ୍ତି। ସେ ନିଜର ମୋଶନ ସ୍କିଲ୍‌ରେ ସମସ୍ତଙ୍କୁ ଚକ୍‌ମା ଦେବାରେ ଅଭ୍ୟସ୍ତ ରହିଆସିଛନ୍ତି।

ଅପରପକ୍ଷରେ ତାଇ ଜୁ ପ୍ରଥମଥର ପାଇଁ ଅଲିମ୍ପିକ୍ସ ଫାଇନାଲରେ ପ୍ରବେଶ କରି ରୌପ୍ୟ ପଦକ ପକ୍କା କରିଛନ୍ତି। ଅନ୍ୟପଟେ ସିନ୍ଧୁ ବିଶ୍ୱ ଚାମ୍ପିୟନଶିପ୍‌ରେ ୩ ବ୍ରୋଞ୍ଜ, ୨ ରୌପ୍ୟ ଓ ଗୋଟିଏ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ରିଓ ଅଲିମ୍ପିକ୍ସରେ ସିନ୍ଧୁ ରାଉଣ୍ଡ ପର୍ଯ୍ୟାୟରେ ତାଇ ଜୁଙ୍କୁ ୨୧–୧୩, ୨୧–୧୫ରେ ହରାଇଥିଲେ। ତେବେ ଫାଇନାଲରେ ସ୍ପେନର କରୋଲିନା ମାରିନଙ୍କଠାରୁ ପରାସ୍ତ ହୋଇ ରୌପ୍ୟ ପଦକରେ ସନ୍ତୁଷ୍ଟ ହୋଇଥିଲେ।

ଏହି ପରାଜୟରେ ସିନ୍ଧୁ ନୈରାଶ୍ୟ ପ୍ରକାଶ କରିଛନ୍ତି। ଏହା ସେମିଫାଇନାଲ ହୋଇଥିବାରୁ ନିଶ୍ଚିତ ଭାବେ ଦୁଃଖ ଅନୁଭବ କରୁଛି



ସେମିଫାଇନାଲରେ ପରାଜୟ ପରେ ପି.ଭି. ସିନ୍ଧୁ।

ବୋଲି ସେ କହିଛନ୍ତି। ଶ୍ରେଷ୍ଠ ଖେଳ ପ୍ରଦର୍ଶନ କରିବାକୁ ପ୍ରୟାସ କରିଥିଲି। ଶେଷ ପର୍ଯ୍ୟନ୍ତ ଲଢେଇ କରିଥିଲି। କିନ୍ତୁ ଆଜି ମୋର ଦିନ ନ ଥିଲା ବୋଲି ସିନ୍ଧୁ କହିଛନ୍ତି। ଉଭୟ ଖେଳାଳିଙ୍କ ମଧ୍ୟରେ ୧୯ଟି ମୁକାବିଲା ହୋଇଛି। ଏଥିରେ ସିନ୍ଧୁ ୧୪ଥର ପରାଜୟ ବରଣ କରିଛନ୍ତି। ଗତ ୩ଟି ମୁକାବିଲାରେ ମଧ୍ୟ ସିନ୍ଧୁ ପରାସ୍ତ ହୋଇଥିଲେ। ତେଣୁ ସେମିଫାଇନାଲରେ ତାଇ ଜୁ ଫେଭରାଇଟ ବିବେଚିତ ହେଉଥିଲେ। ଏବେ ବ୍ରୋଞ୍ଜ ପଦକ ପାଇଁ ଖେଳିବି। ତେବେ ଏଥିପାଇଁ ମଧ୍ୟ ମୋତେ ଆଉଥରେ ପ୍ରୟାସ କରିବାକୁ ହେବ। ଏହାପୂର୍ବରୁ ଶୁକ୍ରବାର ଷଷ୍ଠ ସିଡ୍ ସିନ୍ଧୁ ବିଶ୍ୱର ୫ ନମ୍ବର ଖେଳାଳି ଜାପାନର ଅକେନ ୟାମାଗୁଚିଙ୍କୁ କ୍ୱାର୍ଟର ଫାଇନାଲରେ ହରାଇ ସେମିରେ ପ୍ରବେଶ କରିଥିଲେ। ପୂର୍ବରୁ ଅଲିମ୍ପିକ୍ସ ବ୍ୟାଡ୍‌ମିଣ୍ଟନରେ ଭାରତୀୟ ଅଭିଯାନ ଶେଷ ହୋଇସାରିଛି। ପୁରୁଷ ସିଙ୍ଗଲ୍ସରେ ବି. ସାଇ ପ୍ରଣୀଥ ଓ ପୁରୁଷ ଡବଲ୍ସ ଇଭେଣ୍ଟରେ ସାତ୍ତ୍ୱିକ ସାଇରାଜ ରାଙ୍କିରେଡ୍ଡୀ ନକ୍‌ଆଉଟ ପର୍ଯ୍ୟାୟକୁ ଉଠିବାରେ ବିଫଳ ହୋଇଥିଲେ।

# ଅଞ୍ଜୁମ୍, ତେଜସ୍ୱିନୀ ବିଫଳ

ଟୋକିଓ, ୩୧।୭ (ପି.ଟି.)

ଭାରତୀୟ ଶୁଟର ଅଞ୍ଜୁମ୍ ମୋଦଗିଲ୍ ଓ ତେଜସ୍ୱିନୀ ସାୱନ୍ତ ମହିଳା ୫୦ ମିଟର ରାଇଫଲ ୩ ପୋଜିଶନ ଇଭେଣ୍ଟର ଫାଇନାଲରେ ପ୍ରବେଶ କରିବାରେ ବିଫଳ ହୋଇଛନ୍ତି। ଉଭୟେ ଯଥାକ୍ରମେ ୧୫ତମ ଓ ୩୩ତମ ସ୍ଥାନରେ ରହିଥିଲେ। ସୁଇଜରଲାଣ୍ଡର ନିନା ଖ୍ରିଷ୍ଟେନ୍ ଅଲିମ୍ପିକ ରେକର୍ଡ ୪୬୩.୯ ସ୍କୋର ସହ ସ୍ୱର୍ଣ୍ଣ ଜିତିଥିବାବେଳେ ରୁଷିଆନ ଅଲିମ୍ପିକ କମିଟି (ଆର୍‌ଓସି) ଆଥ୍‌ଲେଟ ଜୁଲିଆ ଜାଇକୋଭା ଓ ଜୁଲିଆ କାରିମୋଭା ଯଥାକ୍ରମେ ରୌପ୍ୟ ଓ ବ୍ରୋଞ୍ଜ ଜିତିଥିଲେ। ଅଲିମ୍ପିକ୍ସରେ ଭାରତୀୟ ଶୁଟିଂ ଦଳଠାରୁ କିଛି ଚମକପ୍ରଦ ପ୍ରଦର୍ଶନ ଆଶା କରାଯାଉଥିଲା। ମାତ୍ର ତାହା ଦେଖିବାକୁ ମିଳି ନାହିଁ। କେବଳ ସୌରଭ ଚୌଧାରୀ ଫାଇନାଲକୁ ଉନ୍ନୀତ ହୋଇ ପାରିଥିଲେ।

# ଓଧିଆମ୍ବୋ ଡୋପ୍ ଟେଷ୍ଟରେ ବିଫଳ

ଟୋକିଓ, ୩୧।୭ (ଏପି)

କେନିଆନ୍ ସ୍ପ୍ରିଣ୍ଟର ମାର୍କ ଓଧିଆମ୍ବୋ ଡୋପ୍ ଟେଷ୍ଟରେ ଧରାପଡ଼ିଛନ୍ତି। ଟେଷ୍ଟରେ ଏକ ଆନାବୋଲିକ୍ ଷ୍ଟିରଏଡ୍ ପାଇଁ ତାଙ୍କ ଫଳାଫଳ ପଜିଟିଭ ଆସିଥିବା ଇଣ୍ଟରନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି କହିଛି। ଓଧିଆମ୍ବୋ ଶନିବାର ପୁରୁଷ ୧୦୦ ମିଟର ହିଟ୍‌ରୁ ବହିଷ୍କୃତ ହୋଇଛନ୍ତି। ଆଥ୍‌ଲେଟ ଜଣକ କିନ୍ତୁ ସସ୍‌ପେଣ୍ଡ ଆଦେଶକୁ କୋର୍ଟ ଅଫ୍ ଆର୍ବିଟ୍ରେଶନ୍ସ ଫର ସ୍ପୋର୍ଟ୍ସ (କାସ୍)ରେ ଚ୍ୟାଲେଞ୍ଜ କରିଛନ୍ତି। ଓଧିଆମ୍ବୋ ପ୍ରତିଯୋଗିତାରେ ଭାଗ ନେବା ପୂର୍ବରୁ ଟୋକିଓସ୍ଥିତ ଅଲିମ୍ପିକ ଟେଷ୍ଟିଂ ଲାବୋରେଟୋରି ଶନିବାର ପଜିଟିଭ ଟେଷ୍ଟ ଫଳାଫଳ ଶନିବାର ପ୍ରକାଶ କରିଥିଲା। ଏହି ୨୮ବର୍ଷୀୟ ଆଥ୍‌ଲେଟ ୬ ସପ୍ତାହ ପୂର୍ବେ ତାଙ୍କ କ୍ୟାରିୟରର ଶ୍ରେଷ୍ଠ ପ୍ରଦର୍ଶନ କରିଥିଲେ। ତାଙ୍କର ଟାଇମିଂ ଥିଲା ୧୦.୦୫ ସେକେଣ୍ଡ।



ମାର୍କ ଓଧିଆମ୍ବୋ

# ବିଶ୍ୱ ରେକର୍ଡ ସହ ଆଉଏକ ସ୍ୱର୍ଣ୍ଣ ଜିତିଲେ ଡ୍ରେସେଲ

ଟୋକିଓ,୩୧।୭

ଆମେରିକୀୟ ସନ୍ତରଣକାରୀ କାଏଲେବ ଡ୍ରେସେଲ ଚଳିତ ଟୋକିଓ ଅଲିମ୍ପିକ୍ସରେ ତୃତୀୟ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଶନିବାର ଅନୁଷ୍ଠିତ ୧୦୦ ମିଟର ବଟରଫ୍ଲାଏ ଇଭେଣ୍ଟରେ ସେ ବିଶ୍ୱ ରେକର୍ଡ ସୃଷ୍ଟି କରିବା ସହ ସ୍ୱର୍ଣ୍ଣ ଜିତିଛନ୍ତି। ଏହା ପୂର୍ବରୁ ସେ ୮୦୦ ମିଟର ଫ୍ରିଷ୍ଟାଇଲ୍ ଇଭେଣ୍ଟରେ ମଧ୍ୟ ସ୍ୱର୍ଣ୍ଣ ଜିତିଥିଲେ। ୧୦୦ମିଟର ବଟର ଫ୍ଲାଏରେ ଡ୍ରେସେଲ ୪୯.୪୫ ସେକେଣ୍ଡ ସମୟ ନେଇ ପ୍ରଥମ ହୋଇଥିଲେ। ସେହିପରି ହଙ୍ଗେରୀର କ୍ରିଷ୍ଟୋଫ୍ ମିଲାକ ୪୯. ୬୮ ସେକେଣ୍ଡ ସମୟ ନେଇ ରୌପ୍ୟ ପଦକ ଜିତିଛନ୍ତି। ମିଲାକ ପୂର୍ବରୁ ୨୦୦ ମିଟର ଫ୍ଲାଏରେ ବିଜୟୀ ହୋଇଥିଲେ। ଅନ୍ୟପଟେ ସୁଇଜରଲାଣ୍ଡର ନୋଏ ପୋଣ୍ଟି ବ୍ରୋଞ୍ଜ ପଦକ ଜିତିଛନ୍ତି।

# ମହିଳା ସିଙ୍ଗଲ୍ସରେ ବେନ୍‌ସିକ୍‌ଙ୍କୁ ସ୍ୱର୍ଣ୍ଣ

ଟୋକିଓ,୩୧।୭ (ଏପି): ସୁଇଜରଲାଣ୍ଡର ବେଲିଣ୍ଡା ବେନ୍‌ସିକ୍ ଅଲିମ୍ପିକ ଟେନିସ ମହିଳା ସିଙ୍ଗଲ୍ସରେ ସ୍ୱର୍ଣ୍ଣ ପଦକ ଲାଭ କରିଛନ୍ତି। ୧୨ତମ ର୍‌ୟାଙ୍କିଙ୍ଗପ୍ରାପ୍ତ ବେନ୍‌ସିକ୍ ଚେକ୍ ରିପବ୍ଲିକର ମାର୍କେଟା ଭୋନ୍ଦ୍ରୋସୋଭାଙ୍କୁ ୭–୫, ୨–୬, ୬–୩ ସେଟ୍‌ରେ ପରାସ୍ତ କରି ତାଙ୍କ କ୍ୟାରିୟରର ପ୍ରଥମ ପ୍ରମୁଖ ଟାଇଟଲ ହାସଲ କରିଛନ୍ତି। ବେନ୍‌ସିକ୍ ଆହୁରି ମଧ୍ୟ ମହିଳା ଡବଲ୍ସ ଫାଇନାଲରେ ପ୍ରବେଶ କରିଛନ୍ତି। ବେନ୍‌ସିକ୍ ଓ ତାଙ୍କ ସୁଇସ୍ ପାର୍ଟନର ଭିକ୍ଟୋରିଜା ଗୋଲୁବିକ୍ ସ୍ୱର୍ଣ୍ଣ ପଦକ ମୁକାବିଲାରେ ଟପ୍ ସିଡ୍ ଚେକ୍ ରିପବ୍ଲିକର ବାର୍ବୋରା କ୍ରେଜ୍‌ସିକୋଭା ଓ କାଟରିନା ସିନିଆକୋଭାଙ୍କୁ ଭେଟିବେ।

**ବ୍ରୋଞ୍ଜ ମୁକାବିଲାରେ ହାରିଲେ ଜୋକୋଭିଚ୍**

ଅନ୍ୟପକ୍ଷରେ ପୁରୁଷ ସିଙ୍ଗଲ୍ସରେ ଏକ ଗୋଲ୍ଡେନ ସ୍ଲାମ ହାସଲ କରିବା ଲକ୍ଷ୍ୟ ନେଇ ଆସିଥିବା ସର୍ବୀୟ ଖେଳାଳି ନୋଭାକ୍ ଜୋକୋଭିଚ୍ ତାଙ୍କ ବ୍ରୋଞ୍ଜ ପଦକ ମୁକାବିଲାରେ ହାରିଯାଇଛନ୍ତି। ଏହି ଶୀର୍ଷ ର୍‌ୟାଙ୍କିଙ୍ଗପ୍ରାପ୍ତ ଖେଳାଳିଙ୍କୁ ସ୍ପେନର ପାବ୍‌ଲୋ କାରେନୋ ବୁଷ୍ଟା ୬–୪, ୬–୭ (୬), ୬–୩ ସେଟ୍‌ରେ ହରାଇ ଦେଇଛନ୍ତି।

# ନାଇଜେରିଆନ ସ୍ପ୍ରିଣ୍ଟର ସସ୍‌ପେଣ୍ଡ

## ଡୋପିଂ ଅଭିଯୋଗ

ଟୋକିଓ, ୩୧।୭ (ଏପି)

ଡୋପିଂ ପାଇଁ ନାଇଜେରିଆନ ସ୍ପ୍ରିଣ୍ଟର ବ୍ଲେସିଂ ଓକାଗବାରେଙ୍କୁ ଶନିବାର ସାମୟିକ ସସ୍‌ପେଣ୍ଡ କରାଯାଇଛି। ଅଲିମ୍ପିକ୍ସ ମହିଳା ୧୦୦ମିଟର ସେମିଫାଇନାଲ ପୂର୍ବରୁ ତାଙ୍କ ଡୋପ୍ ଟେଷ୍ଟ ଫଳାଫଳ ଖବର ଆସିଥିଲା। ଜୁଲାଇ ୧୯ରେ ପ୍ରତିଯୋଗିତା ବାହାରେ ଓକାଗବାରେଙ୍କ ଡୋପ୍ ଟେଷ୍ଟ ହୋଇଥିଲା। ତାଙ୍କଠାରୁ ସଂଗ୍ରହ କରାଯାଇଥିବା ନମୁନାରେ ମାନବ ବିକାଶ ହରମୋନ ଠାବ କରାଯାଇଥିଲା। ଯାହାଫଳରେ ନିୟମାନୁସାରେ ଆଥ୍‌ଲେଟିକ୍ସ ଇଣ୍ଟିଗ୍ରିଟି ୟୁନିଟ୍ (ଏଆଇୟୁ) ତାଙ୍କୁ ତୁରନ୍ତ ସାମୟିକ ସସ୍‌ପେଣ୍ଡ କରିଥିଲା। ଡୋପ୍ ଟେଷ୍ଟର ଫଳାଫଳ ଶୁକ୍ରବାର ଟ୍ରାକ୍ ଆଣ୍ଡ ଫିଲ୍ଡ ଆଣ୍ଟି ଡୋପିଂ ପରିଷଦର ହସ୍ତଗତ ହୋଇଥିଲା। ସେତେବେଳକୁ ଟୋକିଓସ୍ଥିତ ଅଲିମ୍ପିକ ଷ୍ଟାଡିୟମରେ ଟ୍ରାକ୍ ପ୍ରତିଯୋଗିତାର ପ୍ରଥମ ଦିବସରେ ୧୦୦ମିଟର ହିଟ୍ ଦୌଡ଼ ଶେଷ ହୋଇସାରିଥିଲା। ଓକାଗବାରେ ୧୧.୦୫ ସେକେଣ୍ଡ ଟାଇମିଂରେ ହିଟ୍ ଜିତିଥିଲେ। ନାଇଜେରିଆନ ଆଥ୍‌ଲେଟ ଜଣକ ଚାହିଁଲେ ତାଙ୍କ ବି’ ସାମ୍ପୁଲ ପରୀକ୍ଷା ପାଇଁ ଆବେଦନ କରିପାରିବେ। ୩୨ ବର୍ଷୀୟା ଓକାଗବାରେ ୨୦୦୮ ବେଜିଂ ଅଲିମ୍ପିକ୍ସ ଓ ୨୦୧୩ ବିଶ୍ୱ ଚାମ୍ପିୟନଶିପ୍‌ରେ ରୌପ୍ୟ ଜିତିଥିଲେ। ସେ ଆହୁରି ମଧ୍ୟ ମସ୍କୋଠାରେ ୨୦୧୩ ବିଶ୍ୱ ଚାମ୍ପିୟନଶିପ୍ ୨୦୦ ମିଟର ଦୌଡ଼ରେ ସ୍ୱର୍ଣ୍ଣ ବିଜୟିନୀ ଶେଲି ଆନ୍ ଫ୍ରେଜର ପ୍ରାଇସ୍‌ଙ୍କ ପଛରେ ବ୍ରୋଞ୍ଜ ଜିତିଥିଲେ। ଟୋକିଓରେ ସେ ୧୦୦ ମିଟର ଟାଇଟଲ ଫେଭରାଇଟ୍ ଥିଲେ। ଆଥ୍‌ଲେଟିକ୍ସ ଇଣ୍ଟିଗ୍ରିଟି ୟୁନିଟ୍ ୩ ଦିନ ପୂର୍ବେ ଘୋଷଣା କରିଥିଲା ଯେ, ବିଭିନ୍ନ ଦେଶର ୨୦ଜଣ ଆଥ୍‌ଲେଟଙ୍କୁ ଅଲିମ୍ପିକ୍ସରେ ଅଂଶଗ୍ରହଣ ପାଇଁ ଅଯୋଗ୍ୟ ଘୋଷଣା କରାଯାଇଛି। ସେମାନଙ୍କ ମଧ୍ୟରେ ନାଇଜେରିଆର ୧୦ ଟ୍ରାକ୍ ଆଣ୍ଡ ଫିଲ୍ଡ ଆଥ୍‌ଲେଟ ରହିଥିଲେ। କାରଣ ଏମାନେ ସମସ୍ତେ ଡୋପିଂ ଟେଷ୍ଟର ସମସ୍ତ ଆବଶ୍ୟକତକୁ ପୂରଣ କରି ନ ଥିଲେ।



ବ୍ଲେସିଂ ଓକାଗବାରେ

# ବ୍ରିଟେନକୁ ଟ୍ରାଏଥଲନ ମିକ୍ସଡ ରିଲେ ସ୍ୱର୍ଣ୍ଣ

ଟୋକିଓ, ୩୧।୭(ଏପି)

ଗ୍ରେଟ୍ ବ୍ରିଟେନ ଏହାର ଅଲିମ୍ପିକ୍ସ ଇତିହାସରେ ପ୍ରଥମଥରପାଇଁ ଟ୍ରାଏଥଲନ ମିକ୍ସଡ ରିଲେ ସ୍ୱର୍ଣ୍ଣ ପଦକ ହାସଲ କରିଛି। ଅନ୍ତିମ ଚରଣରେ ଆଲେକ୍ସ ୟି ଚମତ୍କାର ପ୍ରଦର୍ଶନ କରି ବ୍ରିଟେନକୁ ସ୍ମରଣୀୟ ସଫଳତା ଦେଇଛନ୍ତି। ବ୍ରିଟେନର ୪ ଜଣିଆ ଦଳ ମଧ୍ୟରୁ ୨ ଜଣ ବ୍ୟକ୍ତିଗତ ଇଭେଣ୍ଟରେ ରୌପ୍ୟ ପଦକ ମଧ୍ୟ ହାସଲ କରିଛନ୍ତି। ଟ୍ରାଏଥଲନ ମିକ୍ସଡ ରିଲେ ଆମେରିକାରକୁ ରୌପ୍ୟ ଏବଂ ଫ୍ରାନ୍ସକୁ ବ୍ରୋଞ୍ଜ ପଦକ ମିଳିଛି। ବ୍ରିଟେନ ଦଳର ସଦସ୍ୟ ଜନି ବ୍ରୋନ୍‌ଲିଙ୍କ ପାଇଁ ଏହା ଏକ ଭାବପ୍ରବଣ ବିଜୟ ଥିଲା। ସେ ୨୦୧୨ ଓ ୨୦୧୬ ଅଲିମ୍ପିକ୍ସର ବ୍ୟକ୍ତିଗତ ଇଭେଣ୍ଟରେ ଯଥାକ୍ରମେ ବ୍ରୋଞ୍ଜ ଏବଂ ରୌପ୍ୟ ପଦକ ପାଇଥିଲେ। ଏଥର ସ୍ୱର୍ଣ୍ଣ ପଦକ ତାଙ୍କୁ ପରିବାରର ଡବଲ ଚାମ୍ପିୟନ କରାଇଛି। କାରଣ ତାଙ୍କ ବଡ଼ଭାଇ ଆଲିଷ୍ଟର ମଧ୍ୟ ଜଣେ ଚାମ୍ପିୟନ ଆଥଲେଟ୍।



ମିକ୍ସଡ ରିଲେ ଟ୍ରାଏଥଲନ ପ୍ରତିଯୋଗିତା ପରେ ଆମେରିକା(ବାମ), ବ୍ରିଟେନ (ମଝି) ଓ ଫ୍ରାନ୍ସ ଦଳର ଆଥଲେଟ୍‌ମାନେ ପଦକ ପ୍ରଦର୍ଶନ କରୁଛନ୍ତି।

# ଶତାୟୁ ସ୍ପ୍ରିଣ୍ଟର ମାନ୍ କୌରଙ୍କ ପରଲୋକ

**ଚଣ୍ଡିଗଡ଼, ୩୧।୭ (ପି.ଟି.):** ଶତାୟୁ ସ୍ପ୍ରିଣ୍ଟର ମାନ୍ କୌରଙ୍କର ହୃଦ୍‌ଘାତରେ ଶନିବାର ପରଲୋକ ହୋଇଯାଇଛି। ତାଙ୍କୁ ୧୦୫ ବର୍ଷ ବୟସ ହୋଇଥିଲା। ତାଙ୍କର ୨ପୁଅ ଓ ଜଣେ ଝିଅ ରହିଛନ୍ତି। କୌର କିଛିଦିନ ହେଲା ଅସୁସ୍ଥ ଥିଲେ। ମୋହାଲିସ୍ଥିତ ଏକ ଆୟୁର୍ବେଦ ହସ୍ପିଟାଲରେ ରହି ସେ ଚିକିତ୍ସିତ ହେଉଥିଲେ। ୧୯୧୬ ମାର୍ଚ୍ଚ ୧ରେ ଜନ୍ମ ଗ୍ରହଣ କରିଥିବା କୌର ‘ମିରାକଲ୍ ମମ୍ ଫ୍ରମ୍ ଚଣ୍ଡିଗଡ଼’ ଭାବେ ପରିଚିତ ଥିଲେ। ସେ ୯୩ ବର୍ଷ ବୟସରେ ମଧ୍ୟ ଦୌଡ଼ ପ୍ରତିଯୋଗିତାରେ ଭାଗ ନେଇ ଆସୁଥିଲେ। ୨୦୦୭ରେ ଚଣ୍ଡିଗଡ଼ ମାଷ୍ଟର୍ସ ଆଥ୍‌ଲେଟିକ୍ସ ମିଟ୍‌ରେ ସେ ତାଙ୍କର ପ୍ରଥମ ପଦକ ଲାଭ କରିଥିଲେ। ୨୦୧୭ରେ ଅକ୍‌ଲାଣ୍ଡଠାରେ ୱାର୍ଲ୍ଡ ମାଷ୍ଟର୍ସ ଗେମ୍ସ ୧୦୦ମିଟର ସ୍ପ୍ରିଣ୍ଟ ଜିତିବା ସହ ବହୁ ବିଶ୍ୱ ରେକର୍ଡର ଅଧିକାରୀ ହୋଇଥିଲେ। ଏହି ସଫଳତା ପାଇଁ ତାଙ୍କ ଖ୍ୟାତି ବଢ଼ିଯାଇଥିଲା। ସେ ଆହୁରି ମଧ୍ୟ ପୋଲାଣ୍ଡରେ ଅନୁଷ୍ଠିତ ୱାର୍ଲ୍ଡ ମାଷ୍ଟର୍ସ ଆଥ୍‌ଲେଟିକ ଚାମ୍ପିୟନଶିପ୍‌ର ଟ୍ରାକ୍ ଆଣ୍ଡ ଫିଲ୍ଡ ଇଭେଣ୍ଟଗୁଡ଼ିକରେ ସ୍ୱର୍ଣ୍ଣ ପଦକ ଲାଭ କରିଥିଲେ।



# ହାମିଲଟନଙ୍କୁ ପୋଲ୍ ପୋଜିଶନ

**ବୁଦାପେଷ୍ଟ(ହଙ୍ଗେରୀ), ୩୧।୭ (ଏପି):** ରବିବାର ହେବାକୁଥିବା ହଙ୍ଗେରିଆନ ଗ୍ରାଁ ପ୍ରି ଫର୍ମୁଲାୱାନ ମୋଟରରେସିଂ ପାଇଁ ଲୁଇସ ହାମିଲଟନଙ୍କୁ ପୋଲ୍ ପୋଜିଶନ ମିଳିଛି। ଏହା ତାଙ୍କ କ୍ୟାରିୟରର ୧୦୧ତମ ପୋଲ୍ ପୋଜିଶନ ଥିଲା। ଏହି ବ୍ରିଟିଶ୍ ଡ୍ରାଇଭର ଫର୍ମୁଲାୱାନ୍‌ରେ ବିଜୟୀ ହେବାସହ ପୋଲ୍ ପୋଜିଶନରେ ରେକର୍ଡର ଅଧିକାରୀ ଅଛନ୍ତି। ଏହା ବ୍ୟତୀତ ସେ ଗତ ୩ ଥରକୁ ମିଶାଇ ମୋଟ ୮ ଥର ହଙ୍ଗେରିଆନ ଗ୍ରାଁ ପ୍ରି ବିଜୟୀ ହୋଇଛନ୍ତି। ସିଲଭରଷ୍ଟୋନ୍ ତାଙ୍କ ଘରୋଇ ଟ୍ରାକ୍। ସେଠାରେ ମଧ୍ୟ ସେ ୮ ଥର ଗ୍ରାଁ ପ୍ରି ବିଜୟୀ ହୋଇଛନ୍ତି। ତେଣୁ ହଙ୍ଗାରୋରିଙ୍ଗ୍ ଟ୍ରାକ୍ ତାଙ୍କ ପାଇଁ ଦ୍ୱିତୀୟ ଘରୋଇ ଟ୍ରାକ୍ ସଦୃଶ ହୋଇଛି। ସେ ଏଠାରେ ପ୍ରଥମଥରପାଇଁ ୨୦୦୭ରେ ବିଜୟୀ ହୋଇଥିଲେ। ଗତ ମେ’ ପ୍ରଥମ ଭାଗରେ ଅନୁଷ୍ଠିତ ସ୍ପାନିଶ୍ ଗ୍ରାଁପ୍ରି ପରଠାରୁ ହାମିଲଟନ ଆଉ ପୋଲ୍ ପୋଜିଶନ ପାଇ ନ ଥିଲେ। ଫେରାରୀର ଚାର୍ଲ୍ସ ଲେକ୍‌ଲେର୍କ ପରବର୍ତ୍ତୀ ୨ଟି ପୋଲ୍‌ରେ ଅଗ୍ରଣୀ ହୋଇଥିବାବେଳେ ରେଡ୍‌ବୁଲ୍‌ର ମ୍ୟାକ୍ସ ଭର୍ଷ୍ଟାପେନ କ୍ରମାଗତ ୪ ଥର ପୋଲ୍ ପୋଜିଶନ ପାଇଥିଲେ।



# ଫାଇନାଲ୍ସରେ କମଲପ୍ରୀତ, ପୁନିଆ ଆଉଟ୍




## କମଲପ୍ରୀତ କୌର
## ୬୪ ମିଟର ଥ୍ରୋ

## ମହିଳା ଡିସ୍କସ୍

**ଟୋକିଓ,୩୧।୭:** ଅଲିମ୍ପିକ୍ସ ଡିସ୍କସ୍ ଥ୍ରୋ ଇଭେଣ୍ଟରେ ଭାରତର କମଲପ୍ରୀତ କୌର କ୍ୱାଲିଫାଇଂ ରାଉଣ୍ଡରେ ଦମ୍‌ଦାର ପ୍ରଦର୍ଶନ କରି ଫାଇନାଲରେ ପ୍ରବେଶ କରିଛନ୍ତି। କମଲପ୍ରୀତ କ୍ୱାଲିଫାଇଂ ରାଉଣ୍ଡରେ ବ୍ୟକ୍ତିଗତ ଶ୍ରେଷ୍ଠ ପ୍ରଦର୍ଶନ କରି ଦ୍ୱିତୀୟ ସ୍ଥାନ ଅଧିକାର କରିବା ସହ ଫାଇନାଲରେ ସ୍ଥାନ ହାସଲ କରିଛନ୍ତି। ୨୫ ବର୍ଷୀୟା କମଲପ୍ରୀତ କ୍ୱାଲିଫିକେଶନ ବି'ରେ ତୃତୀୟ ଓ ଫାଇନାଲ ପ୍ରୟାସରେ ୬୪ ମିଟର ଡିସ୍କସ୍ ଥ୍ରୋ କରିଥିଲେ। ଅଗଷ୍ଟ ୨ରେ ଫାଇନାଲ ଖେଳାଯିବ। ଗତଥର ଅଲିମ୍ପିକ୍ସରେ ସ୍ୱର୍ଣ୍ଣ ପଦକ ହାସଲ କରିଥିବା କ୍ରୋଏସିଆର ସାଣ୍ଡ୍ରା ପେର୍କୋଭିକ ୬୩.୭୫ ମିଟର ଡିସ୍କସ୍ ଥ୍ରୋ କରିଥିଲେ। ସେହିପରି ବିଶ୍ୱ ଚାମ୍ପିୟନ କ୍ୟୁବାର ୟାଇମ୍ ପେରେଜ ୬୩.୧୮ ମିଟର ଡିସ୍କସ୍ ଥ୍ରୋ କରିଥିଲେ। ତେବେ କମଲପ୍ରୀତ ଏହି ଦୁଇଜଣଙ୍କୁ ପଛରେ ପକାଇଥିଲେ। ତେବେ ଅଭିଜ୍ଞ ସୀମା ପୁନିଆ ଇଭେଣ୍ଟରୁ ବାଦ୍ ପଡିଛନ୍ତି। ସେ କ୍ୱାଲିଫିକେଶନ ଏ'ରେ ଷଷ୍ଠ ସ୍ଥାନରେ ରହିଥିଲେ ଏବଂ ଓଭରଅଲ ୧୬ତମ ସ୍ଥାନରେ ରହିଛନ୍ତି। ସେ ଆଶାନୁରୂପ ପ୍ରଦର୍ଶନ କରି ନ ପାରି ୬୦.୫୭ ମିଟର ଡିସ୍କସ୍ ଥ୍ରୋ କରିଥିଲେ। ତେବେ କମଲପ୍ରୀତ ୩ଟି ଆଟେମ୍ପ୍ଟରେ କ୍ରମାଗତ ଭାବେ ଉନ୍ନତ ପ୍ରଦର୍ଶନ କରିଥିଲେ। ସେ ପ୍ରଥମେ ୬୦.୨୯, ଦ୍ୱିତୀୟ ୬୩.୯୭ ଓ ତୃତୀୟ ଆଟେମ୍ପ୍ଟରେ ୬୪ ମିଟର ଥ୍ରୋ କରିଥିଲେ। ପୁନିଆ ରୁଷିଆ ଓ ଅନ୍ୟ ପଡ଼ୋଶୀ ଦେଶରେ ଅଲିମ୍ପିକ୍ସ ପାଇଁ ଟ୍ରେନିଂ ନେଇ ଆସୁଥିଲେ। ସେ ତାଙ୍କ ବ୍ୟକ୍ତିଗତ କୋଚ୍ ଆଲେକଜାଣ୍ଡର ସିନିସିନଙ୍କ ସହ ଟୋକିଓ ଆସିଥିଲେ। ତେବେ ତାଙ୍କୁ ବିଫଳତାର ସମ୍ମୁଖୀନ ହେବାକୁ ପଡିଛି। ସୀମା ଏଥିସହ ତାଙ୍କର ଚତୁର୍ଥ ଅଲିମ୍ପିକ୍ସରେ ଅଂଶଗ୍ରହଣ କରିଛନ୍ତି। ତେବେ କେବେବି ଫାଇନାଲ ରାଉଣ୍ଡକୁ କ୍ୱାଲିଫାଏ କରିପାରି ନାହାନ୍ତି। ସେ ୨୦୦୪ ଏଥେନ୍ସ ଅଲିମ୍ପିକ୍ସରେ ଡେବ୍ୟୁ କରିଥିଲେ। ଏହାପରେ ୨୦୧୨ ଓ ୨୦୧୬ ଅଲିମ୍ପିକ୍ସରେ ଅଂଶଗ୍ରହଣ କରିଥିଲେ। ତେବ ପୁନିଆ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଓ ଏସିଆନ ଗେମ୍ସରେ ପଦକ ହାସଲ କରି ଦେଶକୁ ଗୌରବାନ୍ୱିତ କରିଛନ୍ତି। ୨୦୦୬ ପରଠାରୁ ସେ ପ୍ରତ୍ୟେକ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ପଦକ ହାସଲ କରିଆସିଛନ୍ତି। ସେ ୩ଟି ରୌପ୍ୟ ଓ ଗୋଟିଏ ବ୍ରୋଞ୍ଜ ପଦକ ଜିତିଛନ୍ତି। ସେ ୨୦୧୪ ଓ ୨୦୧୮ ଏସିଆନ ଗେମ୍ସରେ ଯଥାକ୍ରମେ ସ୍ୱର୍ଣ୍ଣ ଓ ବ୍ରୋଞ୍ଜ ପଦକ ଜିତିଥିଲେ।

# ପ୍ରି-କ୍ୱାର୍ଟରରେ ହାରିଲେ ଅତନୁ

## ଆର୍ଚେରି ଇଭେଣ୍ଟରୁ ଭାରତର ଅଭିଯାନ ଶେଷ

**ଟୋକିଓ, ୩୧।୭(ପି.ଟି.):** ଟୋକିଓ ଅଲିମ୍ପିକ୍ସର ଆର୍ଚେରି ଇଭେଣ୍ଟରୁ ଭାରତର ଅଭିଯାନ ଶେଷ ହୋଇଛି। ବିଶ୍ୱର ନମ୍ବର ୱାନ ମହିଳା ତୀରନ୍ଦାଜ ତଥା ତାଙ୍କ ସ୍ତ୍ରୀ ଦୀପିକା କୁମାରୀ କ୍ୱାର୍ଟର ଫାଇନାଲରୁ ବିଦାୟ ନେବାର ଗୋଟିଏ ଦିନ ପରେ ଅତନୁ ଦାସ ଶନିବାର ପ୍ରି-କ୍ୱାର୍ଟର ଫାଇନାଲରେ ହାରି ଯାଇଛନ୍ତି। ଲଣ୍ଡନ ଅଲିମ୍ପିକ୍ସ ଗୋଲ୍ଡ ମେଡାଲିଷ୍ଟ ଓ ଜିନ୍ ହେକ୍‌ଙ୍କୁ ହରାଇ ଆଗକୁ ବଢ଼ିଥିବା ଅତନୁ ସ୍ଥାନୀୟ ଫେଭରାଇଟ ତାକାହାରୁ ଫୁରୁକାୱାଙ୍କଠାରୁ ୪-୬ ପଏଣ୍ଟରେ ହାରି ଯାଇଥିଲେ। ତାକାହାରୁ ୨୦୧୨ ଲଣ୍ଡନ ଅଲିମ୍ପିକ୍ସରେ ରୌପ୍ୟ ପଦକ ପାଇଥିଲେ। ''ଅଲିମ୍ପିକ୍ସରେ ପ୍ରତି ଗେମ୍ ଭିନ୍ନ ହୋଇଥାଏ। ପରିସ୍ଥିତି, ମାନସିକ ସ୍ଥିରତା ସବୁକିଛି ଅଲଗା ରହିଥାଏ। ମୁଁ ପୂର୍ବ ଗେମ୍‌କୁ ତାକାହାରୁଙ୍କ ଗେମ୍ ସହିତ ତୁଳନା କରିବାକୁ ଚାହେଁନାହିଁ। ମୁଁ ଚେଷ୍ଟା କରିଥିଲି, ମାତ୍ର ବିଜୟ ସମ୍ଭବ ହେଲାନାହିଁ। ସମ୍ଭବତଃ ଅତ୍ୟଧିକ ଚାପ ଯୋଗୁ ଏପରି ପ୍ରଦର୍ଶନ ହେଲା। ଏହା ଏପରି ଏକ ଗେମ୍ ଯେଉଁଥିରେ କି ଚାପସ୍ଥିତିକୁ ହାତେଇବାକୁ ପଡ଼ିଥାଏ। ଆସନ୍ତା ଥରକୁ ଅଧିକ ପରିଶ୍ରମ କରିବି'' ବୋଲି ଅତନୁ ନିଜ ପ୍ରତିକ୍ରିୟାରେ କହିଛନ୍ତି।

# ପଙ୍ଘାଲ, ପୂଜାଙ୍କ ଅଲିମ୍ପିକ୍ସ ଅଭିଯାନ ଶେଷ

## ବକ୍ସିଂରେ ପଦକ ଆଶାକୁ ଝଟକା

**ଟୋକିଓ,୩୧।୭:** ଶନିବାର ଅଲିମ୍ପିକ୍ସରେ ଭାରତୀୟ ବକ୍ସିଂ ପାଇଁ ନୈରାଶ୍ୟ ଦିନ ଥିଲା। ପୁରୁଷ ବକ୍ସର ଅମିତ ପଙ୍ଘାଲ ଓ ମହିଳା ତାରକା ପୂଜା ରାଣୀଙ୍କ ଅଲିମ୍ପିକ୍ ପଦକ ଆଶା ଧୂଳିସାତ୍ ହୋଇଛି। ବକ୍ସିଂରେ ଏହି ଦୁଇ ଖେଳାଳି ଭାରତ ପାଇଁ ଦୁଇଟି ପଦକ ହାସଲ କରିବେ ବୋଲି ଆଶା କରାଯାଉଥିଲା। ପୁରୁଷ ବକ୍ସିଂରେ ଆରମ୍ଭରୁ ଚମତ୍କାର ପ୍ରଦର୍ଶନ କରିଥିବା ପଙ୍ଘାଲ ଶେଷରେ ୫୨ କେ.ଜି. ଇଭେଣ୍ଟରେ ରାଉଣ୍ଡ ଅଫ୍ ୧୬ ଅର୍ଥାତ ପ୍ରି- କ୍ୱାର୍ଟର ଫାଇନାଲ ବାଉଟ୍‌ରେ ୧-୪ରେ ରିଓ ଅଲିମ୍ପିକ୍ସ ରୌପ୍ୟ ପଦକ ବିଜେତା କଲମ୍ବିଆର ୟୁବେର ଜେନ ମାର୍ଟିନେଜଙ୍କଠାରୁ ପରାସ୍ତ ହୋଇ ବିଦାୟ ନେଇଛନ୍ତି। ଟପ୍ ସିଡ୍ ଅମିତ ଅଲିମ୍ପିକ୍ସରେ ପଦାର୍ପଣ କରିଥିଲେ। ଓପନିଂ ରାଉଣ୍ଡରେ ବାଇ ପାଇଥିଲେ। କ୍ୱାର୍ଟରରେ ଅମିତ ଚାପକୁ ନିୟନ୍ତ୍ରଣ କରିପାରି ନ ଥିଲେ। ପାନ୍ ଆମେରିକାନ ଚାମ୍ପିୟନ ମାର୍ଟିନେଜ ଅମିତଙ୍କୁ କୌଣସି ସୁଯୋଗ ଦେଇ ନ ଥିଲେ। ପରାସ୍ତ ହୋଇଥିଲେ ମଧ୍ୟ ଅମିତ ଗତ କିଛି ବର୍ଷ ହେବ ଭାରତ ପାଇଁ ସ୍ଥିର ପ୍ରଦର୍ଶନ କରିଆସୁଥିଲେ। ସେ ୨୦୧୮ ଏସିଆନ ଗେମ୍ସରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ସେହିପରି ସେ ୨୦୧୯ ବିଶ୍ୱ ଚାମ୍ପିୟନଶିପ୍‌ରେ ମଧ୍ୟ ରୌପ୍ୟ ପଦକ ଜିତିଥିଲେ। କିନ୍ତୁ ଅଲିମ୍ପିକ୍ସରେ ଏହି ବିଫଳତାରେ ଭାରତୀୟ ପ୍ରଶଂସକ ନିରାଶ ହୋଇଛନ୍ତି।

ଶନିବାର ୭୫ କେ.ଜି. ମହିଳା ବର୍ଗ କ୍ୱାର୍ଟର ଫାଇନାଲରେ ପୂଜା ରାଣୀ ୦-୫ରେ ଚାଇନାର ଲି କିଆନଙ୍କଠାରୁ ପରାସ୍ତ ହୋଇ ବିଦାୟ ନେଇଛନ୍ତି। ପୂର୍ବତନ ବିଶ୍ୱ ଚାମ୍ପିୟନ କିଆନ ରିଓ ଅଲିମ୍ପିକ୍ସରେ ବ୍ରୋଞ୍ଜ୍ ପଦକ ହାସଲ କରିଥିଲେ ଓ ଦମ୍‌ଦାର ପ୍ରଦର୍ଶନ କରି ପୂଜାଙ୍କୁ ଏକତରଫା ଭାବେ ହରାଇଥିଲେ। ରାଣୀଙ୍କ ପ୍ରଦର୍ଶନ ଆଦୌ ଆଶାନୁରୂପ ହୋଇପାରି ନ ଥିଲା। ୩ ରାଉଣ୍ଡରେ କିଆନ ପ୍ରଭାବ ବିସ୍ତାର କରି ଖେଳିଥିଲେ। ପୂର୍ବରୁ ଶୁକ୍ରବାର ଅନ୍ୟତମ ଭାରତୀୟ ମହିଳା ବକ୍ସର ଲଭଲିନା ବୋରଗୋହେନ ସେମିଫାଇନାଲରେ ପ୍ରବେଶ କରି ଭାରତ ପାଇଁ ପଦକ ନିଶ୍ଚିତ କରିଥିଲେ। ସେ ୬୯ କେ.ଜି. ବର୍ଗରେ ଏହି ସଫଳତା ହାସଲ କରିଥିଲେ। ଏଥିସହ ସେ ପ୍ରଥମ ଭାରତୀୟ ମହିଳା ବକ୍ସର ଭାବେ ଚଳିତ ଅଲିମ୍ପିକ୍ସରେ ପଦକ ହାସଲ କରିବାର ସୌଭାଗ୍ୟ ଲାଭ କରିବେ। କ୍ୱାର୍ଟର ଫାଇନାଲ ବାଉଟ୍‌ରେ ସେ ପୂର୍ବତନ ବିଶ୍ୱ ଚାମ୍ପିୟନ ଚାଇନିଜ ତାଇପେର ନିଏନ ଚିନ ଚେନଙ୍କୁ ହରାଇ ସେମିକୁ ଉଠିଥିଲେ।



ଟୋକିଓ ଅଲିମ୍ପିକ୍ସରେ ଶନିବାର ମହିଳା ବକ୍ସିଂ କ୍ୱାର୍ଟର ଫାଇନାଲରେ ପୂଜା ରାଣୀ ଓ ଲି କିଆନଙ୍କ ମଧ୍ୟରେ ଲଢ଼େଇ।

# ଜିଆଓଜୁନ୍ ସବୁଠାରୁ ବୟସ୍କ ଭାରୋତ୍ତୋଳନ ଚାମ୍ପିୟନ

**ଟୋକିଓ, ୩୧।୭ (ଏପି):** ଚାଇନାର ଲିୟୁ ଜିଆଓଜୁନ୍ ସବୁଠାରୁ ବୟସ୍କ ଭାବେ ଅଲିମ୍ପିକ୍ସ ଭାରୋତ୍ତୋଳନରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଶନିବାର ପୁରୁଷ ୮୧ କେ.ଜି. ଶ୍ରେଣୀରେ ସେ ସ୍ନାଚ୍‌ରେ ୧୭୦କେଜି, କ୍ଲିନ୍ ଆଣ୍ଡ୍ ଜର୍କରେ ୨୦୪କେଜି ଏବଂ ମୋଟ ୩୭୪ କେଜି ଉତ୍ତୋଳନ କରିଛନ୍ତି। ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ଡୋମିନିସିଆନ ରିପବ୍ଲିକର ଜାକାରିଆସ୍ ବୋନାଟଙ୍କଠାରୁ ୭ କେଜି ଏବଂ ବ୍ରୋଞ୍ଜ ଜିତିଥିବା ଆଣ୍ଟୋନିଓ ପିଜୋଲାଟୋଙ୍କ ଠାରୁ ସେ ୯ କେଜି ଅଧିକ ଉତ୍ତୋଳନ କରିଥିଲେ। ଲିୟୁ ୫ ବର୍ଷ ପୂର୍ବେ ୨୦୧୬ ରିଓ ଡି' ଜେନିରୋ ଅଲିମ୍ପିକ୍ସରେ ରୌପ୍ୟ ଜିତିଥିଲେ। ସେ ଆହୁରି ମଧ୍ୟ ୨୦୧୨ରେ ସ୍ୱର୍ଣ୍ଣ ଜିତିଥିଲେ। କିନ୍ତୁ ସେ ବର୍ତ୍ତମାନ ଅବସର କଥା ଚିନ୍ତା କରି ନ ଥିବା କହିଛନ୍ତି।




## ରବିବାର ଭାରତର କାର୍ଯ୍ୟସୂଚୀ
## (ଭାରତୀୟ ସମୟ ଅନୁସାରେ)

**ଗଲ୍ଫ:**
- ପୁରୁଷ ବ୍ୟକ୍ତିଗତ ଷ୍ଟ୍ରୋକ୍ ପ୍ଲେ ରାଉଣ୍ଡ- ଅନିର୍ବାଣ ଲାହିରି ଓ ଉଦୟନ ମାନେ, ସମୟ: ପ୍ରତ୍ୟୁଷ ୪ଟା।

**ଅଶ୍ୱଚାଳନା:**
- ଇଭେଣ୍ଟିଂ କ୍ରସ୍ କଣ୍ଟ୍ରି ଟିମ୍ ଫୌଆଦ ମିର୍ଜା, ସମୟ: ପ୍ରତ୍ୟୁଷ ୪ଟା ୧୫ ମିନିଟ।

**ବକ୍ସିଂ:**
- ପୁରୁଷ ସୁପର ହେଭିୱେଟ୍ (୯୧କେଜି +) କ୍ୱାର୍ଟରଫାଇନାଲ- ସତୀଶ କୁମାର ବନାମ ବାଖୋଦିର ଜାଲୋଲୋଭ (ଉଜ୍‌ବେକିସ୍ତାନ), ସମୟ: ସକାଳ ୯ଟା ୩୬।

**ବ୍ୟାଡ୍‌ମିଣ୍ଟନ:**
- ମହିଳା ସିଙ୍ଗଲ୍ସ ବ୍ରୋଞ୍ଜ ପଦକ ପ୍ଲେଅଫ୍-ପି.ଭି. ସିନ୍ଧୁ ବନାମ ହି ବିଙ୍ଗ୍ ଜିଆଓ (ଚାଇନା), ସମୟ: ସନ୍ଧ୍ୟା ୫ଟା।

**ହକି:**
- ପୁରୁଷ କ୍ୱାର୍ଟରଫାଇନାଲ-ଭାରତ ବନାମ ଗ୍ରେଟ୍ ବ୍ରିଟେନ, ସମୟ: ସନ୍ଧ୍ୟା ୫ଟା ୩୦।

# ମହିଳା ୧୦୦ମିଟର ରେକର୍ଡ ଭାଙ୍ଗିଲେ ହେରାଥ୍



ମହିଳା ୧୦୦ ମିଟର ରେସ୍‌ରେ ଟାଇଟଲ ବିଜୟିନୀ ଜାମାଇକାର ଇଲେନ୍ ଥମ୍ପସନ ହେରାଥ୍।

**ଟୋକିଓ, ୩୧।୭ (ଏପି):** ଜାମାଇକାର ଇଲେନ୍ ଥମ୍ପସନ ହେରାଥ୍ ଅଲିମ୍ପିକ୍ସ ମହିଳା ୧୦୦ ମିଟର ଦୌଡ଼ ଜିତି ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ସେ ଦୂରତାକୁ ୧୦.୬୧ ସେକେଣ୍ଡରେ ଅତିକ୍ରମ କରିଥିଲେ। ଏହାଦ୍ୱାରା ସେ ମହିଳା ୧୦୦ ମିଟରରେ ଫ୍ଲୋରେନ୍ସ ଗ୍ରିଫିଥ୍‌ଙ୍କ ୩୩ ବର୍ଷର ପୁରୁଣା ରେକର୍ଡକୁ ଭଙ୍ଗ କରିଦେଇଛନ୍ତି। ଗ୍ରିଫିଥ୍ ଜୋଏନର ୧୯୮୮ ସିଓଲ ଅଲିମ୍ପିକ୍ସରେ ୧୦.୬୨ସେକେଣ୍ଡ ଟାଇମିଂ ସହ ରେକର୍ଡ ପ୍ରତିଷ୍ଠା କରିଥିଲେ। ଥମ୍ପସନ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ନିଜ ଦେଶର ଶେଲି ଆନ୍ ଫ୍ରେଜର-ପ୍ରାଇସ୍‌ଙ୍କୁ .୧୩ ସେକେଣ୍ଡରେ ପଛରେ ପକାଇ ଦେଇଥିଲେ। ଜାମାଇକାର ଶେରିକା ଜ୍ୟାକସନ ୧୦.୭୬ ସେକେଣ୍ଡ ଟାଇମିଂରେ ବ୍ରୋଞ୍ଜ ଜିତିଥିଲେ। ଆଗକୁ ୨୦୦ ମିଟରରେ ଫ୍ରେଜର ପ୍ରାଇସ୍ ଓ ଥମ୍ପସନ ହେରାଥ୍‌ଙ୍କ ମଧ୍ୟରେ ପୁଣି ମୁକାବିଲା ହେବ। ଥମ୍ପସନ ହେଉଛନ୍ତି ଏହି ଇଭେଣ୍ଟର ଗତଥରର ଚାମ୍ପିୟନ।

# ଭଲ୍ଟ ଓ ଅନ୍ ଇଭେନ ବାର୍ସରୁ ଓହରିଲେ ବାଇଲ୍ସ



**ଟୋକିଓ, ୩୧।୭ (ଏପି)**

ଆମେରିକାର ଷ୍ଟାର ଜିମ୍ନାଷ୍ଟ ସିମୋନ ବାଇଲ୍ସ ଅଲିମ୍ପିକ ଭଲ୍ଟ ଓ ଅନ୍ ଇଭେନ ବାର୍ସ ଇଭେଣ୍ଟରୁ ଓହରିଯାଇଛନ୍ତି। ବର୍ତ୍ତମାନ ସେ ତାଙ୍କ ମାନସିକ ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦେଉଛନ୍ତି। ୬ ଅଲିମ୍ପିକ ପଦକ ବିଜୟିନୀ ପୂର୍ବରୁ ମଙ୍ଗଳବାର ଟିମ୍ ଫାଇନାଲ୍ସ ଏବଂ ଗୁରୁବାର ଅଲାରାଉଣ୍ଡ ଫାଇନାଲରୁ ଓହରିଯାଇଥିଲେ। ବାଇଲ୍ସ ଶୁକ୍ରବାର ସୋସିଆଲ ମିଡିଆକୁ କହିଥିଲେ ମିଡ୍ ଏୟାରରେ ଟୁଇଷ୍ଟ ବେଳେ ସେ ଆକସ୍ମିକ ଅସହଜ ଅନୁଭବ କରିଥିଲେ। ତେବେ ଆଗକୁ ହେବାକୁଥିବା ବିମ୍ ଓ ଫ୍ଲୋର୍ ଏକ୍ସରସାଇଜ୍‌ରୁ ଓହରିଯାଇ ନାହାନ୍ତି।



## ଅଲିମ୍ପିକ୍ସ ପଦକ ତାଲିକା

| ଦେଶ | ସ୍ୱର୍ଣ୍ଣ | ରୌପ୍ୟ | ବ୍ରୋଞ୍ଜ | ମୋଟ |
|---|---|---|---|---|
| ଚାଇନା | ୨୧ | ୧୩ | ୧୨ | ୪୬ |
| ଜାପାନ | ୧୭ | ୫ | ୮ | ୩୦ |
| ଆମେରିକା | ୧୬ | ୧୬ | ୧୩ | ୪୬ |
| ଆରଓସି | ୧୧ | ୧୫ | ୧୧ | ୩୭ |
| ଅଷ୍ଟ୍ରେଲିଆ | ୧୦ | ୩ | ୧୪ | ୨୭ |
| ଗ୍ରେଟ ବ୍ରିଟେନ | ୮ | ୯ | ୧୧ | ୨୮ |
| ଦକ୍ଷିଣ କୋରିଆ | ୫ | ୪ | ୭ | ୧୬ |
| ଫ୍ରାନ୍ସ | ୪ | ୯ | ୬ | ୧୯ |
| ନେଦରଲାଣ୍ଡ୍ସ | ୪ | ୭ | ୫ | ୧୬ |
| ନ୍ୟୁଜିଲାଣ୍ଡ | ୪ | ୩ | ୩ | ୧୦ |
| ଜର୍ମାନୀ | ୩ | ୪ | ୧୦ | ୧୭ |
| କାନାଡ଼ା | ୩ | ୪ | ୫ | ୧୨ |
| ଚେକ୍ ରିପବ୍ଲିକ୍ | ୩ | ୨ | ୧ | ୬ |
| କ୍ରୋଏସିଆ | ୩ | ୧ | ୨ | ୬ |
| ଇଟାଲୀ | ୨ | ୮ | ୧୪ | ୨୪ |
| ସୁଇଜରଲାଣ୍ଡ | ୨ | ୩ | ୪ | ୯ |
| ଚାଇନିଜ୍ ତାଇପେ | ୨ | ୨ | ୩ | ୭ |
| ହଙ୍ଗେରି | ୨ | ୨ | ୨ | ୬ |
| ସ୍ଲୋଭେନିଆ | ୨ | ୧ | ୧ | ୪ |
| କୋସୋଭୋ | ୨ | ୦ | ୦ | ୨ |
| ବ୍ରାଜିଲ | ୧ | ୩ | ୪ | ୮ |
| ଜର୍ଜିଆ | ୧ | ୩ | ୧ | ୫ |
| ରୋମାନିଆ | ୧ | ୩ | ୦ | ୪ |
| ସ୍ପେନ | ୧ | ୨ | ୨ | ୫ |
| ହଂକଂ | ୧ | ୨ | ୦ | ୩ |
| ଦକ୍ଷିଣ ଆଫ୍ରିକା | ୧ | ୨ | ୦ | ୩ |
| ଅଷ୍ଟ୍ରିଆ | ୧ | ୧ | ୩ | ୫ |
| ସର୍ବିଆ | ୧ | ୧ | ୨ | ୪ |
| ଜାମାଇକା | ୧ | ୧ | ୧ | ୩ |
| ନରୱେ | ୧ | ୧ | ୦ | ୨ |
| ପୋଲାଣ୍ଡ | ୧ | ୧ | ୦ | ୨ |
| ସ୍ଲୋଭାକିଆ | ୧ | ୧ | ୦ | ୨ |
| ସୁଇଡେନ | ୧ | ୧ | ୦ | ୨ |
| ଟ୍ୟୁନିସିଆ | ୧ | ୧ | ୦ | ୨ |
| ତୁର୍କୀ | ୧ | ୦ | ୨ | ୩ |
| ଇସ୍ତୋନିଆ | ୧ | ୦ | ୧ | ୨ |
| ଫିଜି | ୧ | ୦ | ୧ | ୨ |
| ଆୟର୍ଲାଣ୍ଡ | ୧ | ୦ | ୧ | ୨ |
| ଉଜ୍‌ବେକିସ୍ତାନ | ୧ | ୦ | ୧ | ୨ |
| ବର୍ମୁଡା | ୧ | ୦ | ୦ | ୧ |
| ବେଲାରୁଷ | ୧ | ୦ | ୦ | ୧ |
| ଇକ୍ୱେଡର | ୧ | ୦ | ୦ | ୧ |
| ଇଥିଓପିଆ | ୧ | ୦ | ୦ | ୧ |
| ଗ୍ରୀସ୍ | ୧ | ୦ | ୦ | ୧ |
| ଇରାନ | ୧ | ୦ | ୦ | ୧ |
| ଲାଟିଭିଆ | ୧ | ୦ | ୦ | ୧ |
| ଫିଲିପାଇନ୍ସ | ୧ | ୦ | ୦ | ୧ |
| କାତାର | ୧ | ୦ | ୦ | ୧ |
| ଥାଇଲାଣ୍ଡ | ୧ | ୦ | ୦ | ୧ |
| କଲମ୍ବିଆ | ୦ | ୨ | ୧ | ୩ |
| ଡୋମିନିକାନ ରିପବ୍ଲିକ | ୦ | ୨ | ୦ | ୨ |
| ଭେନଜୁଏଲା | ୦ | ୨ | ୦ | ୨ |
| ଇଣ୍ଡୋନେସିଆ | ୦ | ୧ | ୨ | ୩ |
| ମଙ୍ଗୋଲିଆ | ୦ | ୧ | ୨ | ୩ |
| ବେଲଜିୟମ | ୦ | ୧ | ୧ | ୨ |
| କ୍ୟୁବା | ୦ | ୧ | ୧ | ୨ |
| ଡେନମାର୍କ | ୦ | ୧ | ୧ | ୨ |
| ସାନ୍ ମାରିନୋ | ୦ | ୧ | ୧ | ୨ |
| ଉଗାଣ୍ଡା | ୦ | ୧ | ୧ | ୨ |
| ବୁଲଗେରିଆ | ୦ | ୧ | ୦ | ୧ |
| **ଭାରତ** | **୦** | **୧** | **୦** | **୧** |
| ଜୋର୍ଡାନ | ୦ | ୧ | ୦ | ୧ |
| ନର୍ଥ ମାସେଡୋନିଆ | ୦ | ୧ | ୦ | ୧ |
| ତୁର୍କମେନିସ୍ତାନ | ୦ | ୧ | ୦ | ୧ |
| ୟୁକ୍ରେନ | ୦ | ୦ | ୫ | ୫ |
| କାଜାଖସ୍ତାନ | ୦ | ୦ | ୩ | ୩ |
| ଇଜିପ୍ଟ | ୦ | ୦ | ୨ | ୨ |
| ଇସ୍ରାଏଲ | ୦ | ୦ | ୨ | ୨ |
| ମେକ୍ସିକୋ | ୦ | ୦ | ୨ | ୨ |
| ଆର୍ଜେଣ୍ଟିନା | ୦ | ୦ | ୧ | ୧ |
| ଆଜରବୈଜାନ | ୦ | ୦ | ୧ | ୧ |
| ଆଇଭରି କୋଷ୍ଟ | ୦ | ୦ | ୧ | ୧ |
| ଫିନ୍‌ଲାଣ୍ଡ | ୦ | ୦ | ୧ | ୧ |
| କୁଏତ | ୦ | ୦ | ୧ | ୧ |
| ମାଲେସିଆ | ୦ | ୦ | ୧ | ୧ |
| ପର୍ତ୍ତୁଗାଲ | ୦ | ୦ | ୧ | ୧ |

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା: ୧୬ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ରବିବାର, ୧ ଅଗଷ୍ଟ, ୨୦୨୧ Bhubaneswar, Sunday, August 1/2021


ଟୋକିଓ ଅଲିମ୍ପିକ୍ସର ଶନିବାର ଅନୁଷ୍ଠିତ ମହିଳା ହକି ମ୍ୟାଚରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଏକ ଗୋଲ ସ୍କୋର ପରେ ଉଲ୍ଲସିତ ଭାରତୀୟ ଦଳ।

# ୪୧ ବର୍ଷ ପରେ କ୍ୱାର୍ଟରରେ ଭାରତ

**ଅଲିମ୍ପିକ୍ସ ମହିଳା ହକି**

**ଟୋକିଓ,୩୧।୭:** ଭାରତୀୟ ମହିଳା ହକି ଦଳ ଇତିହାସ ରଚିଛି। ମହିଳା ଦଳ ଦୀର୍ଘ ୪୧ ବର୍ଷ ପରେ ପ୍ରଥମଥର ପାଇଁ ଅଲିମ୍ପିକ୍ସର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ଚଳିତ ଟୋକିଓ ଅଲିମ୍ପିକ୍ସରେ ରାଣୀ ରାମପାଲଙ୍କ ନେତୃତ୍ୱାଧୀନ ଭାରତ ଏହି ଐତିହାସିକ ସଫଳତା ହାସଲ କରିଛି। ଶନିବାର ଭାରତ ପୁଲ୍ ଏ'ରେ ତା'ର ଶେଷ ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକାକୁ ୪-୩ ଗୋଲରେ ପରାସ୍ତ କରିଥିଲା। ତେବେ ଏହି ବିଜୟ କ୍ୱାର୍ଟର ଫାଇନାଲ ଟିକେଟ ପାଇଁ ଯଥେଷ୍ଟ ନ ଥିଲା। ଗ୍ରେଟ୍ ବ୍ରିଟେନ ଅନ୍ୟ ଏକ ପୁଲ୍ ଏ ମୁକାବିଲାରେ ଆୟର୍ଲାଣ୍ଡକୁ ୨-୦ ଗୋଲରେ ହରାଇବା ପରେ ଭାରତ ପାଇଁ ରାସ୍ତା ଫିଟି ଥିଲା। ବ୍ରିଟେନର ବିଜୟ ଭାରତ ପାଇଁ ବରଦାନ ସାବ୍ୟସ୍ତ ହୋଇଥିଲା ଓ ଶେଷରେ ଭାରତ କ୍ୱାର୍ଟର ଫାଇନାଲ ଟିକେଟ ହାସଲ କରିଥିଲା। ଭାରତ ଏବେ କ୍ୱାର୍ଟର ଫାଇନାଲରେ ପୁଲ୍ ବି'ର ଶୀର୍ଷରେ ଥିବା ଶକ୍ତିଶାଳୀ ଅଷ୍ଟ୍ରେଲିଆକୁ ସୋମବାର ଭେଟିବ। ପ୍ରତ୍ୟେକ ପୁଲ୍‌ର ଶ୍ରେଷ୍ଠ ୪ଟି ଦଳ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଭାରତୀୟ ମହିଳା ଦଳ ୫ଟି ମ୍ୟାଚ ଖେଳି ୨ ବିଜୟ ଓ ୩ ପରାଜୟ ସହ ୬ ପଏଣ୍ଟ ହାସଲ କରି ପୁଲ୍ ଏ ତାଲିକାର ଚତୁର୍ଥ ସ୍ଥାନରେ ରହିବା ସହ ଏହି ସଫଳତା ପାଇଛି। ଅନ୍ୟପଟେ ନେଦରଲାଣ୍ଡ୍ସ ୫ ବିଜୟ ସହ ୧୫ ପଏଣ୍ଟ ହାସଲ କରି ଶୀର୍ଷରେ ରହିଛି। ଜର୍ମାନୀ ୪ ବିଜୟ ଓ ୧ ପରାଜୟ ସହ ୧୨ ପଏଣ୍ଟ ହାସଲ କରି ଦ୍ୱିତୀୟ, ବ୍ରିଟେନ ୩ ବିଜୟ ଓ ୨ ପରାଜୟ ସହ ୯ ପଏଣ୍ଟ ହାସଲ କରି ତୃତୀୟ ସ୍ଥାନରେ ରହିଛି। ଆୟର୍ଲାଣ୍ଡ ୩ ଓ ଦକ୍ଷିଣ ଆଫ୍ରିକା କୌଣସି ପଏଣ୍ଟ ନ ପାଇ ଯଥାକ୍ରମେ ପଞ୍ଚମ ଓ ଷଷ୍ଠ ସ୍ଥାନରେ ରହି ବିଦାୟ ନେଇଛନ୍ତି। ଏହାପୂର୍ବରୁ ୧୯୮୦ ମସ୍କୋ ଅଲିମ୍ପିକ୍ସରେ ଭାରତୀୟ ମହିଳା ଦଳ ଶ୍ରେଷ୍ଠ ପ୍ରଦର୍ଶନ କରି ସେମିଫାଇନାଲରେ ପ୍ରବେଶ କରିଥିଲେ ମଧ୍ୟ ଚତୁର୍ଥ ସ୍ଥାନରେ ରହିଥିଲା। ଏହା ଭାରତର ଶ୍ରେଷ୍ଠ ଅଲିମ୍ପିକ୍ସ ପ୍ରଦର୍ଶନ ବିବେଚିତ ହେଉଛି।


ହ୍ୟାଟ୍ରିକ ଗୋଲ ଦେବାପରେ ଟର୍ଫକୁ ଚୁମ୍ବନ ଦେଉଛନ୍ତି ଭାରତର ବନ୍ଦନା କାଟାରିଆ।

ଭାରତ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିବା ପାଇଁ ବ୍ରିଟେନର ବିଜୟ ଜରୁରୀ ଥିଲା। ଶେଷରେ ଭାଗ୍ୟଦେବୀ ଭାରତକୁ ସହାୟ ହୋଇଥିଲେ। ତେବେ ଭାରତୀୟ ଷ୍ଟ୍ରାଇକର ବନ୍ଦନା କାଟାରିଆଙ୍କ ପ୍ରଦର୍ଶନକୁ ଆଦୌ ଅଣଦେଖା କରି ହେବନାହିଁ। ଦକ୍ଷିଣ ଆଫ୍ରିକା ବିପକ୍ଷ ସଂଘର୍ଷପୂର୍ଣ୍ଣ ମୁକାବିଲାରେ ସେ ଭାରତ ପାଇଁ ହ୍ୟାଟ୍ରିକ ଗୋଲ ସ୍କୋର କରି ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଛନ୍ତି। ପ୍ରଥମ ଭାରତୀୟ ମହିଳା ହକି ଖେଳାଳିଭାବେ ବନ୍ଦନା ଅଲିମ୍ପିକ୍ସରେ ହ୍ୟାଟ୍ରିକ ଗୋଲ ସ୍କୋର କରିଛନ୍ତି। ବନ୍ଦନା ଚତୁର୍ଥ, ୧୭ତମ ଓ ୪୯ତମ ମିନିଟ୍‌ରେ ଗୋଲ ସ୍କୋର କରିଥିଲେ। ସେହିପରି ଯୁବ ଖେଳାଳି ନେହା ଗୋଏଲ ୩୨ତମ ମିନିଟ୍‌ରେ ଗୋଲ ଦେଇଥିଲେ। ଅପରପକ୍ଷରେ ଦକ୍ଷିଣ ଆଫ୍ରିକା ତରଫରୁ ଟାରିନ ଗ୍ଲାସବି ୧୫, ଅଧିନାୟିକା ଏରିନ ହଣ୍ଟର ୩୦ ଓ ମାରଜେନ ମାରାଇ ୩୯ତମ ମିନିଟ୍‌ରେ ଗୋଲ ଦେଇଥିଲେ। ଏହି ମ୍ୟାଚ୍ ବେଶ୍ ସଂଘର୍ଷପୂର୍ଣ୍ଣ ଥିଲା ଓ ଦକ୍ଷିଣ ଆଫ୍ରିକା ଆମକୁ କଡ଼ା ଚ୍ୟାଲେଞ୍ଜ ଦେଇଥିଲା। ଏହି ବିଜୟ ଆମ ପାଇଁ ବେଶ୍ ଗୁରୁତ୍ୱ ବହନ କରୁଛି ବୋଲି ଅଧିନାୟିକା ରାଣୀ କହିଛନ୍ତି।

ଭାରତୀୟ କୋଚ୍ ଜୋଏର୍ଡ ମାରିଜନେ ଦଳର ପ୍ରଦର୍ଶନରେ ସନ୍ତୁଷ୍ଟ ଥିଲେ। ତେବେ ଭାରତ ଅଧିକ ସଂଖ୍ୟକ ଗୋଲ ବରଣ କରିଥିବାରୁ ସେ ଅସନ୍ତୋଷ ଜାହିର କରିଛନ୍ତି। ଭାରତ ମଧ୍ୟ ଏକାଧିକ ଗୋଲ ସୁଯୋଗ ହରାଇଥିଲା। ଏହି ବିଜୟ ଆଦୌ ସହଜ ନ ଥିଲା ବୋଲି ମାରିଜନେ କହିଛନ୍ତି। ପ୍ରଥମ ଦୁଇ ମିନିଟ୍‌ରେ ଭାରତ ଦୁଇଟି ପେନାଲ୍ଟି କର୍ନର ପାଇଥିଲେ ମଧ୍ୟ ଗୋଲ ଦେଇପାରି ନ ଥିଲା। ଦକ୍ଷିଣ ଆଫ୍ରିକା ଉପରେ ଭାରତ ଚାପ ପ୍ରୟୋଗ କରିବାରେ ସଫଳ ହୋଇଥିଲା। ପ୍ରଥମ ୩ଟି ମ୍ୟାଚ୍‌ରେ କ୍ରମାଗତ ଭାବେ ଭାରତ ପରାସ୍ତ ହୋଇଥିଲେ ମଧ୍ୟ ପରେ ଦୃଢ଼ ପ୍ରତ୍ୟାବର୍ତ୍ତନ କରି କ୍ରମାଗତ ଦୁଇଟି ବିଜୟ ହାସଲ କରିଛି। ଏହା ଭାରତୀୟ ମହିଳା ହକି ପାଇଁ ଏକ ବିଶେଷ ଉପଲବ୍ଧି ସାବ୍ୟସ୍ତ ହୋଇଛି।




# ଭାରତ ପାଇଁ ବଡ଼ ଚ୍ୟାଲେଞ୍ଜ

**ଭିଭିଏସ୍ ଲକ୍ଷ୍ମଣ**

ଉଦ୍‌ଘାଟନୀ ଟେଷ୍ଟ ଚାମ୍ପିୟନଶିପ୍ (ଡବ୍ଲ୍ୟୁଟିସି)ରେ ଭାରତ ସବୁଠାରୁ ସ୍ଥିର ପ୍ରଦର୍ଶନ କରୁଥିବା ଦଳ ରହିଥିଲା। ନଟିଂହାମ୍‌ଠାରେ ଇଂଲଣ୍ଡ ବିପକ୍ଷ ୫ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ ସହ ଭାରତ ଦ୍ୱିତୀୟ ଟେଷ୍ଟ ଚାମ୍ପିୟନଶିପ୍ ଲାଗି ଏହାର ଅଭିଯାନ ଆରମ୍ଭ କରିବ। ଗତ କିଛି ବର୍ଷ ହେଲା ଭାରତ ଯେପରି ଖେଳି ଆସୁଥିଲା ସେହି ମାନ ଏଥିରେ ବଜାୟ ରଖିବାକୁ ହେବ। ଶୃଙ୍ଖଳିତ ଖେଳ ବଜାୟ ରଖିପାରିଲେ ଏଥିରୁ ସୁଫଳ ମିଳିବା ନିଶ୍ଚିତ। ବିଦେଶ ମାଟିରେ ଜିତିବା ଟେଷ୍ଟ କ୍ରିକେଟରେ ଏକ ବଡ଼ ଚ୍ୟାଲେଞ୍ଜ। ବିରାଟ କୋହଲି ଓ ରବି ଶାସ୍ତ୍ରୀ ଏନେଇ ସଚେତନ ଥିବେ। ୨୦୦୭ ପରଠାରୁ ଭାରତ ଇଂଲଣ୍ଡରେ ଏକ ସିରିଜ ଜିତିବାରେ ସମର୍ଥ ହୋଇପାରି ନାହିଁ। ହେଲେ ଏଥର ଭାରତୀୟ ଦଳରେ ଯଥେଷ୍ଟ ସମ୍ବଳ ରହିଛି। ଦଳଠାରୁ ଭଲ ଫଳ ଆଶା କରାଯାଇପାରିବ। ନୂଆ ଡବ୍ଲ୍ୟୁଟିସି ଚକ୍ରରେ ଏହି ସିରିଜ ଭାରତ ପାଇଁ ବଡ଼ ଚ୍ୟାଲେଞ୍ଜ ହେବ। ଦକ୍ଷିଣ ଆଫ୍ରିକା ଆଉ ପୂର୍ବଭଳି ଏକ ଶକ୍ତିଶାଳୀ ଦଳ ହୋଇ ରହି ନାହିଁ। ଭାରତ କିଛି ବର୍ଷ ହେଲା ଏହି ଦେଶରେ ଭଲ ଖେଳି ଆସୁଛି। ଚଳିତ ବର୍ଷ ପରବର୍ତ୍ତୀ ଭାଗରେ ଭାରତ ପାଇଁ ଏହି ଦେଶରେ ପ୍ରଥମ ସିରିଜ ବିଜୟ ସୁଯୋଗ ରହିଛି। ଇଂଲଣ୍ଡ ବିପକ୍ଷରେ ପ୍ରଭାବୀ ପ୍ରଦର୍ଶନ କରିପାରିଲେ ଭାରତର ଆତ୍ମବିଶ୍ୱାସ ବୃଦ୍ଧି ପାଇବା ସହ ଟେଷ୍ଟ କ୍ରିକେଟରେ ନିଜ ସ୍ଥିତିକୁ ସୁଦୃଢ଼ କରିପାରିବ। ମାନସିକ ସ୍ୱାସ୍ଥ୍ୟ ଭଲ ନ ଥିବାରୁ ବେନ୍ ଷ୍ଟୋକ୍ସଙ୍କ ବିନା ଇଂଲଣ୍ଡ ଖେଳିବ। ସେ ଜଣେ ବିପଜ୍ଜନକ ଖେଳାଳି। ଇଂଲଣ୍ଡ ପାଇଁ ଏହା ଏକ ଶକ୍ତ ଧକ୍କା। ଭାରତୀୟ କ୍ରିକେଟରମାନେ ପାଖାପାଖି ଏକ ବର୍ଷ ହେଲା ବିଭିନ୍ନ ବବଲରେ ଅତିବାହିତ କରିଆସୁଛନ୍ତି। ଏହା ସତ୍ତ୍ୱେ କେଉଁଠି ତ୍ରୁଟି ରହୁଛି, ଯାହାଫଳରେ ଇଂଲଣ୍ଡରେ ରିଷଭ ପନ୍ତ ଏବଂ ଶ୍ରୀଲଙ୍କାରେ କ୍ରୁନାଲ ପାଣ୍ଡ୍ୟା କରୋନା ସଂକ୍ରମିତ ହୋଇଛନ୍ତି। ଖେଳାଳିମାନେ ଯେପରି ମାନସିକ ସ୍ୱାସ୍ଥ୍ୟଜନିତ ସମସ୍ୟାରେ ନ ପଡ଼ନ୍ତି କର୍ତ୍ତୃପକ୍ଷ ସେ ଦିଗରେ ଧ୍ୟାନ ଦେବା ଉଚିତ। ଖେଳାଳିମାନେ ପ୍ରଫେସନାଲ ହୋଇଥିବାରୁ ସେମାନେ ସବୁ ପରିସ୍ଥିତି ସହ ନିଜକୁ ଖାପ ଖୁଆଇ ନେବା ଉଚିତ ବୋଲି କହିବା ଅତି ସହଜ। ମାତ୍ର ଖେଳାଳିମାନେ ମଧ୍ୟ ମଣିଷ। ଅନ୍ୟମାନଙ୍କ ଭଳି ସେମାନେ ଭାବପ୍ରବଣ। **(ଗେମ୍‌ପ୍ଲାନ୍)**

SEAGRAM'S
ROYAL STAG
PACKAGED DRINKING WATER




3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ଶତପଥୀ

### ରାତିକରେ ଏକାଧିକ ଦୋକାନରୁ ଚୋରି

**ବେଗୁନିଆ,(ଡି.ଏନ୍.ଏ.):** ଖୋର୍ଦ୍ଧା ଜିଲା ବେଗୁନିଆ ବଜାରରେ ରହିଥିବା ଏକାଧିକ ଦୋକାନରୁ ଶୁକ୍ରବାର ରାତିରେ ଚୋରି ହୋଇଥିବା ଅଭିଯୋଗ ହୋଇଛି। ଗ୍ରସେରି, ଫୁଡ ସାମଗ୍ରୀ ଓ ପାନ ଦୋକାନରୁ ବିଭିନ୍ନ ପ୍ରକାର ସାମଗ୍ରୀ ସହିତ ପ୍ରାୟ ୩୦ହଜାର ଟଙ୍କା ଦୁର୍ବୃତ୍ତମାନେ ଚୋରିକରି ନେଇଛନ୍ତି। ଏନେଇ ଅଭିଯୋଗ ପରେ ପୋଲିସ ଏକ ମାମଲା (ନଂ.୧୪୮/୨୧)ରୁଜୁକରି ତଦନ୍ତ ଚଳାଇଛି।




୩୧।୦୭।୨୦୨୧
୨,୮୧୪ ଟଙ୍କା

## ସଂକ୍ଷେପରେ

### ବଟି ମାଗି ଯୁବକ ଗିରଫ

**ପୁରୀ ଅଫିସ,୩୧।୭:** ବଟି ମାଗିବା ଅଭିଯୋଗରେ ଟାଉନ ଥାନା ପୋଲିସ ଶନିବାର ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ପୁରୀ ଇନ୍ଦ୍ରମାର୍ଗ କଲୋନୀ ରମାବଲ୍ଲଭ ରୋଡର ତ୍ରିଶେନ୍ଦ୍ର ନାୟକ ଓରଫ କାଳିଆ (୨୭)। ପୋଲିସ ଏନେଇ କେସ୍ ନଂ. ୨୦୪/୨୧ ରୁଜୁ କରିଛି। ସୂଚନା ଅନୁଯାୟୀ, ରମାବଲ୍ଲଭ ରୋଡ ନିକଟରେ ସବିତା ମହାକୁଡ଼ଙ୍କର ଗ୍ରସେରି ଦୋକାନ ରହିଛି। କାଳିଆ ତାଙ୍କ ଦୋକାନକୁ ଆସି ତାଙ୍କୁ ଗାଳିଗୁଲଜ କରିବା ସହ ଦାଦାବଟି ମାଗିଥିଲେ। ପରେ ଦୋକାନ ଡ୍ରରୁ ନଗଦ ୩୫୦୦ ଟଙ୍କା ଚୋରି କରି ନେବା ସହ କିଛି ସାମଗ୍ରୀ ନଷ୍ଟ କରିଦେଇଥିଲେ। ଏ ନେଇ ସବିତା ଟାଉନ ଥାନାରେ ଏତଲା ଦେଇଥିଲେ।

### ୩ ନୂତନ କେନ୍ଦ୍ରରେ ହେବ ଟିକାକରଣ

**ବାଣପୁର,୩୧।୭(ଡି.ଏନ୍.ଏ.):** ବାଣପୁର ପଲଟଣସ୍ଥିତ ଶହୀଦ କୃତ୍ତିବାସ ଭବନରେ କୋଭିଡ୍ ଟିକାକରଣ କେନ୍ଦ୍ରରେ ଶୁକ୍ରବାର ପୋଲିସ ଲାଠିମାଡ଼ରେ ୬ଜଣ ଆହତ ହୋଇଥିଲା। ଏନେଇ ଶନିବାରେ ଖୋର୍ଦ୍ଧା ଅତିରିକ୍ତ ଜିଲାପାଳ ଅନୁଜ କୁମାର ଦାସ ପଟ୍ଟନାୟକଙ୍କ ଅଧକ୍ଷତାରେ ଏକ ସମୀକ୍ଷା ବୈଠକ ବାଣପୁର ଏନ୍ଏସି ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ସିଡିଏମଓ ଡା.ବିଶ୍ୱରଞ୍ଜନ ପତି, ବାଲୁଗାଁ ଏସଡିପିଓ ମାନସ ରଞ୍ଜନ ବାରିକ, ବିଡିଓ ପ୍ରଦ୍ୟୁମ୍ନ ନାୟକ, ଅତିରିକ୍ତ ତହସିଲଦାର ପ୍ରମୋଦ କୁମାର ପାଢ଼ୀ, ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଅବିନାଶ ମହାନ୍ତି, ଭାରପ୍ରାପ୍ତ ସ୍ୱାସ୍ଥ୍ୟ ଅଧିକାରୀ ଡା.ରମାକାନ୍ତ ନାୟକ ଏବଂ ଆଇଆଇସି ରଶ୍ମିରଞ୍ଜନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସ୍ଥାନୀୟ ଅଞ୍ଚଳରେ ଟିକାକରଣକୁ ସୁବ୍ୟବସ୍ଥିତ କରିବା ପାଇଁ କୁମାରଙ୍ଗ ପଞ୍ଚାୟତ ନିକଟରେ ଥିବା ପୁଞ୍ଜିଆମା, ଭେଟେଶ୍ୱର ପଞ୍ଚାୟତର ଭାପୁର ବାତ୍ୟା ଆଶ୍ରୟସ୍ଥଳି ଓ ପଲଟଣସ୍ଥିତ ଟିକିରାଇ ମାଇନର ସ୍କୁଲରେ ୩ଟି ଅତିରିକ୍ତ ଟିକାକରଣ କେନ୍ଦ୍ର କାର୍ଯ୍ୟକାରୀ କରାଯିବା ପାଇଁ ନିଷ୍ପତ୍ତି ହୋଇଛି। ଟିକାକରଣ ସମ୍ପର୍କରେ ଡାକବାଜି ଯନ୍ତ୍ର ଦ୍ୱାରା ଜନସାଧାରଣଙ୍କୁ ସୂଚନା ଦିଆଯିବ ବୋଲି ସିଡିଏମଓ ଡା.ପତି କହିଛନ୍ତି।

### ୨ ନାବାଳକଙ୍କୁ ଉଦ୍ଧାରକଲେ ତହସିଲଦାର

**କଣାସ,୩୧।୭(ସ୍ୱ.ପ୍ର.):** କଣାସ ବ୍ଲକ ଗଡ଼ସାହି ପଞ୍ଚାୟତର ଦୟାବିହାର ଗ୍ରାମରେ ଜଣେ ବ୍ୟକ୍ତିଙ୍କ ଘରେ ୧୩ ଓ ୧୪ ବର୍ଷୀୟ ଦୁଇ ନାବାଳକ ଗୋଡି ଘଟୁଥିବା ଗଣମାଧମରେ ଖବର ପ୍ରସାରିତ ହୋଇଥିଲା। ଏହାପରେ ତହସିଲଦାର ଲକ୍ଷ୍ମୀଧର ମହାରଣା ତୁରନ୍ତ କଣାସ ଥାନା ଆଇଆଇସି ତପନ ରାଉତଙ୍କ ସହ ସମ୍ପୃକ୍ତ ବ୍ୟକ୍ତିଙ୍କ ଘରେ ପହଞ୍ଚି ନାବାଳକ ଦ୍ୱୟଙ୍କୁ ଉଦ୍ଧାର କରିଛନ୍ତି। ସେମାନେ ଖୋର୍ଦ୍ଧା ଜିଲା ମଙ୍ଗଳାଯୋଡ଼ି ଗ୍ରାମର ବାସିନ୍ଦା ବୋଲି ଜଣାପଡ଼ିଛି। ପିଲା ଦ୍ୱୟଙ୍କୁ ନୀଳାଚଳ ସେବା ପ୍ରତିଷ୍ଠାନ ବାଳାଶ୍ରମ ଗୃହରେ ରଖାଯାଇଛି। ଏ ସମ୍ପର୍କରେ ଜିଲା ଶିଶୁ ସୁରକ୍ଷା ଅଧିକାରୀଙ୍କୁ ସୂଚନା ଦିଆଯିବା ସହ ନାବାଳକ ଦ୍ୱୟଙ୍କ ପରିବାରକୁ ଖବର ଦିଆଯାଇଛି।

### ଆକ୍ରମଣ ଅଭିଯୋଗରେ ଯୁବକ ଗିରଫ

**ପୁରୀ ଅଫିସ,୩୧।୭:** ଆକ୍ରମଣ କରିବା ଅଭିଯୋଗରେ ବଳିଆପଣ୍ଡା ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ବଳିଆପଣ୍ଡା ମହାରଣା ସାହିର ଦୁର୍ଯ୍ୟୋଧନ ସ୍ୱାଇଁ ଓରଫ ଚନ୍ଦନ (୨୨)। ପୋଲିସ ତାଙ୍କ ନିକଟରୁ ଏକ ଭୁଜାଲି ଓ ଗୋଟିଏ ବାଇକ ଜବତ କରିଛି। ଏନେଇ କେସ୍ ନଂ. ୧୧୭/୨୧ ରୁଜୁ ହୋଇଛି। ଅଭିଯୋଗ ଅନୁଯାୟୀ, ଗତ ୨୬ ତାରିଖ ସନ୍ଧ୍ୟା ପ୍ରାୟ ୮ଟାରେ ଚନ୍ଦନ ବଳିଆପଣ୍ଡା ମହାରଣା ସାହିର ସୁନିଲ ମହନ୍ତଙ୍କ ଘର ନିକଟକୁ ଆସି ତାଙ୍କୁ ଗାଳିଗୁଲଜ କରିବା ସହ ଜୀବନରୁ ମାରିଦେବା ପାଇଁ ଧମକ ଦେଇ ଭୁଜାଲିରେ ଆକ୍ରମଣ କରିଥିଲେ। ସୁନିଲଙ୍କ ହାତ, ପେଟ ସହ ଶରୀରର ବିଭିନ୍ନ ସ୍ଥାନରେ ଆଘାତ ଲାଗିଥିଲା। ତାଙ୍କ ଚିତ୍କାର ଶୁଣି ଲୋକେ ଘଟଣାସ୍ଥଳରେ ପହଞ୍ଚିବାରୁ ଚନ୍ଦନ ସେଠାରୁ ଫେରାର ହୋଇଯାଇଥିଲେ। ସୁନିଲଙ୍କୁ ଲୋକେ ଚିକିତ୍ସାଳୟକୁ ନେଇଥିଲେ।

# ସବୁଠି ଆବର୍ଜନା: ଘାରିଛି ଡେଙ୍ଗୁ ଭୟ

**ଜଟଣୀ,୩୧।୭(ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ଜଟଣୀ ପୌରାଞ୍ଚଳର ପରିମଳ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଫଳରେ ମଶାଙ୍କ ପ୍ରାଦୁର୍ଭାବ ବଢ଼ିବାରେ ଲାଗିଛି। ଦୀର୍ଘଦିନ ଧରି ଅଳିଆ ସଫା ନ ହେବାରୁ ଡ୍ରେନ୍‌ଗୁଡ଼ିକରେ ଆବର୍ଜନା ପଡ଼ିରହି ପୋତି ହୋଇଗଲାଣି। ଘରୁ ବାହାରୁଥିବା ଅପରିଷ୍କାର ପାଣି ଡ୍ରେନ୍‌ରେ ଜମିରହି ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି କରୁଛି। ପୌର ପ୍ରଶାସନ ପକ୍ଷରୁ ଡ୍ରେନ୍ ସଫା କରାଯାଉ ନ ଥିବାରୁ ସହରରେ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଛି। କରୋନାରୁ ଏଯାବତ୍ ମୁକ୍ତି ମିଳି ନ ଥିବା ବେଳେ ସ୍ଥାନୀୟ ବାସିନ୍ଦାଙ୍କୁ ଡେଙ୍ଗୁ ଭୟ ଘାରିଛି।

ସୂଚନାଥାଉ କି, ୬୩ ହଜାରରୁ ଉର୍ଦ୍ଧ୍ୱ ଜନସଂଖ୍ୟା ବିଶିଷ୍ଟ ଜଟଣୀ ସହରରେ ୨୩ଟି ୱାର୍ଡ ରହିଛି। ତନ୍ମଧ୍ୟରୁ ୬ ୱାର୍ଡ ରେଲୱେ ଅଧୀନରେ ରହିଛି। ଅନ୍ୟ ୧୭ ୱାର୍ଡରେ ସ୍ୱଚ୍ଛ ଭାରତ ଯୋଜନା କାର୍ଯ୍ୟକ୍ରମ ପରିପ୍ରେକ୍ଷୀରେ ପରିମଳ ବ୍ୟବସ୍ଥାରେ ସୁଧାର ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଉଥିଲେ ମଧ୍ୟ ପରିମଳ ବ୍ୟବସ୍ଥାରେ ସୁଧାର ଆସୁନାହିଁ। ବର୍ଷାଦିନ ପୂର୍ବରୁ ସହରର ଡ୍ରେନଗୁଡ଼ିକ ଠିକ୍‌ରେ ସଫା ହୋଇ ନ ଥିବାରୁ ଆବର୍ଜନା ଓ ପାଣି ଜମାହୋଇ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରୁଛି। ବିଭିନ୍ନ ୱାର୍ଡର ସାହି ଓ ରାସ୍ତା କଡରେ ଅଳିଆ ଗଦାହୋଇ ପଚିଶଢ଼ି ଯିବାରୁ ଗନ୍ଧରେ ନାକ ଫାଟି ପଡୁଛି। ରାଜାବଜାର ମୁଖ୍ୟରାସ୍ତା ପଟେଲ ମାର୍ଗ ମୁଖ୍ୟ ଡ୍ରେନ୍‌ରେ ଆବର୍ଜନା ଜମି ରହିଛି। ଟାଉନ୍‌ହଲ (ସ୍ରଷ୍ଟା)ଠାରେ ଥିବା ଡ୍ରେନ୍‌ରେ ପାଣି ଜମିରହିବା ଫଳରେ ମଶା ବଂଶ ବୃଦ୍ଧି ପାଇବାରେ ସହାୟକ ହେଉଛି। ସୀତାରାମ କଲୋନୀ ଦେଇ ଯାଇଥିବା ମୁଖ୍ୟ ଡ୍ରେନ୍‌ରେ ବି ସମାନ ଅବସ୍ଥା। ଜଟଣୀ ସହରର ମୁଖ୍ୟ ରାସ୍ତାର ଉଭୟ ପାର୍ଶ୍ୱରେ ରହିଥିବା ଡ୍ରେନ୍ ସଫା ନ ହେବାରୁ ବର୍ଷା ହେଲେ ନର୍ଦ୍ଦମା ପାଣି ଲହଡି ଭାଙ୍ଗି କୃତ୍ରିମ ହ୍ରଦର ଭ୍ରମ ସୃଷ୍ଟି କରୁଛି। ଏହାର ସ୍ଥାୟୀ ସମାଧାନ ପାଇଁ ସ୍ଥାନୀୟ ବାସିନ୍ଦା ଦାବି କରୁଥିଲେ ମଧ୍ୟ ସୁଫଳ ମିଳୁନାହିଁ। ଏଥିପ୍ରତି ପୌରପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି। ଜଟଣୀ ସହରବାସୀ କୌଣସି ସଂକ୍ରାମକ ରୋଗର ଶିକାର ହେବା ପୂର୍ବରୁ ପୌରପ୍ରଶାସନ ପରିମଳ ବ୍ୟବସ୍ଥାରେ ସୁଧାର ଆଣିବା ପାଇଁ ଭାଜପା ମିଡିଆ ସେଲ ସଂଯୋଜକ ପ୍ରଦୀପ ଜେନା ଅନୁରୋଧ କରିଛନ୍ତି। ଏ ସମ୍ପର୍କରେ ପୌରକାର୍ଯ୍ୟନିର୍ବାହୀ ଅଧିକାରୀ ଦିଲୀପ ମହାନ୍ତି କହିଛନ୍ତି, ମଶା ଧୂଆଁ, ମଶା ତେଲ ଏବଂ ବିଭିନ୍ନ ସ୍ଥାନରେ ବ୍ଲିଚିଂ ସିଞ୍ଚନ କରାଯାଉଛି। ଡ୍ରେନ୍ ସଫା କରାଯିବା ସହ ଉପଯୁକ୍ତ ରକ୍ଷଣାବେକ୍ଷଣ କରାଯାଉଛି। ଯେଉଁ ସ୍ଥାନରୁ ଅଭିଯୋଗ ଆସୁଛି ତୁରନ୍ତ ପଦକ୍ଷେପ ନିଆଯାଉଛି ବୋଲି ସେ କହିଛନ୍ତି।


ଆବର୍ଜନାରେ ଡ୍ରେନ୍ ପୋତି ହୋଇପଡ଼ିଛି।


ଶ୍ରୀକ୍ଷେତ୍ରକୁ ଆସିଥିବା ନାଗା ଭକ୍ତମାନେ ଶନିବାର ମହାପ୍ରଭୁଙ୍କ ଦର୍ଶନ ନ ପାଇ ନିରାଶରେ ଫେରିଯାଉଛନ୍ତି।

## ସ୍ଥାପନ ହେବ ଆଉ ଏକ ମୋ ଖତ ୟୁନିଟ


ଉପଜିଲାପାଳ ଆଇ.ଜି. ଶିବାଜୀ ମୁକୁନ୍ଦପ୍ରସାଦ ଏମ୍‌ସିସି ୟୁନିଟ ବୁଲି ଦେଖୁଛନ୍ତି।

- କିଓସ୍କୋ କେନ୍ଦ୍ରରେ ୬ ମାସରେ ୫ ଟନ ବିକ୍ରି
- ଏମ୍‌ସିସି ୟୁନିଟ ବୁଲି ଦେଖିଲେ ଉପଜିଲାପାଳ

**ଖୋର୍ଦ୍ଧା ଅଫିସ,୩୧।୭**

ଖୋର୍ଦ୍ଧା ପୌରାଞ୍ଚଳରୁ ବାହାରୁଥିବା ଦୈନିକ ବର୍ଜ୍ୟବସ୍ତୁରୁ ମୋ ଖତ ଉତ୍ପାଦନ କରାଯାଉଛି। ଏହି ଖତ କେଜି ପିଛା ୨୦ଟଙ୍କାରେ ବିକ୍ରି କରାଯାଉଛି। ବଜାରରେ ଏହାର ଚାହିଦା ବୃଦ୍ଧି ପାଇଛି। ଖତ ବିକ୍ରି ଲାଗି ପୌର କାର୍ଯ୍ୟାଳୟ ପରିସରରେ ମୋ ଖତ କିଓସ୍କିଓ କେନ୍ଦ୍ର ଖୋଲାଯାଇଛି। ଗତ ଫେବୃୟାରୀରୁ ଜୁଲାଇ ୩୦ ସୁଦ୍ଧା ୫ଟନ ଖତ ବିକ୍ରି ହୋଇଛି। ତେବେ ଓରମାସ କାର୍ଯ୍ୟାଳୟ ପରିସରରେ ଆଉ ଏକ କିଓସ୍କିଓ କେନ୍ଦ୍ର ଖୋଲିବା ଲାଗି ପିଡି ଡିଆରଡିଏଙ୍କୁ ଅନୁରୋଧ କରାଯାଇଛି। ଶୁକ୍ରବାର ଖୋର୍ଦ୍ଧା ଉପଜିଲାପାଳ ତଥା ଭାରପ୍ରାପ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ଆଇ.ଜି. ଶିବାଜୀ ୱାର୍ଡ ନଂ.୧ ମୁକୁନ୍ଦପ୍ରସାଦଠାରେ ରହିଥିବା ଏମ୍‌ସିସି (ମାଇକ୍ରୋ କମ୍ପୋଷ୍ଟିଂ ସେଣ୍ଟର) ୟୁନିଟ ବୁଲି ଦେଖିବା ସହ ସ୍ୱଚ୍ଛ ସାଥୀ ଓ କର୍ମଚାରୀଙ୍କ ସହିତ ଆଲୋଚନା କରିଛନ୍ତି। ନିକଟରେ ଏହି ଏମ୍‌ସିସି ୟୁନିଟ ଆଇଏସ୍‌ଓ ମାନ୍ୟତା ପାଇଛି। ଆଗାମୀ ଦିନରେ ନବୋଦୟ ବିଦ୍ୟାଳୟ ନିକଟରେ ଆଉ ଏକ ସେଣ୍ଟର ସ୍ଥାପନା ଲାଗି ଯୋଜନା ରହିଛି।

### ଚୋରା ବନ୍ଧୁକ ଜବତ, ବୃଦ୍ଧ ଗିରଫ

**ବ୍ରହ୍ମଗିରି, ୩୧।୭ (ଡି.ଏନ୍.ଏ.)**

ବ୍ରହ୍ମଗିରି ଥାନା ଅନ୍ତର୍ଗତ ବଡବନ୍ଧକେରା ଗ୍ରାମରୁ ଶନିବାର ପୋଲିସ ଏକ ଚୋରା ବନ୍ଧୁକ ଜବତ କରିବା ସହିତ ଜଣକୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଏହି ଗ୍ରାମର ନବଘନ ପରିଡା (୬୦)। ଏ ନେଇ ପୋଲିସ ଏକ ମାମଲା(ନଂ.୧୪୯/୨୧) ରୁଜୁ କରିଛି। ପୋଲିସ ସୂଚନା ଅନୁଯାୟୀ, ଉକ୍ତ ଗ୍ରାମରେ କିଛି ଦିନ ତଳେ ବିଭିନ୍ନ କାରଣରୁ ବିବାଦ ଲାଗି ଜଣଙ୍କର ମୃତ୍ୟୁ ହୋଇଥିଲା। ଏହାକୁ ନେଇ ଉକ୍ତ ଗ୍ରାମରେ ବିବାଦ ଲାଗିରହିଛି। ଦୁଇ ଦିନ ତଳେ ଉକ୍ତ ଗ୍ରାମରେ ଉତ୍ତେଜନା ସୃଷ୍ଟି ହୋଇଥିଲା। ଏଣୁ ପୋଲିସ ଏହି ଗ୍ରାମ ଉପରେ ତୀକ୍ଷ୍ଣ ନଜର ରଖିଛି। ତେବେ ଗାଁରେ ଗଣ୍ଡଗୋଳ ହେଉଥିବାରୁ ନବଘନ ଘରେ ଏକ ଚୋରା ବନ୍ଧୁକ ଓ ଖଣ୍ଡା ଏକ ପାଳଗଦାରେ ଲୁଚାଇ ରଖିଥିଲେ। ପୋଲିସ ଶନିବାର ନବଘନ ଘରେ ଚଢ଼ାଉ କରି ବନ୍ଧୁକ ଜବତ କରିଥିଲା।

## ନିମାପଡ଼ାକୁ ଅଗ୍ରଣୀ ଏନ୍‌ଏସି କରିବା ଲକ୍ଷ୍ୟ

**ନିମାପଡ଼ା,୩୧।୭(ଡି.ଏନ୍.ଏ.)**

ନିମାପଡ଼ା ଏନ୍‌ଏସିକୁ ରାଜ୍ୟର ଏକ ଅଗ୍ରଣୀ, ବିକାଶମୁଖୀ, ସ୍ୱଚ୍ଛ, ସବୁଜ ଏନ୍‌ଏସିରେ ପରିଣତ କରିବା ଆମର ମୂଳମନ୍ତ୍ର ବୋଲି ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଏକ ସମୀକ୍ଷା ବୈଠକରେ ଯୋଗଦେଇ କହିଛନ୍ତି। ନିମାପଡ଼ା ଏନ୍‌ଏସି ସଭାଗୃହରେ ଶନିବାର ବିଭିନ୍ନ ଉନ୍ନୟନ କାର୍ଯ୍ୟ ସମ୍ପର୍କରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଅତିଥି ଭାବେ ମନ୍ତ୍ରୀ ଦାଶଙ୍କ ସମେତ ଜିଲାପାଳ ସମର୍ଥ ବର୍ମା, ଅତିରିକ୍ତ ଜିଲାପାଳ ପ୍ରଦୀପ ସାହୁ, ଜିଲା ପ୍ରକଳ୍ପ ନିର୍ଦ୍ଦେଶକ(ପିଡି) ଜ୍ୟୋତି ପ୍ରକାଶ ମହାପାତ୍ର, ପୁରୀ ଡ୍ରେନେଜ ଡିଭିଜନର ଅଧୀକ୍ଷଣ ଯନ୍ତ୍ରୀ ଆଶିଷ ମିଶ୍ର, ଜଳସମ୍ପଦ ବିଭାଗର ନିର୍ବାହୀ ଯନ୍ତ୍ରୀ ଶଶିଭୂଷଣ ମିଶ୍ର, ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ ଗିରିଶ ଚନ୍ଦ୍ର ରାୟ, ସହକାରୀ ନିର୍ବାହୀ ଯନ୍ତ୍ରୀ ଶାରଦା ପ୍ରସନ୍ନ ଦାଶ, ପ୍ରଶାନ୍ତ ଦାଶ, ଜଗନ୍ନାଥ ପଟ୍ଟନାୟକ, ମୁରଲୀଧର ପଟ୍ଟନାୟକ, ଜଳସେଚନ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ପ୍ରଭାତ ଦାସ, ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଏମ୍.ଶ୍ରୀନିବାସ, ପରିମଳ ଅଧିକାରୀ ବିଜୟ ଗ୍ରହାଚାର୍ଯ୍ୟ, ସନାତନ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ।

# ସୁଆଣ୍ଡୋରେ ଉନ୍ନୟନ କାର୍ଯ୍ୟର ସମୀକ୍ଷା

**ସାକ୍ଷୀଗୋପାଳ,୩୧।୭ (ଡି.ଏନ୍.ଏ.)**

### ଉତ୍କଳମଣି ପୀଠ ବୁଲି ଦେଖିଲେ ଜିଲାପାଳ

ପୁରୀ ଜିଲାପାଳ ସମର୍ଥ ବର୍ମା ଶନିବାର ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଜନ୍ମପୀଠ ସୁଆଣ୍ଡୋ ଗ୍ରାମକୁ ପରିଦର୍ଶନରେ ଆସି ରାଜ୍ୟ ସରକାରଙ୍କ ପକ୍ଷରୁ ଗ୍ରାମରେ କରାଯାଉଥିବା ଉନ୍ନୟନ କାର୍ଯ୍ୟର ସମୀକ୍ଷା କରିଛନ୍ତି। ନିର୍ମାଣ କାର୍ଯ୍ୟ ପରିଦର୍ଶନ କରି ଜିଲାପାଳ ସନ୍ତୋଷ ବ୍ୟକ୍ତ କରିଥିବା ବେଳେ ଉପଯୁକ୍ତ ମାନ ପ୍ରତି ଧ୍ୟାନ ଦେବାକୁ କହିଥିଲେ। ଏପରିକି ସମସ୍ତ ଉନ୍ନୟନ କାମ ଯେପରି ପୁଣ୍ୟାତ୍ମାଙ୍କ ଜନ୍ମତିଥି ଅକ୍ଟୋବର ୯ ତାରିଖ ପୂର୍ବରୁ ଶେଷ ହେବ ସେନେଇ ଜିଲାପାଳ ଉପସ୍ଥିତ ଓବିସିସିର ନିର୍ବାହୀ ଯନ୍ତ୍ରୀ ସୁନ୍ଦର ମାଧବ ପାଢ଼ୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସୂଚନା ଅନୁଯାୟୀ, ସୁଆଣ୍ଡୋ ଗ୍ରାମକୁ ଐତିହ୍ୟ ସମ୍ପନ୍ନ କରିବାକୁ ରାଜ୍ୟ ସରକାରଙ୍କ ନିଷ୍ପତ୍ତି କ୍ରମେ ୧୨.୩୦ କୋଟି ଟଙ୍କାରେ ଉନ୍ନୟନ କାର୍ଯ୍ୟ ଚାଲିଛି। ଗ୍ରାମରେ ଗୋପବନ୍ଧୁଙ୍କ ଏକ ପୂର୍ଣ୍ଣବୟବ ପ୍ରତିମୂର୍ତ୍ତି ସ୍ଥାପନ କରାଯିବ। ଏଥିସହ ଗ୍ରାମର ପ୍ରବେଶ ପଥ ପଇଁନାୟିକିଆ ଛକରେ ଏକ ସୂଚନା କେନ୍ଦ୍ର ଖୋଲାଯିବ। ସେଠାରେ ପର୍ଯ୍ୟଟକଙ୍କ ପାଇଁ ଗୋପବନ୍ଧୁଙ୍କ ଜନ୍ମପୀଠ ସମ୍ପର୍କରେ ପ୍ରାରମ୍ଭିକ ସୂଚନା ରହିବ। ଏତଦ୍‌ବ୍ୟତୀତ ଷଠିଘରେ ରହୁଥିବା ଆତ୍ମୀୟଙ୍କ ପାଇଁ ଆବାସ, ଗୋପବନ୍ଧୁଙ୍କ ସଂଗ୍ରହାଳୟ, ପୋଖରୀ ପୁନରୁଦ୍ଧାର ଓ ଗ୍ରାମ ଠାକୁରଙ୍କ ମନ୍ଦିର ନିର୍ମାଣ, ରାସ୍ତା କାର୍ଯ୍ୟ ଚାଲିଛି। କାର୍ଯ୍ୟର ଅଗ୍ରଗତି ନେଇ ପୂର୍ବରୁ ରାଜ୍ୟ ସଂସ୍କୃତି ସଚିବ ପ୍ରକଳ୍ପ କାର୍ଯ୍ୟର ଅନୁଧ୍ୟାନ କରିବା ପରେ ଜିଲାପାଳ ତଦାରଖ କରିଛନ୍ତି। ପ୍ରକଳ୍ପ କାର୍ଯ୍ୟ ଡିସେମ୍ବରରେ ଶେଷ ହେବାକୁ ରହିଥିଲେ ମଧ୍ୟ ଗୋପବନ୍ଧୁଙ୍କ ଜନ୍ମତିଥି ପୂର୍ବରୁ ଏହାକୁ ସାରିବାକୁ ତତ୍ପରତା ଦେଖାଯାଇଛି। ଜିଲାପାଳଙ୍କ ଗସ୍ତ ସମୟରେ ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ, ସତ୍ୟବାଦୀ ତହସିଲଦାର ମନୋଜ କୁମାର ନାୟକ, ବିଡିଓ କ୍ଷୀରୋଦ କୁମାର ବେହେରା, ଓବିସିସିର ନିର୍ବାହୀ ଯନ୍ତ୍ରୀ ଇଂ ସୁନ୍ଦର ମାଧବ ପାଢ଼ୀଙ୍କ ସହିତ ପୂର୍ତ୍ତ ବିଭାଗର ଯନ୍ତ୍ରୀ ଉପସ୍ଥିତ ଥିଲେ।

### ବୋମାମାଡ଼ ଘଟଣା: ୨ ଗିରଫ

**ପୁରୀ ଅଫିସ, ୩୧।୭**

ବୋମା ମାଡ଼ ଓ ମରଣାନ୍ତକ ଆକ୍ରମଣ ଘଟଣାରେ ପୁରୀ ସଦର ଥାନା ପୋଲିସ ୨ ଅଭିଯୁକ୍ତଙ୍କୁ ଶନିବାର ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ ସଦର ଥାନା ଅନ୍ତର୍ଗତ ଗୋପୀନାଥପୁରର ସୁନିଲ କୁମାର ନାୟକ (୨୬) ଓରଫ ସୋନୁ ଏବଂ ଜଣେ ନାବାଳକ। ପୋଲିସ ସେମାନଙ୍କଠାରୁ ବୋମାର ଅଂଶବିଶେଷ, ଏକ ବାଇକ୍ ଜବତ କରିଛି। ଏ ନେଇ କେସ୍ ନଂ. ୨୭୭/୨୧ ଓ ୨୮୮/୨୧ ରୁଜୁ ହୋଇଛି। ସୂଚନାଯୋଗ୍ୟ, ପୂର୍ବ ଶତ୍ରୁତାକୁ ନେଇ ଜୁଲାଇ ୧୭ରେ ମୁଖ୍ୟ ଅଭିଯୁକ୍ତ ଅଜୟ ସାମନ୍ତରାୟ ଓ ତାଙ୍କ ସାଥୀ ନିଲୁ ବରାଳ, ଶିବ ଶଙ୍କର ବେହେରା, ସୁନିଲ ନାୟକ ଗୋପିନାଥପୁରର ନୃସିଂହ ନାୟକ ଓ ପ୍ରଭାତୀ ନାୟକଙ୍କ ଉପରେ ଆକ୍ରମଣ କରିବା ସହ ତାଙ୍କ ଘର ଉପରେ ବୋମା ମାଡ଼ କରିଥିଲେ। ଏହି ଘଟଣାରେ ପୂର୍ବରୁ ପୋଲିସ ନିଲୁଙ୍କୁ ଗିରଫ କରିଥିଲେ। ତେବେ ଗତ ୨୭ ତାରିଖରେ ପୁନର୍ବାର ସୁନିଲ ଓ ଶିବଶଙ୍କର ନୃସିଂହଙ୍କ ଘର ନିକଟକୁ ଆସି ବୋମା ମାଡ଼ କରି ଫେରାର ହୋଇଯାଇଥିଲେ।

# ମୋ ନିମାପଡ଼ା, ମୋ ସ୍ୱାଭିମାନ ଲୋକାର୍ପିତ

### ୪ ପାନୀୟ ଜଳ ପ୍ରକଳ୍ପ ଉଦ୍‌ଘାଟନ କଲେ ମନ୍ତ୍ରୀ

**ନିମାପଡ଼ା,୩୧।୭(ଡି.ଏନ୍.ଏ.)**


ଲୋକାର୍ପଣ ଅବସରରେ ମନ୍ତ୍ରୀ ସମୀର ରଞ୍ଜନ ଦାଶ, ଜିଲାପାଳ ସମର୍ଥ ବର୍ମା ଓ ଅନ୍ୟମାନେ।

ନିମାପଡ଼ା ଏନ୍‌ଏସି ପକ୍ଷରୁ ନବନିର୍ମିତ ମୁକ୍ତସ୍ଥାନ ସୌନ୍ଦର୍ଯ୍ୟକରଣ ପ୍ରକଳ୍ପ 'ମୋ ନିମାପଡ଼ା, ମୋ ସ୍ୱାଭିମାନ'କୁ ମନ୍ତ୍ରୀ ସମୀର ରଞ୍ଜନ ଦାଶ ଲୋକାର୍ପଣ କରିଛନ୍ତି। ଏହି ନୂତନ ପ୍ରକଳ୍ପ ଦ୍ୱାରା ବସଷ୍ଟାଣ୍ଡକୁ ଆସୁଥିବା ଯାତ୍ରୀ ଓ ମୁଖ୍ୟତଃ ସ୍କୁଲ, କଲେଜର ଛାତ୍ରୀଛାତ୍ର, ଯୁବପିଢ଼ି ଆକୃଷ୍ଟ ହେବେ। ଆୟୋଜିତ ସମାରୋହରେ ସମ୍ମାନିତ ଅତିଥି ଭାବେ ଜିଲାପାଳ ସମର୍ଥ ବର୍ମା, ଅତିରିକ୍ତ ଜିଲାପାଳ (ଏଡିଏମ୍) ପ୍ରଦୀପ କୁମାର ସାହୁ, ଜିଲା ପ୍ରକଳ୍ପ(ପିଡି) ଜ୍ୟୋତି ପ୍ରକାଶ ମହାପାତ୍ର, ତହସିଲଦାର ରାମଚନ୍ଦ୍ର ଜେନା, ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଏମ୍.ଶ୍ରୀନିବାସ, ଏନ୍‌ଏସିର ପୂର୍ବତନ ଅଧକ୍ଷ ସନାତନ ପ୍ରଧାନ, ଜୀବନନାନ୍ଦ ମହାପାତ୍ର, ବ୍ରିଜେନ୍ଦ୍ର ପ୍ରଧାନ, ସନ୍ତୋଷ ଦାଶ, ଅରୁଣ ପ୍ରସାଦ ଦାଶ, ସନ୍ତୋଷ ଓଝା, କୌଶଲ୍ୟା ସାହୁ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଗ୍ରାମ୍ୟ ପାନୀୟ ଜଳଯୋଗାଣ ବିଭାଗ ପକ୍ଷରୁ ୧କୋଟି ଟଙ୍କା ବ୍ୟୟରେ ମିଟେଇପୁର ପଞ୍ଚାୟତର ଛିଟିକଣାରେ ନବନିର୍ମିତ ପାଇପଲାଇନ ଜଳଯୋଗାଣ ପ୍ରକଳ୍ପକୁ ମନ୍ତ୍ରୀ ଦାଶ ଉଦ୍‌ଘାଟନ କରିଥିଲେ। ପରେ ମିଟେଇପୁରର ଭିଳିଶାସନଠାରେ ୮୪ଲକ୍ଷ ଟଙ୍କା ବ୍ୟୟରେ, ମାହାଳରେ ୬୩ଲକ୍ଷ ଟଙ୍କା ବ୍ୟୟରେ ଓ ଡେଣ୍ଟୁଆଁର ନାକଡିହ ଗ୍ରାମରେ ୩କୋଟି ଟଙ୍କା ବ୍ୟୟରେ ୩ଟି ପାଇପ୍‌ଲାଇନ ନୂତନ ଜଳଯୋଗାଣ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିବା ସହ ଏହି ନୂତନ ପ୍ରକଳ୍ପଗୁଡ଼ିକର କାର୍ଯ୍ୟ ଖୁବ୍‌ଶୀଘ୍ର ଆରମ୍ଭ କରାଯିବ ବୋଲି ମନ୍ତ୍ରୀ କହିଥିଲେ। କାର୍ଯ୍ୟକ୍ରମରେ ଗ୍ରାମ୍ୟ ପାନୀୟ ଜଳଯୋଗାଣ ବିଭାଗର ସହକାରୀ ଯନ୍ତ୍ରୀ ପ୍ରବୀର କୁମାର ବଳ ଉପସ୍ଥିତ ରହି ଉତ୍ସବର ସଂଯୋଜନା କରିଥିଲେ।

## ସତ୍ୟ ଖବର ପରିବେଷଣ ଉପରେ ଗୁରୁତ୍ୱ

**ଗୋପ,୩୧।୭(ଡି.ଏନ୍.ଏ.)**

ଗୋପ ବ୍ଲକର ଗଣମାଧମ ପ୍ରତିନିଧିମାନଙ୍କୁ ନେଇ ବାବା ବେଲେଶ୍ୱର ଶୈବ ପୀଠରେ ଶନିବାର ଏକ ବୈଠକ ହୋଇଥିଲା। ଏହି ବୈଠକରେ ଗୋପ ପ୍ରେସ କ୍ଲବର ସଭାପତି ଭାବେ ଭାରତୀ ଭୂଷଣ ଉପାଧ୍ୟାୟଙ୍କୁ ସର୍ବସମ୍ମତିକ୍ରମେ ନିର୍ବାଚିତ କରାଯାଇଛି। ସତ୍ୟ ଘଟଣା ଉପରେ ଖବର ପ୍ରକାଶ କରିବା ପାଇଁ ସଭାପତି ନିବେଦନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଖବରଦାତା ମିଳନ କୁମାର ମହାନ୍ତି, ସୁବାସ ରଞ୍ଜନ ସେନାପତି, ସନ୍ତୋଷ କୁମାର ରାୟ, ଶତ୍ରୁଘ୍ନ ସେନାପତି, ଅଜୟ କୁମାର ନାୟକ, ରଶ୍ମିରଞ୍ଜନ ବେହେରା, ସୁରେଶ ସାହୁ, ପ୍ରଶାନ୍ତ ରାୟ, ଦିଲୀପ ସାହୁ, ଆଲୋକ ରାଉତରାୟ ପ୍ରମୁଖ ଯୋଗ ଦେଇଥିଲେ। ଶେଷରେ ଗଣମାଧମ ପ୍ରତିନିଧିମାନେ ସତ୍ୟ ଓ ସମାଜ ଲାଗି ସମସ୍ୟା ସଂକ୍ରାନ୍ତ ଖବର ପ୍ରସାରିତ କରିବା ସହ ଦୁର୍ନୀତିଗ୍ରସ୍ତ ଅଧିକାରୀମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଶ୍ଚିତ ଭାବେ ଦୃଷ୍ଟି ଦେବା ପାଇଁ ଶପଥ ନେଇଥିଲେ।


ପୁରୀ ମାଳତୀପାଟପୁର ଉ.ପ୍ରା. ବିଦ୍ୟାଳୟରେ ଶନିବାର ଓଡ଼ିଶା ମୋ ପରିବାର ଏବଂ ଜୀବନବିନ୍ଦୁ ଆନୁକୁଲ୍ୟରେ ରକ୍ତଦାନ ଶିବିରରେ ଏମ୍‌ପି ପିନାକୀ ମିଶ୍ର, ଓଡ଼ିଶା ମୋ ପରିବାରର ପୁରୀ ଜିଲା ସଂଯୋଜକ ଶୁଭାଶିଷ ଖୁଣ୍ଟିଆ ଏବଂ ଅନ୍ୟମାନେ।

# କଟକଣା କୋହଳ: ବେଳାଭୂମିରେ ଜମିବ ଗହଳି

**ପୁରୀ ଅଫିସ,୩୧।୭**


କଟକଣା କୋହଳ ପରେ ଶନିବାର ସନ୍ଧ୍ୟାରେ ସ୍ଥାନୀୟ ଲୋକେ ବେଳାଭୂମିରେ ବୁଲୁଛନ୍ତି।

କୋଭିଡ୍ କଟକଣା ନେଇ ଶନିବାର ରାଜ୍ୟ ସରକାରଙ୍କ ନୂଆ ଗାଇଡ୍ ଲାଇନ୍ ଆସିବା ପରେ ଶ୍ରୀମନ୍ଦିର ଖୋଲିବା ଓ ବେଳାଭୂମି ପୁଣି ଚଳଚଞ୍ଚଳ ହେବା ଆଶା ଉଜ୍ଜିବୀତ ହୋଇଛି। ୧ ତାରିଖରୁ ନୂଆ ଗାଇଡ୍‌ଲାଇନ ଆଧାରରେ କଟକଣା କୋହଳ ହୋଇଛି। ଶ୍ରଦ୍ଧାଳୁଙ୍କ ନିମନ୍ତେ ଶ୍ରୀମନ୍ଦିର ଖୋଲାଯିବା ନିଷ୍ପତ୍ତି ପ୍ରଶାସନ ଉପରେ ଛାଡ଼ିଦିଆଯାଇଛି। ସେହିପରି ବେଳାଭୂମିକୁ ପର୍ଯ୍ୟଟକ ଆସିପାରିବେ ବୋଲି ସବୁଜ ସଙ୍କେତ ମିଳିଛି। ତେଣୁ ପୁରୀର ଉଠାଦୋକାନୀ, ବ୍ୟବସାୟୀ, ରେଷ୍ଟୁରାଣ୍ଟ ଓ ହୋଟେଲ ମାଲିକଙ୍କ ସମେତ ବେଳାଭୂମି ଉପରେ ନିର୍ଭରଶୀଳ ପରିବାର ଖୁସି ପ୍ରକଟ କରିଛନ୍ତି। କୋଭିଡ୍ କଟକଣା ଯୋଗୁ ବେଳାଭୂମି ଖାଁ ଖାଁ ହୋଇପଡ଼ିଥିଲା। ମାତ୍ର ସରକାରଙ୍କ ନୂଆ ଘୋଷଣା ପରେ ପୁଣି ପର୍ଯ୍ୟଟକଙ୍କ ଆଗମନ ସାଙ୍ଗକୁ ପୁରୀ ଚଳଚଞ୍ଚଳ ହୋଇଉଠିବାର ଆଶା ସୃଷ୍ଟି ହୋଇଛି। ବେଳାଭୂମି ପାଖରେ ଉଠାଦୋକାନ କରିଥିବା ଶହ ଶହ ଲୋକ ହାତ ବାନ୍ଧି ଘରେ ବସିଥିଲେ। ଏବେ ସେମାନଙ୍କ ମୁହଁରେ ପୁଣି ହସ ଉକୁଟିବ। ସେମାନେ ନିଜ ପସରା ଧରି ବେଳାଭୂମିକୁ ଧାଇଁ ଆସିବେ। ବେଳାଭୂମି ନିକଟରେ ସିପ୍ପୁଙ୍କ ବିକ୍ରି କରୁଥିବା ସତ୍ୟବ୍ରତ ପରିଡ଼ା କହିଛନ୍ତି, ଶେଷ ଥର କେବେ ଦୋକାନ ଖୋଲିଥିଲି ତାହା ମନେ ପଡୁନାହିଁ। କରୋନା କାହାକୁ କେତେ କଷଣ ଦେଇଛି ତାହା ତ ଜଣା ନାହିଁ ହେଲେ ମୋତେ ଉପାସ ରହିବା ଭଳି ସ୍ଥିତିରେ ଆଣି ଠିଆ କରାଇଛି। ଦ୍ୱିତୀୟ ଲହରର ପ୍ରଭାବ କମିବା ଓ ସରକାରଙ୍କ କଟକଣା କୋହଳ ହେବା ପରେ ପୁଣି ଭଲ ଭାବେ ପରିବାର ପ୍ରତିପୋଷଣ ଆଶା ବାନ୍ଧିଛି। ପୁରୀକୁ ପର୍ଯ୍ୟଟକ ଆସିବେ ଓ ବେପାର ଜମିବ ଭାବି ଖୁସି ଲାଗୁଛି। ଅନ୍ୟପକ୍ଷରେ ସରକାରଙ୍କ କଟକଣା କୋହଳ ନେଇ ଘୋଷଣା ହେବାର ମାତ୍ର କିଛି ଘଣ୍ଟା ପରେ ବେଳାଭୂମିରେ ଗହଳି ଦେଖିବାକୁ ମିଳିଛି। ସହରର ଅନେକ ଲୋକ ବେଳାଭୂମିକୁ ଯାଇ ଦୃଶ୍ୟ ଉପଭୋଗ କରିବା ସହ ସେଲଫି ଉଠାଉଥିବା ଦେଖିବାକୁ ମିଳିଥିଲା। ବେଳାଭୂମିରେ ଶନିବାର ସନ୍ଧ୍ୟାରେ ସମୟ ଅତିବାହିତ କରୁଥିବା ସନ୍ଧ୍ୟାରାଣୀ ସ୍ୱାଇଁ କହିଛନ୍ତି, ସହର ଭିତରେ ରହି ଅନେକ ଦିନ ହେବ ଏକପ୍ରକାର ଅଣନିଃଶ୍ୱାସୀ ଅନୁଭବ କରୁଥିଲି। ଏବେ ବେଳାଭୂମି ପାଖକୁ ଆସି ଖୁବ୍ ଖୁସି। ତେବେ ସମସ୍ତେ କୋଭିଡ୍ କଟକଣା ମାନିବା ଉଚିତ। ଅନ୍ୟପକ୍ଷରେ ଶ୍ରୀମନ୍ଦିର ପ୍ରଶାସନ ନିଷ୍ପତ୍ତିକୁ ଏବେ ସମସ୍ତଙ୍କ ଅପେକ୍ଷା ରହିଛି। ଶ୍ରୀମନ୍ଦିରରେ ଦର୍ଶନ ଅନୁମତି କେବେ ମିଳିବ ତାହାକୁ ଶ୍ରଦ୍ଧାଳୁ ଚାହିଁ ବସିଛନ୍ତି। ଆସନ୍ତା ୪ ତାରିଖରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ବୈଠକ ବସିବ। ବୈଠକରେ ମନ୍ଦିର ଖୋଲାଯିବ କି ନାହିଁ ତାହା ନିଷ୍ପତ୍ତି ହେବ ବୋଲି କୁହାଯାଉଛି। ପୁରୀ ସହରବାସୀ ଓ ଜିଲାବାସୀଙ୍କୁ ଦର୍ଶନ ଅନୁମତି ମିଳିବା ଦରକାର ବୋଲି ସହରବାସୀ ଦାବି କରିଛନ୍ତି। କୋଭିଡ୍ କଟକଣା ମଧ୍ୟରେ ପ୍ରଶାସନ ଦର୍ଶନ ଅନୁମତି ଦେଉ ବୋଲି ଭାଜପା ଯୁବମୋର୍ଚ୍ଚା ସଭାପତି ଜୟନ୍ତ କୁମାର ଦାଶ କହିଛନ୍ତି। ଅନ୍ୟପକ୍ଷରେ ପୁରୀ ସହରକୁ ପର୍ଯ୍ୟଟକଙ୍କ ଆଗମନ ବଢ଼ିବା ସମ୍ଭାବନା ଥିବାରୁ କୋଭିଡ୍ କଟକଣା ପାଳନ କରାଇବା ଜିଲା ପ୍ରଶାସନ ପାଇଁ ଏକ ବଡ଼ ଚ୍ୟାଲେଞ୍ଜ ହୋଇପାରେ। ତେବେ ପ୍ରଶାସନ କୋଭିଡ୍ କଟକଣା ମଧ୍ୟରେ ପର୍ଯ୍ୟଟକଙ୍କୁ ସ୍ୱାଗତ କରିବ ବୋଲି ଉପଜିଲାପାଳ ଭବତାରଣ ସାହୁ କହିଛନ୍ତି।